# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୨୪/୨୦୧୯ (୨୦ ପୃଷ୍ଠା) Sambalpur, Thursday, October 24 / 2019 ★★

୧୫୩ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ପୁସ୍ତକ ରଚନା କରିବେ ସାରା**

ଅଭିନେତ୍ରୀ ସାରା ଅଲି ଖାଁଙ୍କୁ ଶୁଟିଂରୁ ମିଳିଛି ବ୍ରେକ୍ । ତେବେ ସେ ଏହି ଅବସରରେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ସହ ପୁସ୍ତକ ରଚନା କରିବାକୁ ଯୋଜନା କରିଛନ୍ତି।

୧୩

୧୯

**ଗାଙ୍ଗୁଲି ନୂଆ ସଭାପତି**

ବିସିସିଆଇର ୩୯ତମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି।



# ଧାନ ଏମ୍ଏସ୍ପି ବଢ଼ିଲାନି

## ଗହମ ୮୫, ଡାଲି ୩୨୫ ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ,୨୩।୧୦**

କେନ୍ଦ୍ର ସରକାର ୨୦୧୯-୨୦ ଅମଳ ବର୍ଷ ଲାଗି ଗହମ, ଡାଲି ଓ ଅନ୍ୟାନ୍ୟ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବୃଦ୍ଧି କରିଥିଲାବେଳେ ଧାନ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। କୃଷକମାନଙ୍କ ଆୟ ବୃଦ୍ଧି ଲାଗି ସରକାର ରବି ଫସଲର ଏମ୍ଏସ୍ପି ବଢ଼ାଇଥିଲାବେଳେ ଧାନଚାଷୀ ନିରାଶ ହୋଇଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବୈଠକ ବସି ଗହମ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୮୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଗହମ ଏମ୍ଏସ୍ପି ୧୯୨୫ ଟଙ୍କା ହୋଇଛି। ସେହିପରି ଡାଲି ଏମ୍ଏସ୍ପି ୩୨୫ ଟଙ୍କା ବଢ଼ିଛି। ଏହିସବୁ ଫସଲର ସହାୟକ ମୂଲ୍ୟ ବୃଦ୍ଧି ଲାଗି ସରକାରଙ୍କ କୃଷି ଉତ୍ପାଦନ ମୂଲ୍ୟ ଉପଦେଷ୍ଟା କମିଟି (ସିଏସିପି) ସୁପାରିସ କରିଥିଲା।

ମୁଖ୍ୟ ରବି ଫସଲ ଗହମ ଏମ୍ଏସ୍ପି ଗତବର୍ଷ ୧୮୪୦ ଟଙ୍କା ଥିଲାବେଳେ ଏଥର ୧୯୨୫ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ବାର୍ଲି ଏମ୍ଏସ୍ପି ୮୫ ଟଙ୍କା ବୃଦ୍ଧି ପାଇ କୁଇଣ୍ଟାଲ ପ୍ରତି ଦାମ୍ ୧୫୨୫ ଟଙ୍କା ହୋଇଛି। ଡାଲି ଉତ୍ପାଦନ ବୃଦ୍ଧି ଲାଗି ଚାଷୀଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମସୁର ଡାଲିର ଏମ୍ଏସ୍ପି ସର୍ବାଧିକ ୩୨୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ସରକାର ଚଳିତ ବର୍ଷ କୁଇଣ୍ଟାଲ ୪୮୦୦ ଟଙ୍କାରେ ମସୁର କିଣିବେ। ଗତବର୍ଷ ଏହା ୪୪୭୫ ଟଙ୍କା ଥିଲା। ସେହିପରି ମୁଗ ଡାଲି ଏମ୍ଏସ୍ପି ୨୫୫ ଟଙ୍କା ବୃଦ୍ଧି ପାଇ ୪୮୭୫ ଟଙ୍କା ହୋଇଛି। ତୈଳବୀଜ ମଧ୍ୟରେ ସୋରିଷର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୨୫ ଟଙ୍କା ବୃଦ୍ଧି ପାଇ ୪୪୨୫ ଟଙ୍କା ହୋଇଥିଲାବେଳେ ସୂର୍ଯ୍ୟମୁଖୀ ଏମ୍ଏସ୍ପି ୨୭୦ ଟଙ୍କା ବଢ଼ି ୫୨୧୫ଟଙ୍କା ହୋଇଛି। ଏମ୍ଏସ୍ପି ବୃଦ୍ଧି ଦ୍ୱାରା ଚାଷୀଙ୍କୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ମିଳିବ। ଏନେଇ ୨୦୧୮-୧୯ କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିଲା।

## ଡି.ଏସ୍. କୁଛେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଧୀରେନ୍ଦ୍ର ସାମ୍ଭାଜି କୁଛେଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ଦିଆଯାଇଛି। କୁଛେଙ୍କ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ) ପକ୍ଷରୁ ବୁଧବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ୧୯୯୭ ବ୍ୟାଚ୍‌ର ଏହି ଆଇପିଏସ୍ ଅଧିକାରୀ ୨୦୧୭ ଏପ୍ରିଲରୁ ମୁଖ୍ୟମନ୍ତ୍ରୀଙ୍କ ଓଏସ୍ଡି (ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଭାବେ କାର୍ଯ୍ୟ କରିଆସୁଥିଲେ। ରାଜ୍ୟ ଶୀର୍ଷ ପ୍ରଶାସନରେ କୁଛେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି।

## ଟ୍ରକ୍ କଣ୍ଟେନରରେ ୩୯ ମୃତଦେହ



ମୃତଦେହ ଥିବା ଟ୍ରକ୍ କଣ୍ଟେନର।

**ଲଣ୍ଡନ,୨୩।୧୦(ପି.ଟି.)**

- ମୃତଦେହ ଜବତ, ହତ୍ୟା ସନ୍ଦେହରେ ଡ୍ରାଇଭର ଗିରଫ
- ବୁଲଗେରିଆରୁ ୱେଲ୍ସ ଦେଇ ବ୍ରିଟେନକୁ ଆସିଛି ଟ୍ରକ୍

ବ୍ରିଟେନ ରାଜଧାନୀ ଲଣ୍ଡନର ଶିଳ୍ପାଞ୍ଚଳରେ ବୁଧବାର ସମସ୍ତଙ୍କୁ ଚମକାଇ ଦେବା ଭଳି ଏକ ଘଟଣା ଦେଖିବାକୁ ମିଳିଛି। ବୁଲଗେରିଆରୁ ଆସିଥିବା ଏକ ଟ୍ରକ୍ କଣ୍ଟେନରରୁ ପୋଲିସ ୩୯ ଜଣଙ୍କ ମୃତଦେହ ଜବତ କରିଛି। ଏହାସହ ଉକ୍ତ ଟ୍ରକ୍‌ର ଚାଳକଙ୍କୁ ହତ୍ୟା ସନ୍ଦେହରେ ଗିରଫ କରି ଜେରା କରୁଛି। ଏହି ଘଟଣାକୁ ନେଇ କେବଳ ବ୍ରିଟେନ ନୁହେଁ, ବରଂ ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳିଯାଇଛି।

ଏସେକ୍ସ ପୋଲିସର କହିବା ଅନୁଯାୟୀ, ବୁଧବାର ଭୋର ସକାଳେ ସେମାନଙ୍କ ନିକଟକୁ ଏକ ଜରୁରୀ ଫୋନ୍ କଲ ଆସିଥିଲା। କଲ୍ ପାଇବା ପରେ ପୋଲିସ ଦକ୍ଷିଣ-ପୂର୍ବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଚିତ୍ର ଆଖି

**ଆଜିର ମନ୍ତବ୍ୟ**

" ଆତଙ୍କବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଚିତ୍ରଣ କରାଯିବା ଯୋଗୁ ଆତଙ୍କବାଦ ନିରୋଧୀ ଲଢ଼େଇ ଜଟିଳ ହେଉଛି।

-ମେଜର ଜେନେରାଲ ୱାଙ୍ଗ୍ ଜିଙ୍ଗ୍ଭୁ, ଚାଇନା ପ୍ରତିରକ୍ଷା ବିଶେଷଜ୍ଞ


Vencobb Fresh Chicken — Taste the difference!

23.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 66 | 114 | 124 |
| BHM | 59 | 105 | 115 |

*Conditions Apply

Issued in the Interest of Consumers


## ବିଜେପୁର ଉପନିର୍ବାଚନ

## ଆଜି ଭୋଟ ଗଣତି

**ବରଗଡ଼ ଅଫିସ,୨୩।୧୦**

- ସକାଳ ୮ଟାରୁ ଗଣତି ଆରମ୍ଭ
- ୧୪ଟି ଟେବୁଲରେ ହେବ ଗଣତି
- ୨୨ ରାଉଣ୍ଡରେ ଗଣନା ସରିବ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଗୁରୁବାର ଭୋଟ ଗଣତି ହେବ। ପଦ୍ମପୁର ଆରଏମ୍ସି ଗୋଦାମ ପରିସରରେ ଥିବା ଏକ ହଲ୍‌ରେ ସକାଳ ୮ଟାରୁ ଗଣତି ଆରମ୍ଭ ହେବ । ମୋଟ୍ ୧୪ଟି ଟେବୁଲରେ ଭୋଟ ଗଣତି କରାଯିବ ଏବଂ ୨୨ ରାଉଣ୍ଡରେ ତାହା ଶେଷ ହେବ। ଗଣତି ପରେ ଫଳାଫଳ ଘୋଷଣା କରାଯିବ। ମତଦାନ ଭଳି ଭୋଟ ଗଣନା ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୋଟ ଗ୍ରହଣ କେନ୍ଦ୍ରରୁ ଇଭିଏମ୍, ଭିଭିପିଏଟି ପହଞ୍ଚିବା ପରେ ସେଗୁଡିକ ପୋଲିସ ସୁରକ୍ଷା ବଳୟରେ ରହିଛି। ଭୋଟ ଗଣନା ପାଇଁ ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା କରାଯାଇଛି। ବରଗଡ଼ ଏସ୍ପି ପଦ୍ମିନୀ ସାହୁ ଭୋଟ ଗଣନା କେନ୍ଦ୍ରକୁ ଯାଇ ସୁରକ୍ଷା ☞ପୃଷ୍ଠା-୪

## ବିଏସ୍ଏନ୍ଏଲ୍-ଏମ୍‌ଟିଏନ୍ଏଲ୍ ଲାଗି ୬୮,୭୫୧ କୋଟିର ପୁନରୁଦ୍ଧାର ପ୍ୟାକେଜ୍

**ନୂଆଦିଲ୍ଲୀ,୨୩।୧୦**

ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍) ଏବଂ ମହାନଗର ଟେଲିଫୋନ ନିଗମ ଲିମିଟେଡ(ଏମ୍‌ଟିଏନ୍ଏଲ୍)ର ପୁନରୁଦ୍ଧାର ଲାଗି ସରକାର ୬୮,୭୫୧ କୋଟି ଟଙ୍କାର ପ୍ୟାକେଜକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ୨ କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ଆବଣ୍ଟନ, କର୍ମଚାରୀଙ୍କ ସ୍ୱେଚ୍ଛାକୃତ ଅବସର ଯୋଜନା, ଦୁଇ କମ୍ପାନୀର ମିଶ୍ରଣ ଭଳି ବିଭିନ୍ନ ପ୍ରକ୍ରିୟା ରହିଛି। ଦୁଇ କମ୍ପାନୀର ମିଶ୍ରଣକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏମ୍‌ଟିଏନ୍ଏଲ୍ ବିଏସ୍ଏନ୍ଏଲ୍‌ର ଏକ ସହାୟକ କମ୍ପାନୀ ଭାବେ କାର୍ଯ୍ୟ କରିବ ବୋଲି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି।

(ସବିଶେଷ ରିପୋର୍ଟ: ପୃଷ୍ଠା-୧୭)

## ହଂକଂ ପ୍ରତ୍ୟର୍ପଣ ବିଲ୍ ପ୍ରତ୍ୟାହୃତ




**ହଂକଂ,୨୩।୧୦(ଏଏଫ୍‌ପି)**

- ତଥାପି ଥମୁନି ବିକ୍ଷୋଭ
- 'ଗୋଟିଏ ନୁହେଁ, ସମସ୍ତ ୫ ଦାବି ପୂରଣ କର'

ହଂକଂରେ ୫ ମାସ ଧରି ବିକ୍ଷୋଭର କାରଣ ସାଜିଥିବା ବିବାଦୀୟ ପ୍ରତ୍ୟର୍ପଣ ବିଲ୍‌କୁ ବୁଧବାର ପ୍ରତ୍ୟାହାର କରାଯାଇଛି। ଲେଜିସ୍‌ଲେଟିଭ୍ କାଉନ୍‌ସିଲରେ ଏହି ନିଷ୍ପତ୍ତି ନିଆଯାଇଥିଲେ ହେଁ ବିକ୍ଷୋଭକାରୀଙ୍କ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। କାରଣ ପ୍ରତ୍ୟର୍ପଣ ବିଲକୁ ପ୍ରତ୍ୟାହାର କରିବା ହେଉଛି ଗଣତନ୍ତ୍ର ସପକ୍ଷବାଦୀଙ୍କ ୫ ଦାବି ମଧ୍ୟରୁ ମାତ୍ର ଗୋଟିଏ। ସରକାରଙ୍କ ନିଷ୍ପତ୍ତି ପରେ ଚାଇନା ଶାସିତ ଏହି ସହରରେ ବିକ୍ଷୋଭକାରୀମାନେ ରାସ୍ତାକୁ ପୁଣି ଓହ୍ଲାଇଛନ୍ତି। ☞ପୃଷ୍ଠା-୪

### କେରି ଲାମ୍‌ଙ୍କୁ ବିଦା କରିବ ଚାଇନା

**ବେଜିଂ,୨୩।୧୦(ଏଏଫ୍‌ପି)**



ଗଣତନ୍ତ୍ର ସପକ୍ଷବାଦୀଙ୍କ ପକ୍ଷରୁ ୫ ମାସ ଧରି ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ହଂକଂ ଚିଫ୍ ଏକ୍‌ଜିକ୍ୟୁଟିଭ୍ କେରି ଲାମ୍‌ଙ୍କୁ ବିଦା କରିବା ପାଇଁ ଚାଇନା ଯୋଜନା କରୁଛି। ବର୍ତ୍ତମାନ ଯାଏ ଚାଇନା କେନ୍ଦ୍ର ସରକାର ବିକ୍ଷୋଭକାରୀଙ୍କୁ ଦଙ୍ଗାକାରୀ ଭାବେ ଅଭିହିତ କରି କେରିଙ୍କୁ ଓ ହଂକଂ ପୋଲିସକୁ ସମର୍ଥନ କରିଆସିଛି। ତେବେ ବେଜିଂ ସପକ୍ଷବାଦୀ ଏହି ନେତ୍ରୀ ହଂକଂରେ ପ୍ରବଳ ବିରୋଧର ସମ୍ମୁଖୀନ ହେଉଛନ୍ତି। ସେ ଏହି ବିବାଦର ରାଜନୈତିକ ସମାଧାନ ବାହାର କରିବାରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ନିଯୁକ୍ତ କରିବା ପାଇଁ ବେଜିଂ ଚିନ୍ତା କରୁଥିବା ଜଣାପଡ଼ିଛି।

## ଲଘୁଚାପ: ଆହୁରି ୨ଦିନ ବର୍ଷା

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

- ପୁରୀରେ ସର୍ବାଧିକ ୯୫.୨ମିମି ବର୍ଷା
- ୫ଜିଲାକୁ ଅରେଞ୍ଜ, ୯ଜିଲାକୁ ୟେଲୋ ୱାର୍ନିଂ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ବୁଧବାର ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ତେବେ ଦୀପାବଳିକୁ ବର୍ଷା ଫିକା କରିବ ନାହିଁ। କାରଣ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ୨୭ରେ ପାଗ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଲଘୁଚାପ ପ୍ରଭାବରେ ବୁଧବାର ସକାଳୁ ସାରା ରାଜ୍ୟରେ ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। କେତେକ ସ୍ଥାନରେ ଅପରାହ୍ନ ସମୟରେ ପ୍ରବଳ ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗଞ୍ଜାମ, ପୁରୀ, ଗଜପତି, ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପୁରୀ ଜିଲାରେ ସର୍ବାଧିକ ୯୫.୨ମିଲିମିଟର ବର୍ଷା ହୋଇଛି। ଗୋପାଳପୁରରେ ୪୯, ☞ପୃଷ୍ଠା-୪

## ପାଠପଢ଼ାରେ ପ୍ରତିବନ୍ଧକ ସାଜିଛି ହସନି ନାଳ

# ଅଭିଭାବକଙ୍କ କାନ୍ଧରେ ବସି ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର



କାନ୍ଧରେ ବସି ନାଳ ପାର ହେଉଛନ୍ତି ୨ ଛାତ୍ରୀ।

**ଭବାନୀପାଟଣା/ଗୋଲାମୁଣ୍ଡା,୨୩।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ହରଡାପଡା ଗାଁ । ସେହି ଗାଁରେ ଏମିତି ଏକ ସ୍କୁଲ ଅଛି, ଯେଉଁଠିକୁ ପାଠ ପଢିବା ପାଇଁ ଯିବାକୁ ହେଲେ ଚିରସ୍ରୋତା ହସନି ନାଳକୁ ପାରି କରିବାକୁ ପଡେ । ଛାତ୍ରୀଛାତ୍ରମାନେ ପ୍ରତିଦିନ ବିପଦସଙ୍କୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ ସ୍କୁଲ ଯାଇଥାନ୍ତି। ଏହି ଚିରସ୍ରୋତା ନାଳରେ କିପରି ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଦଉଡି ସାହାଯ୍ୟରେ ପାରି ହୁଅନ୍ତି ତାହା ନିଜେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ସ୍କୁଲ ଯିବାକୁ ବାହାରିଥିବା କୁନିକୁନି ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନେ ପ୍ରଥମେ କାନ୍ଧରେ ବସାନ୍ତି । ତା'ପରେ ଦଉଡି ସାହାଯ୍ୟରେ ହସନି ନାଳ ପାରି କରାନ୍ତି । ସ୍କୁଲ ଛୁଟି ହେବା ପରେ ପୁଣି ସେପରି ଦଉଡି ସାହାଯ୍ୟରେ ପିଲାମାନଙ୍କୁ ପାରି କରି ଘରକୁ ଆଣିଥାନ୍ତି । ଯେତେବେଳେ ବର୍ଷା ଅଧିକ ହୁଏ, ନାଳ ଫୁଲି ଉଠେ । ସେତେବେଳେ ପିଲାଙ୍କ ସ୍କୁଲ ବନ୍ଦ ରୁହେ। ନାଳର ପ୍ରଖର ସ୍ରୋତରେ ଅଧିକାଂଶ ସମୟରେ ଛାତ୍ରୀଛାତ୍ରଙ୍କ ବହି ଖାତା ଓ ପ୍ୟାଣ୍ଟସାର୍ଟ ଭିଜି ଯାଏ । ଛୋଟ ବଡ଼ ଦୁର୍ଘଟଣା ବି ଘଟେ । ତଥାପି ପିଲାଙ୍କୁ ସାକ୍ଷର କରିବାର ଆଶା ନେଇ ଅଭିଭାବକମାନେ ସ୍କୁଲ ପଠାଇଥାନ୍ତି । ଏମିତି ସମସ୍ୟା ଦିନେ କି ଦୁଇ ଦିନ ନୁହେଁ ବର୍ଷ ବର୍ଷ ଧରି ଚାଲିଆସିଛି।

କେବଳ ପାଠ ପଢ଼ା ନୁହେଁ, ହରଡାପଡାବାସୀ ଗଣ୍ଡାମେର ପଞ୍ଚାୟତକୁ ଭତ୍ତା ଓ ପିଡିଏସ୍ ସାମଗ୍ରୀ ଆଣିବା ପାଇଁ ନାଳ ପାରି ହୋଇ ଆସିଥାନ୍ତି । ବୃଦ୍ଧାବୃଦ୍ଧ, ରୋଗୀ କିମ୍ବା ପ୍ରସୂତିଙ୍କୁ ଡାକ୍ତରଖାନା ନେବା ପାଇଁ ନାଳ ପାର ହୋଇ ଯିବାକୁ ପଡିଥାଏ । ନାଳ ଉପରେ ପୋଲଟି ନିର୍ମାଣ ହୋଇ ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସି ପାରେ ନାହିଁ । ଏଥିପାଇଁ ଅଧିକାଂଶ ସମୟରେ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଛି। ଏହି ନାଳ ଉପରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଥିଲା। ତେବେ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ଏକ ପୋଲ ନିର୍ମାଣ ପାଇଁ ଦାବି ହୋଇଛି । ଏ ନେଇ ଗୋଲାମୁଣ୍ଡା ବିଡ଼ିଓ ସ୍ନିଗ୍ଧାରାଣୀ ପ୍ରଧାନଙ୍କୁ ପଚାରିବାରୁ ସ୍ୱତନ୍ତ୍ର ପଲ୍ଲିସଭା ମାଧ୍ୟମରେ ପୋଲ ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପ୍ରସ୍ତାବ ରଖାଯିବ । ଟଙ୍କା ମଞ୍ଜୁର ହେଲେ ପୋଲ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।






TCL
Festive
SALE
Till 31st Oct.
3 Years Warranty
Bring Home
Next Generation Smart
AI
Google Certified
32 S6500 Android TV
OFFER ₹11,990*
65 P8 4K AI TV
OFFER ₹49,990*
Google Certified
43 S6500 Android TV
OFFER ₹21,990*
C2
4K UHD, Google Certified Andriod TV
Available in 189cm(75)
BEST BUY: ₹ 149,990/-*
C6
4K UHD, Google Certified Andriod TV
Available in 165.10cm(65)
BEST BUY: ₹ 82,990/-*
P8E Elite
4K UHD, Google Certified Andriod TV
Available in 165.10cm(65), 138.6cm(55) 125.73cm(50)
RANGE STARTS FROM: ₹ 29,990/-*
P8
4K UHD, Google Certified Andriod TV
Available in165.10cm(65), 138.6cm(55) 125.73cm(50),107.95(43)
RANGE STARTS FROM: ₹ 23,990/-*
S6500 Series
2K,Google Certified Android TV
Available in 123cm(49), 107cm(43), 100cm(40), 79cm(32)
RANGE STARTS FROM: ₹ 11,990/-*
G300 Series
FullHD**
Available in 100cm(40), 79cm(32)
RANGE STARTS FROM: ₹ 9,990/-*
**Conditions apply. All models are subject to stock availability. All prices are subjected to change without any prior notice.
www.tcl.com
https://www.facebook.com/TheCreativeLifeIndia
Toll free : 1800 419 0622
07289874664
Available At
DISTRIBUTOR - S.A. INFOSYS PVT. LTD. - 7894403848
Finance Partner
BARGARH: GUPTA ENTERPRISER 8249634990, KRISHNA TRADERS 9861232456, M/S MAA SAMLESWARI SALES 7978653518, MAHESWARI BARTAN 8847805390, NEW PATRA NEEDS 9776323094, TIRUPATI ELECTRONICS 9937788797, BOUDH: SHREE ELECTRONICS 9437077400, DEOGARH: MAA SAMALESWARI SALE 9437175166, JHARSUGUDA: PRAKASH FURNITURE 7008360490, TRENDZ 9439450000, ZEE ENTERPRISES 9437054225 KALAHANDI: LALIT ELECTRONICS 9437070312, NUAPADA: GURUNANAK ELECTRONICES 9437079636, ROURKELA: DOORDARSHAN 9437049322, GUPTA ELECTRONICS 7008619500, LAKSHMI AGENCY 7873755040, M/S D- GITAL INDIA 9777701040, NTIONAL DISTRIBUTORS 9437044028, UTKAL AIR VOICE 9437950905, SAMBALPUR: AGRAWALLA ENTERPRISES 9437543237, AKASH HOME APPLIANCES 8249643330, G. N. WORLD 8249053571, G.N.ELECTRONICS 9937673698, HIRAKHAND ENTERPRISES 9437059260, JAYPEE ELECTRONICS 7008755304, LAXMI ELECTRONICS, RENGALI 7873964864, M/S DASH ENTERPRISES 7008201843, M/S JAIN ENTERPRISES 7008291800, M/S MISHRA ELECTRONICS 7978578884, M/S SANTOSH ELECTRONICS 9338277480, M/S UPAHAR 7008203231, MAA TARINI SALES 9437881906, RADHA KRISHNA AGENCIES 9937092077, RADIANT ENTERPRISES 9437054101, RAHUL TRADING 9437050646, SAHOO SALES 7978583296, SANDHYA ENTERPRISES 7077448866, SWISS TIME 7978059556, TARINI ELECTRICALS 9777741121, SUNDARGARH: AGARWAL ELECTRONICS 9776111144, KAMLESH GENERAL STORE 8895987610, RAJ ELECTRONICS 9668489510, SATYAM ELECTRICALS 9437530406, SHIBU ELECTRONICS 9437194519
For Corporate, Brand Shop, Dealer Inquiry Call Branch Manager - Abhishek Kumar - 8697900100
Trade Inquiry - 7894403848, 7894404120



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।

- ଶ୍ରୀ ରାମକୃଷ୍ଣ ପରମହଂସ




# ଡ୍ରୋନ୍‌ରୁ ଉତ୍ତୋଳିତ ଶ୍ରୀମନ୍ଦିର ଚିତ୍ର ଭାଇରାଲ

**ପୁରୀ ଅଫିସ, ୨୩।୧୦:** ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ଫଟୋ ଉଠାଇବା କିମ୍ବା ଭିଡିଓ ଉତ୍ତୋଳନ କରିବା ନେଇ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ସୋସିଆଲ ମିଡିଆରେ ପୁଣି ଶ୍ରୀମନ୍ଦିରର ଫଟୋ ଭାଇରାଲ ହୋଇଛି। ଡ୍ରୋନ ସାହାଯ୍ୟରେ ବଡ଼ଦେଉଳର ଚିତ୍ର କଏଦ କରାଯାଇଛି। ଏପରି କି ଭିତର ବେଢାର ସମ୍ପୂର୍ଣ୍ଣ ଦୃଶ୍ୟ ସୋସିଆଲ ମିଡିଆରେ ଘୂରିବୁଲୁଛି। ଫଳରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ଉଠିଛି ପ୍ରଶ୍ନବାଚୀ।

ବର୍ତ୍ତମାନ ସୋସିଆଲ ମିଡିଆରେ ବୁଲୁଥିବା ଫଟୋକୁ ଦେଖିଲେ ଶ୍ରୀମନ୍ଦିରଠାରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ଏହି ଡ୍ରୋନ୍ ଉଡିଛି। ହାଇ ରିଜଲ୍ୟୁଶନ ଡ୍ରୋନ୍ କ୍ୟାମେରାରେ କଏଦ ହୋଇଛି ଶ୍ରୀମନ୍ଦିର ଏବଂ ଚତୁଃପାର୍ଶ୍ୱର ଦୃଶ୍ୟ। ସବୁଠୁ ବଡ଼ କଥା ହେଉଛି କିଏ ଏହି ଡ୍ରୋନ୍ ଉଡାଇଛି। କିଏ ଦେଇଛି ଅନୁମତି ? କାହିଁକି ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛଡାଯାଇଛି ? ଏହି ଫଟୋ କୌଣସି ମନ୍ଦ ଉଦ୍ଦେଶ୍ୟ ପାଇଁ ବ୍ୟବହାର ହେବନି ତ ? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗତ ୮ ତାରିଖ ସକାଳେ ଏକ ଡ୍ରୋନ୍ ମନ୍ଦିର ଉପରେ ଉଡୁଥିଲା। କିଛି ଭକ୍ତ ଦେଖିବା ପରେ ଏହା ପୋଲିସ ଏବଂ ସେବାୟତଙ୍କ ନଜରକୁ ଆସିଥିଲା। ସେତେବେଳେ ଡ୍ରୋନ୍ ଭିତର ବେଢା ଅଞ୍ଚଳ ଉପରେ ଉଡୁଥିଲା। ଏହାକୁ ଅନୁସରଣ କରିବା ଲାଗି ଜଣେ ପୋଲିସ ଅଧିକାରୀ ଉତ୍ତର ଦ୍ୱାର ବାଟେ ବାହାରକୁ ଆସିଥିଲେ। ହେଲେ ଡ୍ରୋନ୍‌ଟି ଦକ୍ଷିଣ ଦ୍ୱାର ଉପର ଦେଇ ହରଚଣ୍ଡୀସାହି ଆଡକୁ ଉଡ଼ିଯାଇଥିଲା। ଫଳରେ ପୋଲିସ ତା'ର ଟେର୍ ପାଇପାରି ନ ଥିଲା। ଏହି ଡ୍ରୋନ ଶ୍ରୀମନ୍ଦିର ଉପରେ ଉଚ୍ଚରେ ଉଡୁଥିଲା। ଡ୍ରୋନଟି ବହୁତ ଛୋଟ ଦେଖାଯାଉଥିଲା। ହୋ ହଲ୍ଲା ହେବା ପରେ ଡ୍ରୋନଟି ହରଚଣ୍ଡୀସାହି ଆଡକୁ ପଳାଇଥିଲା। ଫଳରେ ଏହାକୁ ଠାବ କରାଯାଇ ପାରି ନ ଥିଲା।




## ■ ରାତିରେ ରାଜଧାନୀ ରାଜପଥରେ ରୋଡ୍ ରୋମିଓଙ୍କ ଉତ୍ପାତ

# ଅଭିନେତ୍ରୀଙ୍କୁ ପିଛାକରି ଆତଙ୍କ ଖେଳାଇଲେ

■ ୧୦୦କୁ କଲ୍ କରିଥିଲେ ଠିକ୍ ସମୟରେ ପହଞ୍ଚିଲାନି ପିସିଆର୍

■ ଥାନାରେ ଅଭିଯୋଗ ପରେ ପରାମର୍ଶ ଦେଲା ପୋଲିସ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଅସୁରକ୍ଷିତ ହେଉଛି ରାଜଧାନୀର ରାତି। ରାଜପଥଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦିରେ ଉତ୍ପାତ କରୁଛନ୍ତି ଅପରାଧୀ। ମଙ୍ଗଳବାର ବିଳମ୍ବିତ ରାତିରେ ସହରଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ରୋଡ୍ ରୋମିଓ ଆତଙ୍କ ଖେଳାଇଛନ୍ତି। ସୁଟିଂ ସାରି କାର୍‌ରେ ଫେରୁଥିବା ଜଣେ ଅଭିନେତ୍ରୀ ଓ ସହଯୋଗୀଙ୍କ ପିଛା କରି ୩ କିମି ଧରି ନାନା ହଇରାଣ କରିଛନ୍ତି। ଅଶ୍ଳୀଳ ଇଙ୍ଗିତ, ଗାଳିଗୁଲଜ କରିବା ସହ ମଦ ବୋତଲରେ ନିଆଁ ଲଗାଇ ଧମକ ଦେଇଥିବା ଦୃଶ୍ୟ ଏବେ ଭାଇରାଲ ହୋଇଛି। ତେବେ ଅଭିଯୋଗ ସତ୍ତ୍ୱେ ନୟାପଲ୍ଲୀ ଥାନା ପୋଲିସ କେବଳ ପରାମର୍ଶ ଦେଇ ବିଦା କରିଦେଇଥିବାରୁ ଅଭିନେତ୍ରୀ ଜଣକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ଅଭିନେତ୍ରୀ ଓ ତାଙ୍କ ଟିମ୍‌ର ସଦସ୍ୟମାନେ ସୁଟିଂ ସାରି ରାତିରେ ଫେରୁଥିଲେ। ରାତି ପ୍ରାୟ ସାଢେ ୧୨ଟାରେ ବରମୁଣ୍ଡାରୁ ଓଭର ବ୍ରିଜ୍ ତଳ ବାମପାର୍ଶ୍ୱ ସର୍ଭିସ ରୋଡ୍ ଦେଇ ନୟାପଲ୍ଲୀ ଅଭିମୁଖେ ଯାଉଥିଲେ। ତଳ ରସ୍ତାରେ ପ୍ରବେଶ କରିବାର କିଛି ବାଟ ଯିବା ପରେ ହଠାତ୍ ଏକ ବାଇକ୍‌ରେ ୨ଜଣ ଯୁବକ ତାଙ୍କ କାର୍‌କୁ ପିଛା କରି ଗାଳିଗୁଲଜ କରୁଥିବା ଦେଖିଥିଲେ। ସେମାନେ କେତେବେଳେ କାର୍ ପାର୍ଶ୍ୱରେ ଅତି ନିକଟତର ହୋଇଯାଉଥିଲେ ତ ପୁଣି ଆଉ କେତେବେଳେ ସମ୍ମୁଖରେ ବାଟ ଓଗାଳିବାକୁ ଚେଷ୍ଟା କରୁଥିଲେ। ବାଇକ୍ ପଛରେ ବସିଥିବା ଯୁବକ ଶାର୍ଟ ଖୋଲି ହାତରେ ମଦବୋତଲ ଧରି ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରି କି କିଛିବାଟ ଯିବା ପରେ ମଦବୋତଲରେ ନିଆଁ ଲଗାଇ ଆତଙ୍କ ସୃଷ୍ଟି କରିଥିଲେ। ଏସବୁ କାର୍‌ନାମା ଦେଖି ଅଭିନେତ୍ରୀଙ୍କ ସମେତ କାର୍‌ରେ ଥିବା ଅନ୍ୟମାନେ ଅତ୍ୟନ୍ତ ଭୟଭୀତ ହୋଇପଡିଥିଲେ। ସେମାନେ ୧୦୦କୁ କଲ କରିଥିଲେ ମଧ୍ୟ ବହୁ ବିଳମ୍ବରେ ପିସିଆର୍ ପୋଲିସ ପହଞ୍ଚିଥିଲା। ସେତେବେଳକୁ ଉତ୍ପାତ କରୁଥିବା ଦୁଇ ରୋଡ୍ ରୋମିଓ ଉଭାନ ହୋଇଯାଇଥିଲେ। ପରେ ସେମାନେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ସେମାନଙ୍କୁ ସୁରକ୍ଷା ଯୋଗାଇବା ବଦଳରେ ଉକ୍ତ ବାଇକ୍ ଦେଖିଲେ ଟୋଲ୍ ଫ୍ରି ନମ୍ବରରେ ଫୋନ୍ କରି ଜଣାଇବାକୁ ପରାମର୍ଶ ଦେଇଥିଲେ। ପୋଲିସ ନିକଟରୁ ସନ୍ତୋଷଜନକ ଉତ୍ତର ନ ପାଇ ଶେଷରେ ଅଭିନେତ୍ରୀ ଓ ଅନ୍ୟମାନେ ଥାନାରୁ ଫେରି ଆସିଥିଲେ ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ଘଟଣା ସଂକ୍ରାନ୍ତରେ ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସେ ଜଣାଇଛନ୍ତି।

## ଷ୍ଟେଶନରୁ ୨ ନାବାଳିକା ଉଦ୍ଧାର

ଭୁବନେଶ୍ୱର,୨୩।୧୦ (ବ୍ୟୁରୋ) – ଭୁବନେଶ୍ୱର ଷ୍ଟେଶନରୁ ମଙ୍ଗଳବାର ୨ ନାବାଳିକାଙ୍କୁ ଆର୍‌ପିଏଫ୍ ସୁଭଦ୍ରା ବାହିନୀ ଉଦ୍ଧାର କରିଛି। ରାତି ୧୧ଟାରେ ପ୍ଲାଟଫର୍ମ ନଂ.୧ର ମହିଳା ପ୍ରତୀକ୍ଷାଳୟରେ ଅସହାୟ ଅବସ୍ଥାରେ ସେମାନେ ବସିଥିଲେ। ଜଣେ ତାମିଲନାଡୁ ବୀରବନାଲ୍ଲୁରର ଚନ୍ଦନା ମନି(୧୬) ଓ ଅନ୍ୟଜଣେ ସୁନ୍ଦରଗଡ଼ ବୀରମୀତ୍ରପୁରର କଳ୍ପନା କିଶନ (୧୭) ବୋଲି ପରିଚୟ ଦେଇଥିଲେ। ସେମାନେ କାମ ଖୋଜିବା ପାଇଁ ଘରୁ ଚାଲିଆସିଥିଲେ।




# ୧୧ ସ୍ୱେଚ୍ଛାକୃତ ଜମିଦାତା ପରିବାରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ଶ୍ରୀମନ୍ଦିର ସୁରକ୍ଷା ଓ ଐତିହ୍ୟ ଜୋନ୍ ବିକାଶ



ମୁଖ୍ୟମନ୍ତ୍ରୀଙ୍କ ଗହଣରେ ଜମି ଦେଇଥିବା ପରିବାରର ସଦସ୍ୟମାନେ।

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ଐତିହ୍ୟ ଜୋନ୍ ବିକାଶ ପାଇଁ ସ୍ୱେଚ୍ଛାକୃତ ଭାବେ ଜମି ଦେଇଥିବା ୧୧ଟି ପରିବାରକୁ ସମ୍ବର୍ଦ୍ଧିତ କରିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ବୁଧବାର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉପହାର ଆକାରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୁପା ତାରକସି ପ୍ରତିମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରିଥିଲେ। ବୃହତ୍ତର ସ୍ୱାର୍ଥ ପାଇଁ ସେହି ୧୧ ପରିବାରଙ୍କ ତ୍ୟାଗ ଓ ଅବଦାନକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତ୍ୟାଗ କରିଥିବା ପରିବାରମାନଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ସେମାନଙ୍କ ନିକଟରେ ଚିର ଋଣୀ । ଶ୍ରୀମନ୍ଦିରର ସୁରକ୍ଷା ଶ୍ରୀକ୍ଷେତ୍ରର ବିକାଶ ପାଇଁ ସେମାନଙ୍କ ତ୍ୟାଗକୁ ଆମର ଭବିଷ୍ୟତ ପିଢି ସବୁଦିନ ପାଇଁ ମନେରଖିବ। ଅନ୍ୟମାନେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ୟାକେଜକୁ ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ସ୍ୱେଚ୍ଛାରେ ଜାଗା ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ତାଙ୍କ ଅନୁରୋଧକୁ ରକ୍ଷା କରି ଜାଗା ଦେଇଥିବାରୁ ସେ ସମସ୍ତଙ୍କୁ ଅନ୍ତରରୁ ଧନ୍ୟବାଦ ଦେଉଛନ୍ତି। ଶ୍ରୀମନ୍ଦିର ଓଡ଼ିଆ ଜାତିର ଅମୂଲ୍ୟ ସମ୍ପତ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜାତିର ବଡ଼ ପରିଚୟ। ମହାପ୍ରଭୁଙ୍କ ପାଇଁ, ତାଙ୍କ ମନ୍ଦିରର ସୁରକ୍ଷା ଲାଗି ଆମେ କିଛି କରିପାରିଲେ ଆମ ଜୀବନ ଧନ୍ୟ ହେବ। ସେହିପରି ଯେଉଁମାନେ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଜମି ଦେଉଛନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର ବହୁତ ଭଲ ପ୍ୟାକେଜ କରିଛନ୍ତି । ଖୁସିର କଥା, ୧୧ ଜଣ ବନ୍ଧୁ ଆଜି ଏହି ପ୍ୟାକେଜର ସୁଯୋଗ ନେଇଛନ୍ତି। ଅନ୍ୟମାନେ ମଧ୍ୟ ଏହାକୁ ମହାପ୍ରଭୁଙ୍କ ସେବା ଭାବି ଏହାର ସୁଯୋଗ ନିଅନ୍ତୁ ଓ ଶ୍ରୀମନ୍ଦିର ସୁରକ୍ଷା ପରି ମହାନ କାର୍ଯ୍ୟରେ ସହଯୋଗ କରନ୍ତୁ । ଆପଣମାନଙ୍କ ଏହି ମହାନ ତ୍ୟାଗ ମହାପ୍ରଭୁଙ୍କ ସେବାରେ ନୂଆ ଇତିହାସ ସୃଷ୍ଟି କରିବ । ଓଡ଼ିଆ ଜାତିର ଭବିଷ୍ୟତ ପିଢି ଆପଣମାନଙ୍କ ତ୍ୟାଗକୁ ସବୁଦିନ ପାଇଁ ମନେରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ବର୍ଦ୍ଧିତ ହୋଇଥିବା ପରିବାରର ସଦସ୍ୟମାନେ ହେଲେ ସଂଯୁକ୍ତା ସାମଲ, ଚନ୍ଦ୍ରକାନ୍ତି ଦାସ, କୁମୁଦିନୀ ଗୁରୁ, ରମାଦେବୀ ଶର୍ମା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବ୍ରଜକିଶୋର ପଣ୍ଡା, ଗଦାଧର ପାଢ଼ୀ, କଳୀଯୁଗ ଗୋପାଳଚନ୍ଦ୍ର ପ୍ରତିହାରୀ, ରାଜକିଶୋର ସାହୁ ଏବଂ ଶଶିଭୂଷଣ ଦାସ ପ୍ରମୁଖ।

# ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଗୋପାଳପୁର,୨୩।୧୦**–ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ଯୁବକ ଚକୋଲେଟ ଦେବା ବାହାନାରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଘରକୁ ଡାକି ନେଇ ବଳାତ୍କାର କରିଛନ୍ତି। ବୁଧବାର ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଦେବାନନ୍ଦ ଦାସ। ଅପରାହ୍ଣରେ ବ୍ରହ୍ମପୁର ବଡ଼ ମେଡିକାଲରେ ପୀଡ଼ିତା ଛାତ୍ରୀ ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଛାତ୍ରୀଙ୍କ ବୟାନ ରେକର୍ଡ କରାଯିବ। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଛାତ୍ରୀଙ୍କ ବାପା ବାହାର ରାଜ୍ୟରେ ଶ୍ରମିକ ଭାବେ କାମ କରୁଛନ୍ତି। ମା' ମଧ ଗାଁରେ କାମ କରିବାକୁ ଯାଇଥିଲେ। ସୋମବାର ସନ୍ଧ୍ୟାରେ ଛାତ୍ରୀ ଜଣକ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଦେବାନନ୍ଦ ତାଙ୍କୁ ଏକୁଟିଆ ଦେଖି ଚକୋଲେଟ ଦେବା ବାହାନାରେ ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ନ କହିବା ପାଇଁ ତାଙ୍କୁ ଧମକ ଦେଇଥିଲେ। ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଯାଇ ଏ ସମ୍ପର୍କରେ ମା' ଓ ଜେଜେ ମା'ଙ୍କୁ କହିଥିଲେ। ଛାତ୍ରୀଙ୍କ ପରିବାର ଦଳିତ ଶ୍ରେଣୀର ହୋଇଥିବାରୁ ଦେବାନନ୍ଦଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ପୂର୍ବରୁ ବିଭିନ୍ନ ସମୟରେ ଦେବାନନ୍ଦ କୌଣସି ନା କୌଣସି କାରଣକୁ ନେଇ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଟେକାପଥର ମାଡ଼ କରୁଥିଲେ। ଇତିମଧ୍ୟରେ ଛାତ୍ରୀଙ୍କୁ ବଳାତ୍କାର ଘଟଣା ଗ୍ରାମରେ ପ୍ରଚାରିତ ହୋଇଯାଇଥିଲା। ଗ୍ରାମବାସୀ ଏ ନେଇ ଗୋଳନ୍ଥରା ଥାନାରେ ଜଣାଇଥିଲେ। ପୋଲିସ ବୁଧବାର ଅଭିଯୁକ୍ତ ଦେବାନନ୍ଦଙ୍କୁ କାବୁ କରି ପଚରାଉଚୁରା ଜାରି ରଖିଛି। ଏନେଇ ପୋଲିସ ନଂ. ୨୬୫/୧୯ରେ ଏକ ପୋକ୍‌ସୋ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।




# ଝାରସୁଗୁଡ଼ାରୁ ବେଙ୍ଗାଲୁରୁକୁ ଏବେ ଉଡ଼ିବନି ବିମାନ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଅନିଶ୍ଚିତତା ଭିତରେ ରହିଯାଇଛି ଝାରସୁଗୁଡ଼ା–ବେଙ୍ଗାଲୁରୁ ବିମାନ ସେବା। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ଘରୋଇ ବିମାନ ଚଳାଚଳର ଶୀତକାଳୀନ ସମୟ ସୂଚୀ ପ୍ରକାଶ କରିଛି। ଏଥିରେ ଝାରସୁଗୁଡ଼ା–ବେଙ୍ଗାଲୁରୁ ବିମାନ ଚଳାଚଳ ସମୟ ସୂଚୀ ଉଲ୍ଲେଖ ନାହିଁ। ଫଳରେ ଝାରସୁଗୁଡ଼ାରୁ ବେଙ୍ଗାଲୁରୁକୁ ଏବେ ବିମାନ ଉଡ଼ିବନି ବୋଲି ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ଝାରସୁଗୁଡ଼ା ଓ ବେଙ୍ଗାଲୁରୁ ମଧ୍ୟରେ ବିମାନ ଚଳାଚଳ କରିବାକୁ ଯୋଜନା କରାଯାଇଥିଲା। ଗତ ସେପ୍ଟେମ୍ବରରେ ଉଡ଼ାନ ଯୋଜନାର ସମୀକ୍ଷାବେଳେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଘୋଷଣା କରିଥିଲେ। ସ୍ପାଇସ ଜେଟ୍ ଏହି ବିମାନ ସେବା ପ୍ରଦାନ କରିବ ବୋଲି ଯୋଜନା କରାଯାଇଥିଲା। ତେବେ ଏଥିପାଇଁ ଡିଜିସିଏରୁ ଅନୁମତି ମିଳି ନ ଥିବାବେଳେ ଖୁବ୍‌ଶୀଘ୍ର ବିମାନ ଚଳାଚଳ ପାଇଁ ପ୍ରକ୍ରିୟା ଚାଲିଛି। ଆସନ୍ତା ନଭେମ୍ବର ତୃତୀୟ ସପ୍ତାହ କିମ୍ବା ଡିସେମ୍ବର ସୁଦ୍ଧା ବେଙ୍ଗାଲୁରୁକୁ ବିମାନ ଉଡ଼ିବ ବୋଲି ସୂଚନା ମିଳିଛି।





ଆପଣଙ୍କୁ ମାନବିକତା ଉପରେ ବିଶ୍ୱାସ ହରାଇବା ଉଚିତ୍ ନୁହେଁ । ମାନବିକତା ଏକ ସମୁଦ୍ର, ଯଦି ସମୁଦ୍ରର କିଛି ବୁନ୍ଦା ପାଣି ଖରାପ ହୋଇଯାଏ ତେବେ ପୁରା ସମଦ୍ର ଖରାପ ହୋଇଯାଏନାହିଁ ।

- ମହାତ୍ମା ଗାନ୍ଧୀ



# ଘାତକ ହେଉଛି ବାୟୁ ପ୍ରଦୂଷଣ

- ୭ ସହର ପ୍ରଦୂଷଣକୁ ନେଇ ଏନ୍‌ଜିଟିଙ୍କ ଉଦ୍‌ବେଗ
- ନଭେମ୍ବର ୬ ସୁଦ୍ଧା ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ
- ବାୟୁ ପ୍ରଦୂଷଣରେ ଯାଉଛି ୧୨ ଲକ୍ଷ ୪୦ ହଜାର ଜୀବନ
- ୬ ସହର ପାଇଁ ଆକ୍ସନ ପ୍ଲାନ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ଘାତକ ହେଉଛି ବାୟୁ ପ୍ରଦୂଷଣ। ଏଥିଯୋଗୁ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ବହୁ ମୂଲ୍ୟ ଜୀବନ ଚାଲିଯାଉଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୧୭ରେ ଦେଶରେ ୧୨ ଲକ୍ଷ ୪୦ ହଜାର ଲୋକଙ୍କର ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁ ଘଟୁଛି। ବାୟୁ ପ୍ରଦୂଷଣ ମନୁଷ୍ୟର ହାରାହାରି ବଞ୍ଚିବା ବୟସରୁ ମଧ୍ୟ ୨୦ ମାସ କମ୍ କରିଦେଉଛି। ଓଡ଼ିଶାରେ ବାୟୁ ପ୍ରଦୂଷଣ ଚିନ୍ତାର କାରଣ ପାଲଟିଲାଣି। ସହରାଞ୍ଚଳ ବିଶେଷକରି ଶିଳ୍ପଭିତ୍ତିକ ସହରାଞ୍ଚଳଗୁଡ଼ିକରେ ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହେଉଛି। ଦେଶର ୧୦୬ଟି ସହର ମଧ୍ୟରୁ ଓଡ଼ିଶାର ୭ଟି ସହର ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ସେହି ସହରଗୁଡ଼ିକ ହେଲା ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର ଏବଂ କଳିଙ୍ଗନଗର। ସହରାଞ୍ଚଳଗୁଡ଼ିକର ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ୬ ସୁଦ୍ଧା ପ୍ରଦୂଷଣ ହ୍ରାସ କରିବା ନେଇ କି ପଦକ୍ଷେପ ନିଆଯାଇଛି ସେ ନେଇ ରିପୋର୍ଟ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ୬ଟି ସହର ପାଇଁ ସମନ୍ୱିତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଥିବା ବେଳେ କଳିଙ୍ଗ ନଗର ପାଇଁ କୌଣସି ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ନାହିଁ। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା ଏବଂ ତାଳଚେର ସହର ପାଇଁ ସମନ୍ୱିତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛି। ଏହି ଆକ୍ସନ ପ୍ଲାନକୁ କାର୍ଯ୍ୟକାରୀ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ, ଶକ୍ତି ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ସାମିଲ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଜନ ସଚେତନତା ସୃଷ୍ଟି କରିବା ସହ ସହର ଓ ଖଣି ଅଞ୍ଚଳଗୁଡ଼ିକରେ ସବୁଜ ବଳୟ ସୃଷ୍ଟି ଲାଗି ବ୍ୟାପକ ବୃକ୍ଷରୋପଣ କରିବ। ସହରାଞ୍ଚଳ ଜଙ୍ଗଲ ନୀତି ପ୍ରସ୍ତୁତ କରିବ। ପ୍ରଦୂଷଣ ଯୋଗୁ କେଉଁ ଅଞ୍ଚଳରେ ସ୍ୱାସ୍ଥ୍ୟ ଉପରେ କି ପ୍ରକାର ପ୍ରଭାବ ପଡୁଛି ଏବଂ ପ୍ରଦୂଷଣ ହଟ୍‌ସ୍ପଟ ଚିହ୍ନଟ କରିବ। ଏହି ସମସ୍ତ କାର୍ଯ୍ୟ ୧୨ରୁ ୨୪ ମାସ ମଧ୍ୟରେ କରିବାକୁ ଆକ୍ସନ ପ୍ଲାନରେ ବ୍ୟବସ୍ଥା ହୋଇଛି। ଏହାଛଡ଼ା ସହରାଞ୍ଚଳ ହୋଟେଲଗୁଡ଼ିକରେ କୋଇଲା ଏବଂ ଅନ୍ୟାନ୍ୟ ଧୂଆଁ ପ୍ରଦାନକାରୀ ଜାଳେଣି ବ୍ୟବହାର ଉପରେ କଟକଣା ଲଗାଯିବ। ଶକ୍ତିବିଭାଗ ପକ୍ଷରୁ ସମସ୍ତ ସହରକୁ ଏଲ୍‌ପିଜି ଓ ପାଇପ ନାଚୁରାଲ ଗ୍ୟାସ୍(ପିଏନଜି) ଯୋଗାଇବା ସହ ସୌରଶକ୍ତି ଉତ୍ପାଦନ ପାଇଁ ପ୍ରୋତ୍ସାହନ ଯୋଗାଇବ। ସହରାଞ୍ଚଳ ବସ୍‌ଗୁଡ଼ିକୁ ବାୟୋଗ୍ୟାସ ଇନ୍ଧନ ଯୋଗାଇବା ସହ ଇଲେକ୍ଟ୍ରିକ ଯାନଗୁଡ଼ିକୁ ପ୍ରୋତ୍ସାହନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏ ସମସ୍ତ କାର୍ଯ୍ୟ ୨ ବର୍ଷ ମଧ୍ୟରେ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶିଳ୍ପ ଓ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣକୁ ମାପିବା, ନିୟମିତ ଏହାକୁ ପ୍ରକାଶ କରିବା ଏବଂ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ସ୍ଥାପନ ପାଇଁ ଅନୁମତି ନ ଦେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦାୟିତ୍ୱ ଦିଆଯାଇଛି। ଏହା ଛଡ଼ା ବୋର୍ଡ ଚିମିନୀ ଭାଟିକୁ ସହରାଞ୍ଚଳରେ ଅନୁମତି ନ ଦେବା ସହ ପାୱାର ପ୍ଲାଣ୍ଟଗୁଡ଼ିକ ପାଇଁ ୨୦୨୨ ସୁଦ୍ଧା ଥର୍ମାଲ ପାୱାର ପ୍ଲାଣ୍ଟ ଷ୍ଟାଣ୍ଡାର୍ଡ ପ୍ରସ୍ତୁତି କରିବ। ସହରାଞ୍ଚଳରୁ କ୍ରଶର ହଟାଇବା ସହ ଜେନେରେଟର ଉପରେ କଟକଣା ଲାଗିବ। ଯାନବାହନଜନିତ ପ୍ରଦୂଷଣକୁ ରୋକିବାକୁ ଅପମିଶ୍ରଣ ଉପରେ ବୋର୍ଡ କଡ଼ା ନଜର ରଖିବ। ଏ ସମସ୍ତ କାର୍ଯ୍ୟକୁ ବୋର୍ଡ ପକ୍ଷରୁ ୬ରୁ ୧୨ ମାସ ଭିତରେ କରିବା ନେଇ ଆକ୍ସ ପ୍ଲାନ ପ୍ରସ୍ତୁତ କରାଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳଗୁଡ଼ିକରେ ଡିଜେଲଚାଳିତ ଯାନବାହନଗୁଡ଼ିକୁ ନିଷେଧ କରିବା ସହ ପୁରୁଣା ଗାଡ଼ିଗୁଡ଼ିକୁ ହଟାଇବା ପାଇଁ ସ୍କ୍ରାପେଜ ପଲିସି କାର୍ଯ୍ୟକାରୀ କରାଯିବ। ଚଳାଚଳ କରୁଥିବା ଯାନବାହନଗୁଡ଼ିକର ଫିଟନେସ, ପ୍ରଦୂଷଣ ଚେକ୍ କରିବା ପାଇଁ ମଡର୍ନ ସେଣ୍ଟ୍ରାଲାଇଜ୍‌ଡ ଭେହିକିଲ ଇନ୍ସପେକ୍ସନ ସେଣ୍ଟର ସ୍ଥାପନ କରାଯିବ। ଏହାଛଡ଼ା ରାଜସ୍ତରୀୟ ଇଲେକ୍ଟ୍ରିକ ଯାନ ନୀତି କାର୍ଯ୍ୟକାରୀ କରାଯିବ। ଉକ୍ତ ସହରାଞ୍ଚଳକୁ ଯେପରି ପରିବହନ ଟ୍ରକ୍ ପ୍ରବେଶ ନ କରିବ ସେ ଦିଗରେ ପୂର୍ତ୍ତ ବିଭାଗ ପଦକ୍ଷେପ ନେବ। ପୋଲିସ ପକ୍ଷରୁ ସହର ପାଇଁ ଟ୍ରାଫିକ୍ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବା ସହ ଏହାକୁ ସବୁ ସମୟରେ ମନିଟରିଂ କରାଯିବ। ସ୍ଥାନୀୟ ପୌର ସଂସ୍ଥାଗୁଡ଼ିକ କୃଷି କ୍ଷେତ୍ରରେ ଯେପରି କେହି ଧାନ କିମ୍ବା ଆଖୁମୂଳି ନ ଜଳାଇବେ ତା' ଉପରେ ଧ୍ୟାନ ଦେବେ। ଏଥିସହିତ ଟ୍ରାଫିକ୍ ଗହଳି କମାଇବା ସହ ଧୂଳିଜନିତ ପ୍ରଦୂଷଣକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ତେବେ କଳିଙ୍ଗନଗର ପାଇଁ ଏକ ସମନ୍ୱିତ ଆକ୍ସନ ପ୍ଲାନ ପ୍ରସ୍ତୁତ ଚାଲିଛି। ଆସନ୍ତା ନଭେମ୍ବର ୬ ତାରିଖରେ ଏନ୍‌ଜିଟିଙ୍କ ନିକଟରେ ଏହାକୁ ଉପସ୍ଥାପନ କରାଯିବ ବୋଲି ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପୂର୍ଣ୍ଣିମା ନାୟକ



ସୁକାନ୍ତ କୁମାର ଶ୍ରୀଚନ୍ଦନ



ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

- ଭିମ୍‌ସାରରେ ଡାକ୍ତର-ରୋଗୀ ସମ୍ପର୍କୀୟ ମାରପିଟ ଘଟଣା

# ବିଭାଗୀୟ ତଦନ୍ତ ଆରମ୍ଭ, ସିସିଟିଭି ଫୁଟେଜ ଜବତ

**ସମ୍ବଲପୁର,୨୩।୧୦(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ଡାକ୍ତର ସୂର୍ଯ୍ୟକାନ୍ତ ପାଢୀଯୋଶୀଙ୍କୁ ମାରପିଟ ଓ ରୋଗୀ ଠଣସୁନ୍ଦର ବେହେରାଙ୍କ ପୁଅ ମୁକେଶ ଏବଂ ଝସକେତନ ରାଉତଙ୍କୁ ମାରପିଟ ଘଟଣାରେ ବୁଧବାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଭିମ୍‌ସାରରେ ୫ ଜଣିଆ କମିଟି ଗଠନ କରାଯାଇଛି। ଏହି ଟିମ୍ ତଦନ୍ତ କରି ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ପୋଲିସ ସମଲେଶ୍ୱରୀ ନର୍ସିଂହୋମ ଓ ଭିମ୍‌ସାର ପରିସରର ବିଭିନ୍ନ ସ୍ଥାନରେ ଥିବା ସିସିଟିଭିର ହାର୍ଡଡିକ୍ସ ବୁଧବାର ଜବତ କରିଛି । ମେଡିକାଲରେ ଥିବା ରୋଗୀ ସମ୍ପର୍କୀୟଙ୍କୁ ଘଟଣା ସମ୍ପର୍କରେ ପଚାରା ଉଚୁରା କରୁଛି । ଏସ୍‌ପି କନୱର ବିଶାଲ ସିଂ ଏହି ମାମଲା ତଦନ୍ତ ଉପରେ ନଜର ରଖିଛନ୍ତି। ବୁଧବାର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ରୋଗୀ ସମ୍ପର୍କୀୟ ଏହି ଘଟଣାକୁ ନେଇ ଡାକ୍ତରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

### ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ

# ୨୯୯ଜଣଙ୍କୁ ଦିଆଯିବ ଅଧ୍ୟାପକ ନିଯୁକ୍ତି

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଇଛି। ଏଥିପାଇଁ ବିଭାଗ ଦ୍ୱାରା ରାଜ୍ୟ ସିଲେକ୍‌ଶନ୍ ବୋର୍ଡକୁ ୮୩୩ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏନେଇ ପ୍ରକ୍ରିୟା ଜାରି ରହିଥିବାବେଳେ ଇତି ମଧ୍ୟରେ ୯ ବିଭାଗରେ ୨୯୯ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି। ଯୋଗ୍ୟ ବିବେଚିତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ଦିଆଯିବ। ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ପାଇଁ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଶୁକ୍ରବାର ସକାଳ ୧୦ଟାରେ ଆୟୋଜିତ ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରିବେ। କାର୍ଯ୍ୟକ୍ରମରେ ନୃତତ୍ତ୍ୱ ବିଭାଗର ୨ ଜଣ, ଉଦ୍ଭିଦ ବିଜ୍ଞାନର ୩୩ ଜଣ, ବାଣିଜ୍ୟର ୩୬ ଜଣ, ରସାୟନ ବିଜ୍ଞାନର ୫୪ ଜଣ, ଅର୍ଥଶାସ୍ତ୍ରର ୭୦ ଜଣ, ଭୂତତ୍ତ୍ୱର ଜଣେ, ଭୂଗୋଳର ୨ ଜଣ, ରାଜନୀତି ବିଜ୍ଞାନର ୬୨ ଜଣ ଏବଂ ତର୍କ ଓ ଦର୍ଶନ ଶାସ୍ତ୍ରର ୩୪ ଜଣ ନବନିଯୁକ୍ତ ଅଧ୍ୟାପକ ଯୋଗଦେବେ।

# ‘ପ୍ରୋପା ଲେଡି’ରେ ଦୂତୀ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**





ପ୍ରଥମେ ‘କୌନ୍ ବନେଗା କରୋଡ୍ ପତି’ର ହଟ୍ ସିଟ୍ ଆଉ ତା'ପରେ ଭୋଗ୍ ‘ସ୍ପୋର୍ଟସ୍ ମ୍ୟାନ୍ ଅଫ୍ ଦି ଇୟର୍’। ଆଉ ଏବେ ପ୍ୟୁମାର ବହୁଚର୍ଚ୍ଚିତ ଆଡ୍ କ୍ୟାମ୍ପେନ୍ ‘ପ୍ରୋପା ଲେଡି’ରେ ନଜର ଆସିଛନ୍ତି ଧାବିକା ଦୂତି ଚାନ୍ଦ। ବିଶ୍ୱ ଦରବାରରେ ଭାରତର ନାମକୁ ଉଚ୍ଚ କରିଥିବା ଦୂତି ଏବେ ପାଲଟିଛନ୍ତି ଫେସ୍ ଅଫ୍ ଦି ନେଶନ୍। କ୍ରୀଡା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା ଏହି ଦ୍ରୁତତମ ଧାବିକା ଜର୍ମାନ୍ ମଲ୍ଟି ନ୍ୟାଶନାଲ କମ୍ପାନୀ ‘ପ୍ୟୁମା’ର ନୂଆ ଇଣ୍ଡିଆନ୍ କ୍ୟାମ୍ପେନ୍‌ରେ ଏକ ନୂଆ ରୂପରେ ନଜର ଆସିଛନ୍ତି। ମହିଳାଙ୍କ ପାଇଁ ଥିବା ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ସେ କିଭଳି ଆଗକୁ ବଢ଼ିଛନ୍ତି ଓ ନିଜର ସମଲିଙ୍ଗୀତ୍ୱକୁ ସ୍ୱୀକାର କରିଛନ୍ତି ତାହା ତାଙ୍କ ବୋଲ୍ଡନେସ୍‌ର ପ୍ରମାଣ ଦେଇଥିବାବେଳେ ‘ପ୍ୟୁମା’ର ଏହି ନୂଆ ଆଡ୍ କ୍ୟାମ୍ପେନ୍ ତାହା ଦର୍ଶାଇଛି।

ପ୍ରପୋର ନୁହେଁ ପ୍ରୋପା। ଅର୍ଥାତ୍ ଠିକ୍‌ଭାବେ ବସ, ଧୀରେ କଥାକୁହ, ସିଧା ଚାଲ ଭଳି ମହିଳାଙ୍କ ପାଇଁ ରହିଥିବା ଚିରାଚରିତ ସାମାଜିକ ପ୍ରଥାକୁ ଖାତିର ନ କରି ନିଜ ଅଧିକାରକୁ ଉପଭୋଗ କର। ଦୃଢ଼ ମନୋବଳ ସହ ଆଗକୁ ବଢ଼, ନିଜ ସ୍ୱପ୍ନକୁ ସାକାର କର। ଏଭଳି ବାର୍ତ୍ତାନେଇ ଗ୍ଲୋବାଲ୍ ସ୍ପୋର୍ଟସ୍ ବ୍ରାଣ୍ଡ ‘ପ୍ୟୁମା’ ପକ୍ଷରୁ ପ୍ରସ୍ତୁତ ହୋଇଥିବା ନୂଆ ଆଡ୍ କ୍ୟାମ୍ପେନ୍ ‘ପ୍ରୋପା ଲେଡି’ରେ ମହିଳାଙ୍କ ସ୍ୱାଧୀନତାକୁ ସେଲିବ୍ରେଟ୍ କରାଯାଇଥିବାବେଳେ ଏଥିରେ ଅଲିମ୍ପିକ୍ ବକ୍ସର ମ୍ୟାରି କମ୍, ଓଡ଼ିଶା ଜନ୍ମିତ ଧାବିକା ଦୂତି ଚାନ୍ଦ, ଟ୍ରାନ୍ସଜେଣ୍ଡର ମଡେଲ ଅଞ୍ଜଳୀ ଲାମା ଏବଂ ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ନଜରକୁ ଆସିଛନ୍ତି। ମହିଳାମାନେ ଚିରାଚରିତ ପ୍ରଥା ବିରୋଧରେ ଯାଇ କିଭଳି ନିଜ ଇଚ୍ଛା ଓ ସ୍ୱପ୍ନକୁ ବାସ୍ତବ ରୂପ ଦେଇଛନ୍ତି, ତାହା ଏଥିରେ ଦେଖିବାକୁ ମିଳିଛି। କ୍ରୀଡ଼ାରୁ ଆରମ୍ଭ କରି ଫିଲ୍ମ ଦୁନିଆ ପର୍ଯ୍ୟନ୍ତ, ବିଭିନ୍ନ କ୍ଷେତ୍ରରେ ସେମାନେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। କିନ୍ନର ହୋଇ ମଧ୍ୟ ଅଞ୍ଜଳୀ ଲାମା ଜଣେ ସୁପର୍‌ମଡେଲର ଆଖ୍ୟା ଅର୍ଜନ କରିଛନ୍ତି। ନିଜ ପ୍ରତିଭା ଓ ଦକ୍ଷତା ବଳରେ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ବଲିଉଡ୍‌ରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି ଓ କାହାକୁ ଖାତିର୍ ନ କରି ନିଜ ମତକୁ ସର୍ବଦା ଦୃଢ଼ତ୍ୱର ସହ ଉପସ୍ଥାପନ କରିଛନ୍ତି। ସେହିଭଳି ମ୍ୟାରି କମ୍ ଓ ଦୂତି ଚାନ୍ଦ କେବଳ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱସ୍ତରରେ ପ୍ରତିଷ୍ଠା ଅର୍ଜନ କରିନାହାନ୍ତି କି ଭାରତକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିନାହାନ୍ତି, ବରଂ ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ନିଜ ବ୍ୟକ୍ତିଗତ ମତ ଓ ବିଷୟକୁ ଖୋଲାଖୋଲିଭାବେ ସ୍ୱୀକାର କରିଛନ୍ତି। ଦେଶର ପ୍ରଥମ ସମଲିଙ୍ଗୀ କ୍ରୀଡ଼ାବିତ୍ ଦୂତି ନିଜ ପ୍ରେମ ସମ୍ପର୍କକୁ ସର୍ବସମ୍ମୁଖରେ ସ୍ୱୀକାର କରି ଇତିହାସ ରଚିଛନ୍ତି, ଯାହାକୁ ସେ ଏହି କ୍ୟାମ୍ପେନ୍ ମାଧ୍ୟମରେ ଦର୍ଶାଇଛନ୍ତି। ଦୂତୀଙ୍କୁ ଏଥିରେ ଗୋଲାପୀ ରଙ୍ଗର ପ୍ୟୁମା ଟ୍ରାକ୍ ସୁଟ୍ ଓ ଜୋତା ପିନ୍ଧି ୱାର୍କଆଉଟ୍ କରିବା ସହ ହ୍ୱିସିଲ ମାରିବାର ଦେଖିବାକୁ ମିଳିଛି। ଏହି ଭିଡ଼ିଓ ବିଭିନ୍ନ ପ୍ଲାଟଫର୍ମରେ ବିପୁଳ ସମର୍ଥନ ଲାଭ କରିଥିବାବେଳେ ସବୁସ୍ତରରେ ପ୍ରଶଂସା ସାଉଁଟିଛି।

## ଜିଲା ଚିଠି
## ମାଲକାନଗିରି



# ମଧ୍ୟାହ୍ନଭୋଜନ ଚାଉଳ

ମାଲକାନଗିରି ଜିଲାରେ ଅନେକ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଛାତ୍ରୀଛାତ୍ର ସ୍କୁଲକୁ ଆସୁନାହାନ୍ତି । ଏହି ଛାତ୍ରୀଛାତ୍ରଙ୍କ ପାଇଁ ସରକାର ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରିଥିଲେ ମଧ୍ୟ ସେ ବାବଦ ଚାଉଳ ହରିଲୁଟ ହେଉଛି। ଚାଉଳ ଯୋଗାଣ ଲାଗି ସରକାର ୫୦ କେଜିର ବସ୍ତା ବ୍ୟବସ୍ଥା କରିଛନ୍ତି। ପ୍ରତିବସ୍ତାରେ ୫୦ କେଜି ଚାଉଳ ସହ ବସ୍ତା ଓଜନ ବାବଦରେ ଅଧିକ ୧ କେଜି ଏପରି ୫୧ କେଜି ରହିବା କଥା । ତେବେ ମାଲକାନଗିରି ଜିଲାର ବିଦ୍ୟାଳୟଗୁଡ଼ିକୁ ଯେଉଁ ଚାଉଳ ବସ୍ତା ଆସୁଛି ସେଥିରେ ଚାଉଳ କମ୍ ରହୁଛି। ପ୍ରତି ବସ୍ତାରେ ୫ କେଜିରୁ ଊର୍ଦ୍ଧ୍ୱ ଚାଉଳ କମ୍ ରହୁଥିବା ଅନେକ ସମୟରେ ଶିକ୍ଷକମାନେ ଅଭିଯୋଗ କରୁଛନ୍ତି। ଅଭିଯୋଗର ପ୍ରତିକାର ବଦଳରେ ପରୋକ୍ଷରେ ଶିକ୍ଷକମାନଙ୍କ ଉପରେ ଚାପ ପକାଯାଉଛି। ତୁମ ସ୍କୁଲରେ ଶତ ପ୍ରତିଶତ ଛାତ୍ରୀଛାତ୍ର ନାହାନ୍ତି। ଖାତାରେ ଅଧିକ ଦେଖାଉଛ। ଅନେକ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ନ ଖାଇ ଘରକୁ ଯାଇ ଖାଉଛନ୍ତି। ଏ ବିଷୟରେ ଜିଲା ପ୍ରଶାସନ ଦୃଷ୍ଟିକୁ ଆଣି ତୁମ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଜିଲାରେ ୨୦୧୭-୧୮ରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୯୩ହଜାର ୬୭୫ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜିଲା ଶିକ୍ଷା ବିଭାଗ ୨୧ ହଜାର ୪୯୧ କୁଇଣ୍ଟାଲ ୨୪ କେଜି ଚାଉଳ ଏବଂ ୨୦୧୮-୧୯ ରେ ୩୧ହଜାର ୧୫୬ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୧୨ହଜାର ୮୦୪ କୁଇଣ୍ଟାଲ ୬୦ କେଜି ଚାଉଳ ଯୋଗାଣ ହୋଇଛି। ଜିଲା ପଣ୍ୟାଗାରରୁ ଯୋଗାଣ ବିଭାଗ ଦ୍ୱାରା ଏହି ଚାଉଳ ପରିବହନ ଏଜେଣ୍ଟମାନଙ୍କୁ ପ୍ରଦାନ କରାଯାଉଛି। ଏଥିପାଇଁ ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକୁ ମାଥିଲି ଡିପୋରୁ ଚାଉଳ ଯାଉଥିବା ବେଳେ ମାଲକାନଗିରି ଡିପୋରୁ ମାଲକାନଗିରି, କୋରୁକୋଣ୍ଡା, କାଲିମେଳା, ପଡ଼ିଆ ବ୍ଲକକୁ ଚାଉଳ ଯୋଗାଣ ହେଉଛି। ଚାଉଳ ଓଜନ ସମୟରେ ଶିକ୍ଷା ବିଭାଗ ପକ୍ଷରୁ ଜଣେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଏବଂ କେତେଜଣ ଶିକ୍ଷକଙ୍କୁ ଦେଖିବା ପାଇଁ ରଖାଯାଇଛି। ଏହା ସତ୍ତ୍ୱେ କିପରି ଚାଉଳ ବସ୍ତାରେ ୫ରୁ ୭ କେଜି ଚାଉଳ କମ୍ ରହୁଛି ଏବଂ ଓଜନ ବେଳେ ସେଠାରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷକ କିପରି ଜାଣିପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିପୋରେ ଚାଉଳ ଯଦି ଗୋଟିଏ ବସ୍ତାରେ ୫୦ କେଜି ଓଜନ ହୋଇଥାଏ, ତେବେ ବିଦ୍ୟାଳୟରେ ପହଞ୍ଚିଲା ବେଳକୁ ୫ କେଜିରୁ ଊର୍ଦ୍ଧ୍ୱ ଚାଉଳ ଯାଉଛି କୁଆଡ଼େ। ଏହି ୨ ବର୍ଷ ମଧ୍ୟରେ ପ୍ରତିବସ୍ତା ପିଛା ଯଦି ୫ କେଜି ଚାଉଳ କମ୍ ହେଲା ତେବେ ମୋଟ ୩୪୩୦ କୁଇଣ୍ଟାଲ ଚାଉଳ ବାଟମାରଣା ହୋଇଛି। ଏହାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ଏହି ଦୁର୍ନୀତିକୁ ରୋକାଯାଇ ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

– ଦୁର୍ଯ୍ୟୋଧନ ପାତ୍ର


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସଂଯୁକ୍ତା ମହାପାତ୍ର
ଆବିର୍ଭାବ: ୦୧।୧୦।୧୯୫୪
ତିରୋଧାନ: ୨୧।୧୦।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର:
ସ୍ୱାମୀ– ଗୋପାଳ ମହାପାତ୍ର
ପିତା– ଲେଖକ ସ୍ୱର୍ଗତ ଯମେଶ୍ୱର ମିଶ୍ର
ଆଠମଲ୍ଲିକ
ଧ-୧୪୮୯୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଭୁବନେଶ୍ୱର ହୋତା (ଶିକ୍ଷକ)
କମାଶାସନ
ଆବିର୍ଭାବ: ୧୯୩୮
ତିରୋଧାନ: କାର୍ତ୍ତିକ ଏକାଦଶୀ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ ସେଥିପାଇଁ ଲୁହ ଝରେ ସବୁରି ଆଖିରେ ।
କର୍ମ ହିଁ ଭଗବାନ। ଆପଣଙ୍କ ଏହି ମନ୍ତ୍ର ହିଁ ଆମ୍ଭର ପ୍ରେରଣା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୬୪୦୯୫

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା
କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରି, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୬
ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ।
ଶୋକସନ୍ତପ୍ତ:
ପୁତ୍ର-ପ୍ରଶାନ୍ତ, ବୋହୂ-ବିଜୟଲକ୍ଷ୍ମୀ, ଝିଅ-ରଞ୍ଜିତା, ଜ୍ୱାଇଁପୁଅ-ଏନ୍.ସି. ପାଢ଼ୀ ଓ ବନ୍ଧୁବର୍ଗ।
ଧ-୧୪୮୯୫

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମନମୋହନ ପଟ୍ଟନାୟକ
ମହୁଲପାଳ, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ଡା.୦୭।୦୬।୧୯୨୬
ତିରୋଧାନ: ଡା.୦୨।୧୧।୨୦୧୦
ଆପଣଙ୍କ ଅମରାତ୍ମାର ସଦ୍‌ଗତି ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୮୨୭


# ୩୧ରେ ବସିବ ପଦୋନ୍ନତି କମିଟି ବୈଠକ

- ଏସ୍‌ଓରୁ ଡିଓ ହେବେ କର୍ମଚାରୀ
- ବିଭିନ୍ନ ଭତ୍ତା ବୃଦ୍ଧି ପାଇଁ ଦାବି

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ରାଜ୍ୟ ଲୋକସେବା ଭବନରେ କାର୍ଯ୍ୟରତ ଉପବିଭାଗ ଅଧିକାରୀ(ଏସ୍‌ଓ)ଙ୍କ ପଦୋନ୍ନତି ହେବାକୁ ଯାଉଛି। ଏଥିପାଇଁ ଚଳିତ ମାସ ୩୧ରେ ଏକ ବୈଠକ ବସିବ। ୨୦୧୯ ବର୍ଷ ପାଇଁ କାର୍ଯ୍ୟରତ ଏସ୍‌ଓଙ୍କୁ ଡେସ୍କ ଅଫିସର(ଡିଓ) ପଦବୀକୁ ଉନ୍ନୀତ କରାଯିବ। ଏହିପରି ଭାବେ ପ୍ରାୟ ୩୦୦ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ଦ୍ୱାରା ଏହି ପ୍ରକ୍ରିୟା ସମ୍ପାଦନ କରାଯିବ। ୧୯୮୪-୮୫ ଏବଂ ୧୯୯୧-୯୨ ବ୍ୟାଚ୍ କର୍ମଚାରୀମାନେ ପଦୋନ୍ନତି ପାଇବେ ବୋଲି ଜଣାପଡ଼ିଛି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସଂରକ୍ଷଣକୁ ନେଇ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଏ ନେଇ ଜଣେ ଅଧିକାରୀ କହିଛନ୍ତି, ପ୍ରାୟ ୧୫ ବର୍ଷ ପୂର୍ବରୁ ସଂରକ୍ଷିତ ସମ୍ପର୍କିତ ସମସ୍ତ ମାମଲା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଫଇସଲା ହୋଇ ସାରିଛି। ତେଣୁ ସାଧାରଣ ବର୍ଗ, ତଫସିଲଭୁକ୍ତ ବର୍ଗର କର୍ମଚାରୀ ନିଜ ନିଜ ବର୍ଗରେ ପଦୋନ୍ନତି ପାଇବେ। ଏହା ସାରା ଦେଶରେ ପାଳନ କରାଯାଉଛି। ହେଲେ ଅତୀତରେ କେତେକ କ୍ଷେତ୍ରରେ ଏହାର ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି। ଚଳିତ ଥର ଏହାର ଯେପରି ପୁନରାବୃତ୍ତି ନ ହେବ, ସେ ଦିଗରେ ଦୃଷ୍ଟି ଦିଆଯାଇଛି।

ସେହିଭଳି ସପ୍ତମ ବେତନ କମିଶନ ସୁପାରିସ ଆଧାରରେ ରାଜ୍ୟ ସରକାରୀ କର୍ମଚାରୀ ପାଖାପାଖି ୨ ବର୍ଷ ହେବ ଦରମା ପାଇ ଆସୁଛନ୍ତି। ହେଲେ ସେହି ଆଧାରରେ ସରକାର ଘରଭଡ଼ାର ନୂଆ ହାର୍ ନିର୍ଦ୍ଧାରଣ କରିନାହାନ୍ତି। ଘରଭଡ଼ା ବାବଦକୁ ଭତ୍ତା ମିଳୁଥିଲେ ବି ତାହା ପ୍ରକୃତ ମୂଲ୍ୟଠାରୁ ବହୁତ କମ୍ । ଏପରି କି ଦୈନିକ ଭତ୍ତାର ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଇନାହିଁ। ସେହିପରି ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ମହାନଗର ଭତ୍ତା, ଗମନାଗମନ ଭତ୍ତା, ଘରଭଡ଼ା ବାବଦକୁ ଭତ୍ତା ନୂତନ ଦରମା ଆଧାରରେ କରାଯାଇନାହିଁ। ତେଣୁ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଉ ବୋଲି ମତ ପ୍ରକାଶ ପାଇଛି।

### ଆଇନଜୀବୀ ଆନ୍ଦୋଳନ ମାମଲା

# ପକ୍ଷଭୁକ୍ତ ହେବ ନାହିଁ ହାଇକୋର୍ଟ ବାର୍ ଆସୋସିଏଶନ

**କଟକ ଅଫିସ,୨୩।୧୦**

ଆଇନଜୀବୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାକୁ ଗ୍ରହଣ କରି ସୁପ୍ରିମକୋର୍ଟ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ତେବେ ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ପୂର୍ବରୁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଗଠିତ ଆକ୍ସନ କମିଟିର ଏକ ବୈଠକ ବୁଧବାର ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଉକ୍ତ ମାମଲାରେ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷଭୁକ୍ତ ହେବ ନାହିଁ। ତେବେ ଆଇନଜୀବୀଙ୍କ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଥ୍ୟ ରଖିଥିବା ଆଡଭୋକେଟ ଶିବଶଙ୍କର ମିଶ୍ରଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତାଙ୍କର ବାର୍ ସଭ୍ୟ ପଦକୁ କାହିଁକି ରଦ୍ଦ କରା ନ ଯିବ ସେ ନେଇ ଉପଯୁକ୍ତ କାରଣ ଜଣାଇବାକୁ ନୋଟିସରେ ଉଲ୍ଲେଖ ରହିଛି। ଏଥିସହ ଆଡଭୋକେଟ ମିଶ୍ରଙ୍କ ବିରୋଧରେ ବାର୍ କାଉନସିଲ ଅଫ ଇଣ୍ଡିଆରେ ହାଇକୋର୍ଟ ବାର୍ ଆସୋସିଏଶନ ଫେରାଦ ହୋଇଛି। ସୂଚନା ଥାଉକି, ଗତ ମଙ୍ଗଳବାର ଓକିଲ ଆନ୍ଦୋଳନ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହେବା ସହ କଡ଼ା ଟିପ୍ପଣୀ ଦେଇଥିଲେ।

ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ- ଯାହା ନ କହିବା ଉଚିତ ସେସବୁ କହିପକାଏ- ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। -ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ବିଚିତ୍ର ଆଖି

ଭାବନ୍ତୁ ତ, ଯଦି ଆପଣଙ୍କ ନାକ ମୁଣ୍ଡ ଉପରେ ରହିବ, ପାକସ୍ଥଳୀ ଉପରେ ରହିବ, ଆଖି ଓ ମୁହଁ ରହିବ ପାଦ ଉପରେ ତେବେ ଆପଣଙ୍କ ଆକାର କେମିତି ହେବ! କିନ୍ତୁ ମୁଁ ନିଶ୍ଚିତ, ଏମିତିକା ଜୀବ କେଉଁଠି ନା କେଉଁଠି ଅଛନ୍ତି। କାରଣ, ବିଚିତ୍ର ଜୀବ ସୃଷ୍ଟି କରିବାରେ ପ୍ରକୃତି କୌଣସି ସଂଯୋଗକୁ ହାତଛଡ଼ା କରିନି। ସ୍କଟ୍‌ଲାଣ୍ଡରେ ଏବେ ୪ ମିଲିମିଟରର ଆମ୍ପାରେଟ୍ ଓକୁଲିସିରାଟା ନାମକ ଏକ ସାମୁଦ୍ରିକ କୃମି ଆବିଷ୍କୃତ ହୋଇଛି। ମୁହଁ ପାଖରେ ନିଶ ରହିଥିବା ଏହି କୃମିର ଅତିଛୋଟ ଓ ଉଜ୍ଜ୍ୱଳ ଆଖି ଏହାର ପୃଷ୍ଠଭାଗରେ ବାହାରକୁ ବାହାରିଛି। ଏମିତି ଜୀବମାନଙ୍କର ସବୁଠୁ ଜଟିଳ ଓ ବିସ୍ମୟକର ଆଖି ରହିଛି। ଛଅ ଆଖିଆ ବୁଢିଆଣୀଠାରୁ ଆରମ୍ଭ କରି ଝିଟିପିଟି ମଣିଷଠାରୁ ୩୫୦ ଗୁଣ ଭଲ ଦେଖିପାରନ୍ତି। ମଣିଷ ଦେଖିପାରୁ ନ ଥିବା ତରଙ୍ଗ ଓ ଅତିବାଇଗଣୀ ରଶ୍ମିକୁ ଦେଖିପାରୁଛନ୍ତି କିଛି ଜୀବ। ହିଂସ୍ର ଜନ୍ତୁଙ୍କୁ ଭୟଭୀତ କରିବା ପାଇଁ କେତେକ ଜୀବ ସେମାନଙ୍କ ଆଖିକୁ ମଧ୍ୟ ବ୍ୟବହାର କରନ୍ତି। ପ୍ରଜାପତି ଭଳି ଜୀବ ତା'ଠାରୁ ବଡ଼ ଜୀବଙ୍କ ଆଖିର ଅବିକଳ ନକଲ ତା' ଶରୀର ଉପରେ ଉତାରିପାରେ। ଏହି ଭଳି ବହୁ ବିସ୍ମୟକର ଆଖି ଆମ ପୃଥିବୀରେ ରହିଛି।

* ଗିଟାରଫିଶ୍‌ର ଆଖିପତା ନାହିଁ। କିନ୍ତୁ ସେମାନଙ୍କ ଆଖିର ମାଂସପେଶୀ ରହିଛି ଯାହା ଆଖିକୁ ମୁଣ୍ଡ ଭିତରକୁ ୧.୬ ଇଞ୍ଚ ନେଇଯାଏ। ସମୁଦ୍ର ତଳେ ଶିକାର କରିବାରେ ଓ ତା' ଆଖିକୁ ବାଲିରୁ ରକ୍ଷା କରିବା ପାଇଁ ଏହା ତା' କାମରେ ଆସିଥାଏ।

* କାମେଲିୟନ (ବହୁରୂପୀ ଏଣ୍ଡୁଅ)ର କୋନ୍ ଆକାରର ଆଖି ମୁଣ୍ଡରୁ ବାହାରକୁ ବାହାରି ରହେ। ଆଖିର ଚାରିପାଖରେ ଥିବା ଗୋଲାକାର ଆଖିପତା ମଧ୍ୟରେ କେବଳ ପିନ୍‌ହୋଲ ଆକାରର ଛିଦ୍ର ମାଧ୍ୟମରେ ତାହା ଦେଖିପାରେ। ଆଖି ସ୍ୱାଧୀନ ଭାବେ ଗତିକରେ ଓ ୩୬୦ ଡିଗ୍ରୀରେ ବୁଲିପାରେ। ଏହାଦ୍ୱାରା ଏହି ଜୀବ ଏକ ସାଙ୍ଗରେ ବିଭିନ୍ନ ଦିଗରୁ ସବୁ ଜିନିଷକୁ ଦେଖିବା ସହ ପରିବେଶକୁ ମଧ୍ୟ ସ୍କାନ୍ କରିପାରେ। ଯେତେବେଳେ ବହୁରୂପୀ କୌଣସି କୀଟକୁ ଦେଖେ ସେତେବେଳେ ତା' ଦୁଇ ଆଖିକୁ ଏକା ଦିଗରେ କେନ୍ଦ୍ରିତ କରି ଜିଭ କୀଟ ଆଡ଼କୁ ନେଇ ଶିକାର କରିଥାଏ। ବହୁରୂପୀ ତା'ର ତୀକ୍ଷ୍ଣ ଦୃଷ୍ଟିଶକ୍ତି ବଳରେ ଅତିବାଇଗଣୀ ରଶ୍ମିକୁ ମଧ୍ୟ ଦେଖିପାରେ।

* ପୃଥିବୀରେ ସବୁଠାରୁ ବଡ଼ ଆଖି କୋଲୋସଲ ସ୍କ୍ୱିଡ୍‌ର। ଏକ ଫୁଟବଲ ଭଳି ଦେଖିବାକୁ ୧୧ ଇଞ୍ଚ ଆଖିର ଲେନ୍ସ ଏକ କମଳାଲେମ୍ବୁ ଆକାରର। ପ୍ରତି ଆଖିର ଫଟୋଫୋରସ (ଏକ ପ୍ରକାର ଲାଇଟ୍ ଅର୍ଗାନ ଯାହା ହେଡ୍‌ଲାଇଟ ଭଳି କାମ କରେ) ରହିଛି ଯେଉଁଥିରୁ ଆଲୋକ ବିଚ୍ଛୁରିତ ହୋଇଥାଏ। ଏହାଦ୍ୱାରା ସେ ଅନ୍ଧାରରେ ସହଜରେ ଦେଖିପାରେ। ଏହି ଜୀବ ସମୁଦ୍ରର ୨୦୦୦ ମିଟର ତଳେ ଶିକାର କଲାବେଳେ ଏହି ଆଲେକ ସ୍କ୍ୱିଡ୍‌କୁ ସାହାଯ୍ୟ କରିଥାଏ।

* ଡ୍ରାଗନ୍‌ଫ୍ଲାଏ ବା କଂକିର ଆଖି ହଜାର ହଜାର କ୍ଷୁଦ୍ର ହେକ୍ସାଗୋନାଲ (ଷଟ୍‌କୋଣୀୟ) ଆଖିର ସମାହାର। ଏହାଦ୍ୱାରା ସେମାନେ ୩୬୦ ଡିଗ୍ରୀରୁ ସବୁ ଦେଖିପାରନ୍ତି। ଆଖିମୁଣ୍ଡର ଅନେକ ଅଂଶକୁ ଆବୃତ୍ତ କରିଥାଏ। ଏହା ୩୦,୦୦୦ ଭିଜୁଆଲ ୟୁନିଟ୍ (ଓମାଟିଡିଆ)କୁ ନେଇ ଗଠିତ। ପ୍ରତିଟିରେ ଏକ ଲେନ୍ସ ଓ ଅନେକ ଆଲୋକ ସମ୍ବେଦନଶୀଳ କୋଷ ରହିଛି। ସେମାନେ ଅତିବାଇଗଣୀ ଓ କେନ୍ଦ୍ରୀକୃତ ଆଲୋକକୁ ମଧ୍ୟ ଦେଖିପାରନ୍ତି। ଏମାନଙ୍କର ଆଉ ତିନୋଟି ଛୋଟ ଆଖି ରହିଛି ଯାହାକୁ କୁହାଯାଏ ଓସେଲ୍। ଏହା ମାଧ୍ୟମରେ ଗତିବିଧିକୁ ଠଉରାଇ ଗୋଟେ ସେକେଣ୍ଡ ଭିତରେ ପ୍ରତିକ୍ରିୟା ପ୍ରକାଶ କରିପାରେ।

* ଦି ଲିଫ୍ ଟେଲ୍‌ଡ ଗେକୋ (ପତ୍ରାକୃତି ଲାଞ୍ଜବିଶିଷ୍ଟ ଝିଟିପିଟି)ର ଭର୍ଟିକାଲ ଆଖିର ଆଖିପତା ନାହିଁ। ଏହାର ଭର୍ଟିକାଲ ଡୋଳାରେ ରହିଥିବା ଅନେକ ଛୋଟ ଛିଦ୍ର ରାତିରେ ସମ୍ପ୍ରସାରିତ ହୋଇଥାଏ। ଏହାଦ୍ୱାରା ଏହି ଜୀବ ରାତିରେ ଦେଖିପାରେ। ଏହା ମଣିଷଠାରୁ ୩୫୦ ଗୁଣ ଭଲ ଦେଖିପାରେ। ଆଖି ଉପରେ ଥିବା ଏକ ପ୍ରକାର ସୂକ୍ଷ୍ମ ଝିଲ୍ଲି ଆଖିକୁ ସୁରକ୍ଷା ଦିଏ। ଆଖି ଉପରେ ଏହା ଘୋଡାଇ ହୋଇ ରହିଲେ ବି ତା' ମାଧ୍ୟମରେ ଦେଖିପାରେ। ଦରକାର ପଡିଲେ ଝିଟିପିଟି ତାହାକୁ ଜିଭ ଦ୍ୱାରା ସଫା କରିଦିଏ।

* ମଣିଷ ୧୬୦ରୁ ୨୧୦ ଡିଗ୍ରୀ କୋଣରୁ ଦେଖିବାକୁ ସକ୍ଷମ ହେଉଥିବାବେଳେ ଛେଳି ତା' ଆୟତାକାର ଡୋଳା ମାଧ୍ୟମରେ ୩୨୦ରୁ ୩୪୦ ଡିଗ୍ରୀରେ ଥିବା ଜିନିଷକୁ ଦେଖିପାରେ। ଗୋଟିଏ ଜାଗାରେ ରହି ଚାରିଆଡ଼କୁ ଦେଖିପାରେ। ଛେଳି ରାତିରେ ବି ଭଲ ଭାବେ ଦେଖିପାରେ।

* ୬ ଆଖିଆ ଓଗର୍-ଫେସ୍‌ଡ ସ୍ପାଇଡର୍ ଏକ ପ୍ରକାର ବୁଢିଆଣୀ ଯାହା ରାତିରେ ଚଳପ୍ରଚଳ ହୋଇ ଭଲ ଭାବେ ଦେଖିପାରେ। ଆମଠାରୁ ୧୦୦ ଗୁଣ ଭଲ ଦେଖିବାରେ ଏହି ଜୀବ ସକ୍ଷମ। ତା' ଆଖିକୁ ଲାଇଟ୍ ସେନ୍‌ସିଟିଭ ସେଲ୍ ଆବୃତ୍ତ କରି ରଖିଥିବାରୁ ଏହା ସମ୍ଭବ ହେଉଛି। ଆଖିର ଝିଲ୍ଲି ବା ପରଦା ଏତେ ସୂକ୍ଷ୍ମ ଯେ ଏହା ସକାଳୁ ନଷ୍ଟ ହୋଇଯାଏ ଓ ପୁଣି ରାତିରେ ତାହା ସୃଷ୍ଟି ହୋଇଯାଏ।

* ପୃଥିବୀର ସବୁଠାରୁ ଜଟିଳ ଆଖି ରହିଥିବା ମଣ୍ଟିସ୍ ସ୍ରିମ୍ପ୍ (ଏକ ପ୍ରକାର ଚିଙ୍ଗୁଡି) ଏହାର ଶତ୍ରୁମାନଙ୍କ ପ୍ରତି ଭାରି ପ୍ରତିଶୋଧପରାୟଣ। ମଣିଷ ଆଖିରେ ତିନୋଟି କଲର୍ ରିସେପ୍ଟର ରହିଥିବା ବେଳେ ଏମାନଙ୍କର ଦୁଇଟି ଗୁଗ୍‌ଲି ଆଖିରେ ରହିଛି ୧୨ଟି କଲର୍ ରିସେପ୍ଟର। ଏହା ଅତିବାଇଗଣୀ ଓ ଧ୍ରୁବୀକୃତ ଆଲୋକକୁ ଦେଖିପାରେ। ଏହାର ଟ୍ରାଇଗୁଲାର ଭିଜନ ମଧ୍ୟ ରହିଛି। ତିନୋଟି ଅଂଶରେ ବିଭକ୍ତ ଆଖିର ପ୍ରତିଟି ଅଂଶରେ ତାହା ଭଲଭାବେ ଦେଖିପାରେ। ଯଦି କୌଣସି କାରଣରୁ ଗୋଟିଏ ଅଂଶ ନଷ୍ଟ ହୋଇଯାଏ ତେବେ ଅନ୍ୟ ଆଖି ପାଣିର ଗଭୀରତା ତଥା ଦୂରତାରେ ଥିବା ଜିନିଷକୁ ଦେଖିବାରେ ସକ୍ଷମ ହୋଇଥାଏ। ଏହାର ପ୍ରତିଟି ଆଖିରେ ୧୦,୦୦୦ ଓମାଟିଡିଆ ଧାଡି ଧାଡି ହୋଇ ରହିଛି। ପ୍ରତ୍ୟେକ ଧାଡିର କାର୍ଯ୍ୟ ବି ଭିନ୍ନ। ଏହା ୭୦ ଡିଗ୍ରୀରେ ଘୂରିପାରେ। ଆଶ୍ଚର୍ଯ୍ୟର କଥା ହେଉଛି କୌଣସି ଜିନିଷ ଦେଖିବା ପରେ ତା' ସମ୍ବନ୍ଧୀୟ ତଥ୍ୟର ପ୍ରୋସେସିଂ ଆଖିରେ ହିଁ ହୁଏ, ମସ୍ତିଷ୍କରେ ନୁହେଁ।

* ସ୍ପୁକ୍‌ଫିଶ୍ ଏକ ପ୍ରକାର ମାଛ ଯାହାର ୪ଟି ଆଖି। ପୃଥିବୀର ଅଧିକାଂଶ ଜୀବ ଦେଖିବା ପାଇଁ ଆଖିର ଲେନ୍ସ ଉପଯୋଗ କରୁଥିବାବେଳେ ସ୍ପୁକ୍‌ଫିଶ୍ କିନ୍ତୁ ପୂରା ଭିନ୍ନ। ପ୍ରତିଟି ଆଖିରେ ସ୍ୱେଲିଂ ବା ଫୁଲିବା ଭଳି ଅଂଶ ରହିଛି ଯାହାକୁ କୁହାଯାଏ ଡାଇଭର୍ଟିକୁଲମ୍। ଏହା ମୁଖ୍ୟ ଆଖିରୁ ଏକ ଝିଲ୍ଲି ଦ୍ୱାରା ପୃଥକ୍ ହୋଇଥାଏ। କିନ୍ତୁ ଆଖିର ମୁଖ୍ୟ ଅଂଶରେ ଲେନ୍ସ ରହିଥାଏ। ଡାଇଭର୍ଟିକୁଲମ୍‌ର ସ୍ତର ସ୍ତର ହୋଇ ଗଠିତ ହୋଇଥିବା ଗ୍ୱାନିନ୍ କ୍ରିଷ୍ଟାଲ୍‌ର ଏକ ବକ୍ର ମିରର୍ ରହିଛି। ଏହି ମିରର୍‌ରେ ଆଲୋକ ପ୍ରତିଫଳନ ହୋଇ ରେଟିନାରେ କେନ୍ଦ୍ରିତ ହେବା ଦ୍ୱାରା ସ୍ପୁକ୍‌ଫିଶ୍ ଏକା ସାଙ୍ଗରେ ଊର୍ଦ୍ଧ୍ୱ ଓ ନିମ୍ନରୁ ସବୁ ଦେଖିପାରେ।

* ସି' ଷ୍ଟାର୍ କିମ୍ବା ଷ୍ଟାର୍‌ଫିଶ୍‌ର ପାଞ୍ଚଟି ଆଖି। ଏହା ଆଲୋକ ଓ ଅନ୍ଧାର ପ୍ରତି ସମ୍ବେଦନଶୀଳ। ଏହି ଜୀବର ପ୍ରତ୍ୟେକ ଭୁଜର ଶେଷରେ ଗୋଟିଏ ଲେଖା ଆଖି ରହିଛି। ଏହାବାଦ୍ ଟ୍ରର୍ସିୟର (ଗୁଣ୍ଡୁଚିମୂଷା ଆକାରର ମାଙ୍କଡ଼)ର ତା' ଶରୀର ଆକାରର ଆଖି ଦେଖିବାକୁ ମିଳେ। ସେମାନେ ଆଖିକୁ ଚାରିଦଗକୁ ବୁଲାଇ ପାରନ୍ତିନି। ଆହାର ଖୋଜିବା ପାଇଁ ମୁଣ୍ଡକୁ ୧୮୦ ଡିଗ୍ରୀ ବୁଲାଇବାକୁ ପଡ଼େ। ଏମାନଙ୍କ ଆଖିର ଓଜନ ମସ୍ତିଷ୍କଠାରୁ ବି ବେଶି। ଏହି ଜୀବ ରାତିରେ ଭଲଭାବେ ଦେଖିପାରେ। ଅତିବାଇଗଣୀ ଆଲୋକକୁ ବି ଏମାନେ ଦେଖିବାରେ ସକ୍ଷମ।

* ନଦୀ, ହ୍ରଦ କିମ୍ବା ପୋଖରୀର ମଧୁର ଜଳରେ ବି ଚାରି ଆଖିଆ ମାଛ ରହିଛନ୍ତି। ଏମାନେ କୀଟ ଶିକାର କରି ଖାଆନ୍ତି। ପାଣି ଉପରେ ବେଶି ସମୟ ପହଁରନ୍ତି। ଏହି ମାଛକୁ ଚାରିଆଖିଆ ମାଛ କୁହାଯାଉଥିଲେ ବି ବାସ୍ତବରେ ଏହାର ଦୁଇଟି ଆଖି। ଏହି ଆଖି ଦୁଇଟି ଏକ ତନ୍ତୁ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଛି। ପ୍ରତ୍ୟେକ ଭାଗରେ ଏକ ପଟଳ ରହିଛି। ଆଖିର ଉପର ଭାଗ ପାଣି ଉପରେ ଦେଖିପାରେ ଓ ଆଖିର ନିମ୍ନ ଭାଗ ପାଣିରେ ଦେଖିପାରେ। କିନ୍ତୁ ଦୁଇଟି ଆଖିର ଗୋଟିଏ ଲେନ୍ସ ରହିଛି।

* ଷ୍ଟକ୍ ଆଏଡ୍ ଫ୍ଲାଇଜ୍ ବା ଶୁଣ୍ଡଆଖିଆ ମାଛିର ମୁଣ୍ଡ ଦୁଇ ପାଖରେ ଥିବା ଲମ୍ବା ଷ୍ଟକ୍ ବା ଶୁଣ୍ଡରେ ଆଖି ରହିଛି। ମାଈ ମାଛି ତୁଳନାରେ ଅଣ୍ଡିରା ମାଛିର ଲମ୍ବା ଶୁଣ୍ଡଆଖି ଦେଖିବାକୁ ମିଳେ। ମେଟିଂ ସମୟରେ ଲମ୍ବା ଶୁଣ୍ଡଆଖିଆ ଅଣ୍ଡିରା ମାଛି ମାଈ ମାଛିର ପସନ୍ଦ। ବହୁ ସମୟରେ ମୁହାଁମୁହିଁ ହୋଇ ଏହି ଆଖିର ଲମ୍ବ ମାପକରନ୍ତି। ଯାହାର ଆଖିର ପୁତୁଳା ବଡ଼ ସେ ହିଁ ଜିତିଥାଏ। ଅଣ୍ଡିରା ମାଛି ତା'ର ଆଖିଥିବା ଶୁଣ୍ଡକୁ ବଢାଇବା ପାଇଁ ପାଟି ମାଧ୍ୟମରେ ବାୟୁ ଶୋଷି ତାହାକୁ ମୁଣ୍ଡରେ ଥିବା ସୂକ୍ଷ୍ମ ନଳୀ ମାଧ୍ୟମରେ ଆଖି ଭିତରକୁ ଛାଡନ୍ତି। ଏହାକୁ ସେମାନେ ମେଟିଂ ସମୟରେ ବେଶି କରିଥାନ୍ତି। ପରବର୍ତ୍ତୀ ପ୍ରବନ୍ଧରେ କାହିଁକି ଓ କିପରି ସେମାନଙ୍କର ଆଖି ବିକଶିତ ହୋଇଛି ସେ ସମ୍ବନ୍ଧରେ ଅନୁଧ୍ୟାନ କରି ପ୍ରକାଶ କରିବି।

Email: gandhim@nic.in

# ମୁରବିହୀନ ସମାଜ



ହରିହର ତ୍ରିପାଠୀ

ସମାଜରେ ଗୁରୁଜନ କହିଲେ ଆମେ ସାଧାରଣତଃ ବୟସ୍କ ବ୍ୟକ୍ତିମାନଙ୍କୁ ବୁଝୁ; ଯେଉଁମାନଙ୍କ ଅନୁଭୂତି, ଅଭିଜ୍ଞତା ସମାଜ ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ। ଏଭଳି ବ୍ୟକ୍ତିମାନଙ୍କୁ କନିଷ୍ଠମାନେ ସମ୍ମାନ ପ୍ରଦର୍ଶନ କରିବା, ଏମାନଙ୍କ କଥା ଶୁଣିବା, ଅଭିଜ୍ଞତା ଗ୍ରହଣକରିବା ଏକ ସୁସ୍ଥ ସମାଜର ଲକ୍ଷଣ। ଏହାଦ୍ୱାରା ଆମର ସମାଜ ସମୃଦ୍ଧ ହୁଏ, ଆମର ଉତ୍ତରପିଢିରେ ଉତ୍ତମଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ସୃଷ୍ଟି ହୁଅନ୍ତି। ମାତ୍ର ଦେଖାଯାଉଛି ଗୁରୁଜନମାନେ ଏବେ ଅସହାୟ ହୋଇପଡୁଛନ୍ତି। ବୟସର ଅପରାହ୍ଣରେ ସେମାନଙ୍କ କଥା ଶୁଣିବାକୁ କେହି ନାହାନ୍ତି, ସେମାନଙ୍କ ହାତଧରି ପାଦେ ଚାଲିବାକୁ ମଧ୍ୟ ପାଖରେ ଆତ୍ମୀୟମାନେ ନାହାନ୍ତି। କେବଳ ସେତିକି ନୁହେଁ; ଏହି ପ୍ରବୀଣ, ବୟସ୍କମାନଙ୍କୁ ତରୁଣ, ଯୁବକମାନଙ୍କ ଦ୍ୱାରା ଅପମାନିତ ହୋଇ ବଞ୍ଚିବାକୁ ପଡୁଛି।

ବିଜ୍ଞାନ ଓ ପ୍ରଯୁକ୍ତି ଆମ ଭିତରର ଦୂରତାକୁ କମାଇ ଦେଇଛି ବୋଲି ଆମେ ଦାବି କରୁଛୁ। ମାତ୍ର ବାସ୍ତବରେ ତାହା ହୋଇନି। ବରଂ ବିଜ୍ଞାନର ଅଗ୍ରଗତି ଆମ ସମ୍ପର୍କଭିତରେ ଫାଟ ସୃଷ୍ଟି କରିଛି। ଗୋଟିଏ ଘରେ ରହି ବି ଆଜି ବାପାର ପୁଅ ସହ ସମ୍ପର୍କ ନାହିଁ, ଭାଇ ଭଉଣୀ କଥା ବୁଝୁନି, ଜେଜେବାପା, ଜେଜେମାଆମାନେ ଅବହେଳିତ। ପରିବାର ଭାଙ୍ଗିଯାଉଥିଲା ବେଳେ ବାହାର ଲୋକଙ୍କ ସମ୍ପର୍କ ବିଷୟରେ ବା କ'ଣ କହିବା? ସମସ୍ତେ ଆତ୍ମମନସ୍କ। କାହା ବିଷୟରେ କାହାର ମୁଣ୍ଡଖେଳାଇବାକୁ ସମୟ ନାହିଁ। ଦିନ ଥିଲା ସମାଜରେ ବୟସ୍କ ଲୋକମାନଙ୍କୁ ସମ୍ମାନ ମିଳୁଥିଲା। ସେମାନଙ୍କୁ କୁହାଯାଉଥିଲା ମୁରବି। ସେମାନଙ୍କ ପ୍ରତିଟି କଥାକୁ କନିଷ୍ଠମାନେ ମାନୁଥିଲେ। କେବଳ ବାପା, ବଡବାପା, ଦାଦା ବା କକା ନୁହନ୍ତି ଗାଁର ସବୁଲୋକଙ୍କୁ ପିଲାମାନେ ଓ ଯୁବକମାନେ ସମ୍ମାନ ଦେଉଥିଲେ। ସେମାନଙ୍କ ପ୍ରତି ମନରେ ଭୟଥିଲା। ଆଜି ଏସବୁ ନାହିଁ। ବୟସ୍କମାନଙ୍କୁ ଆଜିର ପିଲାଏ ଥଟ୍ଟାପରିହାସ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କିଶୋର ବୟସ ବା ତା'ଠାରୁ ସାମାନ୍ୟ ଅଧିକ ବୟସର ପିଲାଏ ଖୁବ୍‌ଶୀଘ୍ର ନିଶାର କବଳକୁ ଆସିଯାଉଥିବାରୁ ସମାଜରେ ଏଭଳି ବିକୃତି ଦେଖାଦେଇଛି। ଯେଉଁମାନେ ନିଶା ଖାଉ ନାହାନ୍ତି ସେମାନଙ୍କୁ ମତୁଆଲା କରୁଛି ସ୍ମାର୍ଟଫୋନ୍‌ର ନିଶା। ସ୍ମାର୍ଟଫୋନ ହାତରେ ଥିଲେ ଚାରିପାଖର ପରିବେଶକୁ ଆଜିକାଲିର ପିଲାଏ ସମ୍ପୂର୍ଣ୍ଣ ଭୁଲିଯାଉଛନ୍ତି। ଏକ ସର୍ଭେ ଅନୁସାରେ ମଣିଷ ଯେତିକି ସମୟ ବିନାନିଦ୍ରାରେ କାଟୁଛି ସେହି ସମୟର ୮୦ ପ୍ରତିଶତରୁ ଅଧିକ ସମୟ ସେ ସ୍ମାର୍ଟଫୋନ୍‌ରେ ବା ସୋସିଆଲ ମିଡିଆରେ ଦେଉଛି। ବଜାରଘାଟ, ବସ୍‌ଷ୍ଟପ, ରେଳଷ୍ଟେଶନ ବା ସେହିଭଳି ଜାଗାରେ ଅପେକ୍ଷା କରିବାକୁ ଆଉ ଲୋକଙ୍କୁ ବାଧୁନି। କାରଣ ସମସ୍ତେ ନିଜ ନିଜର ସ୍ମାର୍ଟଫୋନ୍‌କୁ ନେଇ ବ୍ୟସ୍ତ ରହୁଛନ୍ତି। ଲୋକଙ୍କ ଭିତରେ ସାମାଜିକ ଭାବ ବିନିମୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ଦିନ ଥିଲା ସକାଳୁ ଘରୁ ବାହାରିଲା ମାତ୍ରେ ଅନେକ ଅନାବଶ୍ୟକ ପ୍ରଶ୍ନ କାନରେ ପଡୁଥିଲା- କୁଆଡେ ବାହାରିଲେ, ବହୁଦିନ ହେଲା କ'ଣ ଦେଖା ନାହିଁ, ଆଉ କେମିତି ଅଛନ୍ତି ଇତ୍ୟାଦି। ବଜାର ହାଟ, ଛକଜାଗାମାନଙ୍କରେ କିଛି କାମ ନ ଥିଲେ ବି ଅଧିକାଂଶ ଲୋକ ଭିଡ ଜମାଉଥିଲେ କେବଳ ଟିକେ ଗପସପ ଆଶାରେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଘରୁ ବାହାରିଲା ପରେ କେହି ଆଉ କାହା ସହିତ କଥା ହେଉ ନାହାନ୍ତି ବରଂ ସମସ୍ତେ ବ୍ୟସ୍ତ ରହୁଛନ୍ତି ଦୂରବନ୍ଧୁ ସହିତ ଫୋନ୍ ଜରିଆରେ ଅଥବା ନିଜ ନିଜର ସ୍ମାର୍ଟଫୋନ୍‌କୁ ନେଇ। ଏମିତି କି ଘର ଭିତରେ ନିଜର ଭାଇଭଉଣୀଙ୍କୁ କୌଣସି ବାର୍ତ୍ତା ଦେବାକୁ ଥିଲେ ନିକଟବର୍ତ୍ତୀ ରୁମ୍‌କୁ ନ ଯାଇ ପିଲାମାନେ ମେସେଜ ବା ଫୋନ୍ କରୁଛନ୍ତି। ଏଭଳି ସ୍ଥିତିରେ ମୁରବିମାନଙ୍କ ଉପସ୍ଥିତିକୁ ସେମାନେ ଅଣଦେଖା କରିବାରେ କୌଣସି ଅସ୍ୱାଭାବିକତା ନାହିଁ।

ପ୍ରକୃତରେ ମଣିଷ ଏବେ ବାସ୍ତବ ଜୀବନ ଅପେକ୍ଷା କାଳ୍ପନିକ ଜୀବନରେ ବଞ୍ଚିବାକୁ ଅଧିକ ଭଲ ପାଉଥିବାରୁ ମୁରବିମାନଙ୍କ ପରାମର୍ଶ ତୁଳନାରେ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଆଦିରେ ଉପଲବ୍ଧ ପରାମର୍ଶ, ସୂଚନାକୁ ଅଧିକ ଗ୍ରହଣ କରୁଛି। ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟର ପରିଭାଷା ବଦଳି ଗଲାଣି। ବାପାମାଆମାନେ ସେମାନଙ୍କ ପ୍ରତି କରିଥିବା ତ୍ୟାଗକୁ ସେମାନଙ୍କ ଦାୟିତ୍ୱ କହି ପିଲାମାନେ ଅତି ସହଜରେ ଭୁଲିଯିବାକୁ ଚେଷ୍ଟା କରୁଛନ୍ତି। ପାଶ୍ଚାତ୍ୟାଭିମୁଖୀ ଆମର ସାଂପ୍ରତିକ ସମାଜ ବ୍ୟବସ୍ଥା ଗୁରୁଜନଙ୍କୁ ସମାଜର ବୋଝ ଭାବୁଥିଲା ବେଳେ ଯୁବପିଢି ଏବେ ଆଉ ସେମାନଙ୍କୁ ସହିବାକୁ ନାରାଜ।

ଏଥିଲାଗି ଆମର ପିଲାମାନେ ଯେତେ ଦାୟୀ ନୁହନ୍ତି ତତୋଽଧିକ ଦାୟୀ ବୋଧହୁଏ ଅଭିଭାବକମାନେ। ଅଭିଭାବକମାନେ ହିଁ ସଂସ୍କାର ଭୁଲିଯାଇଛନ୍ତି। ବୟସ୍କମାନଙ୍କୁ ଅବଜ୍ଞା ପ୍ରଥମେ ସେମାନେ ହିଁ କରିଛନ୍ତି, ଯାହା ଉତ୍ତରାଧିକାରୀ ସୂତ୍ରରେ ଆମର ପିଲାମାନଙ୍କ ନିକଟକୁ ଯାଉଛି। ଯେଉଁଠି ଘରେ ବୃଦ୍ଧ ବାପାମାଆମାନେ ଅବହେଳିତ, ଅପାଂକ୍ତେୟ ସେଠି ସାହି ବା ଗାଁର ମୁରବିଙ୍କୁ ପଚାରେ କିଏ? ଏକ ମୁରବିହୀନ ସମାଜରେ ଆଦର୍ଶ, ନୀତି, ନୈତିକତା ଆଦୌ ନାହିଁ। ସବୁଠାରେ କେବଳ ଉପଭୋଗ ଲାଗି ପ୍ରତିଯୋଗିତା। ବସ୍ତୁବାଦର ମୋହରେ ଆମର ଏ ଦୌଡ ଆମକୁ ଶେଷରେ ଏମିତି ଏକ ଜାଗାରେ ନେଇ ଛିଡା କରାଇବ, ଯେଉଁଠାରୁ ଆଉ ସମାଜକୁ ସୁଧାରିବା କଷ୍ଟକର ହୋଇପଡ଼ିବ।

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା,
ମୋ-୯୪୩୯୯୦୩୨୨୦

## ଏଇ ଭାରତରେ

ପୋଲିସ ଉପରୁ ଭରସା ତୁଟିଗଲା ପରେ ଚୋରି ରୋକିବା ପାଇଁ ଏକ ଭିନ୍ନ ଉପାୟ ଆପଣାଉଥିବା ଘଟଣା ସାମ୍ନାକୁ ଆସିଛି ଛତିଶଗଡ଼ରେ। ସ୍କାର୍ଫ ଲଗାଇ ଗାଁରେ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି ଓ ନ ମାନିଲେ ଦେବାକୁ ପଡୁଛି ଜରିମାନା। ଧମତରି ଜିଲାର ମୁଖ୍ୟାଳୟଠାରୁ ୬୦ କିଲୋମିଟର ଦୂର ଚିଖଲି ପଞ୍ଚାୟତର ଗାଁଗୁଡ଼ିକରେ ଲାଗୁ କରାଯାଇଛି ଏପରି ଅଜବ କଟକଣା। ଏହି ଗାଁଗୁଡିକରେ ଲଗାତର ଚୋରି ହେଉଛି। ଏହି ଘଟଣା ସମ୍ବନ୍ଧରେ ଥାନାକୁ ଅବଗତ କରାଗଲେ ବି କିଛି ସୁଫଳ ମିଳୁନାହିଁ। ଚୋର ବି ଧରାପଡୁନାହାନ୍ତି। ଥାନା ଉପରୁ ଲୋକଙ୍କ ଭରସା ତୁଟିଯିବା ପରେ ଚୋର କବଳରୁ ରକ୍ଷା ପାଇବା ପାଇଁ କେହି ସ୍କାର୍ଫ ଲଗାଇ ଗାଁରେ ପ୍ରବେଶ କରିପାରିବେ ନାହିଁ ବୋଲି କଟକଣା ଲଗାଯାଇଛି। ଏହି କଟକଣା ଲଗାଇବା ପାଇଁ ପଞ୍ଚାୟତର ସବୁ ଗାଁର ସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ମୁହଁରେ ସ୍କାର୍ଫ ଗୁଡାଇ ହୋଇ ଆସିଲେ କିଏ ଚୋର କିଏ ଗ୍ରାମବାସୀ ତାହା ଜଣାପଡୁ ନ ଥିବାରୁ ଏଭଳି କଟକଣାର ଆବଶ୍ୟକତା ରହିଛି ବୋଲି କୁହନ୍ତି ଗ୍ରାମବାସୀ। ପଞ୍ଚାୟତର ନିଷ୍ପତ୍ତିକୁ ଅମାନ୍ୟ କରି ଯେଉଁମାନେ ସ୍କାର୍ଫ ଲଗାଇ ଗାଁରେ ପ୍ରବେଶ କରିବେ ସେମାନେ ୫୦୦ ଟଙ୍କା ଜରିମାନା ଦେବେ ବୋଲି କୁହାଯାଇଛି। ଚୋରି ବନ୍ଦ କରିବାର ଏହି ଉପାୟ ଏବେ ଧମତରି ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଚିରନ୍ତନୀ

ସବୁ ଅରଗଳ ଆଜି କରିଦିଅ ବନ୍ଦ,
ଏକାକୀ ଏ କକ୍ଷେ ମୁହିଁ ରହିଥିବି ଅନ୍ଧ
ଏକା ଘୋର ଅନ୍ଧକାରେ
ପଖାଳେଁ ଲୋତକ ଧାରେ
ସବୁ ମୋର ସକରୁଣ ଆଶା ନିରାନନ୍ଦ
ଲୁଚାଇବି ହୃଦତଳେ ବେଦନାର ଛନ୍ଦ।

(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 1 | 0 | | | 6 | | E | | 5 | |
| | 2 | 5 | | | 3 | 7 | | | | | | | | |
| 3 | | 1 | | 9 | C | 4 | | | | | A | | 8 | |
| | 8 | | | E | 6 | | | | 2 | C | 5 | 7 | | |
| | | B | | | 4 | | | A | | 9 | | 2 | | C |
| | | | | C | | | | | | | 0 | | 7 | |
| | | C | | 6 | | 1 | 0 | | | E | 9 | | | |
| B | 5 | | 1 | | D | | | | | | | C | | 6 |
| | | D | | | | | | B | 8 | 7 | | | | 4 |
| 1 | | | 2 | 3 | 9 | | | | | B | 6 | | | D |
| | | | | | | | 6 | | | | 7 | 3 | | |
| D | | 4 | | | | | | | | 2 | | | | 9 |
| 0 | | 2 | | D | | | | | C | | 4 | | 6 | 8 |
| | C | 7 | | | | | | 4 | | | D | | A | |
| | | 8 | 5 | B | | | | | E | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 8 | C | 3 | D | 4 | 0 | 1 | 2 | B | 6 | 5 | E | A | 9 |
| 9 | 1 | D | 5 | 0 | 6 | E | 8 | 7 | 4 | C | A | B | 2 | 3 |
| 2 | B | 5 | 1 | C | 7 | 3 | 4 | A | E | 9 | D | 0 | 8 | 6 |
| 4 | 0 | E | 9 | A | 8 | B | 6 | C | 2 | 3 | 1 | 5 | D | 7 |
| 3 | 6 | A | B | 2 | E | 9 | D | 5 | 8 | 7 | 0 | 1 | 4 | C |
| 6 | 7 | 1 | 8 | E | 9 | A | C | 0 | 3 | 4 | B | D | 5 | 2 |
| D | 3 | 2 | 0 | 4 | 5 | 8 | B | 6 | C | 1 | 9 | A | 7 | E |
| 8 | 4 | 0 | A | 6 | C | D | 5 | 1 | 7 | 2 | E | 3 | 9 | B |
| E | 5 | B | 7 | 1 | 2 | 4 | 3 | 9 | A | D | 8 | 6 | C | 0 |
| C | A | 9 | D | 3 | B | 7 | 2 | E | 0 | 5 | 6 | 8 | 1 | 4 |
| B | 2 | 3 | E | 8 | 0 | C | 9 | D | 1 | A | 7 | 4 | 6 | 5 |
| 1 | E | 6 | 4 | B | D | 5 | 7 | 3 | 9 | 8 | C | 2 | 0 | A |
| 5 | C | 4 | 2 | 7 | A | 1 | E | 8 | 6 | 0 | 3 | 9 | B | D |
| 0 | D | 7 | 6 | 9 | 1 | 2 | A | B | 5 | E | 4 | C | 3 | 8 |
| A | 9 | 8 | C | 5 | 3 | 6 | 0 | 4 | D | B | 2 | 7 | E | 1 |

ଗତକାଲିର ଉତ୍ତର

# ସବୁଜ ଦୀପାବଳି: ଆଜିର ଆବଶ୍ୟକତା



ଡ. ଆଶୁତୋଷ ଦେବତା

ଦୀପାବଳି ହେଉଛି ଆନନ୍ଦ ଓ ଆଲୋକର ପର୍ବ। ସଂସ୍କୃତି ଓ ଆଧ୍ୟାତ୍ମିକତା ଉପରେ ଆଧାରିତ ଏହି ପର୍ବ ପାଳନ କରିବାରେ ଏକ ସ୍ୱତନ୍ତ୍ରତା ରହିଛି। ସମ୍ପ୍ରତି ବିଶ୍ୱରେ ପରିବେଶ ପ୍ରଦୂଷଣ ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି 'ସବୁଜ ଦୀପାବଳି' ପାଳନ ଏକ ନିରାପଦ, ସୁସ୍ଥ ବିଶ୍ୱର ଆବଶ୍ୟକତା ତଥା ଉଚ୍ଚତର ଆଧ୍ୟାତ୍ମିକ ବିଚାରବୋଧର ପ୍ରତୀକ। ବାସ୍ତବରେ ଆସୁରିକ ଶକ୍ତି ଉପରେ ଆଧ୍ୟାତ୍ମିକ ଶକ୍ତିର ବିଜୟ ଏବଂ ୧୪ ବର୍ଷ ବନବାସ ପରେ ପ୍ରଭୁ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ପର୍କିତ ସଂସ୍କୃତି ଓ ଆଧ୍ୟାତ୍ମିକ କଥନ ଏହି ଉତ୍ସବ ସହିତ ଯୋଡ଼ିହୋଇ ରହିଛି। ଆଧୁନିକତାର ଦ୍ୱାହିଦେଇ ଦୀପାବଳି ପାଳନରେ ବିଷାକ୍ତ ଗ୍ୟାସ୍ ସୃଷ୍ଟିକାରୀ ଆତସବାଜି ବ୍ୟବହାରରୁ ବାୟୁ, ଜଳ, ସ୍ଥଳ ତଥା ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ଜଳବାୟୁ ପରିବର୍ତ୍ତନରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ସାଧାରଣତଃ ବିସ୍ଫୋରକ ଶବ୍ଦ ସୃଷ୍ଟିକାରୀ ଫୋଟକା ଜାତୀୟ ଆତସବାଜିରେ ଦହନଶୀଳ କଳାରଙ୍ଗର ବାରୁଦ ବ୍ୟବହୃତ ହୁଏ, ଯେଉଁଥିରେ ଅଙ୍ଗାର, ସଲଫର୍ ଓ ପୋଟାସିୟମ୍ ନାଇଟ୍ରେଟ୍ ମିଶ୍ରିତ ହୋଇଥାଏ। ଏହି ପ୍ରକାର ବିସ୍ଫୋରକ ୧୪୦ ଡେସିବେଲରୁ ଅଧିକ ତୀବ୍ରତାବିଶିଷ୍ଟ ଶବ୍ଦ ସୃଷ୍ଟି କରିଥାଏ। ଅପରନ୍ତୁ ୬୫ ଡେସିବେଲ ମାତ୍ରାର ଶବ୍ଦ ମଣିଷ ଶରୀର ପାଇଁ ସହନୀୟ। ଗୋଟିଏ ଦିନ ଏହି ଉତ୍ସବ ପାଳନ ଅବକାଶରେ ଯେତିକି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହୁଏ, ୫୦୦୦ ଗଛ ତାହାର ଜୀବନକାଳ ମଧ୍ୟରେ ସେତିକି କାର୍ବନ ନିର୍ଗମନକୁ ଶୋଷଣ କରିବାରେ ସକ୍ଷମ ହୋଇ ନ ପାରେ। ସେହିପରି ଗୋଟିଏ ଦିନରେ ଷାଠିଏ ହଜାର ମେଟ୍ରିକ ଟନ୍‌ର ଜୈବବିଘଟନ ଅଯୋଗ୍ୟ ଅଳିଆ ରାସ୍ତା ଓ ପଡ଼ିଆରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ଜଳ ଓ ସ୍ଥଳ ପ୍ରଦୂଷଣ ବେଶି ମାତ୍ରାରେ ସୃଷ୍ଟି କରୁଛି। ଦୁଇ ନିୟୁତ ବର୍ଷ ପୂର୍ବେ ଚାଇନାରେ ପ୍ରଥମେ ବାରୁଦର ଉଦ୍ଭାବନ ହୋଇଥିଲା। ଏକ ହଜାର ଖ୍ରୀଷ୍ଟାବ୍ଦରେ ଚାଇନାର 'ଲି ଟାନ୍' ନାମକ ଜଣେ ସାଧୁ ବାଉଁଶନଳୀ ଉପରେ ବାରୁଦ ରଖି ଆତସବାଜିର ବ୍ୟବହାର ଆରମ୍ଭ କରିଥିଲେ। ଊନବିଂଶ ଶତାବ୍ଦୀରେ ଐତିହାସିକ ପି.କେ. ଗୋଡେ ଭାରତରେ ବିସ୍ଫୋରକ ବ୍ୟବହାର ବିଷୟରେ ଜଣାଇଥିଲେ। ମହାରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ବିସ୍ତାରିତ ଭାବରେ ଆତସବାଜିର ବିକ୍ରୟ ପରିଦୃଷ୍ଟ ହୋଇଥିଲା। ବର୍ତ୍ତମାନ ଦୀପାବଳି ପୂର୍ବଦିନ ଓ ପରବର୍ତ୍ତୀ ସମୟରେ ବିଭିନ୍ନ ବିଷାକ୍ତ ବାଣ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଓଜୋନ କ୍ଷୟକାରୀ ନାଇଟ୍ରୋଜେନ୍ ଅକ୍ସାଇଡ, ସଲଫର ଡାଇଅକ୍ସାଇଡ ପରିମାଣ ଦୁଇରୁ ତିନିଗୁଣ ଅଧିକ ହେଉଛି ବୋଲି ସର୍ବେକ୍ଷଣରୁ ପ୍ରତୀୟମାନ। ବାଣଫୁଟାରୁ ନିର୍ଗତ ସୂକ୍ଷ୍ମ ଧୂଳିକଣିକା ବାୟୁମଣ୍ଡଳରେ ଅଧିକ ରହୁଛି। ବିଭିନ୍ନ ରଙ୍ଗ ସୃଷ୍ଟିକାରୀ ଆତସବାଜିରେ ବେରିୟମ୍ ନାଇଟ୍ରେଟ୍, ଆଣ୍ଟିମୋନି, ଆଲୁମିନିୟମ୍, କପର୍, ଲିଥିୟମ୍, ଷ୍ଟ୍ରୋନସିୟମ୍ ପ୍ରଭୃତି ରାସାୟନିକ ପଦାର୍ଥର ଦହନ ଫଳରେ ନିର୍ଗତ ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ଏକପ୍ରକାର ଘନ କୁହୁଡ଼ି ସୃଷ୍ଟି କରୁଛି। ପ୍ରତି ଦୀପାବଳି ଉତ୍ସବରେ ବେରିଅମ୍ ଓ ଆର୍ସେନିକ୍ ବ୍ୟବହୃତ ଶସ୍ତା ବାଣ ଫୁଟାଇବା ଦ୍ୱାରା ସହରରେ ଗୋଟିଏ ଗ୍ୟାସ୍ ପ୍ରକୋଷ୍ଠ ସୃଷ୍ଟି ହେଲାଭଳି ଭ୍ରମ ସୃଷ୍ଟି ହେଉଛି। ଏହାଛଡ଼ା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଫୋଟକା ବ୍ୟବହାର ଫଳରେ ରୋଗୀ, ବୟସ୍କ ଓ ଗର୍ଭବତୀମାନଙ୍କର ଶାରୀରିକ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶେଷଭାବରେ ଶ୍ୱାସ, ଫୁସ୍‌ଫୁସ୍, ହୃଦ୍‌ରୋଗ, ଟି.ବି., ଆଲର୍ଜି, ମାନସିକ ଅସନ୍ତୁଳନ ରୋଗର ମାତ୍ରା ବଢ଼ିଚାଲିଛି। ଏତଦ୍‌ବ୍ୟତୀତ ବାଣର ବେପରୁଆ ବ୍ୟବହାର ଫଳରେ ଶତକଡା ୬୧ ଭାଗ ପୁରୁଷ ଓ ୩୯ ଭାଗ ସ୍ତ୍ରୀ ଆଘାତପ୍ରାପ୍ତ ହେଉଛନ୍ତି। ୧୫ ବର୍ଷରୁ କମ୍ ବୟସର ପିଲା ଆକ୍ରାନ୍ତ ହୋଇ ଜରୁରିକାଳୀନ ଚିକିତ୍ସାଧୀନ ହେଉଛନ୍ତି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ପ୍ରତି ଏକ ଘଣ୍ଟା ଫୋଟକା ଫୁଟାଇବା ଫଳରେ ବାୟୁମଣ୍ଡଳରେ ଷ୍ଟ୍ରୋନ୍‌ସିଅମ୍ ୧୨୦ ଗୁଣ, ମାଗ୍ନେସିୟମ୍ ୨୨ ଗୁଣ, ବେରିୟମ୍ ୧୨ ଗୁଣ, ପୋଟାସିୟମ୍ ୧୧ ଗୁଣ ଓ କପର୍ ୬ ଗୁଣ ଅଧିକ ରହୁଛି। ଫଳରେ ହାଡ଼ର କ୍ଷତି, ରକ୍ତ ଜମାଟ ବାନ୍ଧିବା ରୋଗ ଦେଖାଦେଉଛି। ଏପରିକି ବିସ୍ଫୋରକ ଫୋଟକା ଫୁଟାଇବା ଫଳରେ ବୃକ୍ଷ ଓ ପ୍ରାଣିଜଗତ, ବିଶେଷ କରି ଗୃହପାଳିତ ପଶୁମାନେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ଦୀପାବଳିରେ ରାସାୟନିକ ରଙ୍ଗ ବ୍ୟବହାର ନ କରି ଚାଉଳ, ଅଟା, ଡାଲି ଜାତୀୟ ଶସ୍ୟ, ଅବିର, ଫୁଲଗଛ ପତ୍ରଗୁଣ୍ଡ, ହଳଦୀ ଇତ୍ୟାଦିରେ ରଙ୍ଗୋଲି ତିଆରି କରିବା ଉଚିତ। ଏକ ସୁସ୍ଥ ତଥା ସହନୀୟ ପରିବେଶକୁ ବଜାୟ ରଖିବାରେ ସବୁଜ ଦୀପାବଳି ପାଳନ ଏକ ଅଭିନବ ତଥା ଆଧ୍ୟାତ୍ମିକତାର ଉଚ୍ଚତର ସୋପାନ। ଜଙ୍ଗଲ ଓ ପରିବେଶ ବିଭାଗର ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍ ତରଫରୁ ସଚେତନତା ଅଭିଯାନର ଅଂଶସ୍ୱରୂପ ବିଭିନ୍ନ ବର୍ଗର ନାଗରିକଙ୍କ ପକ୍ଷରୁ ପାରିବେଶିକ ପ୍ରଦୂଷଣର ପରିମାଣ ହ୍ରାସ ପାଇଁ ସବୁଜ ଓ ସୁସ୍ଥ ଦୀପାବଳି ପାଳନର ଆବଶ୍ୟକତା ଉପରେ ଇକୋ କ୍ଲବ୍ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ବିହିତ ସଚେତନତା ଓ ସବୁଜ ଶପଥ ଗ୍ରହଣ କରିବାର ବ୍ୟବସ୍ଥା ହେଉଛି। ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବିଷାକ୍ତ ରାସାୟନିକ ପଦାର୍ଥ ନିହିତ ଆତସବାଜି ବ୍ୟବହାର ନ କରିବା, ଗବେଷଣା ଉପଲବ୍ଧ ପରିବେଶ ସହନୀୟ ଅନୁମୋଦିତ ଆତସବାଜି ଯଥା ଫ୍ଲାୱାର ପଟ୍, ପେନ୍‌ସିଲ ବାଣ, ଚକ୍ରି, ଫୁଲଝରି ପ୍ରଭୃତି ଲାଇସେନ୍ସ ପ୍ରାପ୍ତ ବାଣ ଦୋକାନରୁ କିଣି ବ୍ୟବହାର କରିବା ଫଳରେ ବାୟୁମଣ୍ଡଳରେ କ୍ଷୁଦ୍ରାତିକ୍ଷୁଦ୍ର ଧୂଳିକଣାର ମାତ୍ରା ଶତକଡା ୩୦ ଭାଗ କମାଇବା ଓ ଶତକଡ଼ା ୧୦ ଭାଗ ସବୁଜଗୃହ ଗ୍ୟାସ ନିର୍ଗମନ ରୋକିବା ପାଇଁ ସନ୍ଦେଶ ଦିଆଯାଇଛି। ଜନପଦରୁ ଦୂରରେ ଏକ ଖୋଲା ଜାଗାରେ ନିୟମାନୁସାରେ ସବୁଜ ଆତସବାଜି ଫୁଟାଇବା ପାଇଁ ଆହ୍ୱାନ ଦିଆଯାଉଛି। ସୁପ୍ରିମ୍‌କୋର୍ଟ ମଧ୍ୟ ଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଦୀପାବଳି ପାଳନରେ ସାବଧାନତା ଅବଲମ୍ବନ ନିମନ୍ତେ ଆଦେଶ ଦେଇଛନ୍ତି। ଦୀପାବଳିରେ ମାଟିଦୀପ ଓ ଗୃହ ପ୍ରସ୍ତୁତ କ୍ୟାଣ୍ଡେଲ ଜାଳିବା, ଘର ଭିତରେ ଫୋଟକା ନ ଫୁଟେଇବା, ଅଫୁଟା ବାଣରେ ଅଗ୍ନି ସଂଯୋଗ ନ କରିବା, ଇନ୍ଧନ ବ୍ୟବହୃତ ଗାଡ଼ି ପାଖରେ ବାଣ ନ ଫୁଟେଇବା, ବାଣ ଫୁଟାଉଥିବା ସମୟରେ ସୂତାଲୁଗା ପିନ୍ଧିବା, ସର୍ବଦା ପାଣି ବାଲ୍‌ଟି ପାଖରେ ରଖିବା, ମାଉଥ୍ ମାସ୍କ ବ୍ୟବହାର କରିବା, ବାଣ ଫୁଟିବା ସମୟରେ ଧୂଆଁ କିମ୍ବା ବାରୁଦ ଆଖିରେ ପଡ଼ିଲେ ସଙ୍ଗେ ସଙ୍ଗେ ଆଖିକୁ ଭଲଭାବେ ପାଣିରେ ଧୋଇବା, ଗର୍ଭବତୀ ମହିଳା ବାଣ ନ ଫୁଟାଇବା, ବାଣ ଫୁଟାଇବା ପରିଧି ମଧ୍ୟରେ କବାଟ, ଝରକା ବନ୍ଦ ରଖି ଫିଲଟରଯୁକ୍ତ ଏୟାର ପରିଶୋଧକ ବ୍ୟବହାର କରିବା, ବାଣ ଫୁଟାଉଥିବା ସମୟରେ ଆଘାତପ୍ରାପ୍ତ ହେଲେ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟରେ ଚିକିତ୍ସିତ କରାଇବା ପ୍ରଭୃତି ସାବଧାନତା ଅବଲମ୍ବନ କରିବା ଉଚିତ।

ନିର୍ଦ୍ଦେଶକ, ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍,
ଜଙ୍ଗଲ ଓ ପରିବେଶ ବିଭାଗ,
ଓଡ଼ିଶା, ମୋ- ୯୯୩୮୯୩୨୬୭୧

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସାରେ ତ୍ରୁଟି

ମହାଶୟ,

ଧରିତ୍ରୀ(୧।୧୦) ଫୁର୍‌ସତ୍ ପୃଷ୍ଠାରେ ଏକ ମର୍ମାନ୍ତକ ପ୍ରସଙ୍ଗ ସ୍ଥାନ ପାଇଛି। ଜେନେଭାଠାରେ ଏ ନେଇ ସର୍ବେକ୍ଷଣ ପରେ ଏହା ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶ ଯେ, ପ୍ରତିବର୍ଷ ପୃଥିବୀର ୧୩ କୋଟି ୮୦ ଲକ୍ଷରୁ ଅଧିକ ଲୋକ ଚିକିତ୍ସାରେ ତ୍ରୁଟି ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି। ରୋଗ ଚିହ୍ନଟରେ ଭୁଲ୍, ଆବଶ୍ୟକ ଔଷଧ ଦେବାରେ ଅବହେଳା ଓ ଅନାବଶ୍ୟକ ବ୍ୟବହାର ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ବିକଶିତ ରାଷ୍ଟ୍ରରେ ପ୍ରତି ୧୦ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହାଦ୍ୱାରା ବର୍ଷକୁ ୪୨ ଶହ କୋଟି ଡଲାର କ୍ଷତି ହେଉଛି। ତେବେ ଏହି ମର୍ମାନ୍ତକ ତଥା ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗକୁ ବର୍ତ୍ତମାନର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଧ୍ୟାନ ଦେବା ଓ ସାବଧାନ ହେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତି ଅବହେଳା

ପୁରୀ ଜିଲାର ପଞ୍ଚସଖାଙ୍କ କର୍ମକ୍ଷେତ୍ର ଭାବେ ପରିଚିତ ବକୁଳବନଠାରେ ମୁଖ୍ୟମନ୍ତ୍ରୀ ଏକ ବର୍ଷ ପୂର୍ବେ ଶିଳାନ୍ୟାସ କରିବା ସତ୍ତ୍ୱେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ଓଡ଼ିଆମାନଙ୍କ ସ୍ୱାଭିମାନ ପ୍ରତି ଗୁରୁତ୍ୱ ଦିଆଯାଉ। ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଆଉ ପଛେଇବା ଅନୁଚିତ। ସ୍ୱତନ୍ତ୍ର ଓଡ଼ିଶା ଗଠନ ୧୯୩୬ରୁ ହୋଇଥିଲେ ମଧ୍ୟ ସର୍ବତ୍ର ଓଡ଼ିଆ ବ୍ୟବହାର କରୁନାହୁଁ। ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ପରେ ଆମେ ଏ ଦିଗରେ ପଛୁଆ ହେବା ଅନୁଚିତ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଅକ୍ଟୋବର ୧୯୯୪

- ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ମାରାତ୍ମକ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇ କିଛି ସପ୍ତାହ ମଧ୍ୟରେ ୨୦୦୦ ଲୋକଙ୍କ ମୃତ୍ୟୁ।
- ଆଲଜେରିଆର ନିରାପତ୍ତାବାହିନୀ ଗୁଳିକରି ୪୫ ଜଣ ସଶସ୍ତ୍ର ମୁସ୍‌ଲିମ ଗେରିଲାଙ୍କୁ ହତ୍ୟା କରିଛନ୍ତି।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଅସ୍ତ୍ରୋପଚାର ହେଲାନି, ଫେରିଗଲେ ମହିଳା

**ବରଗଡ଼ ଅଫିସ୍, ୨୩।୧୦**
ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବୁଧବାର ପରିବାର ନିୟୋଜନ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ରହିଥିଲା । ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ମହିଳାମାନେ ମଧ୍ୟ ଡାକ୍ତରଖାନାକୁ ଆସିଥିଲେ । ହେଲେ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ୨୭ଜଣ ମହିଳାଙ୍କ ଅସ୍ତ୍ରୋପଚାର ହୋଇ ନ ପାରିବାରୁ ସେମାନେ ଫେରିଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କେବଳ ସେତିକି ନୁହେଁ, ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ ପୂର୍ବରୁ ନିଶ୍ଚେତକ ଇଞ୍ଜେକ୍ସନ ମଧ୍ୟ ଦିଆସରିଥିଲା ବୋଲି ଅଭିଯୋଗ ହୋଇଛି । ଏ ନେଇ କିଛି ଲୋକ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଜଣାଇଥିବା ସୂଚନା ମିଳିଛି। ଆସନ୍ତା ୨୭ତାରିଖରେ ପୁଣିଥରେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଅସ୍ତ୍ରୋପଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଖବର ହସ୍ତଗତ ହୋଇଛି । ତେବେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

### ଦୁର୍ଘଟଣାରେ ଯୁବକ ମୃତ

**ବରଗଡ଼ ଅଫିସ୍, ୨୩।୧୦**
ବରଗଡ଼ ସହରର ବାନ୍ଧୁଟିକ୍ରା ଛକ-ଭଟଲି ଛକ ମଝିରେ ବୁଧବାର ଅପରାହ୍ନ ପ୍ରାୟ ଅଢ଼େଇଟାରେ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସ୍ଥାନୀୟ ଭିଏସଏସ ନଗର ନିବାସୀ ମାନସ ରଞ୍ଜନ ଦାଶ (୩୧)। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିବାବେଳେ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି । ସୂଚନା ଅନୁଯାୟୀ, ଯୁବକ ଜଣକ ପରିବାର ଲୋକଙ୍କ ସହିତ ବୁଧବାର ଅପରାହ୍ନରେ ତାଙ୍କ ବିବାହ ପ୍ରସ୍ତାବ ପାଇଁ ଅନ୍ୟ ଏକ ଗ୍ରାମକୁ ଯିବାର କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ସେ ଏକ ସ୍କୁଟି (ନଂ.ଓଡ଼ି୧୭ଏଚ/୨୯୧୪) ଯୋଗେ ସ୍ଥାନୀୟ କେଶବନଗରକୁ ଭଉଣୀଙ୍କୁ ଆଣିବା ପାଇଁ ଯାଉଥିଲେ। ମାତ୍ର ସେଠାକୁ ପହଞ୍ଚିବା ପୂର୍ବରୁ ରାସ୍ତାରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିଲେ ।

### ଜିଲାପାଳଙ୍କ ଅଚାନକ ଡାକ୍ତରଖାନା ପରିଦର୍ଶନ

**ବରଗଡ଼ ଅଫିସ୍, ୨୩।୧୦**
ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୁଧବାର ରାତ୍ରି ପ୍ରାୟ ସାଢ଼େ ୯ଟାରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଚାନକ ପରିଦର୍ଶନରେ ଆସିଥିଲେ। ଡାକ୍ତରଖାନାର ବିଭିନ୍ନ ୱାର୍ଡ଼ ବୁଲିବା ସହିତ ସେଠାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ସେହିପରି ଡାକ୍ତରଖାନା ପରିସରରେ ରହିଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କ ରେଜିଷ୍ଟର ତଦାରଖ କରିବା ସହିତ ଆମ୍ବୁଲାନ୍ସ ସେବା ଉପରେ ପଚାରି ବୁଝିଥିଲେ। ଡାକ୍ତରଖାନାରେ ଅବସ୍ଥାପିତ ଥିବା କର୍ମଚାରୀମାନେ ଯେଉଁଭଳି ଭାବେ ଉପସ୍ଥିତ ରହିବା କଥା, ତାର ଅଭାବ ପରିଲକ୍ଷିତ ହୋଇଥିବା ଅନୁଭବ କରି ଜିଲାପାଳ ଆଗାମୀ ଦିନରେ ଏଭଳି ଅଚାନକ ପରିଦର୍ଶନ କରିବେ ବୋଲି କହିଛନ୍ତି ।



ଲାଠିକଟା ବ୍ଲକ ପୁରୁଣା ଜଲଦା ପାହାଡ ଉପରେ ରହିଥିବା ହାତୀପଲ।

# ହାତୀ ଉପଦ୍ରବ: ଅଞ୍ଚଳବାସୀ ଆତଙ୍କିତ

ଲାଠିକଟା ବ୍ଲକ

**ରାଉରକେଲା ଅଫିସ, ୨୩।୧୦**

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ କଂସର ଗାଁ ଦେଇ ମଙ୍ଗଳବାର ଏକ ହାତୀପଲ ପୁରୁଣା ଜଲଦା ଅଞ୍ଚଳରେ ପ୍ରବେଶ କରିଥିଲା । ହେଲେ ବୁଧବାର ସନ୍ଧ୍ୟା ସୁଦ୍ଧା ୧୭ଟି ହାତୀ ଥିବା ଏକ ପଲ ଜଲଦା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ବୀରୁୱାଲ ଘାଟ ନିକଟ ପାହାଡରେ ରହିଥିବା ସୂଚନା ମିଳିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ଅନ୍ୟପକ୍ଷେ ହାତୀପଲ ୧୪୩ ନମ୍ବର ଜାତୀୟ ରାଜପଥରୁ ମାତ୍ର ୩ କି.ମି. ଦୂରରେ ରହିଛନ୍ତି। ଫଳରେ ହାତୀପଲ ସାରନଗରୀ ଭିତରକୁ ପଶିବା ଆଶଂକା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତକିଛି ଦିନ ହେଲା ଲାଠିକଟା ଅଞ୍ଚଳରେ ବିଚରଣ କରୁଥିବା ହାତୀପଲ ମଙ୍ଗଳବାର ବିଳମ୍ବିତ ରାତିରେ ଅଟାଘାଟ, କଂସର ଗାଁ ଦେଇ ପୁରୁଣା ଜଲଦାରେ ପହଞ୍ଚି ଥିଲା। ସେତିକିବେଳେ ହାତୀପଲ ଧାନ ସହ ପନିପରିବା ଚାଷ ନଷ୍ଟ କରିଥିବା ସୂଚନା ମିଳିଛି। ବୁଧବାର ସକାଳେ ହାତୀପଲ ଦେଖିବାକୁ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ଭିଡ ଜମିଥିଲା। ଲୋକେ ଏଣେତେଣେ ଦୌଡୁଥିବାରୁ ହାତୀପଲ ପଦାକୁ ବାହାରି ନ ଥିଲା। ଏପରି କି ହାତୀପଲ ପାଖରେ ଥିବା ପାହାଡ ଉପରକୁ ଚାଲିଯିବାରୁ ବନ ବିଭାଗ ପକ୍ଷରୁ ଘଉଡାଇବା ସମ୍ଭବ ହୋଇପାରି ନ ଥିଲା। ହେଲେ ରାଉରକେଲା ବନଖଣ୍ଡ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଏପରି କି ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏନେଇ ଡଲାକୁଦର ବିଟ୍ ହାଉସ ଅଧିକାରୀ ବିପିନ ରକ୍ସାଙ୍କୁ ପଚାରିବାରୁ ହାତୀପଲକୁ କିପରି ସୁରକ୍ଷିତ ଭାବେ ଘଉଡାଯିବ ସେନେଇ ଉଦ୍ୟମ ଚାଲିଥିବା କହିଥିଲେ। ଅନ୍ୟପକ୍ଷେ ହାତୀପଲ ହାତୀବନ୍ଧା ଓ ଜଲଦା ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ସୂଚନାଯୋଗ୍ୟ, ପୂର୍ବରୁ ହାତୀପଲ ସ୍ଥାନୀୟ ଟାଉନଶିପରେ ପ୍ରବେଶ କରି ନବକୃଷ୍ଣ ନଗର ଅଞ୍ଚଳରେ ଘର ଭାଙ୍ଗି ନଷ୍ଟ କରିଥିଲା। ବର୍ତ୍ତମାନ ହାତୀପଲକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ଆଶଂକା ଲାଗି ରହିଛି ।

# ୮୯ ବଚ୍ଛରିଆ ବୁରୁଧ୍ ଭତାରୁ ବଁଚିତ୍

**ମନମୁଣ୍ଡା, ୨୩।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ବିଲାସପୁର ପଁଚେତ୍ ଅଧୀନ ନରସିଂହପୁର ଗାଁର ଗଣ୍ଡା ପଧାନ(୮୯)। ପରିବାର କହେଲେ ମାଏକିନା ଆର ଗୁଟେ ବଲି ଝିଁକେ ନେଇ ସଁସାର। ପରିବାରଟା ନିହାତି ଗରିବ। ଦୁଖ୍ ସୁଖ କରି ଗଣ୍ଡା ଝିଁକେ ବିହାଚୁରା କରିଛନ୍। ଏହେଦେ ଘରେ ବୁରୁଧ୍ ଦମ୍ପତି ଏକଲା ରହୁଛନ୍। ଢୁଂଗି ଦେଖିବାକେ କେହି ନାଇଁ। ଝିଁ ବି ବହୁତ ଦୂରେ ବିହା ହେଇଛନ୍। ସବୁବେଲେ ଯାଆସ କରି ନାଇଁପାରବାର। ଏନ୍ତାଥି ବୁରୁଧ୍ ଦମ୍ପତି ଭତା ଆଶ୍ରେ ୱାର୍ଡମେମ୍ବର, ସମିତିସଭ୍ୟ, ସରପଁଚ୍କୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ବଏସ୍ ଅଧିକା ଲାଗି ଗୋଡ଼ହାତ ବି ଠିକ୍ ସେ ନାଇଁ ଚଲବାର। ଏନ୍ତାଥି ଭତାର ଲାଗି କେନ୍କେ ନରଦିମୁ, କାହାକେ ଆର ଗୁହାରି କରମୁ। ଭତା ମିଲ୍ଲେ ଟିକେ ଭଲ ସେ ଚଲିପାରତୁଁ, ନାଇଁ ମିଲ୍ଲେ କାଣା କରମୁ ବଲି ବୁରୁଧ୍ ଦମ୍ପତି ମନ୍ଦୁଖ୍ କରି କହିଥିଲେ। ଜିଲାପାଳ ଇ ବୁରୁଧ୍ ଦମ୍ପତି ଉପରେ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ଭତା ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ବୁରୁଧ୍ ନିଜର ଆଧାର କାର୍ଡ ଆର ଭୋଟ ପରିଚଏ ପତର ଦେଖଉଛନ୍।

# ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ପ୍ରସ୍ତୁତି

**ବରଗଡ଼ ଅଫିସ୍, ୨୩।୧୦**
ବରଗଡ଼ର ପ୍ରସିଦ୍ଧ ମାଁ ଶ୍ୟାମାକାଳୀ ଦେବୀଙ୍କ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତବର୍ଷ ବାର୍ଷିକ ପୂଜା ସମାରୋହରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୂଜା ସମିତିର ଉପସଭାପତି ଗୌରାଙ୍ଗ ନାଏକଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ଚାନ୍ଦା ତଥା କୌଣସି ଦୋକାନ, ବଜାର କିମ୍ବା ଜନସାଧାରଣଙ୍କଠାରୁ ଚାନ୍ଦା ଅସୁଲିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଭକ୍ତମାନଙ୍କ ଶ୍ରଦ୍ଧା ଓ ଭକ୍ତିକୁ ନେଇ ପୂଜା ମହୋତ୍ସବ ଅନୁଷ୍ଠିତ ହେବା ସହିତ ଶ୍ରଦ୍ଧାଳୁଙ୍କ ଦାନ, ଦକ୍ଷିଣା କେବଳ ମନ୍ଦିର ମଧ୍ୟରେ ରହିଥିବା ହୁଣ୍ଡିରେ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ପ୍ରତିବର୍ଷ ଭଳି ଏବର୍ଷ ଆସନ୍ତା ୨୭ ତାରିଖରେ ଶ୍ୟାମାକାଳୀ ମନ୍ଦିରରୁ କଳସ ଯାତ୍ରା ଆରମ୍ଭ ହେବ। ଜିରା ନଦୀ କୂଳରେ ମାଁଙ୍କୁ ଆରାଧନା କରାଯିବା ସହିତ ମଧ୍ୟରାତ୍ରିରେ ମହାସ୍ନାନ ପର୍ବ ଅନୁଷ୍ଠିତ ହେବ। ନଭେମ୍ବର ୨ତାରିଖରେ ବ୍ରତଧାରଣ ଉତ୍ସବ ସହିତ ଉପବାସ ରହି ମାଁଙ୍କଠାରେ ୫୬ପ୍ରକାର ମହତୀ ଭୋଗ ଅର୍ପଣ କରାଯିବ। ଶ୍ୟାମାକାଳୀ ପୂଜା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ସର୍ବେଶ୍ୱର ରଥଙ୍କ ବିୟୋଗ ପରେ ତାଙ୍କ ଆତ୍ମାର ଶାନ୍ତି ଓ ସମ୍ମାନ ପାଇଁ ସବୁଦିନ ସଭାପତି ପଦବୀ ଖାଲି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ, ତାଙ୍କ ଅବର୍ତ୍ତନରେ ନୂଆ ସଭାପତି ଚୟନ କରାଯିବ ନାହିଁ । ଉକ୍ତ ବୈଠକରେ ସମ୍ପାଦକ ରାଜେଶ ଶତପଥୀ, ସହ ସମ୍ପାଦକ ଲଲାଟେନ୍ଦୁ ବେହେରା, ପରେଶ ବିଶି ତଥା ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।




# ବାଣ ବ୍ୟବସାୟୀଙ୍କ ପାଇଁ ସତର୍କ ସୂଚନା ଜାରି କଲା ଜିଲା ପ୍ରଶାସନ

**ବୌଦ୍ଧ, ୨୩।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ବାଣ ବ୍ୟବସାୟୀଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତବର୍ଷ ଦୀପାବଳି ଅବସରରେ ସହରର କଚେରୀ ପଡିଆଠାରେ ଅସ୍ଥାୟୀ ବାଣ ଦୋକାନ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଛି । ଖଣିଜ ତୈଳ ଓ ବିସ୍ଫୋରକ ସଂସ୍ଥା ଭୁବନେଶ୍ୱର ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ମାନି ବାଣ ବ୍ୟବସାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନିଶମ, ପୋଲିସ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବରେ ବାଣ ଦୋକାନ ଗୁଡିକ ଯାଞ୍ଚ କରିବା ପାଇଁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଲଲାଟେନ୍ଦୁ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଦୋଷ ଦୁର୍ବଳତା ରହିଲେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ଜନସାଧାରଣଙ୍କୁ ଦୀପାବଳି ଉତ୍ସବ ଦାୟିତ୍ୱ ସମ୍ପନ୍ନ ଓ ନିୟମ ଅନୁସାରେ ପାଳନ କରିବା ପାଇଁ ମଧ୍ୟ ସୂଚନା ଦିଆଯାଇଛି। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଆତସବାଜିର ବ୍ୟବହାର ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ । ସରକାରଙ୍କ ଦ୍ୱାରା ଘୋଷିତ ନିରବ ଅଞ୍ଚଳ ଯଥା ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳ ଆଦିର ଶହେ ମିଟର ପରିସୀମା ମଧ୍ୟରେ ଆପତ୍ତିଜନକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନିଷିଦ୍ଧ କରାଯାଇଛି । ୧୨୫ ଡେସିବେଲ ସ୍ତରରୁ ଊର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି ଓ ବିକ୍ରି କରିବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଦୀପାବଳି ଉତ୍ସବ ପ୍ରଦୂଷଣମୁକ୍ତ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଜିଲାପାଳ ମିଶ୍ର ଏକ ପ୍ରେସ ବିବୃତିରେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି ।

# ଫୁଟବଲ: ବହଲପାଲି, ଜାଙ୍ଗେଡ଼ ବିଜୟୀ

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବହଲପାଲି ଓ ଜାଙ୍ଗେଡ଼ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଜାଲପାଲିର ବାପୁଜୀ କ୍ଲବ ଏବଂ ବହଲପାଲିର ବିଜୟା କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ବହଲପାଲିର ସୁକାନ୍ତ ସେଠ ପ୍ରତିପକ୍ଷକୁ ଗୋଟିଏ ଗୋଲ ସ୍କୋର କରିଥିଲେ। ମାତ୍ର ଜାଲପାଲିର ଖେଳାଳିମାନେ ବାରମ୍ବାର ଚେଷ୍ଟା ସତ୍ତ୍ୱେ ମ୍ୟାଚ ଶେଷ ସୁଦ୍ଧା ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ବହଲପାଲି ୧-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ସେହିପରି ଉଲବା ଓ ଜାଙ୍ଗେଡ଼ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଉଲବାର ବାବଲୁ ଭୋଇ ଏବଂ ଜାଙ୍ଗେଡ଼ର ପ୍ରଫୁଲ୍ଲ ସାହୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ନିର୍ଦ୍ଧାରିତ ସମୟ ସୁଦ୍ଧା ଏହି ମ୍ୟାଚଟି ବରାବର ସ୍ଥିତିରେ ରହିଥିଲା ଏବଂ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜାଙ୍ଗେଡ଼ ୫-୪ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚକୁ ନିରଞ୍ଜନ ମହାକୁର, ରଞ୍ଜୁ ଛତ୍ରିଆ, ସୁରେଶ ବେହେରା, ଗୁଣବନ୍ତ ସାହୁ ଏବଂ ଦ୍ୱିତୀୟ ମ୍ୟାଚକୁ ଶ୍ରୀନିବାସ ରାଓ, ଗୋପାଳ ନାୟକ, ସଞ୍ଜୟ ଦାଶ, ବିଶିକେଶନ ପ୍ରଧାନ ପରିଚାଳନା କରିଥିଲେ ।

# ଫାର୍ମାସିଷ୍ଟ ଭରସାରେ ଶଗଡ଼ା ଡାକ୍ତରଖାନା

**ମନମୁଣ୍ଡା, ୨୩।୧୦ (ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ପାହାଡ଼ ଜଂଗଲ ଘେରା ଆଦିବାସୀ ବହୁଳ ଶଗଡ଼ା ଅଂଚଲବାସୀକୁ ସୁଆସ୍ତିଅ ସେବା ଯୁଗେଇ ଦେବାର ଉଧେ ସରକାର ଗଲା ୨୦୧୬ ସାଲେ ଶଗଡ଼ାନେ ଗୁଟେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଥାପନା କରିଥିଲେ। ଇ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଶଗଡ଼ା, ଗୁନ୍ଦୁଲିଆ, ବରଗୋଛା, ଶୁଣ୍ଡିପଦର, ମନୁପାଲି ପଁଚେତ୍ ସମେତ ଆସର ପାସର ପାଖାପାଖି ୮୫ ହଜାର ଲୋକ୍ ନିରଭର କରୁଛନ୍। ହେଲେ ଆଏଜ୍କେ ପାଖାପାଖି ୧୦ ମାସ ହେଲା ଅଂଚଲବାସୀ ସୁଆସ୍ତିଅ ସେବାରୁ ବଁଚିତ୍ ହେଇ ରହିଛନ୍। ଇ ଡାକ୍ତରଖାନାରେ କାମ୍ କରୁଥିବାର ଡାକ୍ତର ପିଜି କରି ଗଲାଦିନୁ ଡାକ୍ତର ପଦବୀ ମେଲା ପଡ଼ିଛେ। ଏନ୍ତାଥି ଝନେ ଫାର୍ମାସିଷ୍ଟ, ୨ ଝନ୍ ତଳି କରମଚାରୀ ଡାକ୍ତରଖାନା ଚଲଉଛନ୍। ଫାର୍ମାସିଷ୍ଟ ଲୁକ୍କର ସମସିଆ ଦେଖି ଉଷୋକଷା ଦେଉଛନ୍ ସତ୍, ହେଲେ ଡାକ୍ତର ଲେଖେଁ ରୋଗ୍ ବାରବାରେ ସେ ଅକ୍ଷମ ଆନ୍। ସେଥିରଲାଗି ସେ ଅନେକ ରୁଗୀକୁ ଫିରେଇ ଦେଉଛନ୍। ଏନ୍ତାଥି ରୁଗୀମାନେ ସାଧା ଜରତପ ଲାଗି ବି ବାଉଁଶୁଣି, ମନମୁଣ୍ଡାକେ ଆସି ଅଧିକା ଖରଚ୍ କରବାର ସଂଗେ ହଇରାନ ହରକତ ହେଉଛନ୍। ଇ ସବୁର ଫାଏଦା ନେବାର ଲାଗି ଅଂଚଲରେ ଅନେକ ନକଲି ଡାକ୍ତର ଆର କ୍ୱାକ୍ ବୁଲୁଛନ୍। ନିରିହ ଆଦିବାସୀମାନକର ସରଲତାର ସୁଯୋଗ ନେଇ ସେମାନେ ଚିକିଛା ବାହାନାରେ ଲୁଟୁଥିବାର ଅଭିଯୋଗ ହେଉଛେ। ସମସିଆର ସମାଧାନ ଲାଗି ଶଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ଝନେ ଡାକ୍ତରକୁଁ ପଠାବାକେ ଅଂଚଲର ବୁଧିଜୀବୀ ରଘୁନାଥ ପଲିଆ, ବୀରମିତ୍ର ମହାକୁଡ, ହୃଦାନନ୍ଦ ମେହେର, କୁମର ମନହୀରା, ଏନ. ଅମାତ ପରମୁଖ ଦାବି କରିଛନ୍। ଇ ବାବ୍ଦେ ସିଡିଏମଓ ବୌଦ୍ଧକୁଁ ପଚରାଲାରୁ ଜିଲାରେ ୯୫ ଡାକ୍ତର ଦରକାର ଥିଲାବେଲେ ୪୫ ଝନ୍ ରହିଛନ୍। ନୂଆ ଡାକ୍ତର ଆଏବାର ଯୋଜନା ଚାଲିଛେ। ଡାକ୍ତର ଆଏଲେ ଶଗଡ଼ାକେ ଝନେ ଡାକ୍ତରକୁଁ ପଠାବାର ବେବସ୍ତା କରାଯିବା ବଲି ସେ କହିଥିଲେ।

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ବିଜ୍ଞପ୍ତି**
[ରୁଲ୍-୮(୧)] (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,** ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗୀକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା / ଜାମିନଦାରମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସ ର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଜାମିନ୍ଦାରଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନ ଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ଜାମିନ୍ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଗାୟତ୍ରୀ ଷ୍ଟୋନ୍ କଟିଂ ଆଣ୍ଡ୍ ପଲିସିଂ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ୰ ଟି. ବିଶ୍ୱନାଥମ୍, ଜାମିନଦାରମାନେ: (୧) ଶ୍ରୀମତୀ ଟି. ସୁନ୍ଦରମ୍ମା,** ସ୍ୱାମୀ: ୰ ଟି. ବିଶ୍ୱନାଥମ୍, **(୨) ଶ୍ରୀ ଟି. ବିଘେଶ୍ୱର ରାଓ,** ପିତା: ୰ ଟି ବିଶ୍ୱନାଥମ, ସମସ୍ତଙ୍କ ଠିକଣା ସା./ପୋ.: ତାଟିପାଟି, ଥାନା: ଗୁରାଣ୍ଡି, ଜିଲ୍ଲା: ଗଜପତି । | **୧) ଶ୍ରୀ ତାମଡ଼ା ବିଶ୍ୱନାଥମ୍ଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା.: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୪୩୮/୩୮୫, ପ୍ଲଟ୍ ନଂ.: ୫୨୫, ୫୨୬, ୫୨୨, ୫୨୦, ୫୨୭, ୫୨୧, ୫୨୪, ୫୧୯/୧୬୦୩, **ସମୁଦାୟ କ୍ଷେତ୍ର:ଏକର ୧.୨୪୯ଡ଼ିସିମିଲି,** କିସମ: ଘରବାରି ।**୨) ଶ୍ରୀ ତାମଡ଼ା ବିଶ୍ୱନାଥମ୍ଙ୍କ** ନାମରେ ଥିବା ଜାମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୨୬୪, ପ୍ଲଟ୍ ନଂ.: ୧୮୭, କ୍ଷେତ୍ର:ଏକର ୦.୦୫୬୭ଡ଼ିସିମିଲି, କିସମ: ଘରବାରି । | ୨୭.୧୧.୨୦୧୮ / ୨୨.୧୦.୨୦୧୯ | ୨୬.୧୧.୨୦୧୮ ପର୍ଯ୍ୟନ୍ତ ଅର୍ଜିତ ସୁଧ ସହିତ ଟ.୧୫,୮୦,୧୪୯/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ବାସୁଦେବ ଷ୍ଟୋନସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ,** ସା:ଇଡ୍କୋ, ପ୍ଲଟ ନଂ. ୯୧/୧/ବି, ଆଇଆଇଡି ସେଣ୍ଟର୍, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, **ଜାମିନଦାର: ଶ୍ରୀ ବିଧୁ ଭୂଷଣ ପଟ୍ଟନାୟକ,** ସା: ଫ୍ଲାଟ୍ ନଂ.: ଇ/୩୧୨, ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟ, କଳିଙ୍ଗ ନଗର ଭୁବନେଶ୍ୱର-୭୫୧୦୦୩। | **ମେସର୍ସ ବାସୁଦେବ ଷ୍ଟୋନସ୍** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ମୁକୁନ୍ଦପ୍ରସାଦ, ତହସିଲ/ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ରେଭିନ୍ୟୁ ଖାତା ନଂ.: ୫୩୧/୧, ପ୍ଲଟ ନଂ.: ୨୩୦୩ (ଅଂଶ), ଅନୁରୂପ ଇଡ୍କୋ ପ୍ଲଟ ନଂ.:୯୦/୧/ବି, କ୍ଷେତ୍ର: ଏକର୦.୩୪୪ଡିସିମିଲି, ଚୌହଦି ଉତ୍ତର: ପ୍ଲଟ ନଂ.୯୦/୧, ଦକ୍ଷିଣ: ପ୍ଲଟ ନଂ.୯୦, ପୂର୍ବ: ରାସ୍ତା, ପଶ୍ଚିମ: ଇଡ୍କୋ ପ୍ଲଟ ନଂ.୨୩୦୩ (ଅଂଶ)। | ୦୭.୦୬.୨୦୧୯ / ୨୩.୧୦.୨୦୧୯ | ୦୬.୦୬.୨୦୧୯ସୁଦ୍ଧା ସୁଧ ସହିତ ଟ.୫୨,୦୯,୨୦୫.୦୪ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁଷଙ୍ଗିକ ଖର୍ଚ୍ଚ |

**ତାରିଖ : ୨୩.୧୦.୨୦୧୯**
**ସ୍ଥାନ : ଭୁବନେଶ୍ୱର**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଆନ୍ଧ୍ର ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ରାଉରକେଲା ପର୍ସନାଲ୍ ବ୍ୟାଙ୍କିଙ୍ଗ ଶାଖା
ନଂ. ୬, ଡେଲି ମାର୍କେଟ, କଚେରୀ ରୋଡ଼, ରାଉରକେଲା,
ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧, ଫୋନ୍: ୦୬୬୧-୨୫୨୨୩୨୨

**ଡିମାଣ୍ଡ ନୋଟିସ୍**

**(ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ୨୦୦୨ର ଅଧିନିୟମ ୫୪ର ଧାରା ୧୩(୨) ଅଧୀନରେ ନୋଟିସ୍)**
ଏହି ଡିମାଣ୍ଡ ନୋଟିସ୍ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ବିରୋଧରେ ବଦଳ ସେବା ଭାବେ ଛପାଯାଇଛି, ଯେହେତୁ ଡାକ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ସେମାନଙ୍କ ନିକଟକୁ ଏଡି ସହ ରେଜେଷ୍ଟ୍ରି ପୋଷ୍ଟ ଯୋଗେ ପଠାଯାଇଥିବା ନୋଟିସ୍ ଜାରି ନହୋଇ ଫେରସ୍ତ ଆସିଲା ।

| କ୍ର. ନଂ. | ଋଣଗ୍ରହୀତା /କୋ-ଓବ୍ଲିଗାଣ୍ଟ / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / | ସୁବିଧା/ଋଣ/ସୀମା/ ଅବଧି / ଡିମାଣ୍ଡ ନୋଟିସ୍ | ଏନ୍ପିଏ ତାରିଖ / ବକେୟା ଋଣ | ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତା : ମେସର୍ସ ଜୟଶ୍ରୀ, ସ୍ୱତ୍ତ୍ୱାଧିକାରୀ: ପ୍ରଦୀପ୍ତ ମହାପାତ୍ର, ସପ୍ ନଂ.: ୧୭୦, ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୧୯, ରାଉରକେଲା-୫, ସୁନ୍ଦରଗଡ଼ / କୋ-ଓବ୍ଲିଗାଣ୍ଟ : ରୁନିଆ ମହାପାତ୍ର, ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର, ଡି-୩୧, ସେକ୍ଟର-୪, ରାଉରକେଲା, ଓଡ଼ିଶା । | ଏସ୍ଓଡିଜିଏନ୍ ୦୪୯୨୩୧୧୦୦୦୦୦୨୫୬ / ଟ. ୧୦,୦୦,୦୦୦/- / ୨୦୧୫ - ୨୦୧୯ / ୨୪.୦୯.୨୦୧୯ | ୨୭.୦୮.୨୦୧୯ / ୨୪.୦୯.୨୦୧୯ ସୁଦ୍ଧା ଟ. ୧୦,୦୫,୧୬୮.୫୦ + ପରବର୍ତ୍ତୀ ସୁଧ | ଶ୍ରୀମତୀ ରୁନିଆ ମହାପାତ୍ରଙ୍କ ନାମରେ ସହରରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଷୁରା, ଥାନା: କୁଆଁରମୁଣ୍ଡା, ତହସିଲି: ପାନପୋଷ, ଖାତା ନଂ.: ୨୫୯/୧୨୯, ରେଭେନ୍ୟୁ ପ୍ଲଟ ନଂ.: ୨୦୬୨, କ୍ଷେତ୍ର : ଏକର ୧.୩୧୦ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ. ୨୫୮୮, ଉତ୍ତର: ପ୍ଲଟ ନଂ. ୨୦୬୧, ଦକ୍ଷିଣ: ପ୍ଲଟ ନଂ. ୨୦୬୨ । |
| ୨. | ଋଣଗ୍ରହୀତା : ମେସର୍ସ ମାନସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୁନିଆ ମହାପାତ୍ର, ସପ୍ ନଂ.: ଏ/୯, ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୧୯, ରାଉରକେଲା, ପିନ୍-୭୬୯୦୦୫, ସୁନ୍ଦରଗଡ଼, ଓଡ଼ିଶା, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୁନିଆ ମହାପାତ୍ର, ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର / କୋ-ଓବ୍ଲିଗାଣ୍ଟ : ପ୍ରଦୀପ୍ତ ମହାପାତ୍ର, ଉଭୟଙ୍କ ଠିକଣା କ୍ୱାଟର ନଂ. ଡି-୩୧, ସେକ୍ଟର-୪, ରାଉରକେଲା, ପିନ୍-୭୬୯୦୦୨, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା । | ଓସିସିଜିଏନ୍ ୦୪୯୨୧୩୧୦୦୦୦୦୨୬୫ / ଟ. ୩୦,୦୦,୦୦୦/- / ୨୦୧୫ - ୨୦୧୯ / ୦୧.୦୬.୨୦୧୯ | ୨୯.୦୫.୨୦୧୯ / ୦୧.୦୬.୨୦୧୯ ସୁଦ୍ଧା ଟ. ୩୧,୪୨,୧୮୭.୦୦ + ପରବର୍ତ୍ତୀ ସୁଧ | ଶ୍ରୀ ପ୍ରଦୀପ୍ତ ମହାପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଷୁରା, ଥାନା: କୁଆଁରମୁଣ୍ଡା, ତହସିଲି: ପାନପୋଷ, ଜିଲ୍ଲା: ସୁନ୍ଦରଗଡ଼, ଓଡିଶା, ଖାତା ନଂ.: ୨୫୯/୧୨୮, ପ୍ଲଟ ନଂ.: ୨୦୬୨/୨୭୦୯, କ୍ଷେତ୍ର : ଏକର ୪.୦୦ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ. ୨୫୮୮, ଉତ୍ତର: ପ୍ଲଟ ନଂ. ୨୦୬୨/ଅଂଶ, ଦକ୍ଷିଣ: ପ୍ଲଟ ନଂ. ୨୦୬୨/ଅଂଶ । |

ଯେହେତୁ ଆପଣମାନେ ପ୍ରଦତ୍ତ ଋଣ/ସୁବିଧା ଏବଂ/ଅବା କିସ୍ତି/ସୁଧ କିମ୍ବା ଉଭୟ ପୁନଃପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ଅବା ଆରବିଆଇ ସମୟ ଅବଧି ମାନଦଣ୍ଡରୁ ଅଧିକ ସମୟ ପାଇଁ ଆପଣଙ୍କ ଖାତା ଅଚଳ ରହିଛି, ଆପଣଙ୍କ ଖାତାକୁ **ତା.୨୭.୦୮.୨୦୧୯ରିଖ** (କ୍ରମ ସଂଖ୍ୟା ୧ ପାଇଁ), **ତା.୨୯.୦୫.୨୦୧୯ରିଖ** (କ୍ରମ ସଂଖ୍ୟା ୨ ପାଇଁ) ଠାରୁ ଉପରୋକ୍ତ ଦର୍ଶିତ ସ୍ତମ୍ଭ ଅନୁଯାୟୀ ଏନ୍ପିଏ ଭାବେ ବର୍ଗୀକୃତ କରାଯାଇଛି ଓ ଆପଣ ସମସ୍ତେ ଯୁଗ୍ମ ଭାବେ ଏବଂ ପୃଥକଭାବେ ଉପରୋକ୍ତ ସ୍ତମ୍ଭ ଅନୁଯାୟୀ ଋଣରାଶି ପୈଠ କରିବାକୁ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଆପଣମାନଙ୍କୁ ସୂଚିତ କରାଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସୁଧ ସମେତ କଥିତ ବକେୟା ରାଶି ପୈଠ କରନ୍ତୁ । ଏଥିରେ ବିଫଳ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ର ୫୪) ଅଧୀନରେ ପ୍ରଦତ୍ତ କ୍ଷମତା ଦ୍ୱାରା ପ୍ରୟୋଗ କରି, କୋର୍ଟଙ୍କ ବିନା ହସ୍ତକ୍ଷେପରେ, ବ୍ୟାଙ୍କ ଧନରାଶିର ଅସୁଲି ନିମନ୍ତେ ଉପର ଦର୍ଶିତ ବନ୍ଧକ ସମ୍ପତ୍ତି ବିରୋଧରେ ନିମ୍ନଦର୍ଶିତ ଏକ କିମ୍ବା ତତୋଽଧିକ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବ ।

**ଯଥା : ୧)** ଅସୁଲି ନିମନ୍ତେ ପ୍ରତିଭୂତି ସମ୍ପତ୍ତିର ଲିଜ୍, ସମର୍ପଣ କିମ୍ବା ବିକ୍ରୟ ତଥା ସ୍ଥାନାନ୍ତର ଅଧିକାର ଦ୍ୱାରା ଧାରକଙ୍କ ପ୍ରତିଭୂତି ସମ୍ପତ୍ତିକୁ ଦଖଲକୁ ନେବ । **୨)** ପ୍ରତିଭୂତି ସମ୍ପତ୍ତି ଲିଜ୍, ସମର୍ପଣ କିମ୍ବା ବିକ୍ରୟ ତଥା ସ୍ଥାନାନ୍ତର ଅଧିକାର ଦ୍ୱାରା ଧାରକଙ୍କ ପ୍ରତିଭୂତି ସମ୍ପତ୍ତିର ପରିଚାଳନାକୁ କବଜା କରିବ । **୩)** ପ୍ରତିଭୂତି ଋଣଦାତାଙ୍କ ଦ୍ୱାର ଦଖଲ ହୋଇଥିବା ପ୍ରତିଭୂତି ସମ୍ପତ୍ତିର ପରିଚାଳନା ନିମନ୍ତେ ଯେକୌଣସି ବ୍ୟକ୍ତିବିଶେଷ (ଏହା ପରଠାରୁ ପରିଚାଳକ ଭାବ ନିବେଚିତ ହେବେ)ଙ୍କୁ ନିଯୁକ୍ତି କରିବେ । **୪)** ଧାରକଙ୍କ ଠାରୁ ଯେକୌଣସି ବ୍ୟକ୍ତିବିଶେଷ ପ୍ରତିଭୂତି ସମ୍ପତ୍ତି ଅଧିଗ୍ରହଣ କରିଥିଲେ ଆବଶ୍ୟକସ୍ଥଳେ ଯେକୌଣସି ସମୟରେ ଲିଖିତ ଭାବେ ସୂଚିତ କରିବେ ଓ ଯେକୌଣସି ବ୍ୟକ୍ତିଙ୍କଠାରୁ ବକେୟା ରାଶି କିମ୍ବା ଧାରକଙ୍କ ବକେୟା ରାଶି ପ୍ରତିଭୂତି ପଇଠ କରିବାକୁ କହିବେ, ଯାହା ପ୍ରତିଭୂତି ଋଣ ପରିଶୋଧ କରିବାକୁ ଯଥେଷ୍ଟ ହେବ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଏହି ନୋଟିସ୍ ପ୍ରକାଶନ ପରେ ଆପଣମାନେ ବ୍ୟାଙ୍କର ବିନାନୁମତିରେ ନୋଟିସ୍‌ରେ ଦର୍ଶିତ ପ୍ରତିଭୂତି ସମ୍ପତ୍ତିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସ୍ଥାନାନ୍ତର କରିପାରିବେ ନାହିଁ । ପୂର୍ବୋକ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ଖର୍ଚ୍ଚ, ଦେୟ ବିକ୍ରୟ ମୂଲ୍ୟରୁ ଆଦାୟ କରାଯିବ ଏବଂ ଯଦି ବିକ୍ରୟ ମୂଲ୍ୟ ପ୍ରଦାନ କରିବାକୁ ଥିବା ସମ୍ପୂର୍ଣ୍ଣ ରାଶିରୁ କମ୍ ହୁଏ, ତେବେ ବକେୟା ରାଶି ଆଦାୟ ନିମନ୍ତେ ଆବଶ୍ୟକତା ଅନୁଯାୟୀ ୨୦୦୨ର ସରଫେସିସ୍ ଅଧିନିୟକ ୫୪ କିମ୍ବା ଅନ୍ୟ କୌଣସି ଅଧିନିୟମ ଅନୁଯାୟୀ ଆପଣମାନଙ୍କୁ ଯୁଗ୍ମ ଭାବେ କିମ୍ବା ପୃଥକଭାବେ ସମସ୍ତ ଦେୟ ଏବଂ ପରିଣାମ ଲାଗି ଉତ୍ତରଦାୟୀ ଘୋଷଣା କରାଯାଇ ଆପଣମାନଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ । ଆହୁରି ମଧ୍ୟ ଧ୍ୟାନ ଦିଅନ୍ତୁ ଯେ ପ୍ରତିଭୂତି ସମ୍ପତ୍ତିର ଲିଜ୍, ସମର୍ପଣ ଏବଂ ବିକ୍ରୟ ଦ୍ୱାରା ସ୍ଥାନାନ୍ତର ପାଇଁ ସର୍ବସାଧାରଣ ଏବଂ ବେସରକାରୀ ସତ୍ୱଙ୍କଠାରୁ ସର୍ବସାଧାରଣ ନିଲାମ ଅବା କୋଟେଶନ୍ ଆହ୍ୱାନ୍ କରି ଏହି ନୋଟିସ୍ ପ୍ରକାଶନ ପୂର୍ବରୁ ଯେକୌଣସି ସମୟରେ ବ୍ୟାଙ୍କର ବକେୟା ଋଣ, ଖର୍ଚ୍ଚ, ମୂଲ୍ୟ ପରିଶୋଧ କରି ଅଧିନିୟମର ଧାରା ୧୩(୮)ରେ ବ୍ୟବସ୍ଥାପନ ଅଧୀନରେ ଆପଣଙ୍କ ନିକଟରେ ଋଣମୁକ୍ତି ଅଧିକାର ଉପଲବ୍ଧ ରହିବ ।
**ଏହି ନୋଟିସ୍ ବିନା କୌଣସି ପକ୍ଷପାତରେ ଅନ୍ୟ ସମସ୍ତ ଆଇନ ଅଧୀନରେ ଉପଲବ୍ଧ ବ୍ୟାଙ୍କ ଅଧିକାରରେ ଜାରି କରାଯାଇଛି ।**

**ତାରିଖ : ୨୩.୧୦.୨୦୧୯**
**ସ୍ଥାନ: ରାଉରକେଲା**
ସ୍ୱା/-ମୁଖ୍ୟ ପ୍ରବନ୍ଧକ ଓ କ୍ଷମତାପ୍ରାପ୍ତ ଅଧିକାରୀ,
ଆନ୍ଧ୍ର ବ୍ୟାଙ୍କ

## ସଂକ୍ଷେପରେ

### ବ୍ୟାଙ୍କ ଆକାଉଣ୍ଟରେ ମିଳିବ ଭତ୍ତା ଟଙ୍କା ସବୁ ଜିଲାପାଳଙ୍କୁ ରାଜ୍ୟ ସରକାରଙ୍କ ଚିଠି

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ): ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଓ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କୁ ଏଥର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମାସିକ ଭତ୍ତା ପ୍ରଦାନ କରାଯିବ। ଆସନ୍ତା ମାସରୁ ସହରାଞ୍ଚଳର ସମସ୍ତ ହିତାଧିକାରୀଙ୍କୁ ଏବଂ ଡିସେମ୍ବରରୁ ବ୍ଲକ ମୁଖ୍ୟାଳୟସ୍ଥିତ ପଞ୍ଚାୟତ ଗୁଡିକରେ ଏହି ବ୍ୟବସ୍ଥା ଲାଗୁହେବ। ଏହି ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଅପଡେଟ୍ କରିବା ପାଇଁ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଯେଉଁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନ ଥିବା ତାହା ଆସନ୍ତା ୧୫ ତାରିଖ ସୁଦ୍ଧା ଖୋଲାଇବାକୁ କୁହାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ସଚିବ ଭାସ୍କରଜ୍ୟୋତି ଶର୍ମା ବୁଧବାର ସମସ୍ତ ଜିଲାପାଳଙ୍କୁ ଏନେଇ ଚିଠି କରିଛନ୍ତି। ସହରାଞ୍ଚଳ ହିତାଧିକାରୀଙ୍କୁ ନଭେମ୍ବର ୩୦ ସୁଦ୍ଧା ଏବଂ ଡିସେମ୍ବର ୩୧ରେ ପରେ ପଞ୍ଚାୟତ ଗୁଡିକରୁ ଭତ୍ତା ନେଉଥିବା ହିତାଧିକାରୀଙ୍କୁ ଏହି ସୁବିଧା ମିଳିବ। ଏବେ ନଭେମ୍ବର ୧୫ରେ ଏହି ସୁବିଧା ମିଳିବ। ଡିବିଟି ମାଧ୍ୟମରେ ଭତ୍ତା ବଣ୍ଟା ବ୍ୟବସ୍ଥା ସମ୍ପର୍କରେ ହିତାଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି।

# ଆଉ ଏକ ଦନ୍ତା ହାତୀର ମୃତ୍ୟୁ

**ରେଢାଖୋଲ ବନଖଣ୍ଡ**

ରେଢାଖୋଲ,୨୩।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ନାକଟିଦେଉଳ ବନାଞ୍ଚଳ ଅଧୀନ ରାଇଲ ସେକ୍ସନରେ ଗତ ରବିବାର ଏକ ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ ଘଟିଛି। ବୁଧବାର ବଡମାଳ ବନାଞ୍ଚଳର ଭାଲିଆକଟା ପଞ୍ଚାୟତ ବଡପାଟି ଗ୍ରାମ୍ୟ ଜଙ୍ଗଲରେ ଆଉ ଏକ ଦନ୍ତା ହାତୀର ଗଳିତ ମୃତଦେହକୁ ପୁଣି ବନ ବିଭାଗ ଠାବ କରିଛି। ଏହି ଦନ୍ତା ହାତୀଟି ବଡପାଟି ଗାଁ ନିକଟସ୍ଥ ଜଙ୍ଗଲର ଏକ ନାଳରେ ପଡିଥିଲା। ଖବର ପାଇ ବନବିଭାଗ କର୍ମଚାରୀ ମଙ୍ଗଳବାର ରାତିରେ ଯାଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଜଗି ରହିଥିଲେ। ବୁଧବାର ସକାଳୁ ଡିଏଫଓ ସଂଗ୍ରାମ କେଶରୀ ବେହେରା, ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ରେଢାଖୋଲ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ମେହନ ମାଣିଆଙ୍କୁ ନେଇ ବ୍ୟବଚ୍ଛେଦ କରାଯିବା ପରେ ସେଠାରେ ପୋତି ଦିଆଯାଇଛି। ତେବେ ହାତୀର ବୟସ ଆନୁମାନିକ



୨୦ ବର୍ଷ ଭିତରେ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେଉଁ ପରିସ୍ଥିତିରେ ହାତୀଟିର ମୃତ୍ୟୁ ଘଟିଛି ଜଣା ପଡି ନ ଥିଲେ ହେଁ ଆନ୍ଥ୍ରାକ୍ସରେ ପଡି ମୃତ୍ୟୁ ଘଟିଥାଇପାରେ ବୋଲି ବନ ବିଭାଗ କହିଛି। ଲାଗ୍ ଲାଗ୍ ୨ଟି ଦନ୍ତା ହାତୀର ମୃତ୍ୟୁ ଘଟିବାକୁ ସ୍ଥାନୀୟ ଲୋକେ ସହଜେ ଗ୍ରହଣ କରି ପାରୁ ନାହାନ୍ତି। ସେମାନଙ୍କ ମଧ୍ୟରେ ବନ ବିଭାଗ ପ୍ରତି ଅସନ୍ତୋଷ ଦେଖା ଦେଇଛି। ପରିବେଶପ୍ରେମୀଙ୍କ ମଧ୍ୟରେ ଏହାକୁ ନେଇ ମଧ୍ୟ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଭୟ ହାତୀ ମୃତ୍ୟୁକୁ ନେଇ ଜନସାଧାରଣ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ରାଇଲ ଗ୍ରାମ ନିକଟରେ ଗତ ରବିବାର ମୃତ୍ୟୁ ଘଟିଥିବା ଦନ୍ତା ହାତୀ ପ୍ରାୟ ଏକ ମାସ ହେବ ଅସୁସ୍ଥ ହୋଇ ବିଭିନ୍ନ ଗ୍ରାମରେ ବୁଲୁଥିଲା। ଏ ନେଇ ଗ୍ରାମବାସୀ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଏବଂ ଡିଏଫଓଙ୍କୁ ଖବର ଦେଇଥିଲେ। ହେଲେ ଅସୁସ୍ଥ ଦନ୍ତା ହାତୀର ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଦନ୍ତା ହାତୀଟି ଶେଷରେ ଆଖି ବୁଜିଥିଲା। ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇ ହାତୀଟି ମୃତ୍ୟୁ ଘଟିଥିବା ଡିଏଫଓ ସୂଚନା ଦେଇଥିଲେ। ତେବେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ବନ୍ୟ ପ୍ରାଣୀ ଅସୁରକ୍ଷିତ ହୋଇ ପଡୁଛନ୍ତି। ଲଗାତାର ୨ଟି ହାତୀର ମୃତ୍ୟୁ ଘଟିବାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ପରିବେଶବିତ୍ ମତପ୍ରକାଶ କରିଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ କୁଟୁରୁଣୀ କୁଟା କାଟେ**
**ଝିଅ ମୁଣ୍ଡରେ ଟାହିଆ ଫୁଟେ ।**

ଘରର ଆର୍ଥିକ ଅବସ୍ଥା ଶୋଚନୀୟ ବାହାରେ କିନ୍ତୁ ଝିଅର ଚାତୁରୀ କାହିଁରେ କେତେ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ପକ୍ଷେ ଏପରି ଆତ୍ମବଡ଼ିମା ଶୋଭାପାଉ ନ ଥାଏ। ଗରିବ, ନିଃସ୍ୱ ବ୍ୟକ୍ତି ନିଜ ଆର୍ଥିକ ସ୍ୱଚ୍ଛଳତା ପ୍ରତି ଦୃଷ୍ଟି ନ ରଖି ବେଶ୍ ପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇ ହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଚ୍ଛ ମୁଦିଟିଏ ପାଇଲି**
**ସେ ତ ହାତକୁ ନିଦା**
**ବଡ଼ ବୃକ୍ଷ ବୋଲି ଧଇଲି**
**ସେ ତ ବାସଙ୍ଗ ବୁଦା ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଭାଗ୍ୟର ବିଡ଼ମ୍ବନା। କର୍ମଗୁଣେ ଭାଗ୍ୟ ଫଳେ ଓ ସେହି ଅନୁସାରେ ଫଳ ଭୋଗ ହୋଇଥାଏ। ହେଲେ ଭାଗ୍ୟରେ ଯାହାର ସୁଖଫଳ ଭୋଗ ହେବାର ନ ଥାଏ ସେ ଯେତେ ମୁଣ୍ଡ ପିଟିଲେ ମଧ୍ୟ ଆଉ କିଛି ମିଳି ନ ଥାଏ। ଫଳସ୍ୱରୂପ ମଣିଷ ନିଜ ଭାଗ୍ୟକୁ ଦୋଷ ଦେବା ଛଡ଼ା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚକୋଲେଟ୍ ଦେଇ ଶିଶୁକନ୍ୟାକୁ ବଳାତ୍କାର

ବ୍ରଜରାଜନଗର, ୨୩।୧୦ (ଡି.ଏନ.ଏ.)

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ନାବାଳକ ଅଟକ,ପୋଲିସର ତଦନ୍ତ ଜାରି

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗୌଡ଼ମାଲ ପଞ୍ଚାୟତର ଏକ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଗୋଟିଏ ଅଭାବନୀୟ ଘଟଣା ଘଟିଛି । ଜଣେ ୪ ବର୍ଷର ଶିଶୁକନ୍ୟାକୁ ସେହି ଗ୍ରାମର ଜଣେ ନାବାଳକ(୧୨ ବର୍ଷ) ଚକୋଲେଟ୍ ଦେବାକୁ କହି ଏକ ନିଛାଟିଆ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିଲେ। ଏହି ଘଟଣା ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ତାଙ୍କୁ ଝାରସୁଗୁଡ଼ା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ପରେ ସଂପୃକ୍ତ ନାବାଳକଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ଏନେଇ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୨୩୬/୧୯)ରେ ରୁଜୁ ହୋଇଛି ।

# ଟ୍ରକ୍ ଧକ୍କାରେ ଭାଙ୍ଗିଲା ଟୋଲ୍‌ଗେଟ



ଟ୍ରକ୍ ଧକ୍କାରେ ଭାଙ୍ଗି ଯାଇଥିବା ଟୋଲ୍‌ଗେଟ କ୍ୟାବିନ୍।

ବ୍ରଜରାଜନଗର, ୨୩।୧୦(ଡି.ଏନ୍.ଏ.)

ଜାତୀୟ ରାଜପଥ ଏନ୍ଏଚ୍- ୪୯ର ନୂଆଡ଼ିହିରେ ଥିବା ଟୋଲ୍‌ଗେଟକୁ ଏକ ଟ୍ରକ୍ ଧକ୍କାଦେବା ଫଳରେ ତାହା ଭାଙ୍ଗିଯାଇଛି। ଟୋଲ୍ ଗେଟ କ୍ୟାବିନରେ ବସି କଲେକସନ୍ କରୁଥିବା ବ୍ୟକ୍ତି ଅଳ୍ପକେ ଏକ ବଡ଼ ଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ଟୋଲ୍‌ଗେଟ କର୍ତ୍ତୃପକ୍ଷ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅଟକ ରଖିଛନ୍ତି। ଟୋଲ୍‌ଗେଟର ରାସ୍ତାଗୁଡ଼ିକ ସଂକୀର୍ଣ୍ଣ ଥିବାରୁ ସାମାନ୍ୟ ବଡ଼ ଓସାରିଆ ଗାଡ଼ି ଲାଗିଯାଉଛି। ଓଆର ୨୩ ବି- ୭୫୭୭ ଦଶ ଚକିଆ ଟ୍ରକ୍‌ର କ୍ୟାବିନ ପାସ କଲାପରେ ବାକି ଅଂଶ ଟୋଲ୍‌ଗେଟ କ୍ୟାବିନରେ ଲାଗି ଯାଇଥିଲା। ଫଳରେ କ୍ୟାବିନଟି ଭାଙ୍ଗି ଯାଇଥିବା ଜଣାଯାଇଛି।

# ଜିଲାପାଳଙ୍କ ଗୁଣିଗାରେଡ଼ି ଚାଲେଞ୍ଜ | ଭୂତର ପ୍ରମାଣ ଦେଲେ ୫୦ ହଜାର

ଛତ୍ରପୁର,୨୩।୧୦(ଡି.ଏନ.ଏ.)

କୌଣସି ବ୍ୟକ୍ତି ଭୂତ ଥିବା ନେଇ ପ୍ରମାଣ ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ଏଭଳି ଘୋଷଣା କରିଛନ୍ତି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ଗୁଣିଗାରେଡି ବିରୋଧରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳ ଏଭଳି ଚାଲେଞ୍ଜ ଦେଇଛନ୍ତି । ପୁରସ୍କାର ବାବଦ ଅର୍ଥ ନିଜ ପକେଟରୁ ଦେବେ ବୋଲି ଜିଲାପାଳ କହିଛନ୍ତି। ଗଞ୍ଜାମ ଜିଲାରେ ଭୂତ, ପ୍ରେତ, ଗୁଣିଗାରେଡ଼ିକୁ ନେଇ ଜନସାଧାରଣଙ୍କ ମନରେ ଅହେତୁକ ଆବେଗ ରହୁଛି। ଫଳରେ ରୋଗ ବ୍ୟାଧି ପାଇଁ ଲୋକେ ଡାକ୍ତରଖାନା ନ ଯାଇ ଗୁଣିଗାରେଡି ପ୍ରତି ଆଗ୍ରହ ଦେଖାଉଛନ୍ତି। କାହାର କୌଣସି ପାରିବାରିକ ଅସୁବିଧା ହେଲେ ପାଖପଡିଶା ଗୁଣି କରୁଛନ୍ତି ବୋଲି ଭ୍ରାନ୍ତଧାରଣାକୁ ନେଇ ଜିଲାରେ ଗଣ୍ଡଗୋଳର ସୂତ୍ରପାତ ହେଉଛି। ଏପରିକି ବେଳେବେଳେ ହତ୍ୟାକାଣ୍ଡ ମଧ୍ୟ ଘଟୁଛି । ଏହା ଜିଲା ପ୍ରଶାସନ ଓ ପୋଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ଲୋକମାନେ ନିଜର ସମ୍ପତ୍ତି ବୃଦ୍ଧି ଓ ପାରିବାରିକ ଅଶାନ୍ତି ଦୂର କରିବା, ପରିବାର ଲୋକଙ୍କ ରୋଗ ଭଲ କରିବା ଆଦି କାର୍ଯ୍ୟ ପାଇଁ ଗୁଣିଆଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏପରିକି ଗୁଣିଆଙ୍କ ପ୍ରରୋଚନାରେ କେତେଜଣ ନିଜର ଜ୍ଞାତିକୁଟୁମ୍ବଙ୍କୁ ମଧ୍ୟ ବଳି ଦେଉଛନ୍ତି । ଅପରପକ୍ଷରେ ଗୁଣିଆ ମଧ୍ୟ ବିଭିନ୍ନ ମନଗଢ଼ା କଥା କହି ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଆର୍ଥିକ ଶୋଷଣ କରୁଛନ୍ତି। ଗୁଣିଗାରେଡ଼ିକୁ ଗୁରୁତ୍ୱ ନ ଦେବା ଓ ଏ ବାବଦରେ ଅନ୍ୟକୁ ଦୋଷାରୋପ ନ କରିବା ପାଇଁ ବୁଧବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ କୁଲାଙ୍ଗେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଗୁଣିଗାରେଡି, ଭୂତପ୍ରେତ ବାବଦରେ ଜିଲାରେ କୌଣସି ବ୍ୟକ୍ତି ବଳିଷ୍ଠ ପ୍ରମାଣ ଦେଲେ ତାଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି କହିଛନ୍ତି। ଅପରପକ୍ଷରେ ଏପରି ଗୁଣିଗାରେଡି ସମ୍ପର୍କରେ ପ୍ରଶାସନ, ତହସିଲଦାର, ବିଡିଓ, ଜିଲା ଅଭିଯୋଗ ଶୁଣାଣି ନମ୍ବରକୁ ଫୋନ୍ କରି ଜନସାଧାରଣଙ୍କୁ ଜଣାଇବାକୁ କୁହାଯାଇଛି । ବୁଗୁଡା ବ୍ଲକର ଏକ ସ୍କୁଲ

- ସଚେତନତା ସୃଷ୍ଟି ପାଇଁ ଅଭିନବ ଉପାୟ
- ଅନ୍ଧବିଶ୍ୱାସ ନ କରିବାକୁ ଜିଲାପାଳଙ୍କ ଅନୁରୋଧ



ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ

ପିଲାମାନେ ଏ ସବୁକୁ ବିଶ୍ୱାସ କରୁଥିବାରୁ ସେଠାକୁ ଟିମ୍ ପଠାଯାଇ ସେମାନଙ୍କର କାଉନସେଲିଂ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ଗୁଣିଗାରେଡି ଉପରେ ଲୋକଙ୍କ ବିଶ୍ୱାସ ଯୋଗୁ ପରିବାର ଓ ଲୋକଙ୍କୁ ବାସନ୍ଦ କରାଯାଉଥିବା ଘଟଣା ବିଭିନ୍ନ ସମୟରେ ପଦାକୁ ଆସୁଥିବା ସେ କହିଛନ୍ତି। ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଛି। ସ୍କୁଲ ଛାତ୍ରୀଛାତ୍ର, ଅଙ୍ଗନୱାଡିକର୍ମୀ, କଲେଜ ଛାତ୍ରୀଛାତ୍ର, ସାମାଜିକ କର୍ମୀଙ୍କୁ ସାମିଲ କରାଯାଇ ଏମାନଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।

## ଆଜି କ'ଣ କେଉଁଠି

**ମୁରିବାହାଲ**
- ଜିଲାସ୍ତରୀୟ କବାଡି ଓ ଭଲିବଲ ଚୟନ ଶିବିର, ହଳଦୀ ହାଇସ୍କୁଲ ଖେଳ ପଡିଆ, ପୂର୍ବାହ୍ନ ୧୦।୩୦।

**ବୌଦ୍ଧ**
- କୃଷକ କର୍ମଶାଳା ଉଦ୍‌ଯାପିତ, ପାଲଝାର ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଓଡିଶା ରାଜ୍ୟ ସ୍କୁଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ, ଭିଏସଏସ ଇନଡୋର ହଲ, ପୂର୍ବାହ୍ନ ୧୦ଟା ।
- ଓଡିଶା ରାଜ୍ୟ ସ୍କୁଲ ସନ୍ତରଣ ପ୍ରତିଯୋଗୀତା, ଡା. ଝସକେତନ ସାହୁ ସୁଇମିଂ ପୁଲ, ପୂର୍ବାହ୍ନ ୧୦ଟା ।
- ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ ଦସ୍ତଖତ ଅଭିଯାନ, କଚେରୀ ଛକ, ପୂର୍ବାହ୍ନ ୯ଟା ।
- ଚାଷୀ ସଂଗଠନର ଅନଶନ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ୧୦ଟା ।

**ଦେବଗଡ଼**
- ପୋକ୍ସ ଆଇନ ଅନୁସାରେ ସ୍କୁଲ ଓ ଘରୋଇ ଛାତ୍ରାବାସରେ ପିଲାଙ୍କ ନିରାପତ୍ତା ସମ୍ପର୍କରେ ଜିଲାସ୍ତରୀୟ ୱାର୍କଶପ, ରୌନକ ପ୍ଲାଜା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।୩୦ ।

**ସୁନ୍ଦରଗଡ**
- ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବକ୍ସିଂ ଚାମ୍ପିୟନଶିପ ଉଦ୍‌ଘାଟନ ସମାରୋହ, ଲେଡିମଙ୍ଗ ହାଇସ୍କୁଲ, ଅପରାହ୍ନ ୩ଟା।

**ଲୋଇସିଂହା**
- ସ୍କୁଲ ସ୍ତରୀୟ ବିଜ୍ଞାନମେଳା,ବୁର୍ଡା ହାଇସ୍କୁଲ, ପୂର୍ବାହ୍ନ ୧୧ଟା।

# କଟକରେ ଜମି ଜାଲିଆତି

କଟକ ଅଫିସ, ୨୩।୧୦

- କ୍ରାଇମବ୍ରାଞ୍ଚରେ ମାମଲା
- ପୂର୍ବତନ ତହସିଲଦାରଙ୍କ ସମେତ ୯ ପକ୍ଷଭୁକ୍ତ

କଟକ ସହରରେ ପୁଣି ଜମି ଜାଲିଆତି ସାମ୍ନାକୁ ଆସିଛି। ୨ ଏକରରୁ ଉର୍ଦ୍ଧ୍ୱ ସିଲିଂ ବହିର୍ଭୂତ ଜମିକୁ ବେଆଇନ ଉପାୟରେ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଯାଇଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚରେ କଟକ ସଦର ତହସିଲର ଜଣେ ପୂର୍ବତନ ତହସିଲଦାରଙ୍କ ସମେତ ମୋଟ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହା ପରେ ସମ୍ପୃକ୍ତ ପକ୍ଷଭୁକ୍ତଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ପ୍ରସ୍ତୁତ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜମି ଜାଲିଆତି ସଦର ତହସିଲ ଅଧୀନସ୍ଥ ତୁଳସୀପୁର ମୌଜାରେ ଘଟିଛି। ଉକ୍ତ ମୌଜାରେ ଥିବା ୨ ଏକର ୨୨୧ ଡେସିମିଲ ଜମିକୁ ସିଲିଂ ବହିର୍ଭୂତ ଜମି ଭାବେ ଘୋଷଣା କରାଯାଇଥିଲା। ମାତ୍ର ବନ୍ଦୋବସ୍ତ ସମୟରେ ଏହି ଜମି ସରକାରୀ ଖାତାଭୁକ୍ତ ହୋଇପାରି ନ ଥିଲା। ଫଳରେ ଉକ୍ତ ଜମିର ମାଲିକାନା ଜଣେ ଘରୋଇ ବ୍ୟକ୍ତିଙ୍କ ନାମରେ ରହିଥିଲା। ଯଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଏଥିରୁ ଫାଇଦା ହାତେଇବା ପାଇଁ ଜମିର ମାଲିକାନା ସ୍ୱତ୍ତ୍ୱ (ଆର୍ଓଆର୍) ଦାବି କରିଥିଲେ। ଏ ନେଇ ସଦର ତହସିଲରେ ଏକ ମ୍ୟୁଟେଶନ କେସ୍ ମଧ୍ୟ ରୁଜୁ ହୋଇଥିଲା। ତେବେ ଏହାର ଫଇସଲା କରି ସଦର ତହସିଲର ଜଣେ ପୂର୍ବତନ ତହସିଲଦାର ଉକ୍ତ ଜମିକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରିଦେଇଥିଲେ। ନିଜ ନାମରେ ଜମି ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଏହାକୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପରବର୍ତ୍ତୀ ସମୟରେ ବିକ୍ରି କରିଥିଲେ। ଏହାପରେ ଏ ନେଇ ଖୋଳତାଡ଼ ହୋଇଥିଲା। ମାମଲାର ତଦନ୍ତ ନିମନ୍ତେ ସରକାର କ୍ରାଇମବ୍ରାଞ୍ଚକୁ ସୁପାରିସ କରିଥିଲେ। କ୍ରାଇମବ୍ରାଞ୍ଚ ଏକ ମାମଲା ରୁଜୁ କରିଥିଲା। ମାମଲାରେ ତହସିଲଦାରଙ୍କ ସମେତ ତତ୍କାଳୀନ ସେଟଲମେଣ୍ଟ ଅଫିସର, ସହକାରୀ ସେଟଲ୍‌ମେଣ୍ଟ ଅଫିସର, ସଦର ତହସିଲର ତତ୍କାଳୀନ ଅତିରିକ୍ତ ତହସିଲଦାର, ଆର୍ଆଇ ଏବଂ ଜିଲା ସବ୍‌ରେଜିଷ୍ଟ୍ରାରଙ୍କୁ ମିଶାଇ ମୋଟ ୯ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଥାଉ କି, କେବଳ ଏହି ଗୋଟିଏ ନୁହେଁ ଏଥିପୂର୍ବରୁ କଟକ ସହରରେ ସରକାରୀ ଜମିକୁ ନେଇ ଅନେକ କେଲେଙ୍କାରୀ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନ ମଧ୍ୟ କଟକ ସହରର ଆଉ ଏକ ସ୍ଥାନରେ ଏକ ଶିଲିଂ ସରପ୍ଲସ୍ ଜମିକୁ ନିଜ ନାମରେ କରିନେବାକୁ ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଉଦ୍ୟମ ଚଳାଇଛନ୍ତି। ସେହିପରି ଏକ ଖାସମାହାଲ କିସମର ଜମିକୁ ହାତେଇବା ପାଇଁ ଜିଲାର ଅନ୍ୟ ଜଣେ ବରିଷ୍ଠ ଅଧିକାରୀ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

CLASSIFIED DISPLAY

| TARIFF — MORE SPACE • SAME PRICE | | | | | | | | |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | |
| Size | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| Price | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101, 7310644390
Vishal Mansion, Mahatma Gandhi Road, UP

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154, 7988366521

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543, 72899-48952
SCO-106, Second Floor, Vishal Tower, Cannaught Place, Delhi.

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155, 9911786154

BUSINESS BUSINESS

DHARITRI Career appointment Every Wednesday and Saturday

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466, 8743042068

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର

## ସଂକ୍ଷେପରେ



ଡୋଳାମଣି ପଟେଲ।

### ଡୋଳାମଣି ପଟେଲ ରେଢ଼ାଖୋଲର ନୂଆ ଉପଜିଲାପାଳ

ରେଢ଼ାଖୋଲ,୨୩।୧୦(ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ଡୋଳାମଣି ପଟେଲ ବୁଧବାର ଯୋଗ ଦେଇଛନ୍ତି। ଏଠାରେ ଥିବା ବିଶିକେସନ ଦେହୁରୀଙ୍କ ଏନ୍ଆର୍ଏଚ୍ଏମ୍‌ର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ଏହା ପୂର୍ବରୁ ପଟେଲ ସୁନ୍ଦରଗଡ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ତେବେ ପଟେଲ ଅତୀତରେ ଜୁଜୁମୁରା ତହସିଲଦାର ଭାବେ ମଧ କାର୍ଯ୍ୟ କରିଛନ୍ତି।

### ସମ୍ବଲପୁର ବ୍ୟାଡମିଣ୍ଟନ ଆସୋସିଏଶନ ନିର୍ବାଚନ
### ସଲିମ ସଭାପତି, ପ୍ରଣବ ସମ୍ପାଦକ

ସମ୍ବଲପୁର, ୨୩।୧୦ (ବ୍ୟୁରୋ): ସମ୍ବଲପୁର ବ୍ୟାଡମିଣ୍ଟନ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛି । ଏଥିରେ ସଲିମ ନିଜାମଖାନ୍ ସଭାପତି ଓ ପ୍ରଣବ କୁମାର ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବିଚିତ ହୋଇଛନ୍ତି । ସେହିପରି ସତ୍ୟମାନବ ପଟ୍ଟନାୟକ ଉପସଭାପତି, ପ୍ରଣବ କୁମାର ଶତ୍ରୁଶଲ୍ୟ ଯୁଗ୍ମସମ୍ପାଦକ ଓ ମହମ୍ମଦ ସଫିକ ସାହା କୋଷାଧକ୍ଷ ରହିଛନ୍ତି । ଆଇନଜୀବୀ ସିଦ୍ଧାର୍ଥ ଶେଖର ସାହୁ ଓ ପ୍ରଶାନ୍ତ କୁମାର କର ନିର୍ବାଚନ ଅଧିକାରୀ ଥିଲେ।

### ହାଇୱା ପଛରେ ପିଟି ହେଲା କାର୍
### ଡ୍ରାଇଭର ମୃତ: ମା', ପୁଅ ଗୁରୁତର

ଚିପିଲିମା, ୨୩।୧୦ (ଡି.ଏନ.ଏ) ସମ୍ବଲପୁର ଜିଲା ବୁର୍ଲା ଥାନା ୫୩ ନଂ. ଜାତୀୟ ରାଜପଥର ସିଲଭର ମୁନ୍ ରେଷ୍ଟୁରାଣ୍ଟ ନିକଟରେ ବୁଧବାର ଅପରାହ୍ନ ସାଢ଼େ ୪ଟାରେ ଏକ ହାଇୱା ପଛରେ ଏକ କାର ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ କାର୍ ଡ୍ରାଇଭର ଗୌତମ ଦାସ (୩୫)ଙ୍କ ମୃତ୍ୟୁ ଘଟିଛି। ଗାଡିରେ ଥିବା ନିଳିମା ଦାସ (୫୦) ଓ ତାଙ୍କ ପୁଅ ନରସିଂହ ଦାସ (୩୨) ଗୁରୁତର ହୋଇ ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ପରିବାର ବରଗଡ ଜିଲା ଖଣ୍ଡହତା ଗ୍ରାମର ବୋଲି ଜଣାପଡିଛି। ଓଆର ୧୬ ସି ୧୬୧୦ ନମ୍ବର ବିଶିଷ୍ଟ ହାଇୱା ବରଗଡ ପଟକୁ ମୁହଁକରି ଛିଡା ହୋଇଥିଲା। ଏତିକିବେଳେ ସମ୍ବଲପୁର ପଟରୁ ବରଗଡ ପଟକୁ ଦ୍ରୁତଗତିରେ ଆସୁଥିବା କାର୍ (ଓଡି ୧୭ ଜେ- ୪୦୦୪)ଟି ହାଇୱା ପଛରେ ପିଟି ହୋଇଯାଇଥିଲା। ଗାଡି ଭିତରେ ଡ୍ରାଇଭର ଓ ମା, ପୁଅଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଉଦ୍ଧାର କରି ବୁର୍ଲା ମେଡିକାଲ ନେଇଥିଲା। ହେଲେ ଡ୍ରାଇଭରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବୁର୍ଲା ଥାନାରେ ମାମଲା ରୁଜୁ ହୋଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅନିଶ୍ଚିତତାରେ ଆଦର୍ଶ ସ୍କୁଲ

- ଭିତ୍ତିପ୍ରସ୍ତର ସ୍ଥାପନ କରି ବିଧାୟକ ଚୁପ୍
- ନିର୍ମାଣ କାମରେ ବନ ବିଭାଗ ପ୍ରତିବନ୍ଧକ
- ଗ୍ରାମ୍ୟ ଉନ୍ନୟନ ବିଭାଗ ହାତ ଟେକି ଦେଇଛି
- ଜମିର ସ୍ଥିତି ଜଣାଇବାକୁ ରାଜସ୍ୱ ବିଭାଗକୁ ଚିଠି
- କାମ କରିବାକୁ ଠିକାଦାର ଅମଙ୍ଗ

ରେଢ଼ାଖୋଲ,୨୩।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲରେ ନିର୍ମିତ ହେବାକୁ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଅନିଶ୍ଚିତତା ମଧରେ ରହିଛି। ବନ ବିଭାଗ ଏଥିପାଇଁ ପ୍ରତିବନ୍ଧକ ସାଜିଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାଜସ୍ୱ ବିଭାଗ ସହଯୋଗ କରୁନି। କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ଏଥିପ୍ରତି ଦୃଷ୍ଟି ମଧ ଦେଉ ନାହାନ୍ତି। ଏଣୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତା ସ୍ପଷ୍ଟ ହେଉଛି। ମୋଟାମୋଟି ଭାବେ ବନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗ ଭିତରେ ସମନ୍ୱୟ ରହୁ ନ ଥିବା ଯୋଗୁ ଏହି ନିର୍ମାଣ ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଫଳରେ କୋଠା ନିର୍ମାଣ ପାଇଁ ଟେଣ୍ଡର ପାଇଥିବା ଠିକାଦାର କାମ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି।

ବର୍ଷେ ତଳେ ରେଢ଼ାଖୋଲରେ ଓଡିଶା ଆଦର୍ଶ ବିଦ୍ୟାଳୟର କୋଠା ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ହୋଇଛି। ଏହାର ନିର୍ମାଣ ପାଇଁ ଠିକାଦାର ମଧ ନିଯୁକ୍ତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏହାର ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଠିକାଦାର କ୍ୟାମ୍ପ କରି ଆବଶ୍ୟକ ସରଞ୍ଜାମ ମଧ ଯୋଗାଡ କରିଛନ୍ତି। ରେଢ଼ାଖୋଲ ସହର ଉପକଣ୍ଠ ହଳଦୀଘାଟ ପୋଲ ନିକଟରେ ଏଥିପାଇଁ ଜାଗା ଚିହ୍ନଟ କରାଯାଇଛି। ହେଲେ ଏହି ସ୍ଥାନରେ କେତେକ ଗଛ ରହିଥିବା ଯୋଗୁ ଏବେ ବନ ବିଭାଗ ପ୍ରତିବନ୍ଧକ ସାଜିଛି। ଗଛ କାଟିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ବନ ବିଭାଗକୁ ଚିଠି ଲେଖିଛି। ହେଲେ ଏହି ଜମିର ପୂର୍ବ କିସମର ଅବସ୍ଥିତି ସମ୍ପର୍କରେ ଜଣାଇବାକୁ ବନ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗକୁ କହିଛି। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତହସିଲଦାରଙ୍କୁ ଏଥିପାଇଁ ଚିଠି ଲେଖିଛି। ହେଲେ ତହସିଲରୁ ଉତ୍ତର ମିଳୁନି। ଏଭଳି ଅବସ୍ଥାରେ ବିଚରା ଠିକାଦାର ପ୍ରାୟ ୧୦ ମାସ ହେବ ଅନିଶ୍ଚିତତାରେ ପଡି ରହିଛନ୍ତି। ନିଜର କ୍ଷତି ହେଉଥିବା କହି ଶେଷରେ କାମ ଛାଡି ଚାଲିଯିବାକୁ ବସିଛନ୍ତି। ଏହାସତ୍ତ୍ୱେ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ତେବେ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଶ୍ୟାମସୁନ୍ଦର ସାଏ କହିଛନ୍ତି ଯେ, ରାଜସ୍ୱ ଓ ବନ ବିଭାଗର ସହଯୋଗ ପରେ କାମ ଆରମ୍ଭ ହୋଇପାରିବ। ତହସିଲଦାର ରୁବି ବେହେରା କହିଛନ୍ତି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦେଇଥିବା ଚିଠି ମିଳିଛି। ତହସିଲ ପକ୍ଷରୁ ତୁରନ୍ତ ଏ ଦିଗରେ ଷ୍ଟାଟସ ରିପୋର୍ଟ ପ୍ରଦାନ କରାଯିବ। ସେହିଭଳି ଡିଏଫଓ ସଂଗ୍ରାମ କେଶରୀ ବେହେରା କହିଛନ୍ତି ଯେ, ରାଜସ୍ୱ ବିଭାଗରୁ ଜମିର ସ୍ଥିତି ଜାଣିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇ ଦିଆଯିବ। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଗତ ମାର୍ଚ୍ଚ ୮ରେ ବହୁ ଆଡମ୍ବରରେ ଏହି ବିଦ୍ୟାଳୟ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବିଧାୟକ ରୋହିତ ପୂଜାରୀଙ୍କ ସହ ବହୁ ସ୍ଥାନୀୟ ନେତା ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଉପସ୍ଥିତ ଥିଲେ। ହେଲେ ବିଧାୟକ ଏବେ ଚୁପ୍ ହୋଇ ବସିଛନ୍ତି।




ରେଢ଼ାଖୋଲ ରାମପୁରଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି।

## ହାଇକୋର୍ଟ ଓକିଲଙ୍କ ବ୍ୟବହାର ନିନ୍ଦନୀୟ

ସମ୍ବଲପୁର/କୁଚିଣ୍ଡା, ୨୩।୧୦(ବ୍ୟୁରୋ/ଡିଏନ.ଏ.)

ସମ୍ବଲପୁର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ବୁଧବାର ଏକ ବୈଠକ ବସିଛି। ଏଥିରେ ସଂଘର ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ନିକଟରେ ହାଇକୋର୍ଟ ଫୁଲ୍ କୋର୍ଟ ବୈଠକ ବସିଥିଲା। ହେଲେ ସେଥିରେ ଉପସ୍ଥିତ ସମ୍ବଲପୁର ଜିଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ସୁରେଶ୍ୱର ମିଶ୍ରଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ନିଜ ପକ୍ଷ ରଖିବା ସମୟରେ ଏଭଳି ଘଟଣା ଘଟିଥିଲା। ଏହି ଘଟଣାକୁ ଜିଲା ଓକିଲ ସଂଘ ନିନ୍ଦା କରିଛି। ଆଗମୀ ଦିନରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ, ସେ ଦିଗରେ ଧ୍ୟାନ ଦେବାକୁ ସଂଘ ଚେତାବନୀ ଦେଇଛି। ଏଭଳି ଘଟଣା ଆଇନଜୀବୀଙ୍କ ଉପରେ ଖରାପ ପ୍ରଭାବ ପକାଇବ । ସମ୍ପର୍କରେ ତିକ୍ତତା ସୃଷ୍ଟି ହେବ। ଏକତା ଭଙ୍ଗ ହୋଇଯିବ ବୋଲି ମତ ପ୍ରକାଶ ପାଇଛି। ଶେଷରେ ସୁରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଦୀପ ବହିଦାର, ପ୍ରବୀଣ ସିଂଦେଓ, ରବି ପୂଜାରୀ, ପ୍ରମୋଦ ସାହୁ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟପକ୍ଷେ କୁଚିଣ୍ଡା ଓକିଲ ସଂଘ ମଧ୍ୟ ଏହି ଘଟଣାର ଦୃଢ଼ ନିନ୍ଦା କରିଛି । ଭବିଷ୍ୟତରେ ଆଉ ଏଭଳି ଆଶାଳୀନ ବ୍ୟବହାର ନ କରିବାକୁ ଚେତାବନୀ ଦେଇଛି । ଏ ପ୍ରକାର ଆଚରଣ ପ୍ରଦର୍ଶନ ପୁନର୍ବାର ସୃଷ୍ଟି ହେଲେ ସମଗ୍ର ଓଡିଶାରେ ଆଇନଜୀବୀଙ୍କ ଏକତାରେ ଅନ୍ତରାୟ ସୃଷ୍ଟି କରିବ । ପଶ୍ଚିମ ଓଡିଶା ଓକିଲ ସଂଘ ଏହାର ଦୃଢ଼ ଜବାବ ଦେବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ସଂଘ କହିଛି। ସୂଚନାଯୋଗ୍ୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ସମ୍ବଲପୁର ଜିଲାର ସମସ୍ତ କୋର୍ଟ କଚେରି ବନ୍ଦ ରହିଛି। ଏହାକୁ ନେଇ ହାଇକୋର୍ଟ ପକ୍ଷରୁ ନୋଟିସ ଜାରି କରାଯାଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅକ୍ଟୋବର ୨୧ ତାରିଖରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉପସ୍ଥିତିରେ ଫୁଲ୍ କୋର୍ଟ ବସିଥିଲା । ଏଥିରେ ୩୦ ଜିଲାର ଓକିଲ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ସମ୍ବଲପୁରରୁ ସୁରେଶ୍ୱର ମିଶ୍ର, ସତ୍ୟନାରାୟଣ ପଣ୍ଡା, ବିଜୟ କୁମାର ପୁରୋହିତ ମଧ୍ୟ ଉପସ୍ଥିତ ଥିଲେ। ହେଲେ ସୁରେଶ୍ୱର ପକ୍ଷ ରଖିବା ବେଳେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା।

### ବିକାଶ କ୍ୟାମ୍ପସରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ
## ନିଶା ଜୀବନ ପାଇଁ ଅଭିଶାପ



ବୁଧବାର ସମ୍ବଲପୁର ଶାସନସ୍ଥିତ ବିକାଶ କନସେପ୍ଟ ସ୍କୁଲଠାରେ ଆୟୋଜିତ ନିଶା ନିବାରଣ କାର୍ଯ୍ୟକ୍ରମରେ ବକ୍ତା ଓ ଅତିଥିମାନେ ।

ସମ୍ବଲପୁର, ୨୩।୧୦ (ବ୍ୟୁରୋ)

ସୁସ୍ଥ ସମାଜ ଗଠନ କରିବା ପାଇଁ ନିଶା ସେବନଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ । ସମ୍ବଲପୁର ପ୍ରଜାପତି ବ୍ରହ୍ମକୁମାରୀ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା । ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ବ୍ରହ୍ମାକୁମାର ରାଜୀବ ଧାୱନଜୀ, ବ୍ରହ୍ମକୁମାର ଉମେଶ ବେହେରାଜୀ, ବ୍ରହ୍ମାକୁମାରୀ ଦୀପା ଯୋଗଦେଇ ନିଶା ନିବାରଣ ସମ୍ପର୍କରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ସଚେତନ କରିଥିଲେ । ନିଶା ଜୀବନ ପାଇଁ ଏକ ଅଭିଶାପ ସଦୃଶ। ତେଣୁ ଆମେ ସମସ୍ତେ ଏହି ଭୟଙ୍କର ରାକ୍ଷସଠାରୁ ଦୂରେଇ ରହିବା ଉଚିତ । ଏଥିପ୍ରତି ସଚେତନ ହେବାପାଇଁ ଅନ୍ୟମାନଙ୍କୁ ମଧ ପ୍ରେରିତ କରିବା ଜରୁରି ବୋଲି ବକ୍ତାମାନେ ଉଦ୍‌ବୋଧନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିବିଏସ୍‌ଇର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଓ ସିଏଚ୍ଏସ୍‌ସି ଯୁକ୍ତ ୨ର ପ୍ରାୟତଃ ୫୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସେହିପରି ୩୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ । ବିକାଶ ଉଚ୍ଚତର ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ବାବୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିକାଶ ସମୂହ ଅଧକ୍ଷ ଡି. ମୁରଲୀ କ୍ରିଷ୍ଣା ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ଭାସ୍କର ରାଓ ସୂଚନା ଦେଇଥିଲେ । ପ୍ରଶାସନିକ ଅଧିକାରୀ ଜି. ନରେନ୍ଦ୍ର ଉପସ୍ଥିତ ଥିଲେ । ଶେଷରେ ବିକାଶ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ ।

### ବ୍ଲକସ୍ତରୀୟ କଳା ଉତ୍ସବ
## ଦକ୍ଷତା ଦେଖାଇ ପୁରସ୍କୃତ ହେଲେ ଛାତ୍ରୀଛାତ୍ର

ସମ୍ବଲପୁର, ୨୩।୧୦ (ବ୍ୟୁରୋ)

ବୁକ୍ସହିଲସ୍ଥିତ ସରକାରୀ ୟୁପି ସ୍କୁଲଠାରେ ବ୍ଲକସ୍ତରୀୟ କଳା ଉତ୍ସବ-୨୦୧୯ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସେହିପରି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦ୍ମିନୀ ନାୟକ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅସୀମ ପ୍ରଧାନ, ନିର୍ମଳ ବାରିକ, ରଚନା ସିଂଙ୍କ ତତ୍ତ୍ୱାବଧାନରେ ନୃତ୍ୟ, ଚିତ୍ରାଙ୍କନ, ସଂଗୀତ, ଗୀତ ପ୍ରତିଯୋଗିତା ହୋଇଥିଲା । ସଙ୍ଗୀତରେ ମୌସମ ନାୟକ, ଅନିଶା ଗୁପ୍ତା, ନୃତ୍ୟରେ ଶକ୍ତି ମିଶ୍ର, ରିମା ବେହେରା, ବାଦ୍ୟଯନ୍ତ୍ରରେ ଅଭୟ ହରିପାଲ, ଚିତ୍ରାଙ୍କନରେ ପୂରବ କୁମାର ମେହେର ଓ ଆଦ୍ୟାଶା ଆଦି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ସନ୍ତୋଷ ମିଶ୍ର, ତ୍ରିଲୋଚନ ତ୍ରିପାଠୀ, ମନୋଜ ପ୍ରଧାନ, ମାଷ୍ଟର ପ୍ରେମ, ଦେବାଶିଷ ପ୍ରଧାନ, ଲୋକନାଥ ବିଚାରକ ଥିଲେ ।




ବୁଧବାର ବୁକ୍ସହିଲ୍ ୟୁପି ସ୍କୁଲଠାରେ ଆୟୋଜିତ ବ୍ଲକସ୍ତରୀୟ କଳା ଉତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।

## ଲୁଟ୍ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ବାମରା, ୨୩।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କେନ୍ଦୁପାଣି ଗ୍ରାମ ନିକଟରେ ଏକ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁନ୍ଦରଗଡ ଜିଲା ବିରବିରା ଗ୍ରାମର ସୁବ୍ରତ ଶେଖର ଦେଓ। ଗତ ବର୍ଷ କେନ୍ଦୁପାଣି ଗ୍ରାମ ନିକଟ ରାସ୍ତାରେ ଭାରତ ଫାଇନାନ୍ସ ନାମକ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ବନ୍ଧୁକ ମୁନରେ ୧ଲକ୍ଷ ୫୧ ହଜାର ଟଙ୍କା ଲୁଟ୍ ହୋଇଥିଲା । ଏହି ଘଟଣାରେ ସୁବ୍ରତ ଜଡିତ ଥିବା ପୋଲିସ ଅନୁସନ୍ଧାନରୁ ଜାଣିପାରିଥିଲା। ହେଲେ ଘଟଣା ପରଠାରୁ ସୁବ୍ରତ ଓ ତାଙ୍କ ଅନ୍ୟ ଦୁଇ ସହଯୋଗୀ ଫେରାର ଥିଲେ। ବୁଧବାର ଗୋବିନ୍ଦପୁର ପୋଲିସ ସୁବ୍ରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ଅନ୍ୟ ସାଥୀ ଏବେ ମଧ ଫେରାର ଥିବା ପୋଲିସ କହିଛି। ଅଭିଯୁକ୍ତ ସୁବ୍ରତ ଜଣେ ପେଷାଦାର ଅପରାଧୀ। ତାଙ୍କ ବିରୋଧରେ ଭସମା, ଧରୁଡିହି ସହିତ ଅନ୍ୟ ଥାନାରେ ବିଭିନ୍ନ ଲୁଟ୍ ମାମଲା ରହିଛି ବୋଲି ମଧ ପୋଲିସ ସୂଚନା ଦେଇଛି ।

## ଜିଆରପି କର୍ମଚାରୀଙ୍କୁ ଛୁରାମାଡ଼

- ୨ ଗଞ୍ଜେଇ ଚୋରା ଚାଲାଣକାରୀ ଗିରଫ

ବାମରା, ୨୩।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରାରେ ବୁଧବାର ସକାଳ ପ୍ରାୟ ୭ଟାରେ ୨ ଜଣ ଗଞ୍ଜେଇ ବ୍ୟବସାୟୀ ଜଣେ ଜିଆରପି କର୍ମଚାରୀଙ୍କୁ ଛୁରାମାଡ଼ କରିଛନ୍ତି। ତେବେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଧରା ପଡିଛନ୍ତି। ଏମାନେ ହେଲେ ବ୍ରହ୍ମପୁର ଲୁଚାପଡାର ନାରାୟଣ ଡାକୁଆ (୨୩) ଓ କଟକ ଚୌଦ୍ୱାରର ଶମ୍ଭୁ ଦାସ (୩୫) । ରାଜ୍ୟରାଣୀ ଏକ୍ସପ୍ରେସରୁ ଏହି ୨ ଯୁବକ ଓହ୍ଲାଇ ବାମରା ରେଳ ଷ୍ଟେଶନର ବୁକିଂ କାଉଣ୍ଟର ପାଖରେ ଛିଡା ହୋଇଥିଲେ । ଉଭୟ ସନ୍ଦେହଜନକ ଭାବେ କଥାବାର୍ତ୍ତା କରୁଥିବା ଦେଖି ଷ୍ଟେଶନରେ କାର୍ଯ୍ୟରତ ବାମରା ଜିଆରପି କନଷ୍ଟେବଳ ପର୍ଶୁରାମ ବିଭାର ତାଗିଦ୍ କରିଥିଲେ। ଏହାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ହେଲେ ଅଭିଯୁକ୍ତଙ୍କ ଭିତରୁ ଜଣେ ହଠାତ ବ୍ୟାଗ୍ ଭିତରୁ ଏକ ଛୁରା ବାହାର କରି ପର୍ଶୁରାମଙ୍କୁ ଆକ୍ରମଣ କରି ଦୌଡି ପଳାଇଥିଲା। ଅନ୍ୟ ଅଭିଯୁକ୍ତ ମଧ ଦୌଡି ଫେରାର ହୋଇଯାଇଥିଲେ। ଘଟଣାର ୨ ଘଣ୍ଟା ପରେ ପ୍ରାୟ ୯ଟାରେ ନିକଟସ୍ଥ ବସଷ୍ଟାଣ୍ଡରେ ବୁଲୁଥିବା ନାରାୟଣଙ୍କୁ ଜିଆରପି ଲୋକଙ୍କ ସହଯୋଗରେ କାବୁ କରାଯାଇଥିଲା। ଜିଆରପି ଫାଣ୍ଡି ଅଧିକାରୀ ତିନତୁସ ହୋରୋ ଗୋବିନ୍ଦପୁର ପୋଲିସକୁ ଖବର ଦେଇଥିଲେ । ଗୋବିନ୍ଦପୁର ପୋଲିସ ଓ ବାମରା ଜିଆରପି ରାତି ୧୨ଟାରେ ବାମରାରୁ ପ୍ରାୟ ୫କି.ମି. ଦୂର ଗିରେଲଡୁଙ୍ଗୁରୀ ଗାଁ ନିକଟରୁ ମୁଖ୍ୟ ଅଭିଯୁକ୍ତ ଶମ୍ଭୁଙ୍କୁ ଧରିଥିଲେ। ତାଙ୍କ ପାଖରୁ ୨ଟି ବ୍ୟାଗରେ ପ୍ରାୟ ୧୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଝାରସୁଗୁଡା ଜିଆରପି ଥାନା ପୋଲିସ ମାମଲା (ନଂ. ୧୩୫/୧୯) ରୁଜୁ କରି ଗିରଫ କରିଛି।



ଆହତ ଜିଆରପି କନଷ୍ଟେବଳ ପର୍ଶୁରାମ ବିଭାର (ବାମ) ଓ ଗିରଫ ୨ ଅଭିଯୁକ୍ତ।

## ଉନ୍ନତ ଚାଷ ପ୍ରଣାଳୀ ପାଇଁ ଚାଷୀଙ୍କୁ ପରାମର୍ଶ

କୁଚିଣ୍ଡା, ୨୩।୧୦ (ଡି.ଏନ.ଏ)

କୁଚିଣ୍ଡାସ୍ଥିତ ସାମ୍ବାଦିକ ଭବନଠାରେ ଉନ୍ନତ ଚାଷ ପ୍ରଣାଳି ପାଇଁ ଚାଷୀମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶିବସୁନ୍ଦର ଚାନ୍ଦ, ଅନିଲ କୁମାର ନାୟକ, ସୌଭାଗ୍ୟ ଦାସ, ଟୁନା ମହାନନ୍ଦ, ଦିଲୀପ ସାହୁ ପ୍ରମୁଖ ଯୋଗଦେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳର ଚାଷୀ ଉଦିତ ପ୍ରତାପ ଦେଓ, ମହେନ୍ଦ୍ର ନାଏକ, ହୀରାଧର ବେହେରାଙ୍କ ସହ ଚାଷୀ ଉପସ୍ଥିତ ଥିଲେ।

## ମାନଧାତା ବାବା କଲେଜରେ ଚକ୍ଷୁ ପରୀକ୍ଷା ଶିବିର

ସମ୍ବଲପୁର, ୨୩।୧୦ (ବ୍ୟୁରୋ)

ମାନେଶ୍ୱର ମାନଧାତା ବାବା କଲେଜ ପରିସରରେ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦୃଷ୍ଟିହୀନ କଲ୍ୟାଣ ସଂସ୍ଥା ଜ୍ୟୋତି ଓ ମାନଧାତା ବାବା କଲେଜ ଏନ୍ଏସ୍ଏସ୍ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା । ଚକ୍ଷୁର ଯତ୍ନ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ, ଚକ୍ଷୁ ପରୀକ୍ଷା ଶିବିର ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ଚୌଧୁରୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଜ୍ୟୋତି ସଂଯୋଜିକା କଳ୍ପନା ମିଶ୍ର ଲକ୍ଷ୍ୟ ଓ ଅଭିମୁଖ୍ୟ ଉପରେ ସୂଚନା ଦେଇଥିଲେ । ସେହିପରି ଚକ୍ଷୁ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାନୀ ଚକ୍ଷୁ ଦାନ ଓ ଚକ୍ଷୁର ଯତ୍ନ ବିଷୟରେ ଆଲୋଚନା କରିଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସତ୍ୟନାରାୟଣ ଠାକୁର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ । ରଶ୍ମିଶ୍ରୀ ବାରିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧାପକ ତୋଷଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କୈଳାଶ ଚନ୍ଦ୍ର ମିସ୍ତ୍ରୀ, ଶଙ୍କର ପ୍ରସାଦ ପଣ୍ଡା, ରବିନାରାୟଣ ନନ୍ଦ ମଞ୍ଚାସୀନ ଥିଲେ ।



ଚକ୍ଷୁ ପରୀକ୍ଷା ଶିବିରରେ ଡା. ସୁରେଶ ଚନ୍ଦ୍ର ଦାନୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ଗାଡ଼ି ଚାଳନା ବେଳେ ନିୟମ ମାନିବାକୁ ଆହ୍ୱାନ

ଚିପିଲିମା, ୨୩।୧୦ (ଡି.ଏନ.ଏ.)

ସଡକ ସୁରକ୍ଷା ତଥା ଗାଡି ଚାଳନା ନେଇ ନୀତିନିୟମ ବାବଦରେ ସଚେତନତା ଅଭାବରୁ ଅକାଳରେ ଲୋକଙ୍କ ଜୀବନ ଚାଲି ଯାଉଛି। ବର୍ତ୍ତମାନ ଟ୍ରାଫିକ ନିୟମକୁ କଡାକଡି କରାଯାଇ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି। ହେଲେ ସଚେତନତା ଅଭାବରୁ ଅନେକ ଲୋକଙ୍କୁ ମୋଟା ଅଙ୍କର ଜରିମାନା ମଧ ଗଣିବାକୁ ପଡୁଛି । ଟ୍ରାଫିକ ନିୟମକୁ କିଛି ଦିନ ପାଇଁ କୋହଳ କରାଯାଇଛି। ଏହା ପୂର୍ବରୁ 'ରକ୍ଷକ' କାର୍ଯ୍ୟକ୍ରମ ମାଧମରେ ଲୋକଙ୍କୁ ସଚେତନ କରାଯାଉଛି । ଏହି ପରିପେକ୍ଷୀରେ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଜୋନ-୨ର କଳାମାଟି ପଞ୍ଚାୟତ, କର୍ଡୋଳା ପଞ୍ଚାୟତ ଓ ବସନ୍ତପୁର ପଞ୍ଚାୟତର ବିଜୁ ଯୁବବାହିନୀ ଓ ଗୋଶାଳା ହାଇସ୍କୁଲ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ବ୍ଲକ ସଂଯୋଜକ ନରୋତ୍ତମ ବିଶି, କଳାମାଟି ସରପଞ୍ଚ ଶ୍ରୀହରି ନାଗ, ମନଜିତ କଅର ପ୍ରମୁଖ ଯୋଗ ଦେଇ ସଡକ ସୁରକ୍ଷା ଓ ନୀତି ନିୟମ ପାଳନ କଲେ ଜୀବନ ରକ୍ଷା କରାଯାଇ ପାରିବ ବୋଲି ବାର୍ତ୍ତା ଦେଇଥିଲେ। ଛାତ୍ରୀଛାତ୍ର, ବିଜୁ ଯୁବବାହିନୀ ସଦସ୍ୟଙ୍କୁ ନେଇ ୫୩ ନଂ ଜାତୀୟ ରାଜପଥରେ ଏକ ଶୋଭାଯାତ୍ରା କରାଯାଇଥିଲା। ସଚେତନତା ପାଇଁ ଗାଡି ଚାଳକ ଓ ଜନସାଧାରଣଙ୍କୁ ପ୍ରଚାରପତ୍ର ବଣ୍ଟା ଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସବିତାକାନ୍ତି ପାଣିଗ୍ରାହୀଙ୍କ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ତିନୋଟି ପଞ୍ଚାୟତର ଯୁବବାହିନୀ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ପୋଲିସ ସହଯୋଗ କରିଥିଲେ।




ରକ୍ଷକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜୁ ଯୁବ ବାହିନୀ କର୍ମକର୍ତ୍ତା, ଶିକ୍ଷୟିତ୍ରୀ , ଶିକ୍ଷକ ଓ ଛାତ୍ରୀଛାତ୍ର।



ମେକ୍‌ଅପ୍‌ରେ ସୁନ୍ଦରତା ନ ଥାଏ। ଦୁନିଆର ସବୁ ମହିଳା ସୁନ୍ଦରୀ।
- କାଟ୍ରିନା କୈଫ୍, ବଲିଉଡ୍ ଅଭିନେତ୍ରୀ



# ୫ ଦିନ ପୂର୍ବରୁ ବାହାଘର ଭାଙ୍ଗିଥିଲେ ସଲ୍‌ମାନ

**ମୁମ୍ବାଇ:** ସବୁବେଳେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସଲ୍‌ମାନ ଖାନ୍ ବେଶ୍ ଚର୍ଚ୍ଚାରେ ରହିଆନ୍ତି। ବଲିଉଡ୍‌ର ମୋଷ୍ଟ ଏଲିଜିବଲ୍ ବ୍ୟାଚେଲର୍ ହୋଇ ବି ୫୩ ବର୍ଷ ବୟସରେ କୁଆଁରା ଅଛନ୍ତି ସଲ୍‌ମାନ। ହେଲେ ଏବେ ତାଙ୍କ ବାହାଘର ସମ୍ପର୍କରେ ଏକ ଅଜଣା କଥା ପ୍ରକାଶ କରିଛନ୍ତି ତାଙ୍କ ସାଙ୍ଗ ତଥା ଫିଲ୍ମ ପ୍ରଯୋଜକ ସାଜିଦ୍ ନାଦିଆଡ୍ୱାଲା। ସେ କହିଛନ୍ତି, ୧୯୯୯ରେ ସଲ୍‌ମାନଙ୍କ ବାହାଘର ହେବାର ଥିଲା। ସଲ୍‌ମାନଙ୍କ ବାପାଙ୍କ ଜନ୍ମଦିନ ନଭେମ୍ବର ୧୮ ତାରିଖରେ ହିଁ ବାହାଘର ଫିକ୍ସ ହୋଇଥିଲା। ଏପରି କି ବନ୍ଧୁବାନ୍ଧବଙ୍କୁ କାର୍ଡ ବଣ୍ଟା ସରିଥିଲା। କିନ୍ତୁ ଏହାର ୫-୬ ଦିନ ପୂର୍ବରୁ ସଲ୍‌ମାନଙ୍କ ମନ ବଦଳି ଯିବାରୁ ସେ ବାହା ହେବେନି ବୋଲି ମନା କରିଦେଇଥିଲେ ବୋଲି ସାଜିଦ୍ କହିଛନ୍ତି। ନୂଆ ଫିଲ୍ମ 'ହାଉସ୍‌ଫୁଲ୍-୪'ର ପ୍ରମୋଶନ ପାଇଁ ପୂରା ଟିମ୍ ସହ ସାଜିଦ୍ କପିଲ୍ ଶର୍ମା ଶୋ'କୁ ଆସିଥିବା ବେଳେ ସଲ୍‌ମାନଙ୍କ ବାହାଘରକୁ ନେଇ ଏହି ମଜାଦାର ଉତ୍ତର ଦେଇଥିଲେ। ସାଜିଦ୍‌ଙ୍କ ପ୍ରଯୋଜିତ 'ହାଉସ୍‌ଫୁଲ୍-୪' ଫିଲ୍ମରେ ଖିଲାଡି ଅକ୍ଷୟ କୁମାର, ରିତେଶ ଦେଶମୁଖ, ବବି ଦେଓ୍ୱଲ, କ୍ରିତି ସାନନ୍, କ୍ରିତି ଖରବନ୍ଦା, ପୂଜା ହେଗ୍‌ଡେ ଓ ଚଙ୍କି ପାଣ୍ଡେ ପ୍ରମୁଖ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମଟି ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଅନ୍ୟପଟେ ସାଜିଦ୍‌ଙ୍କ ଦ୍ୱାରା ପ୍ରଯୋଜିତ ସଲ୍‌ମାନଙ୍କ ସିକ୍ୱେଲ୍ ଫିଲ୍ମ 'ଦବଙ୍ଗ-୩'ର ଟ୍ରେଲର୍ ଲଞ୍ଚ ଇଭେଣ୍ଟ ବୁଧବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି।



୧୯୯୯ ନଭେମ୍ବର ୧୮ରେ ହୋଇଥାନ୍ତା ବାହାଘର

# ଅର୍ଜୁନ-ମଲ୍ଲାଇକାଙ୍କ ପ୍ରେମ

**ମୁମ୍ବାଇ:** ବଲିଉଡ୍ ଛୈୟାଁ ଛୈୟାଁ ଗର୍ଲ ମଲ୍ଲାଇକା ଅରୋରା ଅକ୍ଟୋବର ୨୩ ଅର୍ଥାତ୍ ବୁଧବାର ନିଜର ଜନ୍ମଦିନ ପାଳିଛନ୍ତି। ମଲ୍ଲାଇକାଙ୍କ ୪୫ତମ ଜନ୍ମଦିନ ଅବସରରେ ସୋସିଆଲ ମିଡିଆରେ ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟୁଛି। ଏହାସହ ମଙ୍ଗଳବାର ରାତିରେ ମଲ୍ଲାଇକା ବାର୍ଥ-ଡେ' ପାର୍ଟିର ଆୟୋଜନ କରିଥିଲେ, ଯେଉଁଥିରେ ବି-ଟାଉନର କିଛି ଖାସ୍ ସେଲିବ୍ରିଟିମାନେ ଯୋଗ ଦେଇଥିଲେ। ବୟଫ୍ରେଣ୍ଡ୍ ଅର୍ଜୁନଙ୍କ ସମେତ କରୀନା କପୁର ଖାନ୍, ଜାହ୍ନବୀ କପୁର, ଅନନ୍ୟା ପାଣ୍ଡେ, ଅକ୍ଷୟ କୁମାର, ଟ୍ୱିଙ୍କଲ୍ ଖନ୍ନା, ତାରା ସୁତାରିଆ, କରଣ ଜୋହର, ଅମୃତା ଅରୋରା ଓ ଅର୍ଜୁନ ରାମପାଲ ଓ ତାଙ୍କ ଗର୍ଲଫ୍ରେଣ୍ଡ୍ ପ୍ରମୁଖ ଏହି ସେଲିବ୍ରେଶନରେ ସାମିଲ ହୋଇଥିଲେ।

ତେବେ ମଲ୍ଲାଇକାଙ୍କ ଜନ୍ମଦିନରେ ଅର୍ଜୁନ କପୁର ସୋସିଆଲ ମିଡିଆରେ ଶେୟାର କରିଥିବା ଏକ ଫଟୋ ଏବେ ଚର୍ଚ୍ଚାରେ ରହିଛି। ଯାହାକୁ ନେଇ ଫ୍ୟାନ୍‌ମାନେ ଭଳି କି ଭଳି କମେଣ୍ଟ ଦେବାସହ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି। ଫଟୋରେ ଉଭୟଙ୍କ ଭିତରେ ଥିବା ଗଭୀର ପ୍ରେମ ସ୍ପଷ୍ଟ ବାରି ହୋଇପଡୁଛି, ଯାହାକୁ ନେଇ ୟୁଜର୍ସ ସିଧା ସିଧା ସେମାନଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରକୃତରେ ଅର୍ଜୁନ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ମଲ୍ଲାଇକାଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ମଲ୍ଲାଇକାଙ୍କ ମୁଣ୍ଡରେ କିସ୍ କରୁଥିବା ଦେଖିବାକୁ ମିଳିଛି। ଫଟୋରେ ଉଭୟେ ଏକ ପର୍‌ଫେକ୍ଟ କପଲ୍ ଭଳି ପୋଜ୍ ଦେଇଛନ୍ତି। ଏକ ହୃଦୟର ଇମୋଜି ସହ ଅର୍ଜୁନ ଫଟୋଟି ଶେୟାର କରିଛନ୍ତି। ଦୁହେଁ ଏକାଠି ଖୁବ୍ ସୁନ୍ଦର ଦେଖାଯାଉଥିବାବେଳେ ଲୋକେ ମଧ୍ୟ ଫଟୋଟିକୁ ଖୁବ୍ ପସନ୍ଦ କରିଛନ୍ତି।

ଅର୍ଜୁନ-ମଲ୍ଲାଇକାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ବହୁ ପୁରୁଣା ହୋଇଥିବାବେଳେ ଅନେକ ଦିନ ହେବ ସେମାନଙ୍କ ବିବାହ ଗୁଜବ ଶୁଣିବାକୁ ମିଳୁଥିଲା। ଏହାରି ଭିତରେ ଏଭଳି ଫଟୋ ଗୁଜବକୁ ସତ କଲାଭଳି ଜଣାପଡୁଛି। ଫଟୋଟି ଦେଖିଲେ ଯିଏ କେହି ବି କହିବ, ସେମାନେ ନିଜ ସମ୍ପର୍କକୁ ନେଇ କେତେ ଗମ୍ଭୀର। ଏହା ପୂର୍ବରୁ ଅର୍ଜୁନଙ୍କ ଜନ୍ମଦିନ ଅବସରରେ ଦୁହେଁ ନ୍ୟୁୟର୍କରେ ସେଲିବ୍ରେଶନ କରିଥିଲେ। ଅନ୍ୟପଟେ ମଲ୍ଲାଇକାଙ୍କଠାରୁ ଅର୍ଜୁନ ପ୍ରାୟ ୧୨ବର୍ଷ ବୟସରେ ସାନ। ମଲ୍ଲାଇକା ପୂର୍ବରୁ ଖାନ୍ ପରିବାର ବୋହୂ ତଥା ସଲମାନ୍ ଖାନ୍‌ଙ୍କ ଭାଇ ଅର୍‌ବାଜ୍ ଖାନ୍‌ଙ୍କ ପତ୍ନୀ ଥିଲେ। ଉଭୟଙ୍କ ଛାଡ଼ପତ୍ର ହୋଇସାରିଛି।

ଫଟୋ ଶେୟାର କଲେ ଅର୍ଜୁନ



# ଷଣ୍ଢ ଖାଇଗଲା ୪୦ ଗ୍ରାମର ସୁନାଗହଣା

**ଚଣ୍ଡିଗଡ଼:** ବୁଲା ଷଣ୍ଢ ୪୦ ଗ୍ରାମର ସୁନା ଗହଣା ଖାଇଦେଇଛି। ଏହା ଶୁଣି ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ। ହେଲେ ଏହା ଏକ ସତ ଘଟଣା। ହରିୟାଣାରେ ଏଭଳି ଘଟଣା ଘଟିବା ପରେ ପରିବାର ଲୋକେ ୩ ଦିନ ହେଲା ଷଣ୍ଢକୁ ଜଗି ରହିଛନ୍ତି। ତାକୁ ସ୍ୱାଦିଷ୍ଟ ଖାଦ୍ୟ ଦେବା ସହ ଜଗିରହିଛନ୍ତି। କେତେବେଳେ ଷଣ୍ଢ ମଳତ୍ୟାଗ କରିବ ଓ ସେମାନେ ସୁନା ଗହଣା ପାଇବେ, ତାକୁ ସେମାନେ ଅପେକ୍ଷା କରିଛନ୍ତି। ଅଳିଆ ଆବର୍ଜନା ସହ ଅଜାଣତରେ ଏହାକୁ ଫିଙ୍ଗି ଦିଆଯାଇଥିଲା। ପରେ ବହୁ ଖୋଜାଖୋଜି କରି ନିକଟରେ ଥିବା ସିସିଟିଭି ଫୁଟେଜ୍‌ର ସହାୟତା ନିଆଯାଇଥିଲା। ଜନକରାଜ୍ ନାମକ ଜଣେ ସ୍ଥାନୀୟ ଯୁବକ ସୁନାଗହଣାକୁ ରୋଷେଇ ଘରେ ରଖିଥିବାବେଳେ ଏହାକୁ ଅଳିଆ ଭାବି ଫିଙ୍ଗିଦେଇଥିଲେ ବୋଲି ଜଣାପଡ଼ିଛି। ଫିଙ୍ଗାଯାଇଥିବା ସ୍ଥାନରୁ ଏକ କାନଫୁଲ ମଧ୍ୟ ମିଳିଛି। ସେହି ସ୍ଥାନରେ ଏକ ଷଣ୍ଢ କିଛି ଖାଉଥିବାର ଦୃଶ୍ୟ ସିସିଟିଭିରେ ଦେଖିବା ପରେ ସୁନାଗହଣାକୁ ସେ ଖାଇଥିବା ଜଣାପଡ଼ିଥିଲା। ଉକ୍ତ ଷଣ୍ଢକୁ ଖୋଜିବା ଲାଗି ସେମାନଙ୍କୁ ପ୍ରାୟ ୫ ଘଣ୍ଟା ସମୟ ଲାଗିଥିଲା। ପରିବାର ଲୋକେ ଷଣ୍ଢଟିକୁ ଆଣି ଘରେ ରଖିଛନ୍ତି। ଷଣ୍ଢ ମଳତ୍ୟାଗ କଲେ ସୁନାଗହଣା ମିଳିଯିବ ବୋଲି ଭାବି ସେମାନେ ତାକୁ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଦେଉଛନ୍ତି।



# ହୋଟେଲରେ ଚମକୁଛି ଏଭରେଷ୍ଟ ବର୍ଜ୍ୟ

**କାଠମାଣ୍ଡୁ:** କାଠମାଣ୍ଡୁର ଏକ ପଞ୍ଚତାରକା ହୋଟେଲରେ ସମୟ ଅତିବାହିତ କରୁଥିବା କେତେଜଣ ପର୍ଯ୍ୟଟକଙ୍କୁ ଚମକୁଥିବା ରଙ୍ଗିନ ପାତ୍ର, ଗ୍ଲାସ୍‌ରେ ପରଷାଗଲା ଖାଦ୍ୟପେୟ। ଯେତେବେଳେ ପର୍ଯ୍ୟଟକଙ୍କୁ କୁହାଗଲା ସେମାନେ ବ୍ୟବହାର କରିଥିବା ବାସନ ଏଭରେଷ୍ଟରୁ ସଂଗୃହୀତ ବର୍ଜ୍ୟରୁ ପ୍ରସ୍ତୁତ, ସେତେବେଳେ ସେମାନେ ପରସ୍ପର ମୁହଁକୁ ଆବାକାବା ହୋଇ ଚାହିଁ ରହିଲେ। ସବୁଠାରୁ ବଡ଼ କଥା ଯେ, ବର୍ଜ୍ୟବସ୍ତୁରୁ ତିଆରି ଫୁଲଦାନି, ଲ୍ୟାମ୍ପ, ଗ୍ଲାସ, ଦୀପ ଏବଂ ବାସନକୁସନର ଆଞ୍ଚଳିକ ବଜାରରେ ଖାସ୍ ଚାହିଦା ରହିଛି। ଆବର୍ଜନାକୁ ପୁନଃ ବ୍ୟବହାରଯୋଗ୍ୟ ବା ରିସାଇକ୍ଲିଂ କରୁଥିବା 'ବ୍ଲୁ ୱେଷ୍ଟ ଟୁ ଭ୍ୟାଲ୍ୟୁ' ସଂସ୍ଥାର ନବୀନ ମହାରଞ୍ଜନ କୁହନ୍ତି, ଆବର୍ଜନାକୁ ଅଦରକାରୀ ବୋଲି ଭାବିବା ଅନୁଚିତ। ଏଭରେଷ୍ଟରୁ ଆଲୁମିନିୟମ କେନ୍, କାଚ ବୋତଲ, ପ୍ଲାଷ୍ଟିକ ବ୍ୟାଗ୍, ଲୁହା ଭଳି ହଜାର ହଜାର କେଜି ଆବର୍ଜନା ସଂଗ୍ରହ କରାଯାଇଛି। ସେଥିରୁ ଅଧିକାଂଶର ପୁନଃଚକ୍ରଣ ସମ୍ଭବ। ଆବର୍ଜନାକୁ ଉପଯୋଗ କରି ଘରସଜା ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀ 'ମୋବାରେ ଡିଜାଇନ୍ସ'ର ଉଜେନ ଲେପଚାଙ୍କ କହିବା କଥା, ଲୋକମାନେ ଏପରି ଉତ୍ପାଦ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ସେମାନେ ପଚାରୁଛନ୍ତି କ'ଣ ବର୍ଜ୍ୟରୁ ଏପରି ସାମଗ୍ରୀ ପ୍ରସ୍ତୁତ ସମ୍ଭବ। ସୂଚନାଯୋଗ୍ୟ, ପୃଥିବୀର ଏହି ସର୍ବୋଚ୍ଚ ଗିରିଶୃଙ୍ଗ ଶିଖରରେ ପାଦ ଥାପିବା ଅଧିକାଂଶ ଦୁଃସାହସିକ ପର୍ବତାରୋହୀଙ୍କ ସ୍ୱପ୍ନ। ଅଭିଯାନ ଶେଷ ହେଉ ହେଉ ପର୍ବତାରୋହୀଙ୍କ ନାମ ଯୋଡ଼ି ହୋଇଯାଏ ଇତିହାସ ପୃଷ୍ଠାରେ। ହେଲେ ଏଭରେଷ୍ଟ ଶିଖରରେ ଆଉ ଯାହା ବାକି ରହିଯାଏ ତାହା ହେଉଛି କୁଢ଼ କୁଢ଼ ଆବର୍ଜନା। ଖାସ୍ ଏହି କାରଣରୁ ଏଭରେଷ୍ଟ ଏବେ ପରିଣତ ହୋଇଛି ଆବର୍ଜନା କୁଣ୍ଡରେ, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ନେପାଳ ସରକାର। ଏହି କ୍ରମରେ ଏଭରେଷ୍ଟକୁ ବର୍ଜ୍ୟମୁକ୍ତ କରିବାକୁ ବଛା ବଛା ପର୍ବତାରୋହୀଙ୍କୁ ନେଇ ଆରମ୍ଭ ହୋଇଛି ସ୍ୱଚ୍ଛତା କାର୍ଯ୍ୟକ୍ରମ 'କ୍ଲିନ୍ ଏଭରେଷ୍ଟ'। ୬ସପ୍ତାହ ଧରି ଚାଲିଥିବା ଏକ ଅଭିଯାନରେ ୧୧ ଟନ୍‌ରୁ ଊର୍ଦ୍ଧ୍ୱ ବର୍ଜ୍ୟ ସଂଗ୍ରହ କରାଯାଇଛି। ସେସବୁକୁ ପୁନଃବ୍ୟବହାର କରିବାକୁ ଏବେ ଉଦ୍ୟମ ଆରମ୍ଭ ହୋଇଛି।





# ଚନ୍ଦ୍ରୟାନ-୨ ବିକ୍ରମ ଲ୍ୟାଣ୍ଡର ଉଭାନ୍

ଟେର୍ ପାଉନି ନାସା

**ୱାଶିଂଟନ:** ଭାରତର ବହୁ ପ୍ରତୀକ୍ଷିତ ଚନ୍ଦ୍ରୟାନ-୨ ବିକ୍ରମ ଲ୍ୟାଣ୍ଡରର ପତ୍ତା ମିଳୁନାହିଁ। ବହୁ ପ୍ରୟାସ ସତ୍ତ୍ୱେ ନାସା ଫେଲ୍ ମାରିଛି। ଏହାର ଫଟୋ ଉଠାଇବା ଲାଗି ପ୍ରୟାସ କରାଯାଇଥିଲେ ହେଁ ଟେର୍ ମିଳୁନାହିଁ। ଗତ ସେପ୍ଟେମ୍ବର ୭ରେ ଭାରତର ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ଚନ୍ଦ୍ରର ଦକ୍ଷିଣ ମେରୁରେ ବିକ୍ରମ ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ ନେଇ ଆଶା କରାଯାଇଥିବାବେଳେ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଚନ୍ଦ୍ର ସର୍ବେକ୍ଷଣ ଅର୍ବିଟର ଗତ ୧୪ ତାରିଖରେ ବିକ୍ରମ ଲ୍ୟାଣ୍ଡରର ଫଟୋ ଉଠାଇବା ଲାଗି ତଲାସି କରିଥିବାବେଳେ ଚନ୍ଦ୍ରପୃଷ୍ଠରୁ ଖାଲିହାତରେ ଫେରିଥିଲା। ଲ୍ୟାଣ୍ଡରର କୌଣସି ସନ୍ଧାନ ନ ମିଳିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ପାଲଟିଛି ବୋଲି ପ୍ରୋଜେକ୍ଟ ସାଇଣ୍ଟିଷ୍ଟ ନୋହ ଏଡ୍‌ୱାର୍ଡ ପେଟ୍ରୋ ପ୍ରକାଶ କରିଛନ୍ତି। କ୍ୟାମେରା ଟିମ୍ ସଯତ୍ନ ଲ୍ୟାଣ୍ଡିଂ ଏରିଆ ସର୍ଚ୍ଚ କରିଥିବା ସେ କହିଛନ୍ତି। ହାର୍ଡ ଲ୍ୟାଣ୍ଡିଂ ପରେ ବିକ୍ରମ କେଉଁଆଡ଼େ ଛିଟିକି ପଡ଼ିଥିବା ସନ୍ଦେହ କରାଯାଉଛି। କିମ୍ବା ସର୍ଚ୍ଚ ଅପରେଶନ ବାହାରେ ଏହା ରହିଛି। ସେପ୍ଟେମ୍ବର ୧୭ରେ ମଧ୍ୟ ହାଇ ରିଜୋଲ୍ୟୁଶନ ଇମେଜ୍ ଅଣାଯାଇଥିଲେ ବି କିଛି ସଫଳତା ମିଳିନାହିଁ। ଏନେଇ ଅଧିକ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଥିବା ପେଟ୍ରୋ କହିଛନ୍ତି।

# ନ୍ୟୁୟର୍କରୁ ସିଡ୍‌ନୀ ୧୯ ଘଣ୍ଟା ଲଗାତର ବିମାନ ଯାତ୍ରା

**ନ୍ୟୁୟର୍କ:** ଘଣ୍ଟାଏ ନୁହେଁ କି ଦୁଇଘଣ୍ଟା ନୁହେଁ ଲଗାତର ୧୯ ଘଣ୍ଟା ୧୬ ମିନିଟ୍‌ର ବିମାନ ଯାତ୍ରା। ନ୍ୟୁୟର୍କରୁ ସିଡ୍‌ନୀକୁ କ୍ୱାଣ୍ଟାସ୍ ବିମାନ ଯାତ୍ରୀ ଏଭଳି ଦୀର୍ଘ ସମୟ ଉଡ଼ାଣ କରି ଇତିହାସ ରଚନା କରିଛନ୍ତି। ଦୀର୍ଘ ୧୬,୨୦୦ କିଲୋମିଟରର ବିମାନ ଯାତ୍ରା ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି କ୍ୱାଣ୍ଟାସ୍ ମୁଖ୍ୟ ଆଲାନ୍ ଜଏସ୍। ଏଭଳି ଯାତ୍ରା କରିବା ପୂର୍ବରୁ ମାନସିକ ପ୍ରସ୍ତୁତ ଓ ଅଭ୍ୟାସ କରିବାକୁ ପଡ଼ିଥାଏ ବୋଲି ସେ କହିଛନ୍ତି। ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନଟି ନ୍ୟୁୟର୍କର ଜନ୍ ଏଫ୍. କେନେଡି ବିମାନବନ୍ଦରରୁ ଉଡ଼ାଣ କରିଥିଲା। ଦୀର୍ଘ ଯାତ୍ରା ପରେ ଏଥିରେ ଥିବା ପ୍ରାୟ ୫୦ ଯାତ୍ରୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଥିଲା। ଦୀର୍ଘ ଉଡ଼ାଣ ପୂର୍ବରୁ ୩ ସପ୍ତାହ ଧରି ବିମାନ ଯାତ୍ରୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବା ଜଏସ୍ ପ୍ରକାଶ କରିଛନ୍ତି। କ୍ୱାଣ୍ଟାସ୍ ୨୦୨୨ରୁ ନ୍ୟୁୟର୍କରୁ ସିଡ୍‌ନୀକୁ ବିମାନ ଚଳାଚଳ ଆରମ୍ଭ କରିବା ନେଇ ବିଚାର କରୁଥିବା ଜଣାପଡ଼ିଛି। ନ୍ୟୁୟର୍କରୁ ସିଡ୍‌ନୀ ପୁଣି ଏଭଳି ଦ୍ୱିତୀୟ ଦୀର୍ଘ ବିମାନଉଡ଼ାଣ କରାଯିବ ଓ ଏହା ପରେ ଲଣ୍ଡନରୁ ସିଡ୍‌ନୀକୁ ଏହି ବିମାନ ଉଡିବ ବୋଲି କ୍ୱାଣ୍ଟାସ୍ ପକ୍ଷରୁ କୁହାଯାଇଛି। ଏହା ସମ୍ଭବ ହୋଇପାରିଲେ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ବେଶ୍ ସଫଳତା ଆଣିପାରିବ ବୋଲି ସିଡ୍‌ନୀ ବିଜ୍‌ନେସ୍ ଚାମ୍ବର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାଥେରିନ୍ ଓରେଗାନ୍ ମତ ଦେଇଛନ୍ତି।



୧୬,୨୦୦ କି.ମି. ଯାତ୍ରା କରି ରେକର୍ଡ

# ପ୍ଲାଷ୍ଟିକ ସାଜିଛି ମୃତ୍ୟୁଯନ୍ତା

**ଚେନ୍ନାଇ:** ପ୍ଲାଷ୍ଟିକ ଦ୍ରବ୍ୟ ସହ ପଲିଥିନ୍‌ର ବହୁଳ ବ୍ୟବହାର ଯୋଗୁ କେବଳ ପରିବେଶ ନଷ୍ଟ ହେଉଛି ବୋଲି ଭାବିବା ଠିକ୍ ନୁହେଁ। ଏହାଦ୍ୱାରା ପ୍ରାଣୀଜଗତ ମଧ୍ୟ ପ୍ରଭାବିତ ହେଉଛନ୍ତି। ବାହାରେ ଫିଙ୍ଗାଯାଉଥିବା ପ୍ଲାଷ୍ଟିକ ଓ ପଲିଥିନ ଖାଇ ଅନେକ ଗାଈଗୋରୁ ମୃତ୍ୟୁବରଣ କରୁଛନ୍ତି। ଏହା କେତେ ମାରାତ୍ମକ ତାହା ଚେନ୍ନାଇର ଏକ ଘଟଣାରୁ ଜଣାପଡ଼େ। ମାଡ୍ରାସର ପ୍ରାଣୀ ଚିକିତ୍ସାଳୟରେ ଏକ ଗାଈ ପେଟରୁ ୫୨ କିଲୋ ଓଜନର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରିବା ସମସ୍ତଙ୍କ ଆଖି ଖୋଲିଦେଇଛି। କେବଳ ସେତିକି ନୁହେଁ ଗାଈପେଟରୁ ସିରିଞ୍ଜ ଛୁଞ୍ଚି, ନଖ, ଆଲୁମିନିୟମ୍ ପାତ ଓ କଣ୍ଟା, କଏନ୍ ଆଦି ବାହାରିଛି। ଅପରେଶନ ଦ୍ୱାରା ଡାକ୍ତର ଏଗୁଡ଼ିକୁ ଗାଈ ପେଟରୁ ବାହାର କରିଛନ୍ତି। ଏବେ ସଚେତନ ହେବାର ବେଳ ଆସିଛି। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବାହାରେ ଫିଙ୍ଗିଲେ ଜୀବଜଗତ କିଭଳି ପ୍ରଭାବିତ ହେବ, ତାହା ଏଥିରୁ ଅନୁମେୟ।

ପ୍ରାଣୀଙ୍କ ଲାଗି ସାଜିଛି କାଳ



## ଜାତିସଂଘ ଦିବସ

# ସାମାଜିକ ଅର୍ଥନୈତିକ ବିକାଶରେ ଜାତିସଂଘ

୧୯୪୫ ଜୁନ୍ ୨୬ରେ ୫୦ଟି ଦେଶ ଜାତିସଂଘ ଅଧିକାରପତ୍ରରେ ସ୍ୱାକ୍ଷର କରିବା ପରେ ଜାତିସଂଘ ଅକ୍ଟୋବର୨୪,୧୯୪୫ରେ ସ୍ଥାପିତ ହୋଇଥିଲା। ଏହି ସମୟରେ ଚାଇନା ୟୁନାଇଟେଡ୍ ଷ୍ଟେଟ୍, ଫ୍ରାନ୍ସ, ସଂଯୁକ୍ତ ରାଜ୍ୟ, ୟୁନାଇଟେଡ୍ କିଙ୍ଗଡମ୍ ଓ ସୋଭିଏଟ୍ ସଂଘ ଏହାକୁ ସ୍ୱୀକୃତି ଦେଇଥିଲେ । ୧୯୪୮ରେ ଜାତିସଂଘ ସାଧାରଣ ପରିଷଦ ଜାତିସଂଘର ଲକ୍ଷ୍ୟ ଓ ଉପଲବ୍ଧି ତଥା ଲୋକମାନଙ୍କର ସମର୍ଥନ ସମ୍ବନ୍ଧରେ ସୂଚନା ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୨୪କୁ ଜାତିସଂଘ ଦିବସ ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଥିଲା। ବିଶ୍ୱର ବିଭିନ୍ନ ଦେଶରେ ଥିବା ଜାତିସଂଘ ସୂଚନା କେନ୍ଦ୍ରଗୁଡିକ ଦ୍ୱାରା ଜାତିସଂଘ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହା ୬୩ଟି ଦେଶରେ ରହିଛି। ଭାରତରେ ୧୯୪୭ରୁ ଏହା କାର୍ଯ୍ୟ କରୁଛି। ଏହି କେନ୍ଦ୍ର ମାଧ୍ୟମରେ ଜାତିସଂଘ ତା'ର ବାର୍ତ୍ତା ବିଭିନ୍ନ ଦେଶରେ ପ୍ରସାର କରିବା ସହ ବିଶ୍ୱର ସବୁ ଲୋକଙ୍କୁ ଯୋଡିବାରେ ଲାଗିଛି। ଜାତିସଂଘ ଏହି କେନ୍ଦ୍ର ସାହାଯ୍ୟରେ ଦେଶର ନିର୍ବାଚିତ ପ୍ରତିନିଧି, ସରକାରୀ ଅଧିକାରୀ, ଗଣମାଧ୍ୟମ,ସମାଜସେବୀ ତଥା ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷକ ଓ ବୈଜ୍ଞାନିକଙ୍କୁ ନୂଆ ସୂଚନା ପ୍ରଦାନ କରିଥାଏ। ଜାତିସଂଘ ଦିବସ ପାଳନ ଅବସରରେ ଏହାର ସଫଳତା ଓ କାର୍ଯ୍ୟଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଏମାନଙ୍କର ମହତ୍ତ୍ୱପର୍ଣ୍ଣ ଭୂମିକା ରହିଥାଏ। ଏହାର ବିଭିନ୍ନ କାର୍ଯ୍ୟଧାରା ଉପରେ ସେମିନାର ମଧ୍ୟ ଆୟୋଜନ କରାଯାଏ।

ଜାତିସଂଘ ବିଶ୍ୱରେ ୮୦ଟି ଦେଶରେ ୮୦ ମିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରୁଛି। ବିଶ୍ୱରେ ପିଲାମାନଙ୍କ ପାଇଁ ଆବଶ୍ୟକ ହେଉଥିବା ମୋଟ୍ ଟିକାର ୪୫ ପ୍ରତିଶତ ଯୋଗାଉଛି। ଏହାଦ୍ୱାରା ଜାତିସଂଘ ବର୍ଷକୁ ୩ ମିଲିୟନ ପିଲାଙ୍କ ଜୀବନ ବଞ୍ଚାଇପାରୁଛି। ଯୁଦ୍ଧ ଓ ପ୍ରାକୃତିକ ବିପର୍ଯ୍ୟୟ ଓ ଉତ୍ପୀଡନ ଦ୍ୱାରା ପ୍ରଭାବିତ ୬୫.୩ ମିଲିୟନ ଲୋକଙ୍କୁ ଜାତିସଂଘ ସାହାଯ୍ୟ ଓ ସହଯୋଗ ବି କରିଆସୁଛି। ବିଶ୍ୱତାପନ କିପରି ହ୍ରାସ ପାଇବ ସେଥିପାଇଁ ୧୯୫ଟି ଦେଶ ସହ ମିଶି କାର୍ଯ୍ୟ କରୁଛି। ୪ଟି ଦେଶରେ ୧୫ଟି ଅପରେଶନ୍‌ରେ ୧,୧୭,୦୦୦ ଶାନ୍ତିଦୂତଙ୍କ ସହଯୋଗରେ ଶାନ୍ତି ଆଣିବାର ଚେଷ୍ଟା ଜାରି ରଖିଛି। ଜାତିସଂଘ ଦାରିଦ୍ର୍ୟ ବିରୋଧରେ ଲଢେଇ କରୁଛି ଓ ୧.୧ ବିଲିୟନ ଲୋକଙ୍କ ଜୀବନରେ ସୁଧାର ଆଣିବା ପାଇଁ ସହଯୋଗ କରୁଛି। ବିଶ୍ୱରେ ୮୦ଟି ଚୁକ୍ତିନାମା ବା ଘୋଷଣାପତ୍ର ମାଧ୍ୟମରେ ମାନବ ଅଧିକାରର ସୁରକ୍ଷା ଓ ପ୍ରସାର କରିବାରେ ମୁଖ୍ୟ ଭୂମିକା ନିଭାଉଛି। ଜାତିସଂଘ ୯୩.୫ ମିଲିୟନ ଲୋକଙ୍କ ଆବଶ୍ୟକତା ପୂରଣ କରିବାର ଆଗ୍ରହ ପ୍ରକାଶ କରି ୨୨.୫ ବିଲିୟନ ଆମେରିକୀୟ ଡଲାର୍‌ର ଯୋଗାଡ କରିବା ଏହାର ବିଶ୍ୱମୁଖୀ କାର୍ଯ୍ୟଧାରାର ଏକ ଉଦାହରଣ। ବିଶ୍ୱସ୍ତରରେ ଦେଖାଯାଉଥିବା ବିଭିନ୍ନ ବିବାଦର ସମାଧାନ କରିବା ପାଇଁ କୂଟନୀତି ସ୍ତରରେ ସମାଧାନ କରିବାରେ ଏହା ମୁଖ୍ୟ ଭୂମିକା ନେଉଛି। ମାଟରନାଲ ହେଲ୍‌ଥର ବିକାଶ ଲାଗି କାର୍ଯ୍ୟ କରିବା ସହ ମାସକୁ ୧ ମିଲିୟନ ମହିଳାଙ୍କୁ ଗର୍ଭଧାରଣ ଜନିତ ବିପଦରୁ ମୁକ୍ତ କରିପାରୁଛି। ସମ୍ପ୍ରତି ବିଶ୍ୱରେ ସାମାଜିକ, ଅର୍ଥନୈତିକ ତଥା ସୁରକ୍ଷା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଜାତିସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ।



## ଚାଇନା ସୀମା ଜଗିବେ ଅଧିକ ଯବାନ

ଚାଇନା ସହ ରହିଥିବା ୩୪୮୮ କି.ମି. ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)କୁ ଜଗୁଥିବା ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ରେ ବଡ଼ ପରିବର୍ତ୍ତନ ହେବ। ସୀମାରେ ଆଇଟିବିପିର ଦୁଇଟି ନୂଆ କମାଣ୍ଡ ମୁତୟନ ହେବେ। ଏଥିସହ ବହୁସଂଖ୍ୟାରେ ନୂଆ ପଦବୀ ସୃଷ୍ଟି କରି ଅନେକ ଅଫିସର ଓ ଯବାନଙ୍କୁ ପଦୋନ୍ନତି ଦିଆଯିବ ବୋଲି ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ସଂକ୍ଷେପରେ

## ସୁଭାଷ ଚୋପ୍ରା ଦିଲ୍ଲୀ କଂଗ୍ରେସ ସଭାପତି

ନୂଆଦିଲ୍ଲୀ,୨୩।୧୦(ପି.ଟି.)-ସୁଭାଷ ଚୋପ୍ରାଙ୍କୁ ବୁଧବାର ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ଡିପିସିସି) ସଭାପତି ନିଯୁକ୍ତ କରାଯାଇଛି। ସେହିପରି ଭାଜପାର ପୂର୍ବତନ ଏମ୍ପି କୀର୍ତ୍ତି ଆଜାଦଙ୍କୁ ଦଳର ଦିଲ୍ଲୀ ୟୁନିଟ୍ ପ୍ରଚାର କମିଟି ଅଧକ୍ଷ ଭାବେ ନିଯୁକ୍ତି ମିଳିଛି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ



ସେମାନଙ୍କୁ ନିଯୁକ୍ତି ଦେଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। କାଲ୍କାଜୀରୁ ୩ ଥର ବିଧାୟକ ହୋଇଥିବା ସୁଭାଷ ପୂର୍ବରୁ ଦିଲ୍ଲୀ କଂଗ୍ରେସ ମୁଖ୍ୟ ଥିଲେ। ଏହା ବ୍ୟତୀତ ସେ ଦିଲ୍ଲୀ ବିଧାନସଭାରେ ବାଚସ୍ପତି ମଧ ଥିଲେ। ଶୀଲା ଦୀକ୍ଷିତଙ୍କ ଦେହାନ୍ତ ପରେ ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ପଦ ଖାଲିପଡିଥିଲା। ଆଗକୁ ବିଧାନସଭା ନିର୍ବାଚନ ଥିଲାବେଳେ ମତପାର୍ଥକ୍ୟ ଭୁଲି ସମସ୍ତଙ୍କୁ ଏକାଠି କରିବା ଦାୟିତ୍ୱ ନବନିଯୁକ୍ତ ଡିପିସିସି ଅଧକ୍ଷଙ୍କୁ ନିର୍ବାହ କରିବାକୁ ପଡିବ।

## ହରିଶ୍ ରାୱତଙ୍କ ବିରୋଧରେ ସିବିଆଇ ମାମଲା



ନୂଆଦିଲ୍ଲୀ,୨୩।୧୦(ପି.ଟି.)-ଘୋଡ଼ାବେପାର ଅଭିଯୋଗ ନେଇ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ୍ ରାୱତଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ୨୦୧୬ରେ ଉତ୍ତରାଖଣ୍ଡରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲାବେଳେ ଏକ ଭିଡିଓ ରେକର୍ଡିଂ ପଦାକୁ ଆସିଥିଲା। କ୍ଷମତାକୁ ଫେରିବା ଲାଗି ହରିଶ୍ ଭାଜପାରେ ମିଶିଥିବା କେତେକ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କୁ ଟଙ୍କା ଦେଇ କିଣିବା ପାଇଁ ଆଲୋଚନା କରୁଥିବା ଏହି ଭିଡିଓରେ ରେକର୍ଡିଂ ହୋଇଥିଲା। ଏହି ଘଟଣାର ତଦନ୍ତ କରିବା ସହ ହରିଶ୍ଙ୍କ ବିରୋଧରେ ଏତଲା ଦାୟର ପାଇଁ ନିକଟରେ ଉତ୍ତରାଖଣ୍ଡ ହାଇକୋର୍ଟ ସିବିଆଇକୁ ଅନୁମତି ଦେଇଥିଲେ। ସିବିଆଇ ଏହାର ପ୍ରାଥମିକ ତଦନ୍ତ ରିପୋର୍ଟ ଜଉମୁଦା ଲଫାପାରେ ହାଇକୋର୍ଟରେ ଦାଖଲ କରିଥିଲା।

## ୩ ଆତଙ୍କବାଦୀଙ୍କୁ ଧରାଇଲେ ୩୦ ଲକ୍ଷ

ଜମ୍ମୁ,୨୩।୧୦(ପି.ଟି.)-୩ ହିଜ୍ବୁଲ ମୁଜାହିଦିନ ଆତଙ୍କବାଦୀଙ୍କୁ ଧରାଇଦେଲେ ୩୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ବୁଧବାର ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ସେମାନେ ହେଲେ ମହମ୍ମଦ ଆମିନ ଓରଫ ଜହାଁଙ୍ଗିର୍ ସରୁରୀ ଏବଂ ତାଙ୍କ ଦୁଇ ଘନିଷ୍ଠ ସହଯୋଗୀ ରିୟାଜ୍ ଅହମଦ ଓରଫ ହଜାରି ଓ ମୁଦାସିର ହୁସେନ। ଏହି ଆତଙ୍କବାଦୀମାନେ ଅନେକ ଆକ୍ରମଣରେ ସମ୍ପୃକ୍ତ ବୋଲି ପୋଲିସ ଜାଣିବାକୁ ପାଇଛି।



ଜମ୍ମୁ ନିକଟସ୍ଥ ବାର ବ୍ରାହ୍ମଣସ୍ଥିତ ସେନା ନିଯୁକ୍ତି ରାଲିରେ ପରୀକ୍ଷାର୍ଥୀଙ୍କ ଶାରୀରିକ ଯୋଗ୍ୟତା ଯାଞ୍ଚ କରାଯାଉଛି।



ଭାଟିକାନ୍ ସିଟିର ପିଟର୍ସ ସ୍କୋୟାରରେ ଏକ ଶିଶୁକୁ ଚୁମ୍ବନ ଦେଉଛନ୍ତି କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍।

# ଧରାପଡ଼ିଲା ପାକ୍ର କେ୨ ଯୋଜନା

ନୂଆଦିଲ୍ଲୀ,୨୩।୧୦

- କଶ୍ମୀର ଓ ପଞ୍ଜାବରେ ଅସ୍ଥିରତା ସୃଷ୍ଟି ଉଦ୍ୟମ
- ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପ୍ରସ୍ତୁତ କରୁଛି ଆଇଏସ୍ଆଇ





ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ପାଇଁ ପାକିସ୍ତାନ ଏକ ବଡ଼ଧରଣର ଯୋଜନା କରିଛି। ଖଲିସ୍ତାନୀ ଆତଙ୍କବାଦୀମାନଙ୍କୁ ସକ୍ରିୟ କରି କଶ୍ମୀର ଓ ପଞ୍ଜାବରେ ଆକ୍ରମଣ ପାଇଁ ପଡ଼ୋଶୀ ଦେଶର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଷଡ଼ଯନ୍ତ୍ର ରଚିଥିବା ଜଣାପଡ଼ିଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏହି ତଥ୍ୟ ପ୍ରଘଟ କରିବା ପରେ ଦୁଇ ରାଜ୍ୟର ସୀମାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ମିଳିଥିବା ସୂଚନାନୁସାରେ ପାକିସ୍ତାନ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ହାତ ମିଳାଇଛି। ଏହାସହ ଏକ ନୂଆ ଆତଙ୍କବାଦୀ ସଙ୍ଗଠନ ଗଠନ କରିଛି, ଯାହାର ନାମ ହେଉଛି କଶ୍ମୀର ଖଲିସ୍ତାନ ରେଫରେଣ୍ଡମ୍ ଫ୍ରଣ୍ଟ (କେକେଆର୍ଏଫ୍)। ଆଇଏସ୍ଆଇ ଏହି ଆତଙ୍କବାଦୀ ସଙ୍ଗଠନ ପାଇଁ ଯୁବକମାନଙ୍କୁ ନିଯୁକ୍ତି ଦେଉଛି। ଏହାସହ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଭାରତରେ ଆକ୍ରମଣ ପାଇଁ ତାଲିମ ଦେଉଛି। ପଞ୍ଜାବରେ ଉଗ୍ରବାଦକୁ ବଳ ଦେବା ଲାଗି ବାବର ଖାଲସା ଖଲିସ୍ତାନୀ ଫୋର୍ସ ଏବଂ ପାକିସ୍ତାନୀ ସେନା ଆତଙ୍କବାଦୀଙ୍କୁ ନିୟନ୍ତ୍ରଣରେଖା (ଏଲ୍ଓସି) ନିକଟରେ ଏକତ୍ରିତ କରିଛନ୍ତି। ଡ୍ରୋନ୍ ସାହାଯ୍ୟରେ ଅସ୍ତ୍ରଶସ୍ତ୍ର ପଠାଇବା ସକାଶେ କେ୨ (କଶ୍ମୀର ଓ ଖଲିସ୍ତାନ) ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଦୁଇରାଜ୍ୟରେ ଏକକାଳୀନ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ ଭାରତୀୟ ସେନାକୁ ଟାର୍ଗେଟ କରିବା ହେଉଛି କେ୨ ଯୋଜନାର ଉଦ୍ଦେଶ୍ୟ। ପଞ୍ଜାବ ସୀମାରେ ଅନୁପ୍ରବେଶ ପାଇଁ ଆତଙ୍କବାଦୀମାନେ ପ୍ରସ୍ତୁତ ହେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମୁକାବିଲା ପାଇଁ କେନ୍ଦ୍ର ସରକାର ମଧ ନୂଆ ଯୋଜନା କରିଛନ୍ତି। ପଞ୍ଜାବରେ ଏକ ଜଏଣ୍ଟ କାଉଣ୍ଟର ଅପରେଶନ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହି ଟିମ୍‌ରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର), ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ), ଗୋଇନ୍ଦା ବ୍ୟୁରୋ (ଆଇବି) ଏବଂ ପଞ୍ଜାବ ପୋଲିସର ଅଧିକାରୀମାନେ ରହିବେ। ଯେକୌଣସି ସମୟରେ ପାକିସ୍ତାନୀ ଆତଙ୍କବାଦୀ ସୀମାରେ ଅନୁପ୍ରବେଶ କଲେ ସେମାନେ ଆଗୁଆ ସୂଚନା ପାଇ ସୁରକ୍ଷା ବଳକୁ ସଜାଗ କରାଇବେ।

## କମଲେଶଙ୍କୁ ୧୫ ଥର ଛୁରି ଭୁସିଥିଲେ ହତ୍ୟାକାରୀ

ଲକ୍ଷ୍ନୌ,୨୩।୧୦(ପି.ଟି.)



ହିନ୍ଦୁବାଦୀ ନେତା କମଲେଶ ତିୱାରୀଙ୍କୁ ହତ୍ୟାକାରୀ ୧୫ ଥର ଛୁରି ଭୁସିବା ସହ ମୁହଁକୁ ଗୁଳି କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଜଣାପଡିଛି। ତିୱାରୀଙ୍କ ଗାଲ ତଳେ ଗୁଳି ଅଟକି ରହିଥିବାବେଳେ ୧୫ ସ୍ଥାନରେ ଛୁରିଭୁସା ଓ କଟା ଚିହ୍ନ ରହିଛି। ହତ୍ୟାକାରୀ ତାଙ୍କୁ କିଭଳି ବର୍ବରତା ସହ ଆକ୍ରମଣ କରିଥିଲେ ତାହା ଏଥିରୁ ସ୍ପଷ୍ଟ ହୋଇଛି। ହତ୍ୟାକାରୀ ପ୍ରଥମେ ଗୁଳି କରିବା ପରେ ଛୁରି ଓ ଅନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ ମଙ୍ଗଳବାର ଦୁଇ ସନ୍ଦିଗ୍ଧ ହତ୍ୟାକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗୁଜରାଟ-ହରିୟାଣା ସୀମାନ୍ତ ଶାମଲାଜୀରୁ ଗିରଫ କରାଯାଇଥିବା ପୋଲିସ କହିଛି। ସେମାନଙ୍କ ନାଁ ଆଶ୍ଫକ୍ହୁସେନ ଜାକିରହୁସେନ ଶେଖ୍ (୩୪) ଓ ମୋଇନୁଦ୍ଦିନ ଖୁର୍ଶିଦ ପଠାନ (୨୭) ଓ ଘର ସୁରଟ ବୋଲି ଜଣାପଡିଛି।

### ୧୫ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ୟୁପି ମୁଖ୍ୟମନ୍ତ୍ରୀ

କମଲେଶଙ୍କ ସ୍ତ୍ରୀଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ତୁରନ୍ତ ଯୋଗାଇଦେବା ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ମଞ୍ଜୁର କରିଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର ନିମନ୍ତେ ସୀତାପୁର ଜିଲାର ମେହମୁଦାବାଦ ତହସିଲରେ ଏକ ଘର ମଞ୍ଜୁର କରିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କମଲେଶଙ୍କୁ ଗତ ଶୁକ୍ରବାର ତାଙ୍କ ବାସଭବନରେ ହତ୍ୟା କରାଯାଇଥିଲା।

## ମନିଲଣ୍ଡରିଂ ମାମଲାରେ ଶିବକୁମାରଙ୍କୁ ଜାମିନ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ମନିଲଣ୍ଡରିଂ ମାମଲାରେ କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ଡି.କେ. ଶିବକୁମାରଙ୍କୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଥିଲା। ଜଷ୍ଟିସ୍ ସୁରେଶ କୈତ୍ ଶିବକୁମାରଙ୍କୁ ଜାମିନ ମଞ୍ଜୁର କରିବା ଅବସରରେ କହିଥିଲେ, ସେ ବିଦେଶ ପଳାଇଯିବାର କୌଣସି ପ୍ରମାଣ ତଦନ୍ତକାରୀ ସଂସ୍ଥା ଦାଖଲ କରିପାରିନାହିଁ। ଯେହେତୁ ସମସ୍ତ ଦସ୍ତାବିଜ୍ ତଦନ୍ତକାରୀ ସଂସ୍ଥା ପାଖରେ ରହିଛି, ତେଣୁ ସେ ସେଥିରେ ଜାଲିଆତି କରିପାରିବେ ନାହିଁ। ଏହାବ୍ୟତୀତ ସେ କ୍ଷମତାରେ ନ ଥିବାରୁ ସେ କିମ୍ବା ତାଙ୍କ ପରିବାର ସଦସ୍ୟ ଓ ସହଯୋଗୀ ସାକ୍ଷୀଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିପାରିବେ ନାହିଁ ବୋଲି ବିଚାରପତି କହିଥିଲେ। ତାଙ୍କୁ ୨୫ ଲକ୍ଷ ଟଙ୍କାର ବଣ୍ଡ ସମେତ ସମପରିମାଣର ଅନ୍ୟ ଦୁଇଟି ସିଓରିଟି ବଣ୍ଡ ଦାଖଲ କରି ଜାମିନରେ ଯିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲା ବିଚାରାଧୀନ ଥିବାରୁ ତଳକୋର୍ଟଙ୍କ ଅନୁମତି ବିନା ସେ ଦେଶ ଛାଡ଼ି ଯାଇପାରିବେ ନାହିଁ, ଜେରା ପାଇଁ ଆବଶ୍ୟକ ପଡ଼ିଲେ ଉପସ୍ଥିତ ହେବେ ଏବଂ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ ବୋଲି ହାଇକୋର୍ଟ ଜାମିନରେ ଛାଡ଼ିବା ନିମନ୍ତେ ସର୍ତ୍ତ ରଖିଛନ୍ତି।

ସେପ୍ଟେମ୍ବର ୩ରୁ ଇଡି ଦ୍ୱାରା ଗିରଫ ହୋଇ ତିହାର ଜେଲ୍‌ରେ ଥିବା ଶିବକୁମାର ତଳକୋର୍ଟଙ୍କ ଜାମିନ ନାମଞ୍ଜୁର ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ବୁଧବାର ତିହାର ଜେଲ୍ ଯାଇ ଶିବକୁମାରଙ୍କୁ ଭେଟିଥିଲେ।

### ଜେଲ୍‌ରେ ଭେଟିଲେ ସୋନିଆ



## ଜମ୍ମୁ-କଶ୍ମୀରରେ ବିଡିସି ନିର୍ବାଚନ ଆଜି
### ମଇଦାନରେ ୧୦୬୫ ପ୍ରାର୍ଥୀ



ଜମ୍ମୁ,୨୩।୧୦(ପି.ଟି.)

ଜମ୍ମୁ-କଶ୍ମୀର ବ୍ଲକ୍ ଉନ୍ନୟନ ପରିଷଦ (ବିଡିସି) ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେଉଛି। ଏଥିରେ ୧୦୬୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩୧୦ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ କରାଯିବ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଏହା ପ୍ରଥମ ନିର୍ବାଚନ। ତେବେ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ନ୍ୟାଶନାଲ୍ କନ୍ଫରେନ୍ସ (ଏନ୍ସି) ଏବଂ ପିଡିପି ନିର୍ବାଚନକୁ ବର୍ଜନ କରିଛନ୍ତି। ବିଡିସି ଅଧକ୍ଷ ନିର୍ବାଚନରେ ୨୬,୬୨୯ ସରପଞ୍ଚ ଓ ୱାର୍ଡମେମ୍ବର ଭୋଟ ଦେବେ। ଭୋଟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜମ୍ମୁ-କଶ୍ମୀରରେ ୩୧୬ ବ୍ଲକ୍ ମଧ୍ୟରୁ ୩୧୦ଟିରେ ଏହି ନିର୍ବାଚନ ହେଉଛି। ପ୍ରତିଦ୍ୱନ୍ଦ୍ୱିତାରେ ୮୫୩ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୧୦୯୨ ଜଣ ଅବତୀର୍ଣ୍ଣ ହୋଇଥିଲେ। ସେଥିରୁ ୨୭ ଜଣ ବିଡିସି ଅଧକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ବାଲଟ ବାକ୍ସ ବ୍ୟବହାର କରାଯାଉଛି। ପ୍ରଶାସନର ମନୋଭାବରେ ପରିବର୍ତ୍ତନ ଆସି ନ ଥିବା ଏବଂ ରାଜ୍ୟର ନେତାମାନଙ୍କୁ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ନିର୍ବାଚନକୁ ବର୍ଜନ କରିଛି।

# ଆଜି ଭୋଟଗଣତି

ନୂଆଦିଲ୍ଲୀ,୨୩।୧୦(ପି.ଟି.)

### ପ୍ରକାଶ ପାଇବ ୨ ରାଜ୍ୟ ବିଧାନସଭା ନିର୍ବାଚନ ସହ ଉପନର୍ବାଚନ ଫଳ

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇବ। ସକାଳ ୮ଟାରୁ ବିଭିନ୍ନ କେନ୍ଦ୍ରରେ ଭୋଟଗଣତି ଆରମ୍ଭ ହେବ । ଏଥିସହିତ ଓଡ଼ିଶାର ବିଜେପୁର ଆସନ ସମେତ ୧୭ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୧ ବିଧାନସଭା ଆସନ ଓ ଦୁଇଟି ଲୋକ ସଭା ଆସନ ଲାଗି ହୋଇଥିବା ଉପନିର୍ବାଚନ ଫଳାଫଳ ମଧ ଗୁରୁବାର ପ୍ରକାଶ ପାଇବା ଆଶା କରାଯାଉଛି। ଗତ ସୋମବାର ଏହିସବୁ ରାଜ୍ୟରେ ଭୋଟଗ୍ରହଣ ହୋଇଥିଲା। ମହାରାଷ୍ଟ୍ର ଓ ହରିୟାଣାରେ ଭାଜପା କ୍ଷମତା ବଜାୟ ରଖିବ ବୋଲି ଏକ୍ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିଲା। ଭାଜପା-ଶିବସେନା ମେଣ୍ଟ ମହାରାଷ୍ଟ୍ର ବିଧାନସଭାରେ ୨୨୦ରୁ ଅଧିକ ଆସନ ଜିତିବ ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍ନବିସ୍ ଆଶାବ୍ୟକ୍ତ କରିଛନ୍ତି। ମହାରାଷ୍ଟ୍ରର ୨୬୯ଟି କେନ୍ଦ୍ରରେ ଭୋଟଗଣତି ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି ହରିୟାଣାର ୯୦ ଆସନ ଲାଗି ପ୍ରତି ନିର୍ବାଚନମଣ୍ଡଳୀରେ ଗଣତି କେନ୍ଦ୍ର ହେବା ସହ ଗୁରୁଗ୍ରାମର ବାଦଶାହପୁରରେ ଅତିରିକ୍ତ କେନ୍ଦ୍ର ଖୋଲାଯାଇଥିବା ରାଜ୍ୟର ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଇନ୍ଦର ଜିତ୍ କହିଛନ୍ତି। ଭୋଟଗ୍ରହଣରେ ବ୍ୟବହୃତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭିଭିପିଏଟି ମେଶିନ୍‌କୁ ୫୯ଟି ସ୍ଥାନରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ସେଠାରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ହରିୟାଣାରେ ଏଥର ୬୮ ପ୍ରତିଶତ ମତଦାନ ହୋଇଥିଲା।

## ଜାକିର ମୁସାଙ୍କ ଉତ୍ତରାଧିକାରୀ ନିହତ

ଶ୍ରୀନଗର,୨୩।୧୦(ପି.ଟି.)



ଜମ୍ମୁ-କଶ୍ମୀରରେ ଏକଦା ଆତଙ୍କ ଖେଳାଇଥିବା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଜାକିର ମୁସାଙ୍କ ଉତ୍ତରାଧିକାରୀ ହମିଦ୍ ଲେଲ୍‌ହାରି ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଏହାସହ ଉପତ୍ୟକାରୁ ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦା ସଫା ହୋଇଯାଇଛି। ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ବୁଧବାର ଏହି ସୂଚନା ଦେଇଛନ୍ତି।

ତରବରିଆ ଭାବେ ଡକାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଡିଜିପି ଦିଲବାଗ୍ କହିଛନ୍ତି, ଦକ୍ଷିଣ କଶ୍ମୀରର ପୁଲଓ୍ୱାମା ଜିଲା ତ୍ରାଲ ଅଞ୍ଚଳରେ ମଙ୍ଗଳବାର ସୁରକ୍ଷା ବଳ ପକ୍ଷରୁ ମିଳିତ ଏନ୍‌କାଉଣ୍ଟର କରାଯାଇଥିଲା। ଏଥିରେ ଅନ୍‌ସାର ଗଜୱତ୍-ଉଲ୍ ହିନ୍ଦ୍ (ଏଜିଏଚ୍) ପ୍ରତିଷ୍ଠାତା ଜାକିର ମୁସାଙ୍କ ଉତ୍ତରାଧିକାରୀ ହମିଦ୍ ଲେଲ୍‌ହାରି ଓ ଅନ୍ୟ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ନୱିଦ୍ ଅହମଦ ଟାକ୍ ଓ ଜୁନୈଦ ରସିଦ ଭଟ୍ଟ। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) କଶ୍ମୀରରେ ଆକ୍ରମଣ ପାଇଁ ଏଜିଏଚ୍ ସହ ସମନ୍ୱୟ ରଖିଥିଲା। ଅଲ୍ କାଏଦା ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବା ମୁସା ଗତ ମେ'ରେ ଏକ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ଏବେ ହମିଦ୍‌ଙ୍କ ମୃତ୍ୟୁ ପରେ ତାଙ୍କ ଗୋଷ୍ଠୀ ସଫା ହୋଇଯାଇଛି ବୋଲି ଦିଲବାଗ କହିଛନ୍ତି। ଅନ୍ୟପକ୍ଷରେ ଲେଲ୍‌ହାରି ଓ ଅନ୍ୟ ୨ ଆତଙ୍କବାଦୀଙ୍କ ଶେଷକୃତ୍ୟ କାକାପୋରାରେ ସମ୍ପନ୍ନ ହୋଇଛି। ଏଥିରେ ବହୁସଂଖ୍ୟକ ଲୋକ ଯୋଗଦେଇଥିଲେ।

## ୧୭ ଜଣିଆ କମିଟି ଗଢ଼ିଲେ ସୋନିଆ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

### ୨୫ରେ ସମୀକ୍ଷା ବୈଠକ



ନିର୍ବାଚନ ପରବର୍ତ୍ତୀ ସ୍ଥିତି ଓ ଅନ୍ୟ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା ଲାଗି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଏକ ୧୭ ଜଣିଆ କମିଟି ଗଠନ କରିଛନ୍ତି। ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇବାକୁ ଥିଲାବେଳେ ଶୁକ୍ରବାର ଉକ୍ତ କମିଟିର ପ୍ରଥମ ବୈଠକ ବସିବ। ସୋନିଆଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାହୁଲ ଗାନ୍ଧୀ, ଅହମ୍ମଦ ପଟେଲ, ଗୁଲାମ ନବୀ ଆଜାଦ, ଏ.କେ. ଆଣ୍ଟୋନି, ମଲ୍ଲିକାର୍ଜୁନ ଖାର୍ଗେ, ଆନନ୍ଦ ଶର୍ମା, ଜୟରାମ ରମେଶ, ଅମ୍ବିକା ସୋନି, କପିଲ ସିବଲ, କେ.ସି. ବେଣୁଗୋପାଳ ଓ ଅଧୀର ରଞ୍ଜନ ଚୌଧୁରୀ ସଦସ୍ୟ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ରଣଦୀପ୍ ସୁର୍ଜେୱାଲା, ଜ୍ୟୋତିରାଦିତ୍ୟ ସିନ୍ଧିଆ, ରାଜୀବ ସତଭ ଏବଂ ସୁସ୍ମିତା ଦେବ ଏହି କମିଟିରେ ରହିଛନ୍ତି। ତେବେ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଏହି କମିଟିରେ ନିଆଯାଇ ନାହିଁ। ଶୁକ୍ରବାର ବୈଠକରେ ନିର୍ବାଚନ ଫଳାଫଳ ବ୍ୟତୀତ ଆସାମ ଏନ୍ଆର୍ସି ଉପରେ ମଧ ଆଲୋଚନା ହେବ। ଏନ୍ଆର୍ସି ଚୂଡାନ୍ତ ତାଲିକାରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡିଛନ୍ତି। ନଭେମ୍ବର ୧୮ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିଲାବେଳେ ଏଥିରେ ଉଠାଯିବାକୁ ଥିବା ଆର୍ଥିକ ମାନ୍ଦାବସ୍ଥା, ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେବା ଆଦି ବିଭିନ୍ନ ପ୍ରସଙ୍ଗ ମଧ ଆଲୋଚନାରେ ସ୍ଥାନ ପାଇବ। ଦେଶର ଅର୍ଥନୀତିକୁ ପରିଚାଳନା କରିବାରେ ସରକାରଙ୍କ ବିଫଳତା ଆଲୋଚନାର ମୁଖ୍ୟ ରଣନୀତି ହେବ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୬ | ୨୩.୨ |
| ଚାନ୍ଦବାଲି | ୩୧.୨ | ୨୫.୬ |
| କଟକ | ୨୮.୪ | ୨୩.୦ |
| ପାରାଦ୍ୱୀପ | ୩୦.୧ | ୨୬.୦ |
| ଭୁବନେଶ୍ୱର | ୨୫.୮ | ୨୪.୦ |
| ଗୋପାଳପୁର | ୨୬.୦ | ୨୩.୯ |
| ପୁରୀ | ୨୬.୨ | ୨୨.୮ |
| ଅନୁଗୋଳ | ୨୮.୧ | ୨୧.୦ |
| ବାରିପଦା | ୩୦.୦ | ୨୪.୪ |
| ଝାରସୁଗୁଡ଼ା | ୨୯.୮ | ୨୪.୪ |
| କେନ୍ଦୁଝର | ୨୮.୨ | ୨୧.୦ |
| ସମ୍ବଲପୁର | ୩୦.୧ | ୨୪.୦ |
| ସୁନ୍ଦରଗଡ଼ | ୨୬.୦ | ୧୫.୦ |
| ହୀରାକୁଦ | ୨୯.୩ | ୨୪.୭ |
| ତାଳଚେର | ୨୯.୬ | ୨୨.୭ |
| ଭବାନୀପାଟଣା | ୨୯.୦ | ୨୩.୫ |
| ବଲାଙ୍ଗୀର | ୩୦.୦ | ୨୫.୦ |
| କୋରାପୁଟ | ୨୬.୦ | ୧୬.୮ |
| ଫୁଲବାଣୀ | ୨୬.୪ | ୨୨.୫ |
| ଟିଟିଲାଗଡ଼ | ୩୧.୦ | ୨୦.୬ |
| ମାଲକାନଗିରି | ୨୭.୦ | -- |
| ସୋନପୁର | ୩୧.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୨୨.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

### ଇତିହାସର ଆଇନାରେ
## ଅକ୍ଟୋବର ୨୪ର ପ୍ରମୁଖ ଘଟଣା

୧୯୬୦ ଅକ୍ଟୋବର ୨୪ରେ ରୁଷିଆର ବୈକାନୁର ଟେଷ୍ଟ ରେଞ୍ଜ୍‌ରେ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଲଞ୍ଚ୍‌ପ୍ୟାଡ୍‌ରେ ବିସ୍ଫୋରଣ ହେବା ଫଳରେ ପ୍ରାୟ ୧୦୦ ଜଣ ମୃତ୍ୟୁବରଣ କରିଥିଲେ। ବହୁ ଟେକ୍ନିକାଲ ଓ ମିଲିଟାରୀ କର୍ମଚାରୀଙ୍କ ଏଥିରେ ମୃତ୍ୟୁ ହୋଇଥିଲା। ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ଏଭଳି ବିସ୍ଫୋରଣ ହୋଇଥିଲା। କାର୍ଯ୍ୟରେ ନିୟୋଜିତ ପ୍ରାୟ ୧୨୦ କର୍ମଚାରୀ ଆହତ ହୋଇଥିଲେ।

୨୦୦୫ ଅକ୍ଟୋବର ୨୪ରେ ଆମେରିକାର ଫ୍ଲୋରିଡ଼ାରେ ଭୟଙ୍କର ସାମୁଦ୍ରିକ ଝଡ଼ବାତ୍ୟା 'ୱିଲ୍‌ମା' ତାଣ୍ଡବ ରଚିଥିଲା। ଏଥିରେ ୮୭ ଜଣଙ୍କ ପ୍ରାଣହାନି ଘଟିଥିଲା। ଘଣ୍ଟାକୁ ୨୯୫ କି.ମି. ବେଗରେ ପବନ ବହିବା ସହ ଏହି ଝଡ଼ବାତ୍ୟା ବ୍ୟାପକ ଘରଦ୍ୱାର ଭାଙ୍ଗି ଦେଇଥିଲା। ପ୍ରାୟ ୨୭.୪ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

# ୪୦ ଲକ୍ଷଙ୍କୁ ମିଳିବ ମାଲିକାନା ଅଧିକାର

ନୂଆଦିଲ୍ଲୀ,୨୩।୧୦(ପି.ଟି.)

### ଦିଲ୍ଲୀର ଅନଧିକୃତ କଲୋନୀରେ ରହୁଥିବା ଲୋକଙ୍କ ପାଇଁ କେନ୍ଦ୍ରର ବଡ଼ ନିଷ୍ପତ୍ତି



ଦିଲ୍ଲୀର ଅନଧିକୃତ କଲୋନିଗୁଡ଼ିକରେ ରହୁଥିବା ୪୦ ଲକ୍ଷ ଲୋକଙ୍କୁ ମାଲିକାନା ଅଧିକାର ମିଳିବ। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ଜାତୀୟ ରାଜଧାନୀରେ ଅନଧିକୃତ କଲୋନିଗୁଡିକରେ ରହୁଥିବା ଲୋକମାନଙ୍କୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ଏନେଇ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଏକ ବିଲ୍ ଆସିବ ବୋଲି କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାରୁ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ଦିଲ୍ଲୀର ୧୭୫ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ୧୭୯୭ ଅନଧିକୃତ କଲୋନି ଚିହ୍ନଟ କରାଯାଇଛି, ଯେଉଁଠାରେ ନିମ୍ନ ଆୟକାରୀ ବର୍ଗର ଲୋକେ ରହୁଛନ୍ତି। ସରକାରଙ୍କ ଉପରୋକ୍ତ ନିଷ୍ପତ୍ତି ଉକ୍ତ କଲୋନି ବାସିନ୍ଦାଙ୍କ କ୍ଷେତ୍ରରେ ଲାଗୁ ହେବ। ତେବେ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଚିହ୍ନଟ କରିଥିବା ସୈନିକ ଫାର୍ମ, ମହେନ୍ଦ୍ରୁ ଏନ୍‌କ୍ଲେଭ, ଅନନ୍ତରାମ ଡାଏରୀ ଭଳି ୬୯ଟି ପ୍ରଭାବଶାଳୀ କଲୋନି କ୍ଷେତ୍ରରେ ଏହା ଲାଗୁହେବନି ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି।

**ସଂକ୍ଷେପରେ**

## ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଦେବଗଡ,୨୩।୧୦(ଡି.ଏନ୍.ଏ.)- ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ ଦେବଗଡ଼ ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସୂଚନାନୁସାରେ ମୃତକ ଜଣକ ହେଲେ ଛେପିଲିପାଲି ଗ୍ରାମର ସରୋଜ ନାଏକ (୨୨)। ସେ ନିଜ ବାପାଙ୍କ ସହ ଚେନ୍ନାଇରେ ରହି କାମ କରୁଥିଲେ। ଗତ କିଛିଦିନ ହେଲା ଗ୍ରାମକୁ ଆସିଥିଲେ। ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ହେଲେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଦେବଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏ ନେଇ ପରିବାରବର୍ଗ ହତ୍ୟା ଅଭିଯୋଗ ଆଣିଛନ୍ତି।

■ଦେବଗଡ଼ ହେବ ଶିଶୁଶ୍ରମିକ ମୁକ୍ତ ଜିଲା

# ସହଯୋଗର ହାତ ବଢ଼ାଇଲା ଜିଲା ଶିଳ୍ପ ଓ ବଣିକ ସଂଘ

ଦେବଗଡ଼,୨୩।୧୦(ଡି.ଏନ୍.ଏ.)

ସ୍ଥାନୀୟ ଜଳ ବିଭାଜିକା ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଆବାହକତ୍ୱରେ ଅତିରିକ୍ତ ଜିଲାପାଳ ଧରମ ହାଂସଦାଙ୍କ ଅଧ୍ୟକ୍ଷତାରେ ଶିଶୁଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ଶୀର୍ଷକରେ ଏକ ଜିଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାକୁ ଶିଶୁଶ୍ରମିକ ମୁକ୍ତ କରିବା ପାଇଁ ଏହି ଶିବିରରେ ଜିଲାର ବିଭିନ୍ନ ଢାବା, ହୋଟେଲ, ଗ୍ୟାରେଜ୍ ଆଦିର ମାଲିକ ଓ ମ୍ୟାନେଜର ତଥା ଜିଲା ଶିଳ୍ପ ଏବଂ ବଣିକ ସଂଘର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ହାଂସଦା ଶିଶୁଶ୍ରମିକ ମୁକ୍ତ ଜିଲା ମାନ୍ୟତା ଦେବା ପାଇଁ ଆଇନର କାର୍ଯ୍ୟକାରିତା ସହ ଶିଳ୍ପ ସଂଘ ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର



'ଶିଶୁ ଶ୍ରମକୁ ନା' ଶୀର୍ଷକ ପୋଷ୍ଟରକୁ ଅତିରିକ୍ତ ଜିଲାପାଳ ଉନ୍ମୋଚନ କରୁଛନ୍ତି।

ସହଯୋଗ କାମନା କରିଥିଲେ। ବଚ୍‌ପନ ବଚାଓ ଆନ୍ଦୋଳନ ଅନୁଷ୍ଠାନର ଓଡ଼ିଶା ଶାଖା ପକ୍ଷରୁ ସତ୍ୟନାରାୟଣ ବିଶ୍ୱାଳ ତାଲିମଦାତା ଭାବେ ଯୋଗଦେଇ ଶିଶୁଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ସିଂ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅତୁଲ୍ୟ ପୂଜାରୀ କିଶୋର ନ୍ୟାୟ ଅଧିନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଶିଳ୍ପ ସଂଘର ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ଚନ୍ଦ୍ରମା ପ୍ରସାଦ ଜୟସ୍ୱାଲ ଓ ଜିଲା ବଣିକ ସଂଘର ସଭାପତି ଉମାଶଙ୍କର ସାହୁ ଯୋଗ ଦେଇ ବଣିକ ସଂଘର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଓ ଜିଲାରେ କାର୍ଯ୍ୟରତ ୪୦ଟି ଶିଳ୍ପ ସଂସ୍ଥା ଆଗାମୀ ଏକ ମାସ ମଧ୍ୟରେ ଶିଶୁଶ୍ରମିକ ନିସିଦ୍ଧାଞ୍ଚଳ ଘୋଷଣା କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆଗାମୀ ଦିନରେ ଜିଲା ପ୍ରଶାସନ, ଜିଲା ଶିଳ୍ପ ସଂଘ ଓ ଜିଲା ବଣିକ ସଂଘର ମିଳିତ ସହଯୋଗରେ 'ଶିଶୁ ଶ୍ରମକୁ ନା' ଶୀର୍ଷକ ଏକ ପୋଷ୍ଟରକୁ ଅତିରିକ୍ତ ଜିଲାପାଳ ହାଂସଦା ଉନ୍ମୋଚନ କରିଥିଲେ। ଏହି ଶିବିରରେ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରମୋଦ ପୂଜାରୀ, ରଜନୀକାନ୍ତ ମହନ୍ତ, ଚାଇଲ୍ଡ ଲାଇନର ଉପେନ୍ଦ୍ର ଭଞ୍ଜ, ରମାକାନ୍ତ ସାହୁ, ସୁବ୍ରତ ନାଗ ପ୍ରମୁଖ ଉପସ୍ଥିତ ଥିଲେ।



ରେଢାଖୋଲରେ ଗଜଲକ୍ଷ୍ମୀଙ୍କୁ ବିସର୍ଜନ କରିବାକୁ ଶୋଭାଯାତ୍ରାରେ ନିଆଯାଉଛି।

## ରେଢାଖୋଲରେ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ରେଢାଖୋଲ,୨୩।୧୦(ଡି.ଏନ.ଏ.)

ରେଢାଖୋଲ ସହରରେ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସାଢେ ୬ଟା ବେଳେ ଖନ୍ଦାଢିପ, ରଥସାହି, କଇଥସାହି, ନୁଆସାହି, ଯଦୁମଣିପାଟଣା, ଗଣେଶନଗର ଆଦି ପୂଜା କମିଟି ଗଜଲକ୍ଷ୍ମୀଙ୍କୁ ରୋଷଣି କରି ଢୋଲ ନିସାନ, ବ୍ୟାଣ୍ଡ୍ ତାଳେ ତାଳେ ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଥିଲେ। ସମସ୍ତ ମେଢ ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା ପରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥଲା। ପ୍ରାୟ ୧୦ ଦିନ ଧରି ଅନୁଷ୍ଠିତ ହୋଇଥିବା ଗଜଲକ୍ଷ୍ମୀ ପୂଜା ପାଇଁ ରେଢାଖୋଲ ସହର ଉତ୍ସବ ମୁଖର ହୋଇ ଉଠିଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେତୁ ରାତି ୧୦ଟା ପର୍ଯ୍ୟନ୍ତ ସହରରେ ଗହଳି ଲାଗି ରହିଥିଲା।

# ଏମ୍‌ପି ନିତେଶ ଗଙ୍ଗଦେବଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଏମ୍‌ପି ନିତେଶ ଗଙ୍ଗଦେବ ଉଦ୍‌ବୋଧନ ଦେଉଛନ୍ତି।

ପଡିଆବାହାଲ, ୨୩।୧୦ (ଡି.ଏନ.ଏ.)

ସମ୍ବଲପୁର ଏମ୍‌ପି ନିତିଶ ଗଙ୍ଗଦେବ ଝୁଝୁମୁରା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି। ପଡିଆବାହାଲ ଦୁର୍ଗା ମଣ୍ଡପରେ ମଙ୍ଗଳବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୁବୋଧ ବେହେରା, ଦେବେନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଦସ୍ୟ ବିଭୀଷଣ ପଧାନ, ଡା. ରାଜକିଶୋର ବଡପଣ୍ଡା, ଭାଜପା କର୍ମୀ ପ୍ରମୋଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପୂଜା କମିଟି, ସ୍ଥାନୀୟ ବଜାର କମିଟି, ବରିଷ୍ଠ ନାଗରିକ ଏବଂ ଜନସାଧାରଣଙ୍କ ତରଫରୁ ପୃଥକ ପୃଥକ ଭାବରେ ପୁଷ୍ପମାଲ୍ୟ ସହ ଅଙ୍ଗବସ୍ତ୍ର ଦେଇ ଏମ୍‌ପି ଗଙ୍ଗଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଦୁର୍ଗା ମଣ୍ଡପର ସଂପୂର୍ଣ୍ଣକରଣ, ଚେକ୍‌ଡ୍ୟାମ୍, ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ତାଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏହାପରେ ଏମ୍‌ପି ଜୟଦୁର୍ଗା ମହାବିଦ୍ୟାଳୟ ପରିଦର୍ଶନରେ ଯାଇ କଲେଜର ବିଭିନ୍ନ ଅଭାବ ଅସୁବିଧା ଦୂର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଖଲିଆପାଲି ଗ୍ରାମରେ ଲୋକଙ୍କ ସହ ଆଲୋଚନା କରିଥିଲେ।

## ମନୋରମା କ୍ଳବର ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ

ଦେବଗଡ,୨୩।୧୦(ଡି.ଏନ୍.ଏ.)

ଦେବଗଡ଼ ମଠସାହିସ୍ଥିତ ମନୋରମା କ୍ଲବରେ ଛାଡ଼ଖାଇ ଉପଲକ୍ଷେ ହେବାକୁ ଥିବା ଦୁଇ ଦିନିଆ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୬ ଓ ୧୭ ତାରିଖ ଦୁଇଦିନ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରଦୀପ ବେହେରା, ସଂପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ଅରୁଣ ଟାଲିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ମନୋରମା କ୍ଲବର ପୁରୁଣା କମିଟିକୁ ଭାଙ୍ଗି ନୂତନ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଶଶାଙ୍କ ଶେଖର ଝାଙ୍କର, ସଂପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ ବେହେରାଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ମଛିନ୍ଦ୍ର ନାୟକ, ବାପି ସାହୁ, ଦିଲୀପ ଘଡ଼େଇ, ରମଣି ଆଚାର୍ଯ୍ୟ, ବୁନୁ ଆଚାର୍ଯ୍ୟ, ଅର୍ଜୁନ ଦାଶ, ପ୍ରଦୀପ ଦାଶ, ଅନନ୍ତ ମେହେର, ନନ୍ଦ ମାଝି, ସନ୍ତୋଷ ଭୋଇ, କାର୍ତ୍ତିକେଶ୍ୱର ପଟ୍ଟନାୟକ, ବିଜୟ ମେହେରଙ୍କୁ ମନୋନୀତ କରାଯାଇଛି। ବୈଠକରେ ସାହିର ଜୁନିୟର ଏବଂ ସିନିୟର ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

■୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

# ଉଭୟ ବର୍ଗରେ ସୁନ୍ଦରଗଡ଼ ଚାମ୍ପିୟନ

ଦେବଗଡ଼,୨୩।୧୦(ଡି.ଏନ୍.ଏ.)

ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ଓ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦେବଗଡ଼ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ବର୍ଷରୁ କମ ବୟସର କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଳିକା ଓ ବାଳକ ଉଭୟ ବର୍ଗରେ ସୁନ୍ଦରଗଡ଼ ଜିଲା ଚାମ୍ପିୟନ ହୋଇଛି। ବାଳକ ବର୍ଗରେ ସୁନ୍ଦରଗଡ଼ ଜିଲା ୩୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିବା ବେଳେ ପୁରୀ ଜିଲା ୨୮ପଏଣ୍ଟ ହାସଲକରି ରନର୍ସ ଅପ୍ ହୋଇଛି। ବାଳିକା ବର୍ଗରେ ସୁନ୍ଦରଗଡ ଜିଲା ୨୯ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିବାବେଳେ ଭୁବନେଶ୍ୱର ଶିକ୍ଷା ଜିଲା ୨୬ ପଏଣ୍ଟ ପାଇ ରନର୍ସ ଅପ ହୋଇଛି। ପୂର୍ବାହ୍ନରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶାରୀରିକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଈ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ରାଜ୍ୟ ଶାରୀରିକ ଶିକ୍ଷା ବିଭାଗର ପର୍ଯ୍ୟବେକ୍ଷକ ଅରବିନ୍ଦ ପାତ୍ର, ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଧୀରେନ୍ଦ୍ର ନାୟକ, ଉପସଭାପତି




ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

ଇଂ. ଚିତ୍ତରଞ୍ଜନ ପ୍ରଧାନ ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ଉପସ୍ଥିତ ରହି ଉଭୟ ବର୍ଗର ଚାମ୍ପିୟନ ସୁନ୍ଦରଗଡ଼, ବାଳକ ବର୍ଗର ରନର୍ସ ଅପ୍ ପୁରୀ ଜିଲା ଓ ବାଳିକା ବର୍ଗର ରନର୍ସଅପ୍ ଭୁବନେଶ୍ୱର ଶିକ୍ଷାଜିଲାକୁ ଟ୍ରଫି ପ୍ରଦାନ କରିବା ସହ କ୍ରୀଡ଼ା ପତାକା ଅବତରଣ କରି ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ। ସଭାକାର୍ଯ୍ୟକୁ ବଲାଙ୍ଗୀର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା, ଶିକ୍ଷକ ପ୍ରାଣବନ୍ଧୁ ଘଡ଼େଇ ଓ ଶାନ୍ତନୁ କୁମାର ନାଥ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ସ୍ଥାନୀୟ ଟାଉନ ହାଇସ୍କୁଲର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଦେବଗଡ ଜିଲାର ମୋଟ ୬୫ ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ଶୃଙ୍ଖଳା ରକ୍ଷା ନିମନ୍ତେ ଜିଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ଓ ଫାଷ୍ଟ ଏଡ୍‌ର ବ୍ୟବସ୍ଥା କରାଯାଇଥିଲା। ସଭା ପ୍ରାରମ୍ଭରେ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଉଦୟନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସୁରଭି'ରେ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ଦେବଗଡ଼,୨୩।୧୦(ଡି.ଏନ୍.ଏ.)

ତିଳେଇବଣି ବ୍ଲକରେ ପ୍ରଭାଶୁଣି କ୍ଲଷ୍ଟରର ସୁରଭି-୨୦୧୯ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଶୁକ୍ରୁ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇ ଜଣା-ଅଜଣା, ବିତର୍କ, ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମ ପରି ୧୮ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଆସନ୍ତା ଅକ୍ଟୋବର ୨୫ ତାରିଖରେ ବ୍ଲକ ସ୍ତରୀୟ ସୁରଭି-୨୦୧୯ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ବାଳାମଣି ପାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅତିଥି।

କରିଥିଲେ। ଶେଷରେ ସିଆର୍‌ସିସି ଝସକେତନ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

ବାରକୋଟ, (ଡି.ଏନ.ଏ): ଦେବଗଡ ଜିଲା ବାରକୋଟ ବ୍ଲକ ଦନ୍ତାରିବାହାଲ ୟୁଜିଏମଇ ସ୍କୁଲରେ ସର୍ବଶିକ୍ଷା ଅଭିଯାନ ଦେବଗଡ ଆନୁକୂଲ୍ୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହୃଦାନନ୍ଦ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତାଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅନିରୁଦ୍ଧ ନାୟକ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଦୈତ୍ୟାରୀଚରଣ ସାହୁ, ସ୍ଥାନୀୟ ସିଆରସିସି ସତ୍ୟାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ କ୍ଲଷ୍ଟର ୧୦ଟି ବିଦ୍ୟାଳୟର ୯୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ତଥା କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗୀତା କରି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସେହିଭଳି କାଉଁଶିବାହାଲ କ୍ଲଷ୍ଟରର ଗୌଡସୁଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ସୁରଭି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ରଭାନୁ ପ୍ରଧାନ, ସମ୍ମାନୀତ ଅତିଥିଭାବେ ସିଆରସିସି ରେବତୀମୋହନ ପ୍ରଧାନ ଯୋଗଦେଇଥିଲେ । ଛାତ୍ରୀ ସନ୍ଧ୍ୟାରାଣୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନେ ଫୁଲତୋଡା ଦେଇ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ଦୁଇଟି ବର୍ଗରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିକେଶ୍ୱର ସାହୁଙ୍କ ଦ୍ୱାରା ରଚିତ ନୃତ୍ୟନାଟିକା ବାଲ୍ୟ ବିବାହ ନିରାକରଣ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଟିକେଶ୍ୱର ସାହୁ, ଫନେନ୍ଦ୍ର ଧଳ, ଭୁବନେଶ୍ୱର ଦେହୁରୀ, ଜିତେନ୍ଦ୍ର ଧଳ, କ୍ଷମାନିଧି ଧଳ, କ୍ଷୀରୋଦ ସାହୁ, ଗାୟତ୍ରୀ ରଣଜିତ, ରୋହିତ ରଣଜିତ, ସନ୍ତୋଷ ସାହୁ, ଶାନ୍ତାନୁ ବେହେରା, କୁମାରୀ ସାହୁ, ପୁଲିନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଶିବିର




ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଶିବିରରେ ଅତିଥିମାନେ।

ପଡିଆବାହାଲ, ୨୩।୧୦ (ଡି.ଏନ.ଏ.)

ଝୁଝୁମୁରା ବ୍ଲକ ଘିନୁପାଲି ଗ୍ରାମ ପଞ୍ଚାୟତ ବଡସାହିର ଗ୍ରାମଠାରେ ବୁଧବାର ନାବାର୍ଡ ତରଫରୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ଉପରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଡାକ ବିଭାଗର ବିଭିନ୍ନ ଯୋଜନା ଏବଂ ଆଇପିପିବି ବାବଦରେ ଏଥିରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଇପିପିବି ସେଲ୍ସ ଅଫିସର ଜିତେନ୍ଦ୍ର ଖମାରୀ, ଡାକ ବିଭାଗର ଓଭରସିୟର ନରେନ୍ଦ୍ର ଭୋଇ, କର୍ମଚାରୀ ଗୋବର୍ଦ୍ଧନ ସାହ, ସୁବାଷ ବାରିକ, ଗୌତମ କୁଅଁର, ବିରଞ୍ଚି ନାଏକ, ରବୀନ୍ଦ୍ର ମହାପାତ୍ର, ମନବୋଧ ପଧାନ, ଲଳିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଫଟୋରେ ଖବର







ବୁର୍ଲା ଭିମ୍‌ସାରରେ ଡାକ୍ତରମାନଙ୍କ ଦ୍ୱାରା ମାଡ ଖାଇଥିବା ରୋଗୀ ସମ୍ପର୍କୀୟଙ୍କ ପରିବାର ବୁଧବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମାନବାଧିକାର କମିଶନଙ୍କୁ ଫେରାଦ ହେବା ଅବସରରେ (ବାମ)। ଭିମ୍‌ସାରରେ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରମାନେ ଆକ୍ରମଣ କରିବାକୁ ବିରୋଧ କରି 'ସ୍ୱାଭିମାନ ସମ୍ବଲପୁର'ର କର୍ମକର୍ତ୍ତା ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତ ଡାକ୍ତରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି (ମଝି)। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଇ ଲର୍ଣ୍ଣିଂ ସେଣ୍ଟରଠାରେ ଆୟୋଜିତ ସ୍ପେସ୍ ଅନ୍ ହୁଇଲ କାର୍ଯ୍ୟକ୍ରମରେ ଛାତ୍ର ଓ ଅଧ୍ୟାପକମାନେ ।



ଗୌରବ-ସ୍ୱପ୍ନା

# ଗୁଆହାଟୀ ଫିଲ୍ମ ଫେଷ୍ଟିଭାଲରେ 'ଅନ୍ତର୍ଧ୍ୱନୀ'

ଶାନ୍ତନୁ ଏବଂ ଶାଲିନୀ ଦୁଇ ଜଣ ସାଙ୍ଗ। ଦିନେ ହଠାତ୍ ଶାଲିନୀ ଅନ୍ତର୍ଦ୍ଧାନ ହୋଇଯାଉଛି। ତାକୁ କିପରି ଠାବ କରିବ ସେଥିପାଇଁ ଶାନ୍ତନୁ ନିଜ ଜୀବନକୁ ବାଜି ଲଗାଇ ଦେଇଛି। ତା'ପରେ କ'ଣ ଘଟୁଛି ଏବଂ ଶାଲିନୀକୁ ଶାନ୍ତନୁ ପାଉଛି କି ନାହିଁ ସେପରି ଏକ ଉତ୍କଣ୍ଠାପୂର୍ଣ୍ଣ କାହାଣୀକୁ ଆଧାରକରି ନିର୍ମିତ ହୋଇଛି କଳାତ୍ମକ ଚଳଚ୍ଚିତ୍ର 'ଅନ୍ତର୍ଧ୍ୱନୀ'। ଜଙ୍ଗଲ ଏବଂ ପ୍ରାକୃତିକ ବାତାବରଣର ଛାପ ଏଥିରେ ମଧ୍ୟ ରହିଛି। ଖାସ୍ କଥା ହେଲା, ଏହାର ୯୫ ପ୍ରତିଶତ ଶୁଟିଂ କେବଳ ଜଙ୍ଗଲରେ ହିଁ ହୋଇଛି। ପୁଣି ସମ୍ପୂର୍ଣ୍ଣ ପ୍ରାକୃତିକ ଆଲୋକରେ ଶୁଟିଂ କରାଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ଅପୂର୍ବ କୁମାର ବୀର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ରାକେଶ ମହାନ୍ତି। ଅକ୍ଟୋବର ୩୧ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଗୁଆହାଟୀ ଫିଲ୍ମ ଫେଷ୍ଟିଭାଲରେ ଏହା ଓପନିଂ ଫିଲ୍ମ ଭାବରେ ପ୍ରଦର୍ଶିତ ହେବା ଯୋଜନା ରହିଛି। ଏହାପୂର୍ବରୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଉକ୍ତ ସିନେମା ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ଆଗକୁ ବର୍ଲିନ ଫିଲ୍ମ ଫେଷ୍ଟିଭାଲ ଏବଂ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲରେ ଫିଲ୍ମଟି ପ୍ରଦର୍ଶିତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ୨୪ ଏଫ୍‌ପିଏସ୍ ବ୍ୟାନରରେ ନିର୍ମିତ 'ଅନ୍ତର୍ଧ୍ୱନୀ'ର ମୁଖ୍ୟ ଭୂମିକାରେ ଗୌରବ ପାଶୱାଲ ଏବଂ ସ୍ୱପ୍ନା ପତି ଅଭିନୟ କରିଛନ୍ତି।



ସାରା

## ସାରାଙ୍କ ଫରେନ୍ ଟ୍ରିପ୍

ସାରା ଅଲ୍ଲୀ ଖାଁ ଏବେ ଶ୍ରୀଲଙ୍କାରେ ଡେରା ପକାଇଛନ୍ତି। ଶୁଟିଂ ବ୍ରେକ୍ ପାଇବା ମାତ୍ରେ ସେ ମାଇଣ୍ଡ ଫ୍ରି କରିବାକୁ ସେଠାକୁ ଯାଇଛନ୍ତି। କିଛିଦିନ ସେ ବିଦେଶରେ ରହି ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବେ। ''ବର୍ତ୍ତମାନ ମୋତେ ପାଖାପାଖି ତିନିସପ୍ତାହ ବ୍ରେକ୍ ମିଳିଛି। ତେଣୁ ଏହି ସମୟ ଭିତରେ ମୁଁ ଫରେନ୍ ଟ୍ରିପ୍ ପାଇଁ ପୂର୍ବରୁ ପ୍ଲାନିଂ କରିଥିଲି। ବିଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବି। କେବଳ ସେତିକି ନୁହେଁ, ଭବିଷ୍ୟତରେ ଏ ନେଇ ଏକ ପୁସ୍ତକ ରଚନା କରିବାକୁ ସ୍ଥିର କରିଛି'' ବୋଲି କହିଛନ୍ତି ସାରା।

ନୂଆ ସିନେମା

# ହୀରୋ ନଂ ଜିରୋ

ଖୁସି କ୍ରିଏସନ୍ସ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ହୀରୋ ନଂ ଜିରୋ'। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଖାସ୍ କଥା ହେଲା ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ନବାଗତା ଖୁସି ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଉକ୍ତ ସିନେମା ସମ୍ପର୍କରେ ନିରଞ୍ଜନ କହନ୍ତି, 'ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପ୍ରେମ ପାଇଁ ମହାଭାରତ'ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି।' ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି-ଖୁସି ଯୋଡ଼ି ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିବେ।



ଖୁସି

# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ

ନିକଟରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସ୍ୱଚ୍ଛତାକୁ ନେଇ ପ୍ରଯୋଜକମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକୃତପକ୍ଷେ ବିଗତ ଦିନର ପୁରସ୍କାର ବେଳେ କଳାକାର, ଟେକ୍ନିସିଆନ, ପ୍ରଯୋଜକ, ନିର୍ଦ୍ଦେଶକମାନେ ନିଷ୍ପତ୍ତିକୁ ସ୍ୱାଗତ କରୁଥିଲେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ପ୍ରାୟତଃ ନୀତିନିୟମକୁ ଆଧାରକରି ହୋଇଥାଏ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୪ ବର୍ଷ ଅର୍ଥାତ୍ ୧୯୯୯ ମସିହାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଦିଆଯାଇ ନ ଥିଲା। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଜୁରିମାନଙ୍କର ନିଷ୍ପତ୍ତି ଗଠନମୂଳକ ହେବା ସହ ସେଥିରେ ସ୍ୱଚ୍ଛତା ରହିବା ନିହାତି ଆବଶ୍ୟକ। ଜାତୀୟ ପୁରସ୍କାରରେ ଗୋଟିଏ ବର୍ଷ ଜୁରିରେ ଥିଲେ ପରବର୍ତ୍ତୀ ୩ ବର୍ଷ ଜୁରି ସଦସ୍ୟ କରାଯାଏ ନାହିଁ। ରାଜ୍ୟରେ ଏହାର ବ୍ୟତିକ୍ରମ ୩ ବର୍ଷ ହେବ ଉପଲବ୍ଧି ହେଉଛି। ମୌଳିକ କାହାଣୀ ଉପରେ ପର୍ଯ୍ୟବସିତ ଚଳଚ୍ଚିତ୍ରକୁ ଶ୍ରେଷ୍ଠତ୍ୱ କରିବା ପାଇଁ ଉଲ୍ଲେଖ ରହିଛି। ହେଲେ ଗତ କିଛି ବର୍ଷ ହେବ ଏହି ପୁରସ୍କାର ପାଇଁ ଚୟନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସେଥିପାଇଁ ସ୍ୱଚ୍ଛତା ଦିଗ ରେ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ବିଗତ ଦିନରେ ଏହାକୁ ପ୍ରତିବାଦ କରିବା ସହ ସଂସ୍କୃତି ବିଭାଗ ପୁରସ୍କାରରେ ପରିଷ୍କାର କରୁ ବୋଲି ତାଙ୍କ ମନ୍ତବ୍ୟ ପ୍ରଦାନ କରିଥିଲେ। ସାମଗ୍ରିକ କୃତି ପାଇଁ ବରିଷ୍ଠତା ଭିତ୍ତିରେ ମର୍ଯ୍ୟାଦାଜନକ ଜୟଦେବ ପୁରସ୍କାରରେ ପୁରସ୍କୃତ ପ୍ରତିଭାମାନଙ୍କୁ ମନୋନୀତ କରାଯାଏ। ଏ କ୍ଷେତ୍ରରେ ଟାଳଟୁଳ ନୀତି ଆଦୌ ଗ୍ରହଣୀୟ ନୁହେଁ।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୧୯୭୩ ମସିହାରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆହୋଇ ଆସୁଅଛି। ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ ଯଦି ଠିକ୍ ନିର୍ଣ୍ଣୟ କରି ପୁରସ୍କୃତ କରାଯିବ ତାହା ପରିଷ୍କାର ଲାଗେ। ସୁପାରିସ ଜନିତ ପୁରସ୍କାର ଦୃଷ୍ଟିକଟୁ ହୋଇଥାଏ। ଜନସାଧାରଣ ଉପଲବ୍ଧି କରନ୍ତି ଯଦି ପୁରସ୍କାର ପରିଷ୍କାର ହୋଇଥିବ ତାଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତ ସମ୍ମାନବୋଧ ଆସେ। ଆମେ ଯଦି ଲବିକରି ପୁରସ୍କାର ନେଉଥିବା ତାହା ଗୌଣ ପରି ଲାଗେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସଙ୍ଗୀତ କ୍ଷେତ୍ରରେ ସାମଗ୍ରିକ କୃତି ଥାଇ ଜୟଦେବ ପୁରସ୍କାର ଅତୀତରେ ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର ପୁରସ୍କାର ପାଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର, ବାସୁଦେବ ରଥ, ମୁସୀରଙ୍କ ଭଳି ଅଭିଜ୍ଞ ବ୍ୟକ୍ତି କେବେ ଏହି ସମ୍ମାନଜନକ ଜୟଦେବ ପୁରସ୍କାର ପାଉଛନ୍ତି ତାହା ଜାଣିବାକୁ ଆମକୁ କେବଳ ଅପେକ୍ଷା କରିବାକୁ ପଡ଼ିବ।

–ଦିଲୀପ ହାଲି
*ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର,*
*ମୋ : ୯୮୬୧୦୦୯୨୫୨*

ନାଟକ ସମୀକ୍ଷା

## କାଳ୍ପନିକ ଦୁନିଆ




ଗାନ୍ଧୀବାଦ ଆଜି ପଥ ଭ୍ରଷ୍ଟ। ଏହାକୁ କେତେକେ ଅପବ୍ୟବହାର କରୁଛନ୍ତି। ଗାନ୍ଧୀବାଦ ଆଜି ଦୋଛକିରେ ଠିଆ ହୋଇଛି। ଏପରି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ନାଟକ 'କାଳ୍ପନିକ ଦୁନିଆ' ନିକଟରେ ସିଏମ୍‌ବିଡି ଟ୍ରଷ୍ଟ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଇନ୍ଦ୍ରଧନୁ ନାଟକ ଉତ୍ସବରେ ମଞ୍ଚସ୍ଥ ହୋଇ ପ୍ରଶଂସିତ ହୋଇଛି। ଭୁବନେଶ୍ୱରସ୍ଥ ପ୍ରିୟଦର୍ଶିନୀ ଡ୍ୟାନ୍ସ ମ୍ୟୁଜିକ ଆଣ୍ଡ ନାଟକ ସମାଜ ପକ୍ଷରୁ ପରିବେଷିତ ଏହି ନାଟକରେ କଳାକାରଙ୍କ ଅଭିନୟ ନାଟକଟିକୁ ସଫଳ କରାଇବାରେ ଯଥେଷ୍ଟ ସହାୟକ ହୋଇଥିଲା। ନାଟକକୁ ରଚନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ ବିଜୟ ସିଂ। ବିନୟ-ମମତା ସଙ୍ଗୀତ ଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ମୃତ୍ୟୁଞ୍ଜୟ ପଣ୍ଡା (ବୁଲୁ)ଙ୍କ ବୈଷୟିକ ନିର୍ଦ୍ଦେଶନା କୌଣସି ଗୁଣରେ କମ୍ ନ ଥିଲା। ନାଟକର ବିଭିନ୍ନ ଭୂମିକାରେ ଜ୍ୟୋତି ପଣ୍ଡା, ମାନସ ମିଶ୍ର, ମମତା ମହାନ୍ତି, ସତ୍ୟ ପ୍ରକାଶ ମହାରଣା, ବବଲୁ, ସିଲୁ, ଶରତ ସମ୍ରାଟ, ଦିବ୍ୟା ଭାରତୀ, ସୁରେଶ ଏବଂ ମୃତ୍ୟୁଞ୍ଜୟ ପଣ୍ଡା ଅଭିନୟ କରିଥିଲେ। ହୃଦୟସ୍ପର୍ଶୀ ଉପସ୍ଥାପନା ଅଡିଟୋରିୟମରେ ଉପସ୍ଥିତ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବସି ନାଟକ ଦେଖିବାକୁ ଏକରକମ ବାଧ୍ୟ କରିଥିଲା।



ଦୀପିକା

# ପତ୍ନୀ ହେବ ଏମିତି

ସତରେ ପତ୍ନୀ ହେବ ଏମିତି। ନିକଟରେ ଦୀପିକାଙ୍କ ମୁହଁରୁ ପତିଦେବ ରଣବୀର ସିଂଙ୍କ ପ୍ରଶଂସା ଶୁଣି ଶୁଟିଂ ଚାଲିଥିବା ହିନ୍ଦୀ ସିନେମା '୮୩'ର ୟୁନିଟ୍ ସଦସ୍ୟମାନେ ଚକିତ ହୋଇଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେବା ସହ ସେ ରଣବୀରଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେ କହିଥିଲେ, 'ରଣବୀରଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। କାରଣ ଏବେ ମୋ ଆକ୍ଟିଂ କ୍ୟାରିୟରକୁ ମୁଁ କିପରି ଆଗେଇନେବି ସେ ନେଇ ସେ ବେଶ୍ ଯତ୍ନବାନ। ଆକ୍ଟିଂ ସମ୍ପର୍କରେ ତାଙ୍କର ପ୍ରତିଟି ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରୁଛି।' ଏସବୁ କଥା ଶୁଣି ସେଠାରେ ଉପସ୍ଥିତ ରଣୀବର ମୁରୁକି ମୁରୁକି ହସୁଥିବା ଦେଖିବାକୁ ମିଳିଥିଲା।

ରିଲିଜ ଅପେକ୍ଷାରେ

# ଫ୍ରମ୍ ମି ଟୁ ୟୁ



ଜ୍ୟୋତି-ଶ୍ରଦ୍ଧା

ଓଡ଼ିଆ ସିନେମା 'ଫ୍ରମ୍ ମି ଟୁ ୟୁ' ନଭେମ୍ବର ୧ରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମର କାହାଣୀରେ ଆକ୍ସନ, ଇମୋଶନ ଏବଂ ସସ୍‌ପେନ୍ସ ରହିଛି। ବିଶେଷଭାବରେ ବନ୍ଧୁତ୍ୱ ଉପରେ କାହାଣୀ ପର୍ଯ୍ୟବସିତ। ଚିତ୍ରର ମୁଖ୍ୟ ଭୂମିକାରେ ଜ୍ୟୋତି ଏବଂ ଅମ୍ଲାନ ଅଭିନୟ କରିଛନ୍ତି। କିନ୍ତୁ ସିନେମା ରିଲିଜ ହେବା ପୂର୍ବରୁ ଏହାର ଏକ ଗୀତ ଭାଇରାଲ ହୋଇଛି ଯାହାର ଟ୍ୟାଗ୍ ଲାଇନ୍ ରହିଛି 'ଆପଣମାନେ ଖୁସି ତ'। ଓଲିଉଡ୍‌ର ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ ଏହାର ସ୍ୱର ସଂଯୋଜନା କରିଛନ୍ତି। ଏପରି ଗୀତଟିକୁ ରଚନା କରିଛନ୍ତି ବସନ୍ତରାଜ ସାମଲ। ଏ ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଆଶୁତୋଷ ଏବଂ ଅସୀମା ପଣ୍ଡା। 'ଆପଣମାନେ ଖୁସି ତ' ଲାଇନ୍‌ଟିକୁ ଗାଇଛନ୍ତି ବିୟୁଟିଫୁଲ ଦାସ। ଏହି ଫିଲ୍ମରେ ଜ୍ୟୋତି-ଅମ୍ଲାନଙ୍କ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି 'ମିଠା ମିଠା' ଚଳଚ୍ଚିତ୍ରରେ ଜ୍ୟୋତିଙ୍କ ନାୟିକା ସାଜିଥିବା ଶ୍ରଦ୍ଧା। ରିସ୍ତାୱେଭ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଫିଲ୍ମଟିର କାର୍ଯ୍ୟକାରୀ ପ୍ରଯୋଜନା କରିଛନ୍ତି ରାଜେଶ କୁମାର ମହାନ୍ତି। ହେମନ୍ତ କୁମାର ସାହୁ ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସହ-ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ଗୀତଗୁଡ଼ିକର କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ।

ଅପେରା ହାଲ୍‌ଚାଲ୍

## ଅରୁଣ-ମହେଶଙ୍କ ହ୍ୟାଟ୍ରିକ

ନିର୍ଦ୍ଦେଶକ ମହେଶ ହାଜରା ଏବଂ ନାଟ୍ୟକାର ଅରୁଣ ନାୟକ ହ୍ୟାଟ୍ରିକ ମାରିଛନ୍ତି। ଗୋଟିଏ ଅପେରା ପାର୍ଟିରେ ଲଗାତର ତୃତୀୟ ଥର ପାଇଁ ସେମାନେ ଏକାଠି କାମ କରିବାକୁ ଯାଉଛନ୍ତି। ଅର୍ଥାତ୍, ଅନ୍ୟତମ ଅଗ୍ରଣୀ ଅପେରା ପାର୍ଟି ବାଘାଯତିନ ଲୋକନାଟ୍ୟର ଆସନ୍ତା ଯାତ୍ରା ସିଜନ ପାଇଁ ପ୍ରସ୍ତୁତ ହେଉଛି ନୂଆ ନାଟକ, ଯାହାର ଶୀର୍ଷକ



ରହିଛି 'ତୁ କାନ୍ଦିଲେ ମୁଁ କାନ୍ଦିବି'। ନାଟକଟିକୁ ରଚନା କରୁଛନ୍ତି ଅରୁଣ ନାୟକ ଏବଂ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ତୁଲାଇବେ ଓଲିଉଡ୍ ମେକର ଭାବରେ ପରିଚିତ ମହେଶ। ଏହାପୂର୍ବରୁ ଏହି ପାର୍ଟିର ଗତ ବର୍ଷର ନାଟକ 'ମୃତ୍ୟୁଦଣ୍ଡ' ଏବଂ ଚଳିତ ଯାତ୍ରା ସିଜନରେ ପ୍ରଶଂସା ସାଉଁଟି ଚାଲିଥିବା ନାଟକ 'ସୀତାର ଜଳୁଚି ଚିତା' ଯଥାକ୍ରମେ ରଚନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇ ଏହି ଯୋଡ଼ି ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ତେବେ ନୂଆ ନାଟକରେ କି ସ୍ପେଶାଲ ମସଲା ରହିଛି ତାହା ଏବେ କହିବା ଠିକ୍ ହେବନି ଏବଂ ନାଟକଟିକୁ ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ମହେଶ। ତେବେ ଏହି ନାଟକ ଆସନ୍ତା ଯାତ୍ରା ସିଜନରେ ଅପେରାପ୍ରେମୀଙ୍କୁ କେତେ ମତୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ମାଲକାନଗିରି ସୀମାନ୍ତରେ ମାଓବାଦୀ ହିଂସା
### ଜଣଙ୍କୁ ଗୁଳିକରି ହତ୍ୟା

ମାଲକାନଗିରି,୨୩।୧୦(ସ୍ୱ.ପ୍ର.): ମାଲକାନଗିରି ଜିଲା ସୀମାନ୍ତରେ ପୁଣି ଦେଖିବାକୁ ମିଳିଛି ମାଓବାଦୀ ହିଂସା। ଆନ୍ଧ୍ର ପ୍ରଦେଶ ବିଶାଖା ଜିଲାର ଗୁଡେମ ଥାନା ଅନ୍ତର୍ଗତ କୁମକୁମପୋଡି ଗ୍ରାମର ଲମ୍ବାୟା ପିଲାଲୁଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ୧୦ ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ କୁମକୁମପୋଡି ଗ୍ରାମରେ ପହଞ୍ଚି ଲମ୍ବାୟା ପିଲାଲୁଙ୍କୁ ଘରୁ ଡାକି ନେଇଥିଲେ। ଗ୍ରାମ ମୁଣ୍ଡ ରାସ୍ତାରେ ସେମାନେ ଲମ୍ବାୟାଙ୍କୁ ଗୁଳି କରି ମୁଣ୍ଡକୁ ପଥରରେ ଛେଚି ମାରି ଦେଇଥିଲେ। ପରେ ମାଓବାଦୀମାନେ ସେଠାରେ ଏକ ହାତ ଲେଖା ଚିଠି ଛାଡି ଯାଇଛନ୍ତି। ଯେଉଁଥିରେ ଉଲ୍ଲେଖ ରହିଛି ଯେ, ଆନ୍ଧ୍ର-ଓଡିଶା ବର୍ଡର ବିଶାଖା ଡିଭିଜନରେ ପୂର୍ବରୁ ଲମ୍ବାୟା ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୨ରେ ସେ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଥିଲେ। ପରେ ମାଓବାଦୀ ସଙ୍ଗଠନ ସମ୍ପର୍କରେ ସେ ପୋଲିସକୁ ଖବର ଦେଉଥିଲେ। ଏଥିଯୋଗୁ ତାଙ୍କୁ ମୃତ୍ୟୁଦଣ୍ଡ ରେ ଦଣ୍ଡିତ କରାଯାଇଛି।

### ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ୨୬ରେ ଜିଲାର ସବୁ ଥାନାରେ ଏତଲା ଦେବ ଭାଜପା

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିବା ଗେଷ୍ଟ ହାଉସରେ ଘଟଣା ସମୟରେ ରୂପେଶ ଭଦ୍ରଙ୍କ ବ୍ୟତୀତ ଅନ୍ୟ ୨ଜଣ ବିଜେଡି ନେତା ଏବଂ ଏକ ସିମେଣ୍ଟ କମ୍ପାନୀର ଜଣେ ଅଧିକାରୀ ଥିଲେ। ସେମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ କାହିଁକି ଗିରଫ କରିନାହିଁ ବୋଲି ଭାଜପା ବାରମ୍ବାର ପ୍ରଶ୍ନ କରିଛି। ଏପରି କି ଜଣେ କାର୍ଯ୍ୟରତ ସରକାରୀ ଅଫିସରଙ୍କୁ ହତ୍ୟା କରିବାପରେ ସରକାର ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାକୁ ନେଇ ଯାଜପୁର ଏସ୍‌ପିଙ୍କ ବୟାନକୁ ବିରୋଧ କରି ଆସନ୍ତା ୨୬ରେ ଜିଲାର ସମସ୍ତ ଥାନାରେ ଏସ୍‌ପିଙ୍କ ନାମରେ ଭାଜପା ପକ୍ଷରୁ ମାମଲା ରୁଜୁ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଗୃହ


ଭାଜପା ପ୍ରତିନିଧିମାନେ ଗୃହ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ସଚିବଙ୍କୁ ଭେଟିବା ସହ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛି ଭାଜପା।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି, ହରିଦାଶପୁର ପଞ୍ଚାୟତ ନିର୍ବାହୀ ଅଧିକାରୀଭାବେ ସ୍ମିତାରାଣୀ କାର୍ଯ୍ୟ କରୁଥିଲେ। ଅଫିସ କାର୍ଯ୍ୟ ସମୟରେ ତାଙ୍କର ସନ୍ଦେହଜନକ

**ଗୃହ ସଚିବଙ୍କୁ ଭେଟିଲା ଭାଜପାର ଏକ ଟିମ୍**

ମୃତ୍ୟୁ ଘଟିଥିଲା। ତେଣୁ ରାଜ୍ୟ ସରକାର ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଖୋଳତାଡ ନ କରି ବୃତ୍ତିଗତ ଆଧାରରେ ତଦନ୍ତ କରନ୍ତୁ। ସରକାର ୫ଟି କଥା କହୁଥିବାବେଳେ ଏକ ସରକାରୀ ମହିଳାଙ୍କ ମୃତ୍ୟୁପରେ ଜଣେ ମଧ୍ୟ ସରକାରୀ ଅଧିକାରୀ ତାଙ୍କ ପରିବାରକୁ ନ ଭେଟିବା ଅତ୍ୟନ୍ତ ନିନ୍ଦନୀୟ। ଯାଜପୁର ଏସ୍‌ପି ଘଟଣାକୁ ଚପାଇବା ପାଇଁ ବିଭିନ୍ନ ପ୍ରକାର ଅପଚେଷ୍ଟା କରିଛନ୍ତି। ମହିଳା କମିଶନ ଘଟଣା ସ୍ଥଳକୁ ଯାଇଥିଲେ ମଧ୍ୟ ପରିବାର ଲୋକଙ୍କ ସହ ଏ ପର୍ଯ୍ୟନ୍ତ ଭେଟିନାହିଁ। ପୋଲିସ ଡିଜି ମଧ୍ୟ ସ୍ମିତାରାଣୀଙ୍କ ସ୍ୱାମୀଙ୍କୁ ଦେଖା କରିବାକୁ ସମୟ ଦେଇନାହାଁନ୍ତି। ସରକାରୀ ଯୋଜନାରେ ଦୁର୍ନୀତି କରିବା ପାଇଁ ବାଧ କରାଯାଇ ତାଙ୍କୁ ହତ୍ୟା କରାଯାଇଥିବା ସ୍ମିତାରାଣୀଙ୍କ ସ୍ୱାମୀ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ କରିଛନ୍ତି। ଉକ୍ତ ଗେଷ୍ଟ ହାଉସକୁ ପୋଲିସ ଏପର୍ଯ୍ୟନ୍ତ ସିଲ୍ କରିନାହିଁ। ସେହିପରି ମରଶରୀର ବୁହା ହୋଇଥିବା ସ୍କୋପିଏ ଗାଡ଼ିକୁ ପୋଲିସ ଜବତ କରିନାହିଁ। ଗେଷ୍ଟ ହାଉସରେ ଲାଗିଥିବା ସିସି ଟିଭି କାହିଁକି ଯାଞ୍ଚ ହେଉନାହିଁ। ସ୍ମିତାରାଣୀଙ୍କ ବ୍ୟକ୍ତିଗତ ଜୀବନକୁ ଛାଡି ବୃତ୍ତିଗତ ଦିଗକୁ ନେଇ କାହିଁକି ତଦନ୍ତ ହେଉନାହିଁ। ସେ କାର୍ଯ୍ୟରେ ଥିବାବେଳେ ଏହା ହୋଇଛି। ଧର୍ମଶାଳା ବିଡିଓ ଏ ପର୍ଯ୍ୟନ୍ତ କାହିଁକି ମାମଲା ରୁଜୁ କରିନାହାନ୍ତି। ତୃଣମୂଳସ୍ତରର ସରକାରୀ କର୍ମଚାରୀଙ୍କ ଉପରେ ଏଭଳି ଅତ୍ୟାଚାର ଘଟଣାରେ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଦାବିକରି ମୃତ ସ୍ମିତାରାଣୀଙ୍କୁ ନ୍ୟାୟ ଦେବା ଭାଜପାର ଏକ ପ୍ରତିନିଧି ଦଳ ଗୃହ ସଚିବଙ୍କୁ ଭେଟିଛନ୍ତି।

### ଆସନ୍ତା ବର୍ଷ ସରକାରୀ କର୍ମଚାରୀ ୩୫ ଦିନ ଛୁଟି ପାଇବେ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଚଳିତବର୍ଷଠାରୁ ଆସନ୍ତା ବର୍ଷ ଅଧିକ ଛୁଟି ପାଇବେ। ସରକାରୀ କର୍ମଚାରୀମାନେ ୨୦୧୯ରେ ୩୨ଦିନ ଛୁଟି ପାଇଥିଲେ, ୨୦୨୦ରେ ସେମାନେ ୩୫ଟି ଛୁଟି ପାଇବେ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏନେଇ ବୁଧବାର ବିଜ୍ଞପ୍ତି ଜାରି କରାଯାଇଛି। ୮ଟି ଛୁଟି ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ପଡୁଛି। ବାକି ୨୭ଟି ଛୁଟି ଅନ୍ୟ ବାରରେ ପଡୁଛି। ବର୍ଷତମାମ ୮ଟି ଇଚ୍ଛାଦିନ ଛୁଟି ଘୋଷଣା କରାଯାଇଛି। କର୍ମଚାରୀମାନେ ଏଥିରୁ ଗୋଟିଏ ଦିନ ଇଚ୍ଛାଦିନ ଛୁଟି ନେଇପାରିବେ। ଇଷ୍ଟର ଶନିବାର ଓ ବ୍ରହ୍ମ ସମାଜ ପ୍ରତିଷ୍ଠା ଦିବସ ଛୁଟି ରହୁଥିବା ବେଳେ ରାଜା ରାମମୋହନ ରାୟ ଜୟନ୍ତୀ ଦିନ ସାବିତ୍ରୀ ଅମାବାସ୍ୟା ଛୁଟି ରହିବ। ସେହିପରି ରାଷ୍ଟ୍ରୀୟତ, ଘରୋଇ ଓ ଗ୍ରାମୀଣ ବ୍ୟାଙ୍କଗୁଡିକ ମୋଟ ୨୨ଟି ଛୁଟି ପାଇବେ। ସେଥିରୁ ୪ଟି ଛୁଟିରବିବାର ପଡୁଛି।

# ରୁଷିଆ-ଓଡ଼ିଶା ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୁଷିଆ ଓ ଓଡ଼ିଶା ମଧ୍ୟରେ ସିଧା ବାଣିଜ୍ୟିକ ସମ୍ପର୍କର ପଥ ପରିଷ୍କାର କରିବାକୁ ପଦକ୍ଷେପ ନେଇଛନ୍ତି। ରୁଷିଆ ଭ୍ଲାଡିଭୋଷ୍ଟୋକ ଏବଂ ପାରାଦୀପ ସହର ଉଭୟ ଭଲ ସହଯୋଗୀ ବନ୍ଦର ହୋଇପାରିବେ। ରୁଷିଆରୁ ଅଶୋଧିତ ତୈଳ ଏବଂ କୋକିଂ କୋଲ ଭ୍ଲାଡିଭୋଷ୍ଟୋକ ଦେଇ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଆସିପାରିବ। ଏହାଦ୍ୱାରା ରୁଷିଆ ଏବଂ ଓଡ଼ିଶା ଭିତରେ ଉର୍ଜା ସେତୁ ସଂଯୋଗର ବିକାଶ ହୋଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରୁଷିଆର ଡେଭଜଡା ଜାହାଜ ଶିଳ୍ପ ପରିଦର୍ଶନ କରିବା ପରେ ରୋଜନେଫଟର ସିଇଓଙ୍କ ସହ ସାକ୍ଷାତ୍ ଆଲୋଚନା ପରେ ଧର୍ମେନ୍ଦ୍ର କହିଛନ୍ତି, କୋଇଲା କ୍ଷେତ୍ରରେ ରୁଷିଆ ସହ ଦୀର୍ଘକାଳୀନ ସହଯୋଗ ଭାରତକୁ କୋକିଂ କୋଲର ସହାୟତା ଯୋଗାଇଦେବା ସହ ଦେଶର ଚାହିଦା ପୂରଣ କରିପାରିବ। ରୁଷିଆର ପୂର୍ବାଞ୍ଚଳ ଏବଂ ଆର୍କେଟିକ୍‌ର ବିକାଶ ପାଇଁ ଦାୟିତ୍ୱ ନେଇଥିବା ରୁଷିଆର ପ୍ରଥମ ଉପମନ୍ତ୍ରୀ ସର୍ଗେ ତୃସେଭ୍‌ଙ୍କ ସହ ଭାରତ ଏବଂ ରୁଷିଆ ମଧ୍ୟରେ ଉର୍ଜା କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି। ଉଭୟ ମନ୍ତ୍ରୀ ଦୁଇଦେଶ ମଧ୍ୟରେ


ରୁଷିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଉର୍ଜା ସହଯୋଗକୁ ବୃଦ୍ଧି କରିବା ପାଇଁ ବିଶେଷ ଭାବରେ କୋକିଂ କୋଲ୍ ଏବଂ ଅନ୍ୟାନ୍ୟ ଉର୍ଜାର ସ୍ରୋତ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରଷିଆନ ରେଳର ଉପମୁଖ୍ୟ ବାଦିମ୍ ମିଖାଲୋଭ୍‌ଙ୍କୁ ଭେଟି ଧର୍ମେନ୍ଦ୍ର କୋକିଂ କୋଲ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ରଷିଆନ ରେଳର ଉପମୁଖ୍ୟ ସୂଚନା ଦେଇଛନ୍ତି ଯେ, ଯାତ୍ରୀଙ୍କ ଭିଡକୁ କମ୍ କରିବା ଏବଂ ବନ୍ଦର ଓ ଖଣିଜ କେନ୍ଦ୍ର ସହ ଉତ୍ତମ ସଂଯୋଗ ସ୍ଥାପନ ପାଇଁ ୨୦୨୦ ସୁଦ୍ଧା ଆବଶ୍ୟକ ଭିତ୍ତିଭୂମି ପୂରଣ କରିବ। ଭୋଷ୍ଟୋଚିନେ ଇଣ୍ଟରମୋଡାଲ କଣ୍ଟେନର ବନ୍ଦରର ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ବନ୍ଦର ସମ୍ପ୍ରସାରଣ ଏବଂ ଘରୋଇ ଇସ୍ପାତ ଉଦ୍ୟୋଗ ପାଇଁ କୋକିଂ କୋଲକୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ପଦ୍ଧତି ଉପରେ ଚର୍ଚ୍ଚା କରିଥିଲେ। ସେହିପରି ରୁଷିଆନ୍ ଷ୍ଟେଟ୍ ଜିଓଗ୍ରାଫିକାଲ୍ କମ୍ପାନୀ(ଆରଏସଜିକୋ)ର ଉପାଧକ୍ଷଙ୍କୁ ଭେଟି କୋକିଂ କୋଲ, ତୈଳ, ଗ୍ୟାସ୍ ଏବଂ ମୂଲ୍ୟବାନ ଧାତୁ ତଥା ଲିଥିୟମ କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି। ସେହିପରି ଭାରତୀୟ ଇସ୍ପାତର ଏକ ପ୍ରତିନିଧିମଣ୍ଡଳୀ ଓ କୋଇଲା କମ୍ପାନୀ ରୁଷିଆର ବରିଷ୍ଠ ଅଧିକାରୀଙ୍କ ସହ ପୃଥକ୍ ବୈଠକ କରି ବ୍ୟବସାୟିକ ଉପରେ ଆଲୋଚନା କରିଛନ୍ତି।

# ଓଏମ୍‌ସି ଷ୍ଟାଫ୍ ବସ୍ ଉପରକୁ ତୀର ମାଡ଼

କେନ୍ଦୁଝର,୨୩। ୧୦ (ସ୍ୱ.ପ୍ର.)

**ଜଣେ କର୍ମଚାରୀ ଗୁରୁତର**

**୪ ଘଣ୍ଟା ଅପରେଶନ ପରେ ତୀର ବାହାରିଲା**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଦୈତାରୀ ମାଇନ୍ସରୁ କର୍ମଚାରୀଙ୍କୁ ଧରି ଫେରୁଥିବା ଓଏମ୍‌ସି କମ୍ପାନୀ ବସ୍ ଉପରୁ ତୀରମାଡ଼ ହୋଇଛି। ଏଥିରେ ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ କଳିଙ୍ଗନଗରସ୍ଥିତ ଟାଟା ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏପରି ଆକ୍ରମଣ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦୈତାରୀ ଥାନା ଅନ୍ତର୍ଗତ ଦୈତାରୀ ଓଏମ୍‌ସି ମାଇନ୍ସରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ବସଟି ଦୈତାରୀଠାରୁ – ବଳିପର୍ବତ ଅଭିମୁଖେ ଆସୁଥିଲା। ଏହି ସମୟରେ ତାରିଣୀ ଗେଟ ନିକଟରେ ବସ୍ ଉପରକୁ କେହି ଜଣେ ତୀର ମାଡ କରିଥିଲେ। ଏଥିରେ ଯାଜପୁରର ଉତ୍ତମ ମହାନ୍ତି ନାମକ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ସେ କେସିସି ଠିକା କମ୍ପାନୀରେ କାମ କରୁଥିବା ଜଣାପଡିଛି। ତୀରଟି ତାଙ୍କ ପେଟରେ ପଶି ରହିଥିଲା। ତୁରନ୍ତ ତାଙ୍କୁ କଳିଙ୍ଗନଗରସ୍ଥ ଟାଟା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ଘଣ୍ଟା ଧରି ଅପରେଶନ କରାଯାଇ ତୀରଟି ପେଟ ଭିତରୁ ବାହାର କରାଯାଇଛି। ଉକ୍ତ ବସରେ ଏକାଧିକ ତୀର ଏବେବି ଲାଗିରହିଛି। ତୀରମାଡ଼ କାରଣ ଅସ୍ପଷ୍ଟ ଥିବାବେଳେ ଏହା ୟୁନିୟନ ବିବାଦ କିମ୍ବା କିଛି ଦିନ ପୂର୍ବରୁ ହୋଇଥିବା ଜନଶୁଣାଣିକୁ ନେଇ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। କିଛି ବର୍ଷ ପୂର୍ବରୁ ମଧ୍ୟ ଏହିଭଳି ତୀରମାଡ ଘଟିଥିବା ନଜିର ରହିଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଛି।




**CUTTACK MUNICIPAL CORPORATION**

**SHORT TENDER CALL NOTICE**

No.9619 Dt.22.10.19

Cuttack Municipal Corporation invites sealed quotations from intending reputed Regd. Labour contractor / Organization having experience in the same field / Non Govt. Organization for cleaning of Baliyatra Ground (Upper & Lower) and adjacent areas.

The details can be downloaded from the official website, www.cmccuttack.gov.in. The last date of submission of tender documents is upto 3.00 P.M. dt.02.11.2019.

Sd./-
Commissioner
Cuttack Municipal Corporation

**omfed** www.omfed.com
**The Odisha State Co-operative Milk Producers' Federation Limited**
D-2, Sahid Nagar, Bhubaneswar, Phone : 0674-2546030, 2540273, 2540417, Fax No.: 0674-2540974, Website:www.omfed.com

**TENDER NOTICE FOR ENGAGEMENT OF LABOUR CONTRACTOR**

Sealed Tenders are invited from Registered and experienced Labour Contractors for engagement to perform different works on Job contract basis at **(1) Omfed Balasore Dairy, Januganj, Remuna, Balasore-756019 and (2) Omfed Salapada Dairy, Salapada-758020.** Tender document and all other information may be downloaded from the OMFED website : **www.omfed.com.** Addendum / Corrigendum if any shall only be published in the Omfed website. Omfed reserves the right to cancel all or any tender at any stage without assigning any reason thereof. **Managing Director**

**OFFICE OF THE SR. GENERAL MANAGER (ELECTRICAL)**
UPPER INDRAVATI HYDRO ELECTRIC PROJECT, MUKHIGUDA, DIST: KALAHANDI-766026, Ph.No.7328840420, E-mail: sgmel_uihep@ohpcltd.com
OHPC ODISHA HYDRO POWER CORPORATION LTD.
ISO 9001-14001 18001 Certified
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ PSDF / 2120 (Part – VII) / 5402 / Dated 19.10.2019

**NOTICE FOR OPENING OF BID DOCUMENTS FOR TENDER CALL NOTICE NO. 05/2019-20 Dtd.26.07.2019**

**No.CAD-499 :-** Technical bids of the Tender Call Notice No. 05/2019-20 Dtd.26.07.2019 for the work - "Procurement, Erection, Testing & Commissioning of 220 KV Current Transformer" will be opened on dated 29.10.2019 at 12:00 Hrs in the office of the undersigned. The bidders are requested to attend the opening of technical bid on the date & time mentioned above.

Sd./-
Sr. General Manager (El.)
32136/11/0021/1920 UIHEP, Mukhiguda

**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**

Letter No.4047 Date: 22.10.19

**EXPRESSION OF INTEREST**

Expression of interest is hereby invited from computer agencies and other appropriate agencies for providing Data Entry Operators on outsourcing basis to Jeypore Municipality to execute official data entry works by computer. The interested agency should furnish EOI in their letter head mentioning monthly charges of each DEO inclusive of all taxes and other necessary payments such as EPF, GST etc. as per approved Govt. rate./ labour rate. The EOI should reach to the undersigned by 26.10.2019 completing in all respect.

Sd./-
Executive Officer
Jeypore Municipality
Date: 22.10.19

**OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION KULUNDI, SAMBALPUR**
(Sports and Youth Department Govt. of Odisha)
E-Mail : gcpekulundi1993@gmail.com
Ph. No.(0663) 2700405, Pin : 768112

Office Order No.543 Date: 23.10.2019

**TENDER CALL NOTICE**

Sealed tenders are invited form authorised suppliers / Dealers and registered farms having valid TIN / VAT / OST and GST clearance certificate for supply of sports uniforms for use of the B.P.Ed students of Govt. College of Physical Education Sambalpur, Kulundi of 2019-2021 batch. The detail information will be obtained through tender paper. The tender paper will be available in the college office from 24.10.2019 to 04.11.2019 between 11 A.M. to 4 P.M. on every working day on payment of Rs.100/- (Rupees One Hundred only) each. The last date for receive tender documents is fixed on dtd.11.11.2019 by 12 noon and open on date.11.11.2019 at 2.00 PM. The undersign reserve the right to accept or reject this tender in fully or partly without assigning any reason thereof.

Sd./- Principal

**ପୌର ପରିଷଦ କାର୍ଯ୍ୟାଳୟ, ଖୋରଧା**
ସ୍ଥାନ/ପୋ/ଥା/ଜିଲ୍ଲା-ଖୋରଧା
ଦୂରଭାଷ: ୦୬୭୫୫-୨୨୦୬୭୪, ୦୬୭୫୫-୨୨୨୬୭୪(ଫ୍ୟାକ୍ସ)
ଇ-ମେଲ୍-khurda_municipality@yahoo.co.in

ନଂ.୪୧୮୭ ତା: ୨୨।୧୦।୨୦୧୯

**ସଂଶୋଧିତ ବିଜ୍ଞାପନ**

No.C-226 :- ନିଲାମ ଟେଣ୍ଡର ନୋଟିସ୍ ନଂ.୪୦୮୯ ତା.୧୭।୧୦।୨୦୧୯ର "ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେକୌଣସି ଯାନବାହାନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍ ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ" ନିୟମାବଳୀରେ ନିମ୍ନଲିଖିତଗୁଡ଼ିକୁ ଯୋଗକରାଯାଇ ପାଠ କରିବାକୁ ହେବ।

**ପୌର ପରିଷଦ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌କୁ ନିମ୍ନଲିଖିତ ପ୍ରବେଶପଥ/ସ୍ଥାନଗୁଡ଼ିକରୁ ପାର୍କିଂ ଫି ଆଦାୟ କରିପାରିବେ:-**

୧– ପୁରୁଣା ବରୁଣେଇ ହୋଟେଲ୍ ବାମପାର୍ଶ୍ୱ ପ୍ଲଟ୍ ନଂ.୫୭୬।
୨– ଏସ୍.ଏମ୍.ଏସ୍. କମ୍ପାନୀ ପୂର୍ବ ପାର୍ଶ୍ୱ ପ୍ଲଟ୍ ନଂ.୨୨୯୦।
୩– ସ୍ପିନିଙ୍ଗ୍ ମିଲ୍ ପୂର୍ବ ପାର୍ଶ୍ୱ ପ୍ଲଟ୍ ନଂ.୨୫୦୬ ଓ ୨୩୦୭।
୪– ଗଡ଼ଖୋର୍ଦ୍ଧା ରାସ୍ତା ପାହାଡ଼ ପାର୍ଶ୍ୱ।
୫– ରିଲିଆନ୍ସ ପେଟ୍ରୋଲ ପମ୍ପ ପୂର୍ବ ପାର୍ଶ୍ୱ।

ସ୍ୱା./- ନିର୍ବାହୀ ଅଧିକାରୀ
13082/11/0011/1920 ପୌର ପରିଷଦ, ଖୋରଧା


**ଜଙ୍ଗଲରୁ ଜାଳେଣି କାଠ ପାଇଁ ଲାଞ୍ଚ**

# ଭିଜିଲାନ୍ସ ଜାଲରେ ଫରେଷ୍ଟର, ୱାଚର

ରଣପୁର,୨୩।୧୦(ସ୍ୱ.ପ୍ର.)

ଜଙ୍ଗଲରୁ ଜାଳେଣି କାଠ ଆଣିବାକୁ ଅନୁମତି ଦେବା ପାଇଁ ଲାଞ୍ଚ ନେଉଥିବାବେଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡା ଦର୍ପନାରାୟଣପୁର ଫରେଷ୍ଟର ଆଲୋକ କୁମାର ଗୁରୁ ଓ ୱାଚର ଜିତୁ ମଣ୍ଡଳ ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଫରେଷ୍ଟରଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ ଥାନା ଉଦୟପୁରରେ ବୋଲି ଜଣାପଡିଛି। ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଗିରଫ କରି ସେମାନଙ୍କଠାରୁ ୫ ହଜାର ଟଙ୍କା ଜବତ କରିଛନ୍ତି। ସେମାନଙ୍କ ବିରୋଧରେ ଏକ ମାମଲା(ନଂ. ୪୭/୧୯) ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ରଣପୁର ଥାନା ଖଡିଆ ଗାଁର କୁମର ମାଝି ନାମକ ଜଣେ ଗରିବ ଲୋକ ମାସର ଅଧିକାଂଶ ଦିନ ନିକଟସ୍ଥ ଜଗନ୍ନାଥ ପ୍ରସାଦ ଜଙ୍ଗଲକୁ ଯାଇ ଜାଳେଣି କାଠ ସଂଗ୍ରହ କରି ଘରକୁ ଆଣୁଥିଲେ। ତେବେ ବିନା ହାତଗୁଞ୍ଜାରେ ଜାଳେଣି କାଠ ନେବା ସମ୍ଭବ ନୁହେଁ ବୋଲି ଦର୍ପନାରାୟଣପୁର ଫରେଷ୍ଟର ଆଲୋକ କୁମାର ଗୁରୁ ଓ ୱାଚର ଜିତୁ ମଣ୍ଡଳ କହିଥିଲେ। କୁମର



ଫରେଷ୍ଟର ଆଲୋକ କୁମାର ଗୁରୁ ଓ ୱାଚର ଜିତୁ ମଣ୍ଡଳ।

ଟଙ୍କା ନ ଦେବାରୁ ଜଙ୍ଗଲରୁ ଜାଳେଣି କାଠ ଆଣିବାରେ ଉଭୟ ବାଧକ ସୃଷ୍ଟି କରିଥିଲେ। ଏପରିକି ଜେଲ୍ ପଠାଇ ଦେବାକୁ ଧମକ ଦେଇଥିଲେ। ୧ମାସ ଜାଳେଣି କାଠ ନେଲେ ୫ ହଜାର ଟଙ୍କା ଦେବାକୁପଡ଼ିବ ବୋଲି ସିଧାସଳଖ କହିଥିଲେ। ବିକଳ୍ପ ନ ଥିବାରୁ ଲାଞ୍ଚ ଦେବାକୁ ହଁ କରି କୁମର ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ବୁଧବାର ବିଟ୍ ହାଉସ୍‌ରେ ସେ ଫରେଷ୍ଟର ଓ ୱାଚରଙ୍କୁ ଲାଞ୍ଚ ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଇଆଇସି ମନୋରଞ୍ଜନ ପାଇକରାୟ, ସରିତା ତ୍ରିପାଠୀଙ୍କ ସମେତ ୮ଜଣିଆ ଦଳ ଏହି ଚଢ଼ାଉରେ ସାମିଲ ଥିଲେ।

### ରୋଗୀ ସମ୍ପର୍କୀୟଙ୍କୁ ଭିମ୍‌ସାର ଡାକ୍ତରଙ୍କ ମାଡ଼, ନିର୍ଯାତନା ଘଟଣା

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ପରିବାର

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଜଣେ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରମାନେ ସଂଘବଦ୍ଧ ଆକ୍ରମଣ କରିବା ସହ ଅକଥନୀୟ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ବୁଧବାର ୨ ପୀଡିତଙ୍କ ପରିବାର ଲୋକେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ନିବେଦନ କରିଛନ୍ତି। ପୂର୍ବାହ୍ନରେ ପୀଡିତଙ୍କ ବାପା ତଥା ଝାରସୁଗୁଡ଼ା ଜିଲା ଲଇକେରା ରେଙ୍ଗାଲବେଡ଼ା ଗ୍ରାମର ଠଣସୁନ୍ଦର ବେହେରା ଓ ତାଙ୍କ ମାଆ ଓଏଚ୍‌ଆର୍‌ସିଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ସେ ଜଣାଇଛନ୍ତି ଯେ, ଗତ ୨୦ ତାରିଖ ଦିନ ବିମ୍‌ସାର ଡାକ୍ତରଙ୍କ ଇଙ୍ଗିତରେ କେତେଜଣ ଡାକ୍ତରୀ ଛାତ୍ର ଓ କର୍ମଚାରୀ ତାଙ୍କ ପୁଅ ମୁକେଶ ଓ ଶଳାର ପୁଅ ଝସକେତନ ରାଉତଙ୍କୁ ଲୁହାଛଡ, ପଥର ଓ ଇଟାରେ ଆକ୍ରମଣ କରିଛନ୍ତି। ଏଥିସହ ଗୋଇଠା ବିଧାମାରି ଭୟଭୀତ କରିବା ସହ ଆଣ୍ଠେଇ ମୁଣ୍ଡିଆ ମାରିବାପାଇଁ ବାଧ କରିଛନ୍ତି। ଏହାଦ୍ୱାରା ସେମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ଏନେଇ ବୁର୍ଲା ଫାଣ୍ଡିରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଘଟଣାର ତଦନ୍ତ ନ କରି ପୁଅ ମୁକେଶ ଓ ପୁତୁରା ଝସକେତନଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଛି। ଫଳରେ ଆମ ପରିବାର ମାନସିକ ସନ୍ତୁଳନ ହରାଇଛନ୍ତି। ତେଣୁ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆମ ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ। ନଚେତ ପରିବାରର ସମସ୍ତେ ଆତ୍ମହତ୍ୟା କରିବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ଶ୍ରୁତିମଧୁର ଭଜନ, ଅର୍ଥପୂର୍ଣ୍ଣ ଗୀତ ମୋର ପସନ୍ଦ

ଡ.ବିଳାସିନୀ ଦ୍ୱିବେଦୀ,ଜଣେ ଅବସରପ୍ରାପ୍ତ ଡାକ୍ତର । ଘର ଦେବଗଡ଼ ଜିଲା ନଇକୂଲ ବୁଡିଅଞ୍ଚଳ କାଣ୍ଡେଶ୍ୱର ଗ୍ରାମରେ । ଦେବଗଡ଼ ଜିଲାର ପ୍ରଥମ ଡାକ୍ତର ଭାବେ ସେ ପରିଚିତ । ବୁର୍ଲା ମେଡିକାଲ କଲେଜରେ ପ୍ରଥମ ମହିଳା ଡାକ୍ତର ଭାବେ ସେ ସର୍ଜରିରେ ପିଜି କରିଥିଲେ । ଏବେ ସେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଜଣେ ସଦସ୍ୟ । ଦେବଗଡ଼ ସହର ଭିତିରିଆ ସାହିରେ ଥିବା ଗାୟତ୍ରୀ ମନ୍ଦିରର ମୁଖ୍ୟ ପୁରୋଧା ଭାବେ ସେ ଦାୟିତ୍ୱ ତୁଲାଉଛନ୍ତି । ଏଥର ନିଜ କଥା ସ୍ତମ୍ଭରେ ତାଙ୍କ କଥା... ।



ବିଳାସିନୀ ଦ୍ୱିବେଦୀ, ଅବସରପ୍ରାପ୍ତ ଡାକ୍ତର

## ନିଜ କଥା

❑ ଆପଣଙ୍କ ଚାକିରି ଜୀବନ କେଉଁଠୁ ଆରମ୍ଭ ହୋଇଥିଲା ?

○ ୧୯୭୫ ମସିହାରେ ସମ୍ବଲପୁର ଜିଲା ଅତାବିରା ବ୍ଲକରୁ ହିଁ ମୋର ପ୍ରଥମ ଚାକିରି ଜୀବନ ଆରମ୍ଭ ହୋଇଥିଲା ।

❑ ପ୍ରଥମ ଦରମା କ'ଣ କରିଥିଲେ ?

○ ପ୍ରଥମ ଦରମା ମାଆ ବାପାଙ୍କୁ ଦେଇଥିଲି । ସେଥିରୁ କିଛି ସଞ୍ଚୟ କରିବା ସହ କିଛି ଖର୍ଚ୍ଚ ପାଇଁ ରଖିଥିଲି ।

❑ ଆପଣଙ୍କ ଆଦର୍ଶ କିଏ ?

○ ମହାତ୍ମା ଗାନ୍ଧୀ ହିଁ ମୋର ଆଦର୍ଶ ।

❑ କ'ଣ ଖାଇବାକୁ ପସନ୍ଦ କରନ୍ତି ?

○ ଅରୁଆ ଭାତ,ଡାଲମା ମୋର ପ୍ରିୟ ଖାଦ୍ୟ । ବିଶେଷ ଭାବେ ମୁଁ ନିରାମିଷ ଖାଦ୍ୟ ଖାଇବାକୁ ପସନ୍ଦ କରେ ।

❑ କିଛି ରୋଷେଇ ଜାଣନ୍ତି ?

○ ସାଧାରଣ ଓଡିଆମାନଙ୍କ ଖାଦ୍ୟ ରାନ୍ଧି ଜାଣିଛି ।

❑ ଗୀତ ଶୁଣିବାକୁ ପସନ୍ଦ କରନ୍ତି ?

○ ଶ୍ରୁତିମଧୁର ଭଜନ ଓ ଅର୍ଥପୂର୍ଣ୍ଣ ଗୀତ ମୋର ପସନ୍ଦ ।

❑ ସିନେମା ଦେଖିବାକୁ ଭଲ ପାଆନ୍ତି ?

○ ମୁଁ ସିନେମା ଖୁବ୍ କମ୍ ଦେଖେ । ତେବେ ଟିଭି ଦେଖିବାକୁ ଭଲପାଏ । ବିଶେଷ କରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ,ନ୍ୟୁଜ୍,ପାରିବାରିକ ଧାରାବାହିକ ମୁଁ ଦେଖିଥାଏ ।

❑ ବ୍ୟସ୍ତ ବହୁଳ ଜୀବନରେ ସମୟ ମିଳିଲେ କ'ଣ କରନ୍ତି ?

○ ପୁସ୍ତକ ପଢ଼େ ଓ ସାମାଜିକ କାମରେ ସମୟ କାଟିଦିଏ।

–ଶଶାଙ୍କ ଶେଖର ଝାଙ୍କର

## ଖାଦ୍ୟରୁଚି

# ସୁଫିଆନା ପନିର ଟିକା

ପୁରୀ ସହରର ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟ୍‌ରେ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଙ୍କ ରୁଚିକୁ ଦେଖି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଏ। କେତେକ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ ହେଉଥିଲେ ମଧ ସୁସ୍ୱାଦୁ ଷ୍ଟାର୍ଟର ଡିଶ୍ ମଧ ମିଳିଥାଏ। ଏହିପରି ଏକ ହୋଟେଲ ହେଉଛି ପୁରୀ ସିଟି ରୋଡ୍‌ରେ ଥିବା ମହାବୀର ସେରାଟନ୍। ଏଠାରେ ସୁଫିଆନା ପନିର ଟିକାର ବେଶ୍ ଚାହିଦା ରହିଛି। ପ୍ଲେଟ୍ ଦାମ୍ ୧୪୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ଦୀପ୍ତିରଞ୍ଜନ ନାୟକ କୁହନ୍ତି...

### ଆବଶ୍ୟକ ସାମଗ୍ରୀ

- ପନିର୍ : ୨୦୦ ଗ୍ରାମ୍
- ପାନମଧୁରି: ୧ ଚାମଚ
- ଗୁଜୁରାତି: ୨ ପିସ୍
- ରସୁଣ: ୪ ପାଖୁଡା
- ଅଦା: ୫ ଗ୍ରାମ୍
- ଲଙ୍କା: ୨ଟା
- ଅମୁଲ କ୍ରିମ୍: ୨ ଚାମଚ
- ବେସନ: ୧ ଚାମଚ
- ବଟର: ୧ ଚାମଚ
- ତେଲ: ୨୦ ଗ୍ରାମ୍
- କେଶର: ୬ ପିସ୍
- ମରିଚ ପାଉଡର: ୨ ଗ୍ରାମ୍
- ହଳଦୀ ଗୁଣ୍ଡ: ୫ ଗ୍ରାମ୍
- ଚାଟ୍ ମସଲା: ୫ ଗ୍ରାମ୍
- ଲେମ୍ବୁ ରସ: ୧ ଚାମଚ
- ସ୍ୱାଦ ଅନୁଯାୟୀ ଲୁଣ



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଅଦା, ରସୁଣ ଓ ଲଙ୍କା ଭଲ ଭାବେ ପେଷ୍ଟ କରନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ବଟର ପକାଇ ସେଥିରେ ବେସନ ଭାଜି ତାକୁ ଅଲଗା ପାତ୍ରରେ କାଢି ରଖନ୍ତୁ। ଭଜା ଯାଇଥିବା ବେସନରେ ପୂର୍ବରୁ ପ୍ରସ୍ତୁତ ପେଷ୍ଟ, ଅମୁଲ କ୍ରିମ୍, ତେଲ, ମରିଚ ପାଉଡ଼ର, ଚାଟ୍ ମସଲା, ହଳଦୀ ପାଉଡର, କେଶର, ଲେମ୍ବୁରସ, ଗୁଜୁରାତି, ପାନମଧୁରୀ ଗୁଣ୍ଡ, ପନିର ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଅଧଘଣ୍ଟା ଛାଡି ତାକୁ ତନ୍ଦୁର ଭାଟିରେ ରୋଷ୍ଟ କରିଦିଅନ୍ତୁ। ଏହାପରେ ପ୍ଲେଟ୍‌ରେ ସଜାଇ ସେଥିରେ ପୁଦିନା ଚଟଣୀ ସହିତ ପରଷି ଦିଅନ୍ତୁ।

ରିପୋର୍ଟ: ହେମନ୍ତ ନାୟକ



ମାଷ୍ଟର ସେଫ
ଦୀପ୍ତିରଞ୍ଜନ ନାୟକ

## ଫିଟ୍‌ନେସ୍

# ୱେଟ୍ ଲିଫ୍ଟିଙ୍ଗ କରିବାକୁ ଭଲଲାଗେ

ସୁରମୟୀ ମହାପାତ୍ର। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଜଣେ ଜଣାଶୁଣା ନାୟିକା। ରିଅଲିଟି ଶୋ 'ମୁଁ ବି ହିରୋଇନ୍ ହେବି' ସିଜନ୍-୨ର ବିଜେତା ସୁରମୟୀ ପ୍ରଥମେ 'ଭଲପାଏ ତତେ ୧୦୦ରୁ ୧୦୦' ଫିଲ୍ମ ଜରିଆରେ ଓଡ଼ିଆ ସିନେ ଜଗତରେ ପାଦ ଥାପିଥିଲେ। ଏହାପରେ ସେ ୭ଟି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ଭଲପାଇବା ସାଉଁଟି ପାରିଛନ୍ତି। ତେବେ ବ୍ୟସ୍ତତା ଜୀବନରେ ନିଜକୁ କିଭଳି ଫିଟ୍ ରଖାଯାଇପାରିବ ସେଥିପ୍ରତି ସେ ସବୁବେଳେ ବ୍ୟାୟାମ ଉପରେ ଗୁରୁତ୍ୱ ଦିଅନ୍ତି।



ନୃତ୍ୟପ୍ରିୟ ନାୟିକା ସୁରମୟୀ ସକାଳୁ ଉଠିଲେ ପ୍ରଥମେ ମ୍ୟୁଜିକ୍ ବିଟ୍‌ରେ ଏକ୍ସରସାଇଜ୍ କରନ୍ତି। ଏହାପରେ ସେ ଲେମ୍ବୁ ଓ ମହୁ ମିଶା ଏକ କପ୍ ଉଷୁମ ପାଣି ପିଇଥାନ୍ତି। ପରେ ଦୁଇଟି କଦଳୀ ଓ ଗୋଟିଏ ସେଓ ଖାଆନ୍ତି ଓ ଜିମ୍‌କୁ ଯାଇଥାନ୍ତି। ଯଦି ଫିଲ୍ମ ଶୁଟ୍ ଚାଲିଥାଏ ତେବେ ଜିମ୍‌ରେ କାର୍ଡିଓ ଏକ୍ସରସାଇଜ୍ କରିଥାନ୍ତି। ଅନ୍ୟ ସମୟରେ ୱେଟ୍ ଲିଫ୍ଟିଙ୍ଗ ଏକ୍ସରସାଇଜ୍ କରିବାକୁ ପ୍ରିଫର କରନ୍ତି। ୱେଟ୍ ଲିଫ୍ଟିଂ ଏକ୍ସରସାଇଜ୍ ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ବୋଲି ମନେ କରନ୍ତି ସୁରମୟୀ। ସେ ବ୍ରେକ୍‌ଫାଷ୍ଟରେ ବିନା ତେଲଯୁକ୍ତ ଓ ଲଞ୍ଚରେ ଘରୋଇ ଖାଦ୍ୟ ଖାଆନ୍ତି। ସନ୍ଧ୍ୟାରେ ୪ରୁ ୫ କିଲୋମିଟର ଚାଲିବାକୁ ଯାଆନ୍ତି। ଫେରିବା ପରେ ଅନ୍ୟାନ୍ୟ କାମ ସାରି ସନ୍ଧ୍ୟା ସାଢ଼େ ୭ଟା ସୁଦ୍ଧା ସେ ଡିନର କରିଥାନ୍ତି। ଦିନକୁ ଯଦିଓ ଅଧିକ ପାଣି ପିଇ ପାରନ୍ତି ନାହିଁ, ତଥାପି ବିଭିନ୍ନ ହେଲ୍‌ଦି ଡ୍ରିଙ୍କ୍ସ ପିଇଥାନ୍ତି।

ଜଣେ କଳାକାର ପାଇଁ ନୁହେଁ, ସମସ୍ତଙ୍କ ପାଇଁ ଫିଟ୍‌ନେସର୍ ଗୁରୁତ୍ୱ ରହିଛି। ସେଥିପାଇଁ ସମସ୍ତେ ବିଭିନ୍ନ ପ୍ରକାର ଏକ୍ସରସାଇଜ୍ କରିବା ଉଚିତ ବୋଲି ସୁରମୟୀ କୁହନ୍ତି।

– ଅସମାପିକା ସାହୁ

## ସେଲ୍‌ଫି କର୍ନର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


ବେଣୁଧର


ରାଜେନ୍ଦ୍ର


ଶୁଭଙ୍କର


ନୟନା


ଗୋପାଳ


ରଜତ


ଶ୍ରୀକାନ୍ତ


ଶ୍ରଦ୍ଧାଞ୍ଜଳି

“ଚଳିତ ବର୍ଷ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନ ମୁତାବକ ରହିବାକୁ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ଭାରତର ଜିଡ଼ିପି ଅଭିବୃଦ୍ଧି ୭% ଛୁଇଁବା ନେଇ ଆଶାବାଦୀ ରହିଛୁ।

– ଜୋନାଥନ ଓଷ୍ଟ୍ରି, ଉପନିର୍ଦ୍ଦେଶକ, ଆଇଏମ୍ଏଫ୍ ଏସିଆ ପାସିଫିକ ବିଭାଗ



“ଚାହିଦା ହ୍ରାସ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷ ୩ ତ୍ରୈମାସରେ ହାଉସିଂ ବିକ୍ରି ଗତ ବର୍ଷ ତୁଳନାରେ ୧୬% ଅଧିକ ରହିଛି।

– ଅନୁଜ ପୁରୀ, ଅଧ୍ୟକ୍ଷ, ଆନାରକ ପ୍ରପର୍ଟି



## ସଂକ୍ଷେପରେ

### ରିଲାଏନ୍ସ ଜୁଏଲ୍ସର ଅତୁଲ୍ୟ କଲେକ୍ସନ

**ନୂଆଦିଲ୍ଲୀ,୨୩-୧୦:** ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂଆ ଅତୁଲ୍ୟ କଲେକ୍ସନ ବଜାରକୁ ଆସିଛି। ପାର୍ବଣକୁ ଧ୍ୟାନରେ ରଖି ରାଜସ୍ଥାନ ଏବଂ ମୋଗଲ ସ୍ଥାପତ୍ୟ ଆଧାରରେ ଏହି କଲେକ୍ସନଗୁଡ଼ିକ ବଜାରକୁ ଆସିଛି। ସେହିଭଳି ଦୀପାବଳି ଅବସରରେ ଗ୍ରାହକମାନେ ସୁନା ଗହଣା ଗଢ଼ାମୂଲ୍ୟ ଉପରେ ଫ୍ଲାଟ ୨୫% ରିହାତି ପାଇପାରିବେ। ହୀରା ଗହଣା ଉପରେ ୨୫% ପର୍ଯ୍ୟନ୍ତ, ସୁନା କଏନ ଗଢ଼ଣ ଉପରେ ଫ୍ଲାଟ ୨୫%, ସୁନା ଗହଣାର ଗଢ଼ାମୂଲ୍ୟ ଏବଂ ହୀରା ଗହଣା ମୂଲ୍ୟ ବାବଦ ୫ ଲକ୍ଷ ଇନଭଏସରେ ଅତିରିକ୍ତ ୫% ରିହାତି ସୁବିଧା ରହିଛି। ୩୧ ଅକ୍ଟୋବର ଯାଏ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ସେନ୍କୋ ଗୋଲ୍ଡ ପକ୍ଷରୁ ଦିୱାଲି ଅଫର

**ନୂଆଦିଲ୍ଲୀ,୨୩-୧୦:** ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଦୀପାବଳି ଅଫର ଧନତେରାସ ଧନବୃଦ୍ଧି ଉତ୍ସବ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀରୁ କ୍ରୟ ଉପରେ ଗ୍ରାହକ ନିଶ୍ଚିତ ଉପହାର ଲାଭ କରିପାରିବେ। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ପାର୍ବଣକୁ ଧ୍ୟାନରେ ରଖି ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ଅଫର ପ୍ରଦାନ କରାଯାଉଥିବା କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭଙ୍କର ସେନ କହିଛନ୍ତି। ପ୍ଲାଟିନମ ଅଳଙ୍କାର ଗଢ଼ା ମୂଲ୍ୟ ଉପରେ ୨୦% ରିହାତି ରହିଛି। ସୁନା, ରୁପା ଅଳଙ୍କାର ଉପରେ ଅଫର ସହ ଏସ୍ବିଆଇ କ୍ରେଡିଟ କାର୍ଡରେ ୫% ଅଫର ରହିଛି।

# ମିଶିଯିବେ ବିଏସ୍ଏନ୍ଏଲ୍, ଏମ୍ଟିଏନ୍ଏଲ୍

**ନୂଆଦିଲ୍ଲୀ,୨୩-୧୦**

ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନଏଲର ପୁନରୁଦ୍ଧାର ଲାଗି କେନ୍ଦ୍ର କ୍ୟାବିନେଟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ବିଏସ୍ଏନ୍ଏଲ୍ ସହ ଏମ୍ଟିଏନ୍ଏଲ୍ର ମିଶ୍ରଣକୁ ନୀତିଗତ ମଞ୍ଜୁରୀ ମିଳିଛି। ଏହି ଦୁଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲାଗି ୪ଜି ସ୍ପେକ୍ଟ୍ରମ ଆବଣ୍ଟନ କରାଯିବ। ଏହାବାଦ ସୋଭରେନ ଗ୍ୟାରେଣ୍ଟି ବଣ୍ଡ ଜରିଆରେ ଋଣ ପରିଶୋଧ, କର୍ମଚାରୀଙ୍କ ଖର୍ଚ୍ଚ କାଟ, ସମ୍ପତ୍ତି ବିନିଯୋଗ ଦ୍ୱାରା ପାଣ୍ଠି ସଂଗ୍ରହ ଆଦି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। କ୍ୟାବିନେଟ ନିଷ୍ପତ୍ତି ମୁତାବକ ୨ କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ଆବଣ୍ଟନ କରାଯିବା ଫଳରେ ଏମାନେ ବ୍ରଡବ୍ୟାଣ୍ଡ ଏବଂ ଡାଟା ସେବା ପ୍ରଦାନ କରିପାରିବେ। ଏହି ସ୍ପେକ୍ଟ୍ରମ ପାଇଁ ସରକାର ପାଣ୍ଠି ଯୋଗାଇ ଦେବେ ବୋଲି ସୂଚନା ରହିଛି। ୨ କମ୍ପାନୀଙ୍କୁ ୨୦,୧୪୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ। ସ୍ପେକ୍ଟ୍ରମ ମୂଲ୍ୟର ଜିଏସ୍ଟି ବାବଦ ଅର୍ଥ ୩,୬୭୪ କୋଟି ଟଙ୍କା ମଧ୍ୟ ସରକାର ବଜେଟରୁ ବ୍ୟୟ କରିବେ। ଏହି ସ୍ପେକ୍ଟ୍ରମ ବ୍ୟବହାର ଦ୍ୱାରା ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନ୍ଏଲ୍ ୪ଜି ସେବା ଯୋଗାଣ ସହ ଅନ୍ୟ କମ୍ପାନୀମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଗ୍ରାମାଞ୍ଚଳରେ ଏହି ଦୁଇ କମ୍ପାନୀର ଏକ ଉନ୍ନତ ନେଟୱର୍କ ଥିବାରୁ ଦ୍ରୁତ ଡାଟା ସେବା ଯୋଗାଇ ଦେବାରେ ସେମାନେ ସଫଳ ହେବେ ବୋଲି ଆଶା କରାଯାଉଛି।

ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନ୍ଏଲ୍ ମଧ୍ୟ ଦୀର୍ଘକାଳୀନ ବଣ୍ଡ ଜରିଆରେ ୧୫ ହଜାର କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବେ। ଏଥିପାଇଁ ସୋଭରେନ ଗ୍ୟାରେଣ୍ଟି ଭାରତ ସରକାର ଯୋଗାଇ ଦେବେ। ଏହି ଉତ୍ସରୁ ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନ୍ଏଲ୍ ସେମାନଙ୍କର ଋଣ ପରିଶୋଧ କରିବେ ତଥା କ୍ୟାପେକ୍ସ, ଓପେକ୍ସ ଓ ଅନ୍ୟାନ୍ୟ ଆବଶ୍ୟକତା ଆଂଶିକ ଭାବେ ପୂରଣ କରିବେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ଅତିକ୍ରମ କରିସାରିଥିବା ନିଜ କର୍ମଚାରୀଙ୍କୁ ଆକର୍ଷଣୀୟ ସ୍ୱେଚ୍ଛାକୃତ ଅବସର (ଭିଆରଏସ) ପ୍ରସ୍ତାବ ଦେବ। କେନ୍ଦ୍ର ସରକାର ବଜେଟ ଅର୍ଥରୁ ଏହି ବ୍ୟୟଭାର ବହନ କରିବେ। ଭିଆର୍ଏସ୍ ପାଇଁ ଅନୁଗ୍ରହ ରାଶି ୧୭,୧୬୯ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ଜଣାପଡ଼ିଛି। ସେହିଭଳି ପେନସନ, ଗ୍ରାଚ୍ୟୁଇଟି ଓ କମ୍ୟୁଟେଶନ ଖର୍ଚ୍ଚ ସରକାର ବହନ କରିବେ। ଋଣ ପରିଶୋଧ, ବଣ୍ଡ ସର୍ଭିସିଂ, ନେଟୱର୍କ ଅପଗ୍ରେଡେସନ ଓ ସମ୍ପ୍ରସାରଣ ଏବଂ ପରିଚାଳନା ଆବଶ୍ୟକତା ପୂରଣ କରିବା ଲାଗି ବିଏସ୍ଏନ୍ଏଲ ଏବଂ ଏମ୍ଟିଏନଏଲ ସେମାନଙ୍କ ସମ୍ପତ୍ତି ବିନିଯୋଗ କରି ପାଣ୍ଠି ସଂଗ୍ରହ କରିବେ। ଦେଶର ଉପାନ୍ତ ଏବଂ ଗ୍ରାମାଞ୍ଚଳରେ ଥିବା ସେମାନଙ୍କ ବ୍ୟାପକ ଟେଲି କମ୍ୟୁନିକେଶନ ନେଟୱର୍କ ଜରିଆରେ ଉନ୍ନତମାନର ସେବା ଯୋଗାଇ ଦେବାରେ ସକ୍ଷମ ହେବେ ବୋଲି ଆଶା କରାଯାଉଛି। ଆସନ୍ତା ୧୨ରୁ ୧୫ ମାସ ମଧ୍ୟରେ ୪ଜି ସେବା ପାଇଁ ୬୦ ହଜାର ମୋବାଇଲ ସାଇଟ ଆରମ୍ଭ କରାଯିବ ବୋଲି ବିଏସ୍ଏନ୍ଏଲ୍ ଅଧ୍ୟକ୍ଷ ପି.କେ.ପୁରୱାର କହିଛନ୍ତି। ସେହିଭଳି ଆଗାମୀ ୨ ବର୍ଷ ମଧ୍ୟରେ ଏମ୍ଟିଏନ୍ଏଲ୍ ପରିଚାଳନାଗତ ଲାଭ ହାସଲ କରିବା ନେଇ ଆଶାବାଦୀ ରହିଥିବା ଏହାର ଏମ୍ଡି ସୁନୀଲ କୁମାର କହିଛନ୍ତି।

### ମିଳିଲା କ୍ୟାବିନେଟ ମଞ୍ଜୁରୀ




- ଉଭୟ କମ୍ପାନୀ ପାଇବେ ୪ଜି ସ୍ପେକ୍ଟ୍ରମ
- ୨୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ପ୍ରସ୍ତାବ
- ୧୫ ହଜାର କୋଟି ଟଙ୍କାର ଦୀର୍ଘସ୍ଥାୟୀ ସୋଭରେନ ବଣ୍ଡ ଗ୍ୟାରେଣ୍ଟି
- କର୍ମଚାରୀଙ୍କ ପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା

# ଅଣ ତୈଳ କମ୍ପାନୀ ସ୍ଥାପନ କରିପାରିବେ ପେଟ୍ରୋଲ ପମ୍ପ

**ନୂଆଦିଲ୍ଲୀ,୨୩-୧୦**

କେନ୍ଦ୍ର ସରକାର ପେଟ୍ରୋଲ ପମ୍ପ ସ୍ଥାପନ କ୍ଷେତ୍ରରେ ରହିଥିବା ନିୟମକୁ ବୁଧବାର କୋହଳ କରିଛନ୍ତି। ନୂଆ ନିଷ୍ପତ୍ତି ମୁତାବକ ଏବେ ଅଣ ତୈଳ କମ୍ପାନୀଗୁଡ଼ିକ ଦେଶରେ ଏହି ବାଣିଜ୍ୟ କ୍ଷେତ୍ରରେ ପ୍ରବେଶ କରିପାରିବେ। ଏହା ଦ୍ୱାରା ଘରୋଇ କ୍ଷେତ୍ର ଏବଂ ବିଦେଶୀ ଫାର୍ମଗୁଡ଼ିକ ଉକ୍ତ କ୍ଷେତ୍ରରେ ବାଣିଜ୍ୟ ସ୍ଥାପନ ଦିଗରେ ମନ ବଳାଇବେ ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ଭାବେ ଉଭା ହୋଇଥିବା ବେଳେ ଉକ୍ତ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାର ଗତ ଦୁଇ ଦଶନ୍ଧି ମଧ୍ୟରେ ସର୍ବବୃହତ ବୋଲି ଜଣାପଡ଼ିଛି। ଭାରତର ତୈଳ ବିପଣନ କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛୁକ ଥିବା କମ୍ପାନୀଗୁଡ଼ିକ ଲାଗି ବର୍ତ୍ତମାନ ଯାଏ ଭିନ୍ନ ନିୟମ ରହିଥିଲା।

ଏକ୍ଷେତ୍ରରେ କମ୍ପାନୀଗୁଡ଼ିକ ଲାଇସେନ୍ସ ଲାଭ କରିବା ଲାଗି ଭାରତରେ ୨,୦୦୦ କୋଟି ଟଙ୍କା ନିବେଶର ଆବଶ୍ୟକତା ପଡୁଥିଲା। ଏହି ନିବେଶ ଉଭୟ ହାଇଡ୍ରୋକାର୍ବନ ଉତ୍ତୋଳନ ଏବଂ ଉତ୍ପାଦନ, ରିଫାଇନିଂ, ପାଇପଲାଇନ, କିମ୍ବା ଏଲଏନ୍ଜି ଟର୍ମିନାଲ କ୍ଷେତ୍ରରେ ହେଉଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି(ସିସିଇଏ) ଏ କ୍ଷେତ୍ରରେ ନିୟମ ପରିବର୍ତ୍ତନକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କମ୍ପାନୀଗୁଡ଼ିକର କାରବାର ୨୫୦ କୋଟି ଟଙ୍କା ରହିଥିଲେ ସର୍ତ୍ତମୂଳକ ଭାବେ ପେଟ୍ରୋଲ, ଡିଜେଲ ବିକ୍ରି ଲାଗି ଅନୁମତି ଦିଆଯିବ।



ଏହି କମ୍ପାନୀଗୁଡ଼ିକ ଆସନ୍ତା ୩ ବର୍ଷ ମଧ୍ୟରେ ଅନ୍ତତଃ ପକ୍ଷେ ସିଏନ୍ଜି, ଏଲ୍ଏନ୍ଜି, ଜୈବ ଇନ୍ଧନ ଏବଂ ଇ-ଯାନ ଚାର୍ଜିଂ ଭଳି ବର୍ଗରେ ଗୋଟିଏ ବିକଳ୍ପ ଇନ୍ଧନ ବିପଣନର ଫାସିଲିଟି ସ୍ଥାପନ କରିବେ। ସେହିଭଳି କୌଣସି ରିଟେଲର ସ୍ଥାପନ କରିବାକୁ ଥିବା ମୋଟ ଆଉଟଲେଟର ୫% କେବଳ ଗ୍ରାମାଞ୍ଚଳରେ ବସାଇବେ। ସରକାରଙ୍କ ନୂଆ ନିଷ୍ପତ୍ତି ଦ୍ୱାରା ଦେଶରେ ନିବେଶ ବୃଦ୍ଧି, ଅଧିକ ରିଟେଲ ଆଉଟଲେଟ ସ୍ଥାପନ, ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ଲୋକଙ୍କୁ ସେବା ଯୋଗାଣ କ୍ଷେତ୍ରରେ ସହାୟତା କରିବ ବୋଲି ଆଶା କରାଯାଉଛି। ଫ୍ରାନ୍ସର ଟୋଟାଲ ଏସ୍ଏ, ସାଉଦିଆରବର ଆରାମକୋ, ୟୁକେର ବିପି ପିଏଲ୍ସି ଏବଂ ପୁମା ଏନର୍ଜି ଭଳି କମ୍ପାନୀ ଷ୍ଟେଶନ ସ୍ଥାପନ ନେଇ ଆଗେଇ ଆସିବେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି।

# ସଞ୍ଚୟ ଜମା ଖାତାର ଖର୍ଚ୍ଚଦାବିକୁ ଜାଣନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍ସିଆଲ କାଉନ୍ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୁଁ ଆନ୍ଧ୍ର ବ୍ୟାଙ୍କ ମାଧ୍ୟମରେ ଅଗଷ୍ଟ ୨୦୧୫ଠାରୁ ଅଟଳ ପେନ୍ସନ ଯୋଜନାରେ ସଞ୍ଚୟ କରୁଛି। ପଞ୍ଜୀକରଣ ସମୟରେ ଝିଅ ଜନ୍ମ ତାରିଖକୁ ମନୋନୀତ ବ୍ୟକ୍ତି ବା ନୋମିନି ରଖିଥିଲି। PRAN କାର୍ଡରେ ସ୍ତ୍ରୀ ଓ ଝିଅର ନାମ ଲିପିବଦ୍ଧ ଅଛି। ଏବେ ମୋର ଦ୍ୱିତୀୟ ଝିଅ ଜନ୍ମ ତାରିଖକୁ ଦ୍ୱିତୀୟ ମନୋନୀତ ବ୍ୟକ୍ତି କରି ହେବ କି? ଯଦି ହଁ, ଏଥିପାଇଁ କ’ଣ କରିବାକୁ ହେବ ଓ କିପରି କରାଯିବ?**

**–ବିଶ୍ୱରଞ୍ଜନ ଦାସ, ଜଗନ୍ନାଥ ନଗର, ଭୁବନେଶ୍ୱର**

▶ ହଁ। ଆପଣ ମନୋନୀତ ବ୍ୟକ୍ତି ପରିବର୍ତ୍ତନ କରିପାରିବେ। ଜଣେ ନାବାଳକ କିମ୍ବା ନାବାଳିକାଙ୍କୁ ମନୋନୀତ ବ୍ୟକ୍ତି ରଖିପାରିବେ। ଆପଣ ଲିଖିତ ଆବେଦନ ‘ଫର୍ମ-ଏସ୍’ ମାଧ୍ୟମରେ ଆବେଦନ କରିପାରିବେ। ଏହି ଫର୍ମ ପୂରଣ କରିବା ପରେ ଯେକୌଣସି ନୋଡାଲ୍ ଅଫିସର କିମ୍ବା ପିଓପି(ପଏଣ୍ଟ ଅଫ ସର୍ଭିସ) ଅଫିସରେ ଦାଖଲ କରିପାରିବେ। ପ୍ରାୟତଃ ସମସ୍ତ ବ୍ୟାଙ୍କ ଶାଖା, ଇକ୍ୟୁଟି ବ୍ରୋକିଙ୍ଗ କମ୍ପାନୀ ସବୁ ପିଓପି ହିସାବରେ କାମ କରନ୍ତି। ଆପଣ କାମସ୍(cams) ଅଫିସରେ ମଧ୍ୟ ଏହି ଫର୍ମ ଦାଖଲ କରିପାରିବେ। ବର୍ତ୍ତମାନ ଅନ୍ଲାଇନ ମାଧ୍ୟମରେ ମନୋନୀତ ବ୍ୟକ୍ତି ପରିବର୍ତ୍ତନ କରିବା ପାଇଁ ସୁବିଧା ନାହିଁ। ଆପଣଙ୍କୁ ଲିଖିତ ‘ଫର୍ମ-ଏସ୍’ର ପୂରଣ କରି ଦାଖଲ କରିବାକୁ ପଡ଼ିବ।

**ମୋ ସଞ୍ଚୟ ଜମାଖାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଅଛି। କିନ୍ତୁ ପ୍ରତି ବର୍ଷ ମୋ ଆକାଉଣ୍ଟରୁ ଡେବିଟ୍ କାର୍ଡ ଚାର୍ଜ ହିସାବରେ ଟଙ୍କା କାଟ ହେଉଛି। ଏହା କ’ଣ ଠିକ୍ କି? ସଞ୍ଚୟ ଜମାଖାତାରେ କଣ ସବୁ ଚାର୍ଜ ରହିଛି?**

**–ସୁନୀତା ମିଶ୍ର, ଢେଙ୍କାନାଳ**

▶ ପ୍ରାୟତଃ ଅଧିକାଂଶ ବ୍ୟକ୍ତିଙ୍କ ପାଇଁ ଏକ ସଞ୍ଚୟ ଜମାଖାତା ଆକାଉଣ୍ଟ ଖୋଲିବା ବହୁତ ସହଜ କାର୍ଯ୍ୟ। ଏହି ଆକାଉଣ୍ଟ ଖୋଲିବା ବହୁ ସହଜ ଏବଂ ଡିଜିଟାଲ ମାଧ୍ୟମରେ ହେଉଥିବାରୁ ଲୋକମାନେ କେବଳ ବାର୍ଷିକ ସୁଧହାର ମିଳିବା ଉପରେ ଧ୍ୟାନ ଦିଅନ୍ତି ଓ ସଞ୍ଚୟ ଜମାଖାତା ଖୋଲିବା ପାଇଁ ବ୍ୟାଙ୍କ ଚୟନ କରିନିଅନ୍ତି। ଗ୍ରାମାଞ୍ଚଳରେ ବାସ କରୁଥିବା ବ୍ୟକ୍ତି ବାଧ୍ୟବାଧକତାରେ ପାଖ ବ୍ୟାଙ୍କ ଶାଖାରେ ଆକାଉଣ୍ଟ ଖୋଲି ଦିଅନ୍ତି କାରଣ ଆଖପାଖରେ ଅନ୍ୟ ବ୍ୟାଙ୍କ ଶାଖା ନାହିଁ। କିନ୍ତୁ ସଞ୍ଚୟ ଜମାଖାତା ଖୋଲିବା ସମୟରେ ଚାର୍ଜ ବା ଖର୍ଚ୍ଚ ସବୁକୁ ଦୃଷ୍ଟି ଦେବା ନିହାତି ଜରୁରୀ। ପ୍ରାୟତଃ ପ୍ରତ୍ୟେକ ବ୍ୟାଙ୍କର ଖର୍ଚ୍ଚସବୁ ଅଲଗା ଅଲଗା ଥାଏ। ଆପଣଙ୍କର କିଛି ଆର୍ଥିକ ସଚେତନତା ବା ସାକ୍ଷରତା ହିଁ ଏସବୁ କ୍ଷେତ୍ରରେ ଆପଣଙ୍କୁ ସାହାଯ୍ୟ କରିବ। ସବୁ ଚାର୍ଜ ବିଷୟରେ ଜାଣିବା ନିହାତି ଜରୁରୀ।

**ସଞ୍ଚୟ ଜମାଖାତାର ୬ଟି ଚାର୍ଜ ବା ଖର୍ଚ୍ଚବାଦି**

**ମାସିକ ହାରାହାରି ବାଲାନ୍ସ ଭରଣପୋଷଣ ନ କରିବା–** ସମସ୍ତ ବ୍ୟାଙ୍କ ଆପଣଙ୍କ ସଞ୍ଚୟ ଜମାଖାତାର ବଳକା ରାଶି ଉପରେ ବାର୍ଷିକ ସୁଧହାର ପ୍ରଦାନ କରନ୍ତି। ଯଦି ଆପଣ କୌଣସି କାରଣ ବଶତଃ ସର୍ବନିମ୍ନ ବାଲାନ୍ସ ନ ରଖନ୍ତି ତେବେ ଆପଣଙ୍କୁ ଚାର୍ଜ ବା ଫାଇନ୍ ଆକାରରେ ବ୍ୟାଙ୍କ ଟଙ୍କା କାଟି ଦେବ। ଏହି ପ୍ରକାରର ଚାର୍ଜ ସାଧାରଣତଃ ୧୦୦ରୁ ୬୫୦ ଟଙ୍କା ଭିତରେ ରହିଥାଏ, ଯାହାକି ବ୍ୟାଙ୍କର ପରିଚାଳନା ବା କାର୍ଯ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ଆପଣଙ୍କ ସଞ୍ଚୟ ଜମାଖାତାକୁ ଚାଲୁ ରଖିବା ପାଇଁ।

**ଡେବିଟ୍ କାର୍ଡ ଖର୍ଚ୍ଚ–** ପ୍ରାୟତଃ ସମସ୍ତ ବ୍ୟାଙ୍କ ଡେବିଟ୍ କାର୍ଡ ଦିଅନ୍ତି ଏବଂ ଏହି କାର୍ଡ ଦେବା ପାଇଁ ଏକ ଖର୍ଚ୍ଚ ଓ ବାର୍ଷିକ ମଧ୍ୟ ରହିଥାଏ। ଏହି ଡେବିଟ୍ କାର୍ଡ ବାର୍ଷିକ ୧୦୦ରୁ ୮୦୦ ପର୍ଯ୍ୟନ୍ତ ଭିନ୍ନ କାର୍ଡ ଓ ସେବା ପାଇଁ ନିଅନ୍ତି।

**ଚେକ୍ ବୁକ୍ ଖର୍ଚ୍ଚ–** ଅଧିକାଂଶ ବ୍ୟାଙ୍କ ପ୍ରତି ତ୍ରୈମାସିକ ପାଇଁ ୨୦-୨୫ଟି ଚେକ୍ ପାଇଁ କୌଣସି ଖର୍ଚ୍ଚ ନିଅନ୍ତି ନାହିଁ ବା ମୁକ୍ତରେ ପ୍ରଦାନ କରନ୍ତି। ଯଦି ଆପଣ ଏହାଠାରୁ ଅଧିକ ଅତିରିକ୍ତ ଚେକ୍ ଆବଶ୍ୟକ କରନ୍ତି ତେବେ ଆପଣଙ୍କୁ ଅତିରିକ୍ତ ୭୫ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଦେବାକୁ ପଡିବ। ଯଦି ଆପଣଙ୍କ ପ୍ରିମିୟମ ଆକାଉଣ୍ଟ ହୋଇଥାଏ ତେବେ ଆପଣଙ୍କ ଅଧିକ ଖର୍ଚ୍ଚ ଦେବାକୁ ପଡ଼ିବ।

**ଅନ୍ଲାଇନ ବ୍ୟାଙ୍କିଙ୍ଗ୍ ଫି–** ଆପଣ ଯଦି ଏନ୍ଇଏଫ୍ଟି, ଆଇଏମ୍ପିଏସ କିମ୍ବା ଆଇଟିଜିଏସ୍ ମାଧ୍ୟମରେ କିଛି ଟଙ୍କା ନେଣଦେଣ କରୁଛନ୍ତି ତେବେ ଆପଣଙ୍କୁ ଏହି ସେବା ପାଇଁ ଖର୍ଚ୍ଚ ଦେବାକୁ ପଡିବ। ଏନ୍ଇଏଫ୍ଟି (ନ୍ୟାଶନାଲ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନସଫର) ପାଇଁ ସର୍ବନିମ୍ନ ରାଶିର ସୀମା ନ ଥାଏ କିନ୍ତୁ ଆର୍ଟିଜିଏସ୍ (ରିୟଲ ଟାଇମ ଗ୍ରସ୍ ସେଟଲମେଣ୍ଟ ସିଷ୍ଟମ) ପାଇଁ ସର୍ବନିମ୍ନ ୨ ଲକ୍ଷ ଟଙ୍କା ରହିଥାଏ। ଏନ୍ଇଏଫଟି କିମ୍ବା ଆର୍ଏମ୍ପିଏସ୍ ମାଧ୍ୟମରେ ଟଙ୍କା ପାଇବାକୁ ଆପଣଙ୍କୁ ୫ରୁ ୨୫ ଟଙ୍କା ଦେବାକୁ ପଡିବ ଯାହାକି ଆପଣ ପଠାଯାଇଥିବା ଟଙ୍କାର ପରିମାଣ ଉପରେ ନିର୍ଭର କରିଥାଏ। ଆଇଟିଜିଏସ୍ ମାଧ୍ୟମରେ ସାଧାରଣତଃ ୩୦ରୁ ୫୫ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଦେବାକୁ ପଡିଥାଏ।

**ନଗଦ ଟଙ୍କା କାରବାର ପାଇଁ ଖର୍ଚ୍ଚ –** ସମସ୍ତ ବ୍ୟାଙ୍କ ନଗଦ ଟଙ୍କା କାରବାର ଉପରେ ଖର୍ଚ୍ଚବାଦି ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ, ପ୍ରତି ହଜାର ଟଙ୍କା ପ୍ରତି ୫ ଟଙ୍କା ହିସାବରେ (ସର୍ବନିମ୍ନ ୧୫୦) ପ୍ରଥମ ୪ଟି ମୁକ୍ତ କାରବାର ପରେ ପ୍ରତ୍ୟେକ ମାସ ହିସାବରେ ଏହି ଖର୍ଚ୍ଚ ଦେବାକୁ ପଡିବ।

**ଚେକ୍ ବାଉନସ୍ ଚାର୍ଜ–** ଯଦି ଆପଣ ଚେକ୍ ଇସ୍ୟୁ କରିଛନ୍ତି ଏବଂ ଏହା ବ୍ୟାଙ୍କରେ ଡିପୋଜିଟ୍ କଲା ପରେ ବାଉନସ୍ ନା ଚେକ୍ ଫେରିଆସିବା ହୁଏ ତେବେ ଆପଣଙ୍କୁ ଚାର୍ଜ ଦେବାକୁ ପଡ଼ିବ ଯାହାକି ୨୦୦ ରୁ ୮୦୦ ଟଙ୍କା ମଧ୍ୟରେ ଆସିଥାଏ।

ଆମର ପରାମର୍ଶ ଅତ୍ୟଧିକ ସଞ୍ଚୟ ଜମାଖାତା ଖୋଲନ୍ତୁ ନାହିଁ। ନିଜର ଆବଶ୍ୟକତାକୁ ଦୃଷ୍ଟି ଦେଇ ୧ଟି କିମ୍ବା ୨ଟି ଜମାଖାତା ଖୋଲନ୍ତୁ। ନିଜର ୧୦ଟି ୧୫ଟି ସଞ୍ଚୟ ଜମାଖାତା ଅଛି ବୋଲି ନିଜ ଉପରେ ଚାର୍ଜ କରନ୍ତୁ ନାହିଁ। ଏ ସବୁ ଚାର୍ଜ ଆପଣଙ୍କ ଧନର କ୍ଷତି ସାଧନ କରୁଛନ୍ତି।

**ମୋ ନିଜ ଘରକୁ ବୀମାଭୁକ୍ତ କରିବା ପାଇଁ ଚାହୁଁଛି । ଏହି ପଇଠ ରାଶି ଉପରେ ଆୟକର ଛାଡ ପାଇଁ ଦାବି କରିପାରିବି କି ?**

**– ସଂଗ୍ରାମ ସାହୁ, ଛତ୍ରପୁର**

▶ ନାହିଁ, ନିଜ ଘରକୁ ବୀମାଭୁକ୍ତ କରିବା ପାଇଁ ପ୍ରିମିୟମ ଦେୟ ରାଶି ଉପରେ ଆୟକର ଛାଡ ଦାବୀ କରିପାରିବେ ନାହିଁ।

**ଆମ ଠିକଣା**
**ବିଜ୍ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ବିଓଆଇ ପକ୍ଷରୁ ଗ୍ରାହକ ସମ୍ପର୍କ ଋଣ ମେଳା

**କେନ୍ଦୁଝର,୨୩-୧୦**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝର ଅଞ୍ଚଳ ପକ୍ଷରୁ ସ୍ଥାନୀୟ ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଏକ ଗ୍ରାହକ ସମ୍ପର୍କ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଡିଏମ୍ ଭକ୍ତଚରଣ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ, ବ୍ୟାଙ୍କର ମହାପ୍ରବନ୍ଧକ ଅଭିଜିତ ବୋଷ ଏବଂ ଆଞ୍ଚଳିକ ପ୍ରବନ୍ଧକ ଗୁପ୍ତେରାମ ନାୟକ ଏହାକୁ ଶୁଭାରମ୍ଭ କରିଥିଲେ। ଏହା ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ଘରୋଇ କ୍ଷେତ୍ର ବ୍ୟାଙ୍କ, ସ୍ମଲ ସେଭିଂ ବ୍ୟାଙ୍କ, ଏନ୍ବିଏଫ୍ସି ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥା ଯୋଗ ଦେଇଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଋଣ ଯୋଗାଣ ଭଳି ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ କ୍ଷମତା, ଆଗ୍ରହର ପରିପ୍ରକାଶ, ଲୋକଙ୍କୁ ଋଣ ଯୋଗାଣ, ଆର୍ଥିକ ଅଭିବୃଦ୍ଧିକୁ ଧ୍ୟାନରେ ରଖି ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



**ODISHA STATE CIVIL SUPPLIES CORPORATION LTD., DHENKANAL**

**AUCTION SALE NOTICE FOR MOBILE VAN**

File No.- Estt. MV/Vii-78/2015-16/No. 3835/Date: 22.10.2019

No. CAD-495: Sealed tenders are invited for auction sale of one old Mobile Van bearing No. OR-02 L 5869 of this organisation. The up-set price of said vehicle is fixed to Rs.70,000.00 only. The last date of receipt of tender is Dt. 26.11.2019 upto 5.00 P.M. The detail tender documents with terms and conditions of the tender shall be available in the website of OSCSC Ltd., i.e. **www.oscsc.in** or can be obtained from District Manager, OSCSC Ltd., Dhenkanal.

**Sd./- District Manager**
**OSCSC Ltd., Dhenkanal**

07029/11/0001/1920

NANDANKANAN

**NANDANKANAN ZOOLOGICAL PARK HAS LAUNCHED THE MOBILE APP THROUGH GOOGLE PLAY STORE FROM 24.10.2019**

**GOOD NEWS FOR ANIMAL LOVERS**

- Now one can get entry ticket through **“Nandankanan App”**.
- Andrioid users can book entry ticket for Nandankanan Zoological Park and also avail the tickets for pindies and shed at State Botanical Garden.
- Users can get the information like visitor amenities, adoption scheme, zoo map which would act as a guide while inside the zoo.
- Apart from this one can get enriched their knowledge on various flora and fauna.
- Users can also get themselves educated through various zoo education and outreach programme.

**Sd./- Deputy Director**
**Nandankanan Zoological Park**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**

ପତ୍ର ସଂଖ୍ୟା: ୨୪୩୮୯/ଭୁ.ଉ.କ., ଭୁବନେଶ୍ୱର ତା୧୫।୧୦।୨୦୧୯ରିଖ
CPDCP - 236/94

**ସୂଚନା**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡିଷ୍ଟ୍ରିକ୍ଟ ସେଣ୍ଟର ବାଣିଜ୍ୟିକ ପ୍ରକଳ୍ପ, ଚନ୍ଦ୍ରଶେଖରପୁର, ପ୍ଲଟ ନଂ. ୧୪୮କୁ ଶ୍ରୀ ପ୍ରହଲ୍ଲାଦ ଚରଣ ପଣ୍ଡା, ପିତା- ସ୍ୱର୍ଗତ ଉଦୟନାଥ ପଣ୍ଡା, ସା/ପୋ.- ନହନ୍ତରା, ଭାୟା- ନିମାପଡ଼ା, ଜିଲ୍ଲା- ପୁରୀଙ୍କୁ ତା୧୨।୦୭।୧୯୯୬ରିଖରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ଗ୍ରାହୀ ଶ୍ରୀ ପଣ୍ଡା ତା ୨୧।୦୮।୨୦୧୪ରିଖରେ ମୃତ୍ୟୁ ବରଣ କରିଅଛନ୍ତି। ଇତି ମଧ୍ୟରେ ତାଙ୍କ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଆବେଦନ କରିଅଛନ୍ତି, ସେମାନେ ହେଲେ:

(୧) ବାସନ୍ତୀ କୁମାରୀ ପଣ୍ଡା (ସ୍ତ୍ରୀ), (୨) ବିଜୟ ପ୍ରସନ୍ନ ପଣ୍ଡା (ପୁତ୍ର), (୩) ବରଦା ପ୍ରସନ୍ନ ପଣ୍ଡା (ପୁତ୍ର), (୪) ବିମଳ ପ୍ରସନ୍ନ ପଣ୍ଡା (ପୁତ୍ର), (୫) ବିଶ୍ୱପ୍ରଭା ଶତପଥୀ (ବିବାହିତା କନ୍ୟା)।

ଉକ୍ତ ପ୍ଲଟ୍ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଆପତ୍ତି/ଅଭିଯୋଗ ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ କୌଣସି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ – ୨**

**GOVERNMENT OF ODISHA**
**OFFICE OF THE**
**ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
**PH:-0674-2394873, FAX-2391255/2391014**
**Email: sdaorissa@nic.in, eic-epcei@nic.in**

**SHORT TENDER NOTICE**

**No. Tech-EC-582(Vol-IV)/ 3769 /**
**Dated, Bhubaneswar the 21st October 2019.**

No. AA-14: Sealed tenders are invited from the organizations meeting the qualification requirement as per tender specification for providing services and items for the Energy Conservation Stall proposed to be organized during forthcoming Baliyatra-2019 at Cuttack, from 12.11.2019 to 19.11.2019 and other awareness programs proposed to be organized within the current financial year. The bidders should have valid PAN and GST registration for participation in the tender. The tenders will be received in sealed cover up to **2.00 PM of 06.11.2019** in the office of the undersigned by Regd. Post or hand delivered with due acknowledgement. The authority will not be responsible for postal delay for whatsoever reason thereof. The tenders shall be opened on **06.11.2019, 4.00 PM** in the presence of tenderers or their authorized representatives if any. The cost of tender document needs to be paid in shape of Demand Draft of **Rs.2,000/-** (Rupees Two thousand) only drawn in favour of **EE (P & M) -cum-DEI,** Bhubaneswar drawn on any Nationalized Bank, payable at Bhubaneswar and is to be submitted along with the bid. The tender document can be obtained from the **EE (P & M) -cum- DEI,** Office of EIC (Electricity) -cum- Principal Chief Electrical Inspector, Govt. of Odisha, Power House Square, Bhubaneswar – 751001 on payment of cost of tender document or can also be downloaded from our website: **eicelectricityodisha.nic.in** within **1.00 PM of 06.11.2019**. For further details, please contact EE (P & M) -cum- DEI, O/o EIC (E)-cum-PCEI, Unit-V, Power House Square, Bhubaneswar, Odisha or visit our website: **eicelectricityodisha.nic.in**. The undersigned reserves the right to reject the tenders without assigning any reason thereof.

04004/11/0013/1920 **Sd./- EIC (E)-cum-PCEI & SDA (O).**

## ସଂକ୍ଷେପରେ

### ପ୍ରଥମ ରାଉଣ୍ଡରୁ ଶ୍ରୀକାନ୍ତ, କାଶ୍ୟପଙ୍କ ବିଦାୟ

ପ୍ୟାରିସ,୨୩।୧୦ (ପି.ଟି.)- ଭାରତୀୟ ଶଟଲର କିଡାମ୍ବି ଶ୍ରୀକାନ୍ତ ଓ ପାରୁପଲ୍ଲି କାଶ୍ୟପ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ବୁଧବାର ୫୫ ମିନିଟ୍ ଧରି ଚାଲିଥିବା କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୫, ୭-୨୧, ୧୪-୨୧ ଗେମ୍‌ରେ ଚାଇନିଜ ତାଇପେର ଚୋଉ ତିଏନଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କାଶ୍ୟପ ହଂକଂର ଏନ୍‌ଜିକା ଲଙ୍ଗ ଅଙ୍ଗୁସଙ୍କ ଠାରୁ ୧୧-୨୧, ୯-୨୧ ଗେମ୍‌ରେ ହାରି ଯାଇଛନ୍ତି। ସମୀର ବର୍ମାଙ୍କୁ ମଧ ସମାନ ଫଳାଫଳର ସମ୍ମୁଖୀନ ହେବାକୁ ପଡ଼ିଛି। ତାଙ୍କୁ ୨୨-୨୦, ୧୮-୨୧, ୧୮-୨୧ ଗେମ୍‌ରେ ଜାପାନର କେଣ୍ଟା ନିଶିମୋଟୋ ପରାସ୍ତ କରିଛନ୍ତି। ଏବେ କେବଳ ଭାରତୀୟ ଶଟଲର ଭାବେ ଶୁଭଙ୍କର ଦେ ଟୁର୍ଣ୍ଣାମେଣ୍ଟରେ ତିଷ୍ଠି ରହିଛନ୍ତି। ସେ ଦ୍ୱିତୀୟ ରାଉଣ୍ଡରେ ଇଣ୍ଡୋନେସିଆର ଶେସାର ହିରେନ ରୁଷ୍ଟାଭିଟୋଙ୍କୁ ଭେଟିବେ।

### 'ବିଶ୍ୱ କ୍ରିକେଟର୍ସ' ସଂଘର ସମର୍ଥନ

ଢାକା, ୨୩।୧୦ (ଏଏଫ୍‌ପି)- ବେତନ ବୃଦ୍ଧି ଓ ସୁବିଧା ସୁଯୋଗକୁ ନେଇ ବାଂଲାଦେଶ ଜାତୀୟ କ୍ରିକେଟ୍ ଖେଳାଳିଙ୍କ ଅଭୁତପୂର୍ବ ଧର୍ମଘଟକୁ ବିଶ୍ୱ କ୍ରିକେଟର୍ସ ସଂଘ ସମର୍ଥନ କରିଛି। ବାଂଲାଦେଶ ଜାତୀୟ ଦଳର କିଛି ଖେଳାଳିଙ୍କୁ ନେଇ ଗତ ସୋମବାରଠାରୁ ଏହି ଧର୍ମଘଟ ଆରମ୍ଭ ହୋଇଛି। ଫଳରେ ନଭେମ୍ବର ପ୍ରାରମ୍ଭରୁ ବାଂଲାଦେଶର ଭାରତ ଗସ୍ତ କାର୍ଯ୍ୟକ୍ରମ ଏବେ ଆଶଙ୍କା ମଧ୍ୟରେ ରହିଛି। ଦି ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ କ୍ରିକେଟର୍ସ ଆସୋସିଏଶନର କାର୍ଯ୍ୟନିର୍ବାହୀ ଅଧକ୍ଷ ଟୋନି ଇରିଶ ମଙ୍ଗଳବାର ଏକ ବିବୃତିରେ ବାଂଲାଦେଶ ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି। 'ଉଚିତ ପରିସ୍ଥିତିକୁ ସୁରକ୍ଷିତ କରିବା ପାଇଁ ଏକାଠି ଠିଆ ହେବା ଆବଶ୍ୟକ। ବାଂଲାଦେଶରେ ଖେଳାଳିଙ୍କୁ ଏକତ୍ର କରିବାରେ କଠିନ ପରିବେଶ ସତ୍ତ୍ୱେ ଏଭଳି ହୋଇଛି। ଏହା ସ୍ପଷ୍ଟ ଭାବେ ଦର୍ଶାଉଛି ଏକ ପ୍ରମୁଖ କ୍ରିକେଟ୍ ଦେଶ ଭାବେ ଖେଳାଳିଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଯାଉଛି ସେଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି' ବୋଲି ଟୋନି ଏକ ବିବୃତିରେ କହିଛନ୍ତି। ଜାତୀୟ ଟେଷ୍ଟ ଓ ଟି୨୦ ଅଧିନାୟକ ଶାକିବ ଅଲ୍ ହାସାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧର୍ମଘଟରେ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ପାଉଣାରେ ୫୦ ପ୍ରତିଶତ ବୃଦ୍ଧି, ଜାତୀୟ ଖେଳାଳିଙ୍କ ଚୁକ୍ତିରେ ବୃଦ୍ଧି, ଘରୋଇ କ୍ରିକେଟ୍‌ରେ ଅନୁଷ୍ଠିତ ୪ ଦିବସୀୟ ଓ ୫୦ ଓଭର ମ୍ୟାଚ୍‌ରେ ଫି ବୃଦ୍ଧି ଓ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ଉନ୍ନତ ସୁବିଧା ସୁଯୋଗ ପ୍ରଦାନ ଦାବି କରାଯାଇଛି।

### ଏମ୍‌ସିସିର ଆଜୀବନ ସଦସ୍ୟ ହେଲେ ସ୍ମିଥ୍




ଲଣ୍ଡନ, ୨୩।୧୦ (ପି.ଟି.)- କ୍ରିକେଟ୍‌ର ନିୟମ ପ୍ରସ୍ତୁତକର୍ତ୍ତା ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ପକ୍ଷରୁ ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଗ୍ରେମ ସ୍ମିଥ୍‌ଙ୍କୁ ଏହାର ଆଜୀବନ ସଦସ୍ୟ ଭାବେ ମନୋନୀତ କରିଛି। ଏମ୍‌ସିସି ପକ୍ଷରୁ ଏହାର ଅଫିସିଆଲ ଟୁଇଟର୍ ଆକାଉଣ୍ଟରେ ମଙ୍ଗଳବାର ଏ ନେଇ ଘୋଷଣା କରାଯାଇଛି। ୨୦୦୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ସ୍ମିଥ୍ ଦକ୍ଷିଣ ଆଫ୍ରିକା ପାଇଁ ୩ଟି ଯାକ ଫର୍ମାଟ୍‌ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୧୯୭ ଦିନିକିଆ ମ୍ୟାଚ୍‌ରୁ ୪୮.୨ ଆଭରେଜରେ ୧୦ ଶତକ ସହ ସେ ୬,୯୮୯ ରନ୍ ସଂଗ୍ରହ କରିଥିଲେ। ସେହିଭଳି ୧୧୭ ଟେଷ୍ଟରୁ ୨୭ ଶତକ ସହ ୯,୨୬୫ ରନ ଏବଂ ୩୩ ଟି୨୦ରୁ ୯୮୨ ରନ କରିଛନ୍ତି। ମାତ୍ର ୨୨ ବର୍ଷ ବୟସରେ ଜାତୀୟ ଦଳର ନେତୃତ୍ୱ ନେଇ ସେ ଦକ୍ଷିଣ ଆଫ୍ରିକାର ସର୍ବକନିଷ୍ଠ ଅଧିନାୟକ ହେବାର ରେକର୍ଡ କରିଥିଲେ। ୨୦୦୪ରେ ସେ ଓ୍ୱିଜଡେନ କ୍ରିକେଟର୍ସ ଅଫ୍ ଦି ଇୟର ପୁରସ୍କାର ଲାଭ କରିଥିଲେ। ୨୦୦୩ରେ ଇଂଲଣ୍ଡ ଟୁର୍ ସ୍ମିଥ୍‌ଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ଏହି ଟୁର୍‌ରେ ସେ ୨ଟି ଦ୍ୱିଶତକୀୟ ଇନିଂସ ଖେଳିଥିଲେ।

---



"ସମ୍ପୂର୍ଣ୍ଣ ଟେଷ୍ଟ ସିରିଜରେ ଭାରତୀୟ ଦ୍ରୁତ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ବିଶେଷ କରି ଲାଇନ୍ ଓ ଲେନ୍ଥରେ ସ୍ଥିରତା ରଖିଥିଲେ ।

–ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



"ଯଦି ତୁମେ ଘରୋଇ ଗ୍ରାଉଣ୍ଡରେ ଖେଳୁଛ, ତେବେ କିଛିମାତ୍ରାରେ ସୁବିଧାଜନକ ସ୍ଥିତିରେ ରହିବ। ମୁମ୍ବାଇ ବିପକ୍ଷ ମ୍ୟାଚ୍ ଆମ ପାଇଁ ଆଉ ଏକ ଚ୍ୟାଲେଞ୍ଜ।

–ଏଲକୋ ଷ୍ଟାଟୋରି, ଏଟିକେ ଫୁଟ୍‌ବଲ କୋଚ୍

# ଅଲିମ୍ପିକ୍ସ ସ୍ୱପ୍ନରେ ବିଭୋର ବିବେକ

ଭୁବନେଶ୍ୱର, ୨୩।୧୦(କ୍ରୀଡ଼ା ପ୍ରତିନିଧି)

ନଭେମ୍ବର ୧ ଓ ୨ ତାରିଖରେ ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଖେଳିବ। ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା ରହିଥିବାବେଳେ ପୁରୁଷ ଦଳ ଅପେକ୍ଷାକୃତ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ରୁଷିଆକୁ ଭେଟିବ। ଏଥିପାଇଁ କଳିଙ୍ଗ ଷ୍ଟାଡିୟମରେ ଉଭୟ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମହିଳା ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ଏବଂ ପୁରୁଷ ଦଳ କୋଚ୍ ଗ୍ରାହାମ ରିଡ୍ ଆଗାମୀ ମ୍ୟାଚକୁ ଦୃଷ୍ଟିରେ ରଖି ନିଜ ନିଜ ଦଳକୁ ପ୍ରସ୍ତୁତ କରୁଛନ୍ତି। ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଥିବା ଯୁବ ମିଡ୍‌ଫିଲ୍ଡର ବିବେକ ସାଗର ପ୍ରସାଦ ଆଗାମୀ ମ୍ୟାଚକୁ ବ୍ୟଗ୍ରତାର ସହିତ ଅପେକ୍ଷା କରିଛନ୍ତି। ଅଲିମ୍ପିକ୍ସରେ ଖେଳିବା ତାଙ୍କର ସ୍ୱପ୍ନ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ତା' ପୂର୍ବରୁ ରୁଷିଆ ବିପକ୍ଷ କ୍ୱାଲିଫାୟର୍ସ ଖେଳିବା ଉପରେ ସେ ଏକାଗ୍ର ରହିଛନ୍ତି ବୋଲି କହିଛନ୍ତି।

ଭାରତର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ସିନିୟର ଦଳରେ କ୍ୟାରିୟର ଆରମ୍ଭ କରିଥିଲେ ବିବେକ। ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଜାପାନ ବିପକ୍ଷ ମ୍ୟାଚରେ ନିଜର ପ୍ରଥମ ମ୍ୟାଚ ଖେଳିବା ବେଳକୁ ତାଙ୍କୁ ୧୭ ବର୍ଷ ୧୦ ମାସ ୨୨ ଦିନ ହୋଇଥିଲା। ମଧ୍ୟପ୍ରଦେଶ ହକି ଏକାଡେମୀରୁ ଟ୍ରେନିଂପ୍ରାପ୍ତ ବିବେକ ସିନିୟର ପଦାର୍ପଣ କରିବାପରେ ୨୦୧୮ ମସିହାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ, ଏଫଆଇଏଚ୍ ପୁରୁଷ ଚାମ୍ପିୟନ୍ସ ଟ୍ରଫି ଏବଂ ୟୁଥ୍ ଅଲିମ୍ପିକ୍ ଗେମ୍ସରେ ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। ଏବେ ମାତ୍ର ୧୯ ବର୍ଷ ହୋଇଥିବାରୁ ବିବେକଙ୍କ ପାଇଁ ଲମ୍ବା ରାସ୍ତା ପଡ଼ିଛି। "ଯୁବ ବୟସରେ ସିନିୟର ଦଳରେ ଚୟନ ହୋଇଥିବାରୁ ପ୍ରଥମେ ମୋ ପାଇଁ କିଛିଟା କଷ୍ଟ ହୋଇଥିଲା। ଜୁନିୟର ଦଳରେ ଖେଳିବା ଏବଂ ସିନିୟରରେ ଖେଳିବାର କୌଶଳରେ ଅନେକ ଭିନ୍ନତା ରହିଛି। ୨୦୧୮ରେ କୋଚ୍ ଜୋର୍ଡ ମାରିଜନେଙ୍କ ଅଧୀନରେ ମୁଁ ସିନିୟର ସ୍ତରରେ ଖେଳିବା ଆରମ୍ଭ କରିଥିଲି। ନିଜକୁ ପ୍ରଥମେ ଆଡଜଷ୍ଟ କରିଥିଲି, ମାରିଜନେ ମୋ ଆତ୍ମବିଶ୍ୱାସକୁ ବଢ଼ାଇଥିଲେ। ଆରମ୍ଭ ନିଶ୍ଚିତଭାବେ ସହଜ ନ ଥିଲା। ତେବେ ମୁଁ ନିଜକୁ ଖାପ ଖୁଆଇବା ସହ ଗତ ବର୍ଷ ଅପେକ୍ଷା ଉନ୍ନତ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଦଳୀୟ ଖେଳାଳି ଓ କୋଚ୍‌ଙ୍କ ସହଯୋଗକ୍ରମେ ମୁଁ ଦଳୀୟ ରଣନୀତିର ଅଂଶବିଶେଷ ହୋଇ ପାରୁଛି" ବୋଲି ବିବେକ ପ୍ରକାଶ କରିଛନ୍ତି।

ଭାରତୀୟ ଦଳ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ତେବେ ପ୍ରତିଦ୍ୱନ୍ଦ୍ୱୀ ରୁଷିଆକୁ ଭାରତ ହାଲ୍‌କାଭାବେ ନେଉନାହିଁ ବୋଲି ବିବେକ ସ୍ପଷ୍ଟ କରିଛନ୍ତି। "ଆମେ ପ୍ରତିଦ୍ୱନ୍ଦ୍ୱୀର ଶକ୍ତିକୁ ଦେଖିବା ଅପେକ୍ଷା ନିଜେ କିପରି ଶତ ପ୍ରତିଶତ ପ୍ରଦର୍ଶନ ଦେଇ ପାରିବୁ ତା ଉପରେ ଫୋକସ କରୁଛୁ। ବେଲ୍‌ଜିୟମ ଟୁର୍ ଆମ ପାଇଁ ବହୁତ ଭଲ ରହିଲା। ଆମେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ହରାଇବା ସହ ସ୍ପେନ୍ ଦଳକୁ ମଧ୍ୟ ପରାସ୍ତ କରିଛୁ। ଏହି ଗସ୍ତରେ ଦଳୀୟ ପ୍ରଦର୍ଶନରେ କୋଚ୍ ଗ୍ରାହାମ ରିଡ୍ ସନ୍ତୋଷ ପ୍ରକାଶ କରିଛନ୍ତି। ରୁଷିଆ ବିପକ୍ଷ ମ୍ୟାଚରେ ମଧ୍ୟ ଆମେ ତା'ର ପୁନରାବୃତ୍ତି ଲକ୍ଷ୍ୟ ରଖିଛୁ" ବୋଲି ସେ କହିଛନ୍ତି।




ବିବେକ ସାଗର ପ୍ରସାଦ

ସିନିୟର ଦଳକୁ ଆସିବା ପୂର୍ବରୁ ବିବେକ ଜୁନିୟର ସ୍ତରରେ ଚମତ୍କାର ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ୨୦୧୭ ସୁଲତାନ ଜୋହର କପ୍‌ରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେ ଦଳର ଅଧିନାୟକ ମଧ୍ୟ ଥିଲେ। କୌଣସି ଦଳ ସହ ଏହା ତାଙ୍କର ପ୍ରଥମ ଟୁର୍ ଥିଲା। ପ୍ରତିଯୋଗିତାରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ପାଇଥିଲେ ହେଁ ବିବେକ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଏହା ଏକ ସ୍ମରଣୀୟ ଟୁର୍ ଥିଲା, ମାତ୍ର ସ୍ୱର୍ଣ୍ଣ ପଦକ ଜିତିଥିଲେ ତାହା ଅଧିକ ସ୍ମରଣୀୟ ହୋଇ ପାରିଥାନ୍ତା। ତେବେ ଏହି ଟୁର୍ଣ୍ଣାମେଣ୍ଟ ମୋ ପାଇଁ ଶୁଭ ସାବ୍ୟସ୍ତ ହୋଇଥିଲା ଏବଂ ମୋତେ ଏହାପରେ ସିନିୟର କ୍ୟାମ୍ପକୁ ଡାକରା ମିଳିଥିଲା। ମୋତେ ସିନିୟର ଦଳରେ ସାମିଲ କରିବା ପ୍ରକ୍ରିୟା ଏହିଠାରୁ ଆରମ୍ଭ ହୋଇଥିଲା। ହକିକୁ କ୍ୟାରିୟର କରୁଥିବା ପ୍ରତି ଖେଳାଳି ଅଲିମ୍ପିକ୍ସରେ ଖେଳିବା ସ୍ୱପ୍ନ ରଖିଥାନ୍ତି। ମୋର ମଧ୍ୟ ସେହି ସ୍ୱପ୍ନ ରହିଛି। ଆଗାମୀ ରୁଷିଆ ବିପକ୍ଷ କ୍ୱାଲିଫାୟର୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆମେ ଅଲିମ୍ପିକ୍ସ ଖେଳିବାକୁ ଚାହୁଁ। ବ୍ୟକ୍ତିଗତଭାବେ ମୁଁ କଠିନ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରୁଛି ବୋଲି ବିବେକ ପ୍ରକାଶ କରିଛନ୍ତି।

ବିବେକ ଏପର୍ଯ୍ୟନ୍ତ ୫୭ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ ଓ ବର୍ତ୍ତମାନର ସିନିୟର ଗୋଲକିପର ପି.ଆର. ଶ୍ରୀଜେଶଙ୍କ ପ୍ରଦର୍ଶନର ସକାରାତ୍ମକ ପ୍ରଭାବ ତାଙ୍କ ଉପରେ ପଡ଼ିଛି ବୋଲି କହିଛନ୍ତି। ଯୁବ ବୟସରେ ସିନିୟର କ୍ୟାମ୍ପକୁ ଡାକରା ପାଇଥିବାରୁ ମନରେ ଭୟ ରହିଥିଲା। ମାତ୍ର ସେତେବେଳେ ସର୍ଦ୍ଦାର ସିଂଙ୍କ ପରି ସିନିୟର ଖେଳାଳିମାନେ ମୋତେ ଗାଇଡ୍ କରିବା ସହ ମନୋବଳ ବଢ଼ାଇଥିଲେ। ମନପ୍ରୀତ ସିଂ ଏବଂ ଶ୍ରୀଜେଶଙ୍କ ସିନିୟର ଖେଳାଳିଙ୍କ ପରାମର୍ଶ ମୋ ପାଇଁ ବହୁ ଉପାଦେୟ ହୋଇଛି। ଏବେ ଦଳ ପାଇଁ ଘଡ଼ିସନ୍ଧି ମୁହୂର୍ତ୍ତ। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଆମର ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ବୋଲି ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପାଇଥିବା ବିବେକ କହିଛନ୍ତି।

### କ୍ରିକେଟ୍‌କୁ ବାଏ ବାଏ କଲେ ନାୟାର



ମୁମ୍ବାଇ, ୨୩।୧୦ (ପି.ଟି.)

ମୁମ୍ବାଇ ଦଳର ଭେଟେରାନ ଅଲ୍‌ରାଉଣ୍ଡର ଅଭିଷେକ ନାୟାର ବୁଧବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୬ ବର୍ଷୀୟ ଏହି ବାମହାତୀ ବ୍ୟାଟ୍ସମ୍ୟାନ ଓ ଡାହାଣହାତୀ ମଧ୍ୟଗତିର ବୋଲର ଭାରତ ପକ୍ଷରୁ ମଧ୍ୟ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୦୯ରେ ଓ୍ୱେଷ୍ଟଇଣ୍ଡିଜ ସିରିଜରେ ସେ ପଦାର୍ପଣ କରିଥିଲେ ମଧ୍ୟ ଏହାପରେ ତାଙ୍କୁ ଆଉ ଜାତୀୟ ଦଳରେ ସୁଯୋଗ ମିଳି ନ ଥିଲା। ତେବେ ଘରୋଇ କ୍ରିକେଟ୍‌ରେ ସେ ବେଶ୍ ସଫଳତା ପାଇଥିଲେ। ମୁମ୍ବାଇର ସଙ୍କଟମୋଚନ ଭାବେ ପରିଚିତ ନାୟାର ୧୦୩ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୧୩ ଶତକ ସହାୟତାରେ ୫୭୪୯ ରନ ଓ ବୋଲିଂରେ ୧୭୩ ଉଇକେଟ୍ ଅକ୍ତିଆର କରିଛନ୍ତି। ୨୫୯ ତାଙ୍କ ଶ୍ରେଷ୍ଠ ସ୍କୋର ରହିଥିଲା। ସେହିଭଳି ସେ ୯୯ ଲିଷ୍ଟ-ଏ ଓ ୯୫ ଟି୨୦ ମ୍ୟାଚ୍‌ରେ ମୁମ୍ବାଇ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଲିଷ୍ଟ-ଏ'ରେ ୨୧୪୫ ଓ ଟି୨୦ରେ ୧୨୯୧ ରନ ସଂଗ୍ରହ କରିଥିବାବେଳେ ବୋଲିଂରେ ଯଥାକ୍ରମେ ୭୯ ଓ ୨୭ ଉଇକେଟ୍ ନେଇଛନ୍ତି। ସ୍ମରଣୀୟ କ୍ୟାରିୟରରେ ନାୟାର ବିପଦ ସମୟରେ ମୁମ୍ବାଇକୁ ଅନେକ ମ୍ୟାଚ୍‌ରେ ଉଦ୍ଧାର କରିଛନ୍ତି।

## କର୍ଣ୍ଣାଟକ-ତାମିଲନାଡୁ ଫାଇନାଲ

**ବିଜୟ ହଜାରେ ଟ୍ରଫି**

ବେଙ୍ଗାଲୁରୁ, ୨୩।୧୦ (ପି.ଟି.)

କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ବିଜୟ ହଜାରେ ଟ୍ରଫି ଅଷ୍ଟାଦଶ ସଂସ୍କରଣର ଫାଇନାଲ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ବୁଧବାର ଖେଳାଯାଇଥିବା ଉଭୟ ସେମିଫାଇନାଲରେ କର୍ଣ୍ଣାଟକ ଓ ତାମିଲନାଡୁ ଯଥାକ୍ରମେ ଛତିଶଗଡ଼ ଓ ଗୁଜରାଟକୁ ପରାସ୍ତ କରି ଟ୍ରଫି ଲଢ଼େଇକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

ପ୍ରଥମ ସେମିଫାଇନାଲରେ ଛତିଶଗଡ଼କୁ ୯ ଉଇକେଟ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି କର୍ଣ୍ଣାଟକ ବିଜୟ ଟ୍ରଫି ଇତିହାସରେ ୪ର୍ଥ ଥର ଲାଗି ଫାଇନାଲରେ ସ୍ଥାନ ପକ୍କା କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଛତିଶଗଡ଼ ଅମନଦୀପ୍ ଖାରେ (୭୮), ସୁମିତ୍ ରୁଇକର (୪୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪୯.୪ ଓଭରରେ ୨୨୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ କର୍ଣ୍ଣାଟକ ଲୋକେଶ ରାହୁଲ (ଅପରାଜିତ ୮୮ ରନ, ୧୧୧ ବଲ୍, ୬ ଚୌକା, ୧ ଛକା) ଓ ସାଥୀ ଓପନିଂ ବ୍ୟାଟ୍ସମ୍ୟାନ ଦେବଦୁତ୍ତ ପାଡିକ୍କଲ (୯୨ ରନ, ୯୮ ବଲ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୪୦ ଓଭରରେ ଗୋଟିଏ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମୟଙ୍କ ଅଗ୍ରୱାଲ ୪୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

**ଷଷ୍ଠ ଥର ପାଇଁ ଫାଇନାଲରେ ତାମିଲନାଡୁ –**

ସେହିଭଳି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିଫାଇନାଲରେ ତାମିଲନାଡୁ ୫ ଉଇକେଟ୍‌ରେ ଗୁଜରାଟକୁ ମାତ୍ ଦେଇଛି। ଏଥିସହ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ତାମିଲନାଡୁ ୬ଷ୍ଠ ଥର ପାଇଁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛି। ବର୍ଷା ଯୋଗୁ ମ୍ୟାଚ୍‌କୁ ୪୦ ଓଭର ବିଶିଷ୍ଟ କରାଯାଇଥିଲା। ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ୍‌ରେ ୧୭୭ ରନ କରିଥିଲା। ଜବାବରେ ତାମିଲନାଡୁ ଶାହରୁଖ ଖାଁ (୫୬*), ଦୀନେଶ କାର୍ତ୍ତିକ (୪୭)ଙ୍କ ବ୍ୟାଟିଂ ବଳରେ ୫ ଉଇକେଟ୍ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ୩ୟ ଭାରତୀୟ ଭାବେ ଟପ୍-୧୦ରେ ରୋହିତ୍

ଦୁବାଇ, ୨୩।୧୦ (ପି.ଟି.)

ବିରାଟ କୋହଲି ଓ ଗୌତମ ଗମ୍ଭୀରଙ୍କ ପରେ ତୃତୀୟ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଷ୍ଟାର୍ କ୍ରିକେଟର୍ ରୋହିତ୍ ଶର୍ମା ଆଇସିସି ର୍‍ୟାଙ୍କିଙ୍ଗ୍‌ର ୩ଟି ଯାକ ଫର୍ମାଟ୍‌ରେ ଟପ୍-୧୦ରେ ପ୍ରବେଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ରୋହିତ୍ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ପ୍ରଭାବ ପକାଇବାରେ ସଫଳ ହୋଇଛନ୍ତି। ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ ୨୧୨ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଏହି ମାରାଥନ ଇନିଂସ ଯୋଗୁ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ରୋହିତ୍ ୧୨ଟି ପାହାଚ ଉପରକୁ ଉଠି ବ୍ୟାଟିଂ ତାଲିକାର ୧୦ମ ସ୍ଥାନରେ ରହିଛନ୍ତି। 'ହିଟ୍‌ମ୍ୟାନ' ଭାବେ ପରିଚିତ ରୋହିତ୍ ଦକ୍ଷିଣ ଆଫ୍ରିକା ସିରିଜ ପୂର୍ବରୁ ୫୪ତମ ସ୍ଥାନରେ ରହିଥିଲେ। କିନ୍ତୁ ସିରିଜରେ ସେ ୫୨୯ ରନ ସଂଗ୍ରହ କରି ୪୪ଟି ପାହାଚ ଉପରକୁ ଉଠିଛନ୍ତି। ଦିନିକିଆ ଓ ଟି୨୦ ବ୍ୟାଟିଂ ତାଲିକାରେ ରୋହିତ୍ ଯଥାକ୍ରମେ ୨ୟ ଓ ୮ମ ସ୍ଥାନରେ ରହିଛନ୍ତି। ବିରାଟ କୋହଲି ମଧ୍ୟ ପୂର୍ବରୁ ୩ଟି ଯାକ ଫର୍ମାଟ୍‌ରେ ଏକ ନମ୍ବର ସ୍ଥାନରେ ରହିଥିଲେ। ସେହିଭଳି ପୂର୍ବତନ ଓପନର୍ ଗୌତମ ଗମ୍ଭୀର ପୂର୍ବରୁ ଟେଷ୍ଟ ଓ ଟି୨୦ରେ ଏକ ନମ୍ବର ଏବଂ ଦିନିକିଆରେ ୮ମ ସ୍ଥାନ ହାସଲ କରିଥିଲେ। ଫଳରେ ଏହି ୩ ଭାରତୀୟ ବ୍ୟାଟ୍ସମ୍ୟାନ ଆଇସିସି ର୍‍ୟାଙ୍କିଙ୍ଗ୍‌ର ୩ଟି ଯାକ ଫର୍ମାଟ୍‌ରେ ଟପ୍-୧୦ରେ ରହିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।




**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ସେହିଭଳି ରାଞ୍ଚି ଟେଷ୍ଟର ପ୍ରଥମ ଇନିଂସରେ ୧୧୬ ରନ କରିଥିବା ଅଜିଙ୍କ୍ୟ ରାହାନେଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ଘଟିଛି। ସେ ବ୍ୟାଟିଂ ତାଲିକାର ୫ମ ସ୍ଥାନ ଲାଭ କରିଛନ୍ତି। ପୂର୍ବରୁ ରାହାନେ ୨୦୧୬ରେ ଏହି ସ୍ଥାନ ହାସଲ କରିଥିଲେ। ବିରାଟ କୋହଲି ପୂର୍ବବତ୍ ଷ୍ଟିଭ ସ୍ମିଥଙ୍କ ପଛକୁ ଦ୍ୱିତୀୟ ଏବଂ ଚେତେଶ୍ୱର ପୂଜାରା ୪ର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଅନ୍ୟତମ ଯୁବ ଓପନର୍ ମୟଙ୍କ ଅଗ୍ରୱାଲ ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରି ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠି ଅଷ୍ଟାଦଶ ସ୍ଥାନ ଲାଭ କରିଛନ୍ତି। ଫଳରେ ଟପ୍-୨୦ରେ ଭାରତର ୫ଜଣ ବ୍ୟାଟ୍ସମ୍ୟାନ ରହିଛନ୍ତି। ଅପରପକ୍ଷରେ ବୋଲିଂ ତାଲିକାରେ ମହମ୍ମଦ ସାମି ଓ ଉମେଶ ଯାଦବ ଯଥାକ୍ରମେ ୧୪ ଓ ୨୧ତମ ସ୍ଥାନ ଦଖଲ କରିଛନ୍ତି।

## ଇଚ୍ଛା ମୃତ୍ୟୁରେ ଜୀବନ ହାରିଲେ ପାରାଅଲିମ୍ପିକ୍ ଚାମ୍ପିୟନ

ବ୍ରୁସେଲ୍ସ,୨୩।୧୦ (ଏଏଫ୍‌ପି)

ବେଲଜିୟମ ପାରାଅଲିମ୍ପିକ୍ ଚାମ୍ପିୟନ ମାରିକେ ବରବୋର୍ଟ ମଙ୍ଗଳବାର ଇଚ୍ଛା ମୃତ୍ୟୁ ଜରିଆରେ ନିଜ ଜୀବନ ହାରିଛନ୍ତି। ବେଲଜିୟମରେ ଇଚ୍ଛା ମୃତ୍ୟୁ ଆଇନ ସଂଗତ। ୪୦ ବର୍ଷୀୟ ପୂର୍ବତନ ପାରାଆଥ୍‌ଲେଟ ୨୦୧୬ ରିଓ ଅଲିମ୍ପିକ୍ସ ପରେ ଇଚ୍ଛା ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କ ଶାରୀରିକ ସମସ୍ୟା ଅଧିକ ଖରାପ ହେଲେ ସେ ଇଚ୍ଛା ମୃତ୍ୟୁ ଗ୍ରହଣ କରିବେ ବୋଲି କହିଥିଲେ। କିନ୍ତୁ ସେତେବେଳେ ସେ କହିଥିଲେ, କ୍ରୀଡ଼ା ତାଙ୍କୁ ବଞ୍ଚିବାର ଇଚ୍ଛା ଦେଇଛି। ସେ ଡିଜେନେରେଟିଭ ନାମକ ଏକ ମାଂସପେଶୀ ରୋଗରେ ପୀଡ଼ିତ ଥିଲେ। ଏହି କାରଣରୁ ତାଙ୍କୁ ସର୍ବଦା ଯନ୍ତ୍ରଣା ସହିବାକୁ ପଡୁଥିଲା ଏବଂ ଗୋଡ଼ ପକ୍ଷାଘାତ ହୋଇଯାଇଥିଲା। ଏଥିଯୋଗୁ ସେ ଶୋଇ ପାରୁ ନ ଥିଲେ। ଏଣୁ ତାଙ୍କ ବଞ୍ଚିବା କଷ୍ଟକର ହୋଇଯାଇଥିଲା। ସେ ହ୍ୱିଲଚେୟାର ବାସ୍କେଟବଲ, ସୁଇମିଂ ଓ ଟ୍ରାଇଥଲୋନ ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ସେ ୨୦୧୨ ଲଣ୍ଡନ ପାରାଗେମ୍ସରେ ୧୦୦ ମିଟର ହ୍ୱିଲଚେୟାର ଦୌଡ଼ରେ ସ୍ୱର୍ଣ୍ଣ ଓ ୨୦୦ ମି. ଦୌଡ଼ରେ ରୌପ୍ୟ ଜିତିଥିଲେ। ୨୦୧୬ ରିଓ ପାରାଅଲିମ୍ପିକ୍ସରେ ୪୦୦ ମି. ଓ ୧୦୦ ମି. ଦୌଡ଼ରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାତେଇଥିଲେ। ଏହାପରେ ସେ ଦେଖିବା ଶକ୍ତି ହରାଇ ବସିଥିଲେ। ବରବୁର୍ଟ ୨୦୦୮ରେ ଇଚ୍ଛା ମୃତ୍ୟୁ ପାଇଁ କାଗଜ ପତ୍ର ହସ୍ତାକ୍ଷର କରିଥିଲେ। ଏକଦା ସେ କହିଥିଲେ, ମୋ ପାଖରେ ଇଚ୍ଛା ମୃତ୍ୟୁ କାଗଜ ପତ୍ର ନ ଥିଲେ ବାଧହୋଇ ଆତ୍ମହତ୍ୟା କରିଥାନ୍ତି।




ମାରିକେ ବରବୋର୍ଟ

### ବେଷ୍ଟିନିଡିସଙ୍କ ସହ ଚୁକ୍ତି କଲା ଡବ୍ଲ୍ୟୁଏଫ୍‌ଆଇ

ନୂଆଦିଲ୍ଲୀ,୨୩।୧୦ (ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଜାତୀୟ କୋଚ୍ ତାଲିକାରେ ସାମିଲ ହୋଇଛନ୍ତି ଷ୍ଟାର ରେସଲର ବଜରଙ୍ଗ ପୁନିଆଙ୍କ ବ୍ୟକ୍ତିଗତ କୋଚ୍ ଶାକୋ ବେଷ୍ଟିନିଡିସ। ତାଙ୍କ ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଚୁକ୍ତି କରାଯାଇଛି। ତାଙ୍କ ବ୍ୟତୀତ ରୁଷିଆନ କୋଚ୍ ମୁରାଦ ଗାଇଦାରୋଭଙ୍କୁ ଦୀପକ ପୁନିଆ ଓ ରବି ଡାହିୟାଙ୍କ ସାହାଯ୍ୟ ଲାଗି ନିଯୁକ୍ତ କରାଯାଇଛି। ବେଷ୍ଟିନିଡିସ ପ୍ରଥମେ ଡବ୍ଲ୍ୟୁଏଫ୍‌ଆଇର ପ୍ରସ୍ତାବକୁ ଆଗ୍ରାହ୍ୟ କରି ଦେଇଥିଲେ। କିନ୍ତୁ ତାଙ୍କ ନିକଟରେ କୌଣସି ବିକଳ୍ପ ନ ଥିବାରୁ ବେଷ୍ଟିନିଡିସଙ୍କୁ ଫେଡେରେଶନ ସମ୍ମୁଖରେ ମୁଣ୍ଡ ନୂଆଁଇବାକୁ ପଡ଼ିଛି। ବଜରଙ୍ଗ କୋଚ୍ ପୂର୍ବରୁ ଡବ୍ଲ୍ୟୁଏଫ୍‌ଆଇକୁ ଏହାର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ଏଥିଯୋଗୁ ଡବ୍ଲ୍ୟୁଏଫ୍‌ଆଇ ୩ ଥର ବିଶ୍ୱ ଚାମ୍ପିୟନଶିପ ପଦକ ବିଜେତା ବଜରଙ୍ଗଙ୍କୁ କୋଚ୍ ପରିବର୍ତ୍ତନ ନେଇ ଚାପ ପକାଇ ଆସୁଥିଲା। ଏହାସତ୍ତ୍ୱେ ବଜରଙ୍ଗ ବେଷ୍ଟିନିଡିସଙ୍କୁ ହିଁ ନିଜର କୋଚ ଚୟନ କରିଥିଲେ। ଏଥିରେ ଫେଡେରେଶନ ରାଜି ହୋଇଯାଇଥିଲା।

## ଉଷୁରେ ପ୍ରବୀଣଙ୍କ କୃତିତ୍ୱ

ସାଂଘାଇ, ୨୩।୧୦ (ପି.ଟି.)

ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ପ୍ରବୀଣ କୁମାର ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ କରିଛନ୍ତି। ଏଠାରେ ଚାଲିଥିବା ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ଅବସରରେ ପ୍ରବୀଣ ପୁରୁଷ ୪୮ କିଗ୍ରା ବର୍ଗରେ ଫିଲିପାଇନ୍ସର ରସେଲ ଡିଆଜଙ୍କୁ ୨-୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ସେମିଫାଇନାଲରେ ପ୍ରବୀଣ ୨-୦ରେ ଉଜବେକିସ୍ତାନର ଖାସନ ଇକ୍ରୋମୋଭଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ପୁନମ (ମହିଳା ୭୫ କିଗ୍ରା) ଓ ସାନ୍ଥୋଇ ଦେବୀ (ମହିଳା ୫୨ କିଗ୍ରା) ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ୬୦ କିଗ୍ରାରେ ବିକ୍ରାନ୍ତ ବଲିୟାନ ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଛନ୍ତି। ଏଥିପୂର୍ବରୁ ୨୦୧୭ରେ ପୂଜା କାଡିଆନ ପ୍ରଥମ ଭାରତୀୟ ଭାବେ ଉଷୁ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ମହିଳା ୭୫ କିଗ୍ରା ବିଭାଗ ଫାଇନାଲରେ ପୂଜା ରୁଷିଆର ଏଭଗେଡ଼ିଆ ଷ୍ଟେପାନୋଭାଙ୍କୁ ହରାଇଥିଲେ। ଉଷୁ ହେଉଛି ଏକ ସାମରିକ କଳା। ଯେଉଁଥିରେ କିକ୍ ବକ୍ସିଂ, କ୍ଲୋଜ ରେଞ୍ଜ ପଞ୍ଚ,ରେସ୍‌ଲିଂ, ଟାଏକୋଣ୍ଡୋ, ଥ୍ରୋ, ସୁଇପ୍ ଆଣ୍ଡ କିକ୍ କ୍ୟାଚ୍ ଏହି କ୍ରୀଡ଼ାର ଅଂଶବିଶେଷ।



କୋଚ୍‌ଙ୍କ ସହ ପ୍ରବୀଣ କୁମାର (ବାମ)



“ଅବସର ନିଷ୍ପତ୍ତି ନେଇ ମୁଁ ବହୁତ ଖୁସି ରହିଛି । ମୋ ସ୍ଥାନରେ ଖେଳିବା ପାଇଁ ବହୁତ କ୍ରିକେଟର୍ ପ୍ରସ୍ତୁତ ରହିଛନ୍ତି। ଏତେ ବର୍ଷ ଧରି ମୋତେ ଖେଳିବାର ସୁଯୋଗ ମିଳିଥିବାରୁ ଧନ୍ୟବାଦ ।

–ଅଭିଷେକ ନାୟାର, ପୂର୍ବତନ ମୁମ୍ବାଇ କ୍ରିକେଟର୍



“ଆଇସିସି ବିଶ୍ୱକପ୍ ଜିତିବା ସଫଳତା ଆମ ପାଇଁ ଅତୀତ ହୋଇଗଲାଣି। ଆଗାମୀ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ହରାଇବା କଷ୍ଟସାଧ ।

–କ୍ରିସ ସିଲଭରଉଡ୍, ଇଂଲଣ୍ଡ ଦଳର ନବ ନିଯୁକ୍ତ କୋଚ୍

# ‘ଅଧିନାୟକ ଭଳି ନେତୃତ୍ୱ ନେବି’

**ମୁମ୍ବାଇ,୨୩।୧୦(ପି.ଟି.)**

ଭାରତୀୟ ଦଳର ନେତୃତ୍ୱ ନେଇ ଯେଉଁଭଳି କାର୍ଯ୍ୟ କରିଥିଲି, ଠିକ୍ ସେହିପରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ସମ୍ପାଦନ କରିବି ବୋଲି ଦାୟିତ୍ୱ ଗ୍ରହଣ କରିବା ପରେ ସୌରଭ ଗାଙ୍ଗୁଲି କହିଛନ୍ତି। ଅଧିନାୟକ ଥିବା ବେଳେ ଯେଉଁ ନେଭି ବ୍ଲୁ ବ୍ଲେଜର ପରିଧାନ କରୁଥିଲେ ଗାଙ୍ଗୁଲି ତାହାକୁ ପିନ୍ଧି ବୁଧବାର ବୋର୍ଡ ଅଧ୍ୟକ୍ଷ ପଦର ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ କ୍ରିକେଟକୁ ଦୁର୍ନୀତି ମୁକ୍ତ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରୟାସ କରିବେ ବୋଲି ଗାଙ୍ଗୁଲି କହିଛନ୍ତି। ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ଓ କୌଣସି ଭାବେ ପ୍ରଭାବିତ ନ ହୋଇ କାର୍ଯ୍ୟ କରିବି। ବୋର୍ଡ ପାଇଁ ଯାହା ଭଲ ହେବ ତାହା କରିବି। ଯେଉଁ ଭଳି ଭାବେ ଭାରତୀୟ ଦଳରେ ନେତୃତ୍ୱ ନେଇଥିଲି ଠିକ୍ ସେହିପରି ବୋର୍ଡ ସଭାପତି ଭାବେ କାର୍ଯ୍ୟ କରିବି। ବିଶ୍ୱସନୀୟତା ହିଁ କାର୍ଯ୍ୟଶୈଳୀର ମୁଖ୍ୟ ଆଧାର ହେବ। ବିସିସିଆଇକୁ ଆଗକୁ ନେବା ପାଇଁ ସବୁପ୍ରକାର ପ୍ରୟାସ କରିବି ବୋଲି ୧୮,୦୦୦ ଅନ୍ତର୍ଜାତୀୟ ରନରୁ ଅଧିକ ସଂଗ୍ରହ କରିଥିବା ଗାଙ୍ଗୁଲି କହିଛନ୍ତି।

ଭାରତୀୟ କ୍ରିକେଟ ଖରାପ ସମୟ ଦେଇ ଗତି କରୁଥିବା ବେଳେ ନେତୃତ୍ୱ ନେଇଥିଲି। ୬ ବର୍ଷ ଅଧିନାୟକ ଭାବେ କାର୍ଯ୍ୟ କରିବାପାରେ ଭାରତୀୟ କ୍ରିକେଟ ପୁଣିଥରେ ଟ୍ରାକକୁ ଫେରିଥିଲା। ଏବେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇର ଗୌରବ ଫେରାଇ ଆଣିବା ସହ ଆଗକୁ ନେବାକୁ ହେବ। ବୋର୍ଡରେ ସଂସ୍କାର ଆଣିବା ଜରୁରୀ ହୋଇପଡିଛି। ପୁଣି ରାଜ୍ୟ ଆସୋସିଏଶନଗୁଡ଼ିକୁ ବହୁ ପରିମାଣରେ ଅର୍ଥ ଦେବାକୁ ହେବ। ଫଳରେ ବହୁତ କିଛି କାର୍ଯ୍ୟ କରିବାକୁ ହେବ ବୋଲି ଗାଙ୍ଗୁଲି କହିଛନ୍ତି।

**କୋହଲି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ**

ଅଧିନାୟକ ବିରାଟ କୋହଲି ଭାରତୀୟ କ୍ରିକେଟରେ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି। ତେଣୁ ତାଙ୍କ ସହ ଗୁରୁବାର କଥା ହେବି। ତାଙ୍କ କଥା ଶୁଣିବି। ଯଥା ସମ୍ଭବ ତାଙ୍କୁ ସମର୍ଥନ କରିବି। ସେ ଯାହା ଚାହୁଁଛନ୍ତି ତାହା କରାଯିବ ବୋଲି ଗାଙ୍ଗୁଲି କହିଛନ୍ତି। ଭାରତୀୟ କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆମେ ଦାୟିତ୍ୱ ଗ୍ରହଣ କରିଛୁ। ତେଣୁ ଯଥା ସମ୍ଭବ କାର୍ଯ୍ୟକରିବୁ ବୋଲି ସେ କହିଛନ୍ତି। କୋହଲିଙ୍କ କାର୍ଯ୍ୟ ତଥା ଜୀବନକୁ କଷ୍ଟକର କରିବା ପରିବର୍ତ୍ତେ ସହଜ କରିବୁ। କୋହଲି ଭାରତକୁ ବିଶ୍ୱର ଶ୍ରେଷ୍ଠ ଦଳ ରୂପେ ପରିଣତ କରିବାକୁ ଚାହାନ୍ତି। ଗତ ୩/୪ ବର୍ଷରେ କୋହଲି ଯେଉଁଭଳି ଖେଳୁଛନ୍ତି ଓ ଦଳର ନେତୃତ୍ୱ ନେଉଛନ୍ତି ତାହା ପ୍ରଶଂସନୀୟ। କୋଚ ରବି ଶାସ୍ତ୍ରୀ ଓ ପୂରା ଟିମ୍ ମ୍ୟାନେଜମେଣ୍ଟ ସହ ବୈଠକରେ ବସି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବି। ପ୍ରଦର୍ଶନ ଉପରେ ଭାରତୀୟ କ୍ରିକେଟ ପର୍ଯ୍ୟବସିତ ହେବ। ସହମତି ଓ ଆଲୋଚନା ମାଧ୍ୟମରେ ସବୁ ନିଷ୍ପତ୍ତି ନିଆଯିବ ବୋଲି ଗାଙ୍ଗୁଲି କହିଛନ୍ତି।

**ଆଇସିସିଠାରୁ ପ୍ରାପ୍ୟ ହାସଲ କରିବୁ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ଠାରୁ ୫ବର୍ଷରେ ଭାରତ ୩୭୨ ମିଲିୟନ ଆମେରିକୀୟ ଡଲାର ହାସଲ କରିବ। ତେଣୁ ଏହି ପ୍ରାପ୍ୟ ପାଇବାକୁ ଆମେ ପ୍ରୟାସ କରିବୁ। ଏ ନେଇ ଆଇସିସି ସହିତ ମିଳିତ ଭାବେ କାର୍ଯ୍ୟକରି ଆଗକୁ ବଢ଼ିବୁ ବୋଲି ଗାଙ୍ଗୁଲି କହିଛନ୍ତି।

**ଘରୋଇ କ୍ରିକେଟକୁ ଗୁରୁତ୍ୱ ଦିଆଯିବ**

ସେହିପରି ଘରୋଇ କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରାଯିବ। ଘରୋଇ କ୍ରିକେଟରେ ସୁଧାର ଆସିଲେ ଆମକୁ ପ୍ରତିଭା ସମ୍ପନ୍ନ କ୍ରିକେଟର ମିଳିବେ। ଘରୋଇ କ୍ରିକେଟର ଉନ୍ନତି ନ ହେଲେ ଜାତୀୟ ଦଳର ପ୍ରଦର୍ଶନ ପ୍ରଭାବିତ ହେବ। ସମସ୍ତଙ୍କୁ ସମ୍ମାନ ଦିଆଯିବ ଓ ସମସ୍ତେ ମଧ୍ୟ ଏହା ପାଇବେ। କାହା ପ୍ରତି ଅବହେଳା କରାଯିବ ନାହିଁ ବୋଲି ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି।



ବିସିସିଆଇର ନବନିର୍ବାଚିତ କର୍ମକର୍ତ୍ତା: (ବାମରୁ) ଯୁଗ୍ମ ସମ୍ପାଦକ ଜୟେଶ ଜର୍ଜ, ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହ ଓ କୋଷାଧ୍ୟକ୍ଷ ଅରୁଣ ସିଂ ଧୁମାଲ।

## ୩୯ତମ ବିସିସିଆଇ ସଭାପତି

| କ୍ର.ନଂ | ସଭାପତିଙ୍କ ନାମ | କାର୍ଯ୍ୟକାଳ |
|---|---|---|
| ୧. | ଆର.ଇ. ଗ୍ରାଣ୍ଟ ଗୋଭାନ | ୧୯୨୮–୧୯୩୩ |
| ୨. | ସାର୍ ସିକନ୍ଦର ହୟାତ ଖାଁ | ୧୯୩୩–୧୯୩୫ |
| ୩. | ନୱାବ ହାମିଦୁଲା ଖାଁ | ୧୯୩୫–୧୯୩୭ |
| ୪. | ମହାରାଜା କେ. ଏସ୍. ଦିଗବିଜୟସିହ୍ନା | ୧୯୩୭–୧୯୩୮ |
| ୫. | ପି. ସୁବରାୟନ | ୧୯୩୮–୧୯୪୬ |
| ୬. | ଆଣ୍ଟୋନୀ ଏସ୍. ଡି ମେଲୋ | ୧୯୪୬–୧୯୫୧ |
| ୭. | ଜେ.ସି. ମୁଖାର୍ଜୀ | ୧୯୫୧–୧୯୫୪ |
| ୮. | ମହାରାଜା କୁମାର ଅଫ୍ ବିଜୟନଗରମ | ୧୯୫୪–୧୯୫୬ |
| ୯. | ସର୍ଦ୍ଦାର ଏସ୍.ଏସ୍. ମାଜିଥିଆ | ୧୯୫୬–୧୯୫୮ |
| ୧୦. | ଆର. କେ. ପଟେଲ | ୧୯୫୮–୧୯୬୦ |
| ୧୧. | ଏମ୍.ଏ. ଚିଦାମ୍ବରମ | ୧୯୬୦–୧୯୬୩ |
| ୧୨. | ମହାରାଜ ଏଫ୍ ଗାଏକ୍ୱାଡ | ୧୯୬୩–୧୯୬୬ |
| ୧୩. | ଜେଡ୍. ଆର. ଇରାନି | ୧୯୬୬–୧୯୬୯ |
| ୧୪. | ଏ. ଏନ୍. ଘୋଷ | ୧୯୬୯–୧୯୭୨ |
| ୧୫. | ପି.ଏମ୍. ରୁଙ୍ଗଟା | ୧୯୭୨–୧୯୭୫ |
| ୧୬. | ରାମପ୍ରକାଶ ମେହେର | ୧୯୭୫–୧୯୭୭ |
| ୧୭. | ଏମ୍. ଚିନ୍ନାସ୍ୱାମୀ | ୧୯୭୭–୧୯୮୦ |
| ୧୮. | ଏସ୍.କେ. ୱାଙ୍ଖେଡେ | ୧୯୮୦–୧୯୮୨ |
| ୧୯. | ଏନ୍.କେ.ପି. ସାଲଭେ | ୧୯୮୨–୧୯୮୫ |
| ୨୦. | ଏସ୍. ଶ୍ରୀରାମନ | ୧୯୮୫–୧୯୮୮ |
| ୨୧. | ବି.ଏନ୍. ଦତ୍ତ | ୧୯୮୮–୧୯୯୦ |
| ୨୨. | ମାଧବରାଓ ସିନ୍ଧିଆ | ୧୯୯୦–୧୯୯୩ |
| ୨୩. | ଆଇ.ଏସ୍. ବିନ୍ଦ୍ରା | ୧୯୯୩–୧୯୯୬ |
| ୨୪. | ରାଜ ସିଂ ଡୁଙ୍ଗରପୁର | ୧୯୯୬–୧୯୯୯ |
| ୨୫. | ଏ.ସି. ମୁଥିଆ | ୧୯୯୯–୨୦୦୧ |
| ୨୬. | ଜଗମୋହନ ଡାଲମିଆ | ୨୦୦୧–୨୦୦୪ |
| ୨୭. | ରଣବୀର ସିଂ ମହେନ୍ଦ୍ର | ୨୦୦୪–୨୦୦୫ |
| ୨୮. | ଶରଦ ପାୱାର | ୨୦୦୫–୨୦୦୮ |
| ୨୯. | ଶଶାଙ୍କ ମନୋହର | ୨୦୦୮–୨୦୧୧ |
| ୩୦. | ଏନ୍. ଶ୍ରୀନିବାସନ | ୨୦୧୧–୨୦୧୩ |
| ୩୧. | ଜଗମୋହନ ଡାଲମିଆ (ଅନ୍ତରୀଣ) | ୨୦୧୩ |
| ୩୨. | ଏନ୍. ଶ୍ରୀନିବାସନ | ୨୦୧୩–୨୦୧୪ |
| ୩୩. | ଶିବଲାଲ ଯାଦବ(ଅନ୍ତରୀଣ) | ୨୦୧୪ |
| ୩୪. | ସୁନୀଲ ଗାଭାସ୍କର (ଆଇପିଏଲ ଅନ୍ତରୀଣ) | ୨୦୧୪ |
| ୩୫. | ଜଗମୋହନ ଡାଲମିଆ (କାର୍ଯ୍ୟକାଳରେ ମୃତ୍ୟୁ) | ୨୦୧୫ |
| ୩୬. | ଶଶାଙ୍କ ମନୋହର (ଇସ୍ତଫା) | ୨୦୧୫–୨୦୧୬ |
| ୩୭. | ଅନୁରାଗ ଠାକୁର (ବହିଷ୍କୃତ) | ୨୦୧୬–୨୦୧୭ |
| ୩୮. | ସି.କେ. ଖାନ୍ନା(ଅନ୍ତରୀଣ) | ୨୦୧୭–୨୦୧୯ |
| ୩୯. | ସୌରଭ ଗାଙ୍ଗୁଲି | ବର୍ତ୍ତମାନ |

# ଦାୟିତ୍ୱ ଗ୍ରହଣ କଲେ ସୌରଭ

ମୁମ୍ବାଇ,୨୩।୧୦(ପି.ଟି.)– ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧ୍ୟକ୍ଷ ଦାୟିତ୍ୱ ଆନୁଷ୍ଠାନିକ ଭାବେ ଗ୍ରହଣ କରିଛନ୍ତି। ବୁଧବାର ସେ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ କୁହାଯାଉଥିବା ବିସିସିଆଇ ମଙ୍ଗ ଧରିଛନ୍ତି। ଏଥିସହିତ ଗତ ୩ ବର୍ଷଧରି ଭାରତୀୟ କ୍ରିକେଟ ପ୍ରଶାସନରେ ଚାଲିଥିବା ଅସ୍ୱାଭାବିକ ତଥା ବିବାଦୀୟ ପ୍ରକ୍ରିୟାର ଅନ୍ତ ଘଟିଛି। ୪୭ ବର୍ଷୀୟ ଗାଙ୍ଗୁଲି ଆଗାମୀ ୯ ମାସ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ବୁଧବାର ଏଠାରେ ଅନୁଷ୍ଠିତ ହୋଇଥିବା ବୋର୍ଡ ସାଧାରଣ ବୈଠକରେ ଦାୟିତ୍ୱ ନେବା ସହ ଗାଙ୍ଗୁଲି ତାଙ୍କର ଆଗାମୀ କାର୍ଯ୍ୟପନ୍ଥା ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏଥିସହିତ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପ୍ରଶାସକ କମିଟି (ସିଓଏ)ର ବହୁ ଚର୍ଚ୍ଚିତ ତଥା ବିବାଦୀୟ କାର୍ଯ୍ୟକାଳ ଶେଷ ହୋଇଛି।

ଗତ ସପ୍ତାହରେ ଗାଙ୍ଗୁଲି ବିସିସିଆଇର ୩୯ତମ ଅଧ୍ୟକ୍ଷ ନିର୍ବାଚିତ ହେବା ନିଶ୍ଚିତ ହୋଇଥିଲା। ସେ ସି.କେ. ଖାନ୍ନାଙ୍କ ଉତ୍ତରାଧିକାରୀ ବିବେଚିତ ହୋଇଛନ୍ତି। ଖାନ୍ନା ୨୦୧୭ରେ ବିସିସିଆଇର ଅନ୍ତରୀଣ ଅଧ୍ୟକ୍ଷ ଥିଲେ। ଏହି ଗୁରୁ ଦାୟିତ୍ୱ ନେବା ମୋ ପାଇଁ ଏକ ବଡ଼ ସମ୍ମାନ ବୋଲି ଗାଙ୍ଗୁଲି କହିଛନ୍ତି। ବିସିସିଆଇ ପାଇଁ ଏକ ନୂଆ ଆରମ୍ଭ। ଭାରତର ଅଧିନାୟକ ଥିବାବେଳର ବ୍ଲେଜର ପରିଧାନ କରି ଗାଙ୍ଗୁଲି ତାଙ୍କ ଏହି ନୂଆ ଇନିଂସ ଆରମ୍ଭ କରିଥିଲେ। କ୍ରିକେଟ ପ୍ରଶାସନରେ ଏବେ ସଂସ୍କାରମୂଳକ ପରିବର୍ତ୍ତନ କରିବି ଓ ଏହା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ବୋଲି ଗାଙ୍ଗୁଲି ସ୍ୱୀକାର କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ଶାହ ମଧ୍ୟ ବୋର୍ଡ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି।

ନିଜ କାର୍ଯ୍ୟକାଳରେ ଗାଙ୍ଗୁଲି ପୂର୍ବତନ ବୋର୍ଡ ଅଧ୍ୟକ୍ଷ ତଥା ବରିଷ୍ଠ କ୍ରିକେଟ ପ୍ରଶାସକ ଏନ୍. ଶ୍ରୀନିବାସନ ଓ ପୂର୍ବତନ ସମ୍ପାଦକ ନିରଞ୍ଜନ ଶାହଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ଏହି ପୂର୍ବତନ ପ୍ରଶାସକଙ୍କ ସନ୍ତାନମାନେ ମଧ୍ୟ ବିସିସିଆଇ ସହିତ କାର୍ଯ୍ୟକରିବାକୁ ନିର୍ବାଚିତ ହୋଇଛନ୍ତି। ଉତ୍ତରାଖଣ୍ଡର ମହିମା ବର୍ମା ନୂଆ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ଧୁମାଲ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। କେରଳର ଜୟେଶ ଜର୍ଜ ଯୁଗ୍ମ ସମ୍ପାଦକ ପଦରେ ନିଯୁକ୍ତ ହୋଇଛନ୍ତି।

ଗାଙ୍ଗୁଲିଙ୍କ ଏହି ଯୁବ ଟିମ୍ ଆଗାରେ ଏବେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଗତ ୩ ବର୍ଷ ହେବ କୌଣସି ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଓ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇନାହିଁ। ସମ୍ପୂର୍ଣ୍ଣ ଭାବେ ନୂଆ ଓ ଯୁବ ଦଳକୁ ନେଇ କାର୍ଯ୍ୟକରିବା ପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ହେବ ବୋଲି ଗାଙ୍ଗୁଲି କହିଛନ୍ତି। ତେଣୁ ଆମକୁ ପ୍ରଥମେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଝିବାକୁ ହେବ ଓ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ହେବ ବୋଲି ସେ କହିଛନ୍ତି। ଗାଙ୍ଗୁଲି ଅଧ୍ୟକ୍ଷ ଦାୟିତ୍ୱ ନେବାର ଔପଚାରିକତା ପୂରଣ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନରୁ ସୁଅ ଛୁଟିଛି। ବିସିସିଆଇ ଅଧ୍ୟକ୍ଷ ହିସାବରେ ଗାଙ୍ଗୁଲି ଭାରତୀୟ କ୍ରିକେଟକୁ ନୂଆ ସୋପାନରେ ପହଞ୍ଚାଇବେ ବୋଲି ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ ମୁଖ୍ୟ ରଜତ ଶର୍ମା କହିଛନ୍ତି। ଏଥିପାଇଁ ସେ ଗାଙ୍ଗୁଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବତନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅଧ୍ୟକ୍ଷ ରାଜୀବ ଶୁକ୍ଳା ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଭାରତର ଅଧିନାୟକ ହିସାବରେ ବେଶ୍ ସଫଳ ହୋଇଛନ୍ତି। ସେ ମଧ୍ୟ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି)ର ଅଧ୍ୟକ୍ଷ ହିସାବରେ ବେଶ୍ ସଫଳତା ଅର୍ଜନ କରିଛନ୍ତି। ତେଣୁ ସେ ଭାରତୀୟ କ୍ରିକେଟ ପାଇଁ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିବେ ବୋଲି ଶୁକ୍ଳା କହିଛନ୍ତି।

୨୦୦୦ରେ ମ୍ୟାଚ୍ ଫିକ୍ସିଂ ଜାଲରେ ଛନ୍ଦି ହୋଇ ଭାରତୀୟ କ୍ରିକେଟ ଏକ ଅନିଶ୍ଚିତତା ଦେଇ ଗତି କରୁଥିଲା। ଗାଙ୍ଗୁଲି ଏତିକି ବେଳେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଓ ଭାରତୀୟ କ୍ରିକେଟକୁ ନୂଆ ସୋପାନରେ ପହଞ୍ଚାଇଥିଲେ। ବୋର୍ଡର ନୂଆ ସମ୍ବିଧାନ ଅନୁଯାୟୀ ଗାଙ୍ଗୁଲି ଆସନ୍ତାବର୍ଷ ଜୁଲାଇରେ ଦାୟିତ୍ୱରୁ ଓହରିଯିବେ। ୬ ବର୍ଷ କାର୍ଯ୍ୟ କରିବା ପରେ ଜଣେ କ୍ରିକେଟର ପ୍ରଶାସକଙ୍କୁ ‘କୁଲିଂ ଅଫ୍ ପିରିୟଡ’ ଦେଇ ଯିବାକୁ ହୋଇଥାଏ। ଫଳରେ ଗାଙ୍ଗୁଲିଙ୍କୁ ୯ ମାସ ପରେ ପଦରୁ ଓହରିବାକୁ ହେବ।

ସେ ତାଙ୍କ ପାଇଁ କେତୋଟି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଦେଶରେ ପ୍ରଥମ ଶ୍ରେଣୀ କ୍ରିକେଟର ପୁନର୍ଗଠନ କରିବା ସହ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପାଇଁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ରେ ଅଭିଜ୍ଞ ତଥା କ୍ୱାଲିଟି କ୍ରିକେଟରଙ୍କ ନିଯୁକ୍ତି ନେଇ ଥିବା ସମସ୍ୟାକୁ ସେ ଦୂର କରିବା ପାଇଁ ପ୍ରୟାସ କରିବେ। ଦିବାରାତ୍ର ଟେଷ୍ଟ ଓ ସ୍ଥାୟୀ ଟେଷ୍ଟ ସେଣ୍ଟର ପ୍ରତିଷ୍ଠ ନେଇ ମଧ୍ୟ ସେ କାର୍ଯ୍ୟ କରିବେ। ଆଇସିସି ରାଜସ୍ୱରେ ଭାରତର ଅଂଶ କିପରି ବୃଦ୍ଧି ହେବ ସେ ନେଇ ଏକ ବଡ଼ ଚ୍ୟାଲେଞ୍ଜ ରହିଛି। ତେଣୁ ଗାଙ୍ଗୁଲି ଓ ତାଙ୍କ ଟିମ୍ ପାଇଁ ଆଗକୁ ବଡ଼ ପରୀକ୍ଷା ରହିଛି।

# ବିସିସିଆଇ ପଦାଧିକାରୀ

**ମୁମ୍ବାଇ,୨୩।୧୦ (ପି.ଟି.)**

**ସଭାପତି: ସୌରଭ ଗାଙ୍ଗୁଲି**

ନବନିର୍ବାଚିତ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କର କୌଣସି ପରିଚୟ ଦେବାର ଆବଶ୍ୟକତା ନାହିଁ। ଗାଙ୍ଗୁଲି ଭଳି ଅନ୍ୟ ପଦାଧିକାରୀମାନେ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି।

**ସମ୍ପାଦକ: ଜୟ ଶାହ**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ମାତ୍ର ୩୧ ବର୍ଷ ବୟସରେ ବିସିସିଆଇ ସମ୍ପାଦକ ପଦରେ ନିଯୁକ୍ତ ହୋଇଛନ୍ତି। ଏହି କ୍ରମରେ ସେ ସର୍ବକନିଷ୍ଠ ବ୍ୟକ୍ତି ଭାବେ ଏହି ଗୁରୁଦାୟିତ୍ୱ ସମ୍ଭାଳିଛନ୍ତି। ୨୦୦୯ ପରଠାରୁ ସେ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ସହିତ ଜଡିତ ରହିଆସିଛନ୍ତି। ୨୦୧୩ରେ ସେ ଜିସିଏ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

**କୋଷାଧ୍ୟକ୍ଷ: ଅରୁଣ ସିଂ ଧୁମାଲ**

ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ସିଂ ଧୁମାଲ ବୋର୍ଡ କୋଷାଧ୍ୟକ୍ଷ ରୂପେ ନିଯୁକ୍ତି ପାଇଛନ୍ତି। ଜୟ ଶାହଙ୍କ ଭଳି ଅରୁଣ ମଧ୍ୟ ରାଜନୈତିକ ପରିବାରରୁ ଆସିଛନ୍ତି। ଠାକୁର ୨୦୧୭ ଜାନୁୟାରୀରେ ବିସିସିଆଇ ପଦରୁ ବହିଷ୍କୃତ ହୋଇଥିଲେ। ୪୪ ବର୍ଷୀୟ ଅରୁଣ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଉପ–ସଭାପତି ଭାବେ ୨୦୧୨ରୁ ୨୦୧୫ ମଧ୍ୟରେ କାର୍ଯ୍ୟ କରିଛନ୍ତି। ସେତେବେଳେ ଠାକୁର ଏଚ୍‌ପିସିଏର ଅଧ୍ୟକ୍ଷ ଥିଲେ। ଜଷ୍ଟିସ ଆର.ଏମ୍. ଲୋଧା କମିଟି ସଂସ୍କାରମୂଳକ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ଓ ଏଚପିସିଏରେ ଏହାକୁ ଲାଗୁ କରିବା ପାଇଁ ଗଠିତ ୩ ଜଣିଆ ଆଡହକ କମିଟିର ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ ଅରୁଣ। ବିସିସିଆଇରେ ସେ ଏଚ୍‌ପିସିଏ ପାଇଁ ପ୍ରତିନିଧିତ୍ୱ କରିଛନ୍ତି।

**ଯୁଗ୍ମ ସମ୍ପାଦକ: ଜୟେଶ ଜର୍ଜ**

କ୍ରିକେଟ ପ୍ରଶାସନରେ ଜୟେଶ ଜର୍ଜଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି। କେରଳ କ୍ରିକେଟ ଆସୋସିଏଶନ (କେସିଏ) ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ ସମ୍ପାଦକ ଓ ସଭାପତି ହିସାବରେ ସେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୨୦୦୫ରୁ ସେ କେସିଏ ସହ ଜଡିତ ରହିଆସିଛନ୍ତି।

**ଉପ-ସଭାପତି: ମହିମ ବର୍ମା**

୪୫ ବର୍ଷୀୟ ମହିମ ବର୍ମା ବୋର୍ଡ ଉପସଭାପତି ଭାପେ ନିଯୁକ୍ତ ହୋଇଛନ୍ତି। ତାଙ୍କ ପିତା ପି.ସି. ବର୍ମା କ୍ରିକେଟ ଆସୋସିଏଶନ ଅଫ୍ ଉତ୍ତରାଖଣ୍ଡ (ସିଏୟୁ) ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ମହିମ ସିଏୟୁର ଯୁଗ୍ମ ସମ୍ପାଦକ ଭାବେ ଗତ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୦ ବର୍ଷ କାର୍ଯ୍ୟ କରିଛନ୍ତି। ବିସିସିଆଇଠାରୁ ମାନ୍ୟତା ପାଇବା ପରେ ସେ ଆସୋସିଏଶନର ସମ୍ପାଦକ ନିଯୁକ୍ତ ହୋଇଥିଲେ।

# ଗାଙ୍ଗୁଲିଙ୍କୁ ଭେଟିଲେ ପଙ୍କଜ, ସଞ୍ଜୟ



ସୌରଭ ଗାଙ୍ଗୁଲିଙ୍କ ସହ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା।

**କଟକ ଅଫିସ,୨୩।୧୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ନୂଆ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ବୁଧବାର ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି। ସୌରଭଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୁହେଁ ଏହି ଅବସରରେ ଓସିଏର ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ୟକ ଆଲୋଚନା କରିଥିବା ଜଣାଯାଇଛି। ନଭେମ୍ବରରେ ହେବାକୁ ଥିବା ବିସିସିଆଇର ପରବର୍ତ୍ତୀ ସାଧାରଣ ପରିଷଦ ବୈଠକରେ ଏ ଦିଗରେ ବିଶେଷ ଭାବେ ଆଲୋଚନା କରାଯିବ ବୋଲି କୁହାଯାଇଛି । ଓସିଏ କାର୍ଯ୍ୟକାରୀ କମିଟିର ପୂର୍ବତନ ଅଧ୍ୟକ୍ଷ ଧୀରେନ ପଲାଇଙ୍କ ସମେତ ଅନ୍ୟ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

**ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ପାଇଁ ଦଳ ଚୟନ ଆଜି**

# ପନ୍ତ, ସାମସନଙ୍କ ଉପରେ ଫୋକସ

**ମୁମ୍ବାଇ, ୨୩।୧୦(ପି.ଟି.)**









ଭାରତ ଓ ବାଂଲାଦେଶ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳ ମନୋନୟନ ଗୁରୁବାର ହେବ। ଏହି ଅବସରରେ ମୁଖ୍ୟତଃ ଅଧିନାୟକ ବିରାଟ କୋହଲିଙ୍କ କାର୍ଯ୍ୟଭାର, ରିଷଭ ପନ୍ତ ଓ ସଞ୍ଜୁ ସାମସନଙ୍କ ମନୋନୟନ ଉପରେ ଚୟନକର୍ତ୍ତାଙ୍କ ଫୋକସ ରହିବ। ଟି୨୦ ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ରାଜକୋଟ ଓ ନାଗପୁରରେ ପରବର୍ତ୍ତୀ ୨ ମ୍ୟାଚ ଖେଳାଯିବ। ଏହାପରେ ଆଇସିସି ବିଶ୍ୱ ଚାମ୍ପିୟନଶିପ୍ ଅନ୍ତର୍ଗତ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଇନ୍ଦୋର ଓ ଫିରୋଜଶାହ କୋଟଲାରେ ଖେଳାଯିବ।

୨୦୧୮ ଅକ୍ଟୋବର ପରଠାରୁ ଭାରତ ଖେଳିଥିବା ୫୬ ଗେମ୍‌ରୁ କୋହଲି ୪୮ଟିରେ ଖେଳି ସାରିଛନ୍ତି। ତେଣୁ ଆସନ୍ତା ଟି୨୦ ସିରିଜରେ ଖେଳିବେ କିମ୍ବା ବିଶ୍ରାମ ନେବେ ସେ ସମ୍ପର୍କରେ ନିଷ୍ପତ୍ତି ନେବାପାଇଁ ଚୟନକର୍ତ୍ତାମାନେ କୋହଲିଙ୍କ ଉପରେ ଛାଡ଼ି ଦେଇଛନ୍ତି। ଚୟନ କମିଟି ବୈଠକରେ ମୁମ୍ବାଇ ଅଲରାଉଣ୍ଡର ଶିଭମ୍ ଦୁବେଙ୍କ ସାମିଲ ସମ୍ପର୍କରେ ଆଲୋଚନା ହେବା ସମ୍ଭାବନା ରହିଛି। ସେ ଅଲରାଉଣ୍ଡର ଭାବେ ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନ ନେଇପାରନ୍ତି। ବଡ଼ ଶଟ୍ ଖେଳିବାର ଦକ୍ଷତା ରଖିଥିବାରୁ ତାଙ୍କ ଚୟନ ସମ୍ଭାବନା ବଢ଼ିଛି। ସାମସନ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ କେରଳ ପକ୍ଷରୁ ଦ୍ୱିଶତକ ହାସଲ କରିଛନ୍ତି। “ଉଭୟ ସାମସନ ଓ ପନ୍ତ ଭାରତୀୟ ଦଳରେ ସାମିଲ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେମାନେ ସାଥିହୋଇ ଆଇପିଏଲ ଖେଳିଛନ୍ତି। ଟି୨୦ରେ ରିଷଭଙ୍କ ରେକର୍ଡ ଭଲ ନ ଥିଲେ ହେଁ ତାଙ୍କୁ ଦୀର୍ଘ କାଳୀନ ଭିତ୍ତିରେ ତାଙ୍କ ଚୟନକୁ ଗୁରୁତ୍ୱ ଦିଆ ଯାଇପାରେ। ସାମସନଙ୍କ ନିକଟରେ ମ୍ୟାଚର ମୋଡ଼ ପରିବର୍ତ୍ତନ କରିବା ଦକ୍ଷତା ରହିଛି। ଆଗକୁ ଟି୨୦ ବିଶ୍ୱକପ ଆସୁଥିବାରୁ ଚୟନକର୍ତ୍ତାମାନେ ଉପଲବ୍ଧ ବିଭିନ୍ନ ବିକଳ୍ପକୁ ଧ୍ୟାନରେ ରଖି ଦଳ ଚୟନ କରିବେ ବୋଲି ଜଣେ ବିସିସିଆଇ ଅଫିସିଆଲ ପ୍ରକାଶ କରିଛନ୍ତି।

କୋହଲି ଯଦି ଉପଲବ୍ଧ ନ ହୁଅନ୍ତି ତେବେ ସାମସନ ବ୍ୟାକ୍‌ଅପ୍ ବ୍ୟାଟ୍ସମ୍ୟାନଭାବେ ଦଳରେ ରହିପାରନ୍ତି। ମାତ୍ର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମନୀଷ ପାଣ୍ଡେ ଯଦି ସ୍ଥାନ ବଜାୟ ରଖନ୍ତି ତେବେ କାହାକୁ ମନୋନୟନ କରାଯାଉଛି ତାହା ଦେଖିବାକୁ ଉତ୍କଣ୍ଠା ରହିବ। ବିଗ୍ ହିଟିଂ ଦକ୍ଷତା ଯୋଗୁ ଶିଭମ୍ ଏବେ ବିଜୟ ଶଙ୍କରଙ୍କୁ ପଛରେ ପକାଇ ଭାରତର ଦ୍ୱିତୀୟ ପସନ୍ଦ ଅଲରାଉଣ୍ଡର ହୋଇ ଯାଇଛନ୍ତି। “ଶିଭମଙ୍କ ବୋଲିଂ ଏବେ ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡର ନୁହେଁ ବୋଲି ସମସ୍ତେ ନିଶ୍ଚିତ ସ୍ୱିକାର କରିବେ। ହାର୍ଦ୍ଦିକ ଯେପରି ପେସ୍‌ରେ ବିବିଧତା ଆଣିପାରନ୍ତି ଶିଭମ୍ ତାହା ମଧ୍ୟ କରିପାରନ୍ତି ନାହିଁ। ମାତ୍ର ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଏବଂ ବଡ଼ ଛକ୍କା ମାରିବାର ଦକ୍ଷତା ରଖିଛନ୍ତି। ଆଇପିଏଲ ଖେଳୁଥିବାବେଳେ କୋହଲି ନିଶ୍ଚିତ ଶିଭମଙ୍କ ପ୍ରଦର୍ଶନକୁ ଲକ୍ଷ୍ୟ ରଖିଥିବେ” ବୋଲି ସେ କହିଛନ୍ତି। ୫୦ ଓଭର ବିଶିଷ୍ଟ ବିଶ୍ୱକପ ପର୍ଯ୍ୟନ୍ତ ବିଜୟ ଶଙ୍କର ଭାରତର ଦ୍ୱିତୀୟ ପସନ୍ଦର ଅଲରାଉଣ୍ଡର ଥିଲେ। ମାତ୍ର ଏବେ ସେ କେବଳ ଜଣେ ଦିନିକିଆ ଖେଳାଳିଭାବେ ପରିଗଣିତ ହେଉଛନ୍ତି। ରାହୁଲ ଚହର ଓ ୱାଶିଂଟନ ସୁନ୍ଦରଙ୍କୁ ଆଉ ଏକ ସୁଯୋଗ ଦିଆଯାଇପାରେ। ତେଣୁ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ସ୍ଥାନ ପାଇବା ସମ୍ଭାବନା କମ୍।

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition
Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅକ୍ଟୋବର ୨୪/୨୦୧୯ Sambalpur, Thursday, October 24 / 2019

# ଭୂତପ୍ରେତ ଭୟ, ୮ ଛାତ୍ରୀ ଅସୁସ୍ଥ

ରାଉରକେଲା ଅଫିସ,୨୩। ୧୦

ଲାଠିକଟା ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟର ୮ଛାତ୍ରୀ ଭୂତପ୍ରେତ ଭୟଜନିତ କାରଣରୁ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କ ଅସ୍ୱାଭାବିକ ଆଚରଣ ଯୋଗୁ ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଛାଡି ଦିଆଯାଇଛି। ଅନ୍ୟ ୫ଜଣ ଡାକ୍ତରଖାନାରେ ଅଛନ୍ତି। ସଂପୃକ୍ତା ଛାତ୍ରୀମାନେ ହେଲେ ୭ମ ଶ୍ରେଣୀର ଅମିଷା ବରୁଆ, ଅର୍ଚ୍ଚନା ଟିଗା, ଅମିତା ଭଗତ, ମୁସ୍କାନ ଗୁଡିଆ ଓ ଅନିତା ମୁର୍ମୁ।

ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ଆର୍ଦଶ ବିଦ୍ୟାଳୟର ଏହି ୮ ଛାତ୍ରୀ ସବୁ ଦିନ ଭଳି ବୁଧବାର ପୂର୍ବାହ୍ନ ୧୦ଟାରେ ଭାତ, ଡାଲି ଓ ଅଣ୍ଡା ଖାଇସାରି ସ୍କୁଲକୁ ଆସିଥିଲେ। ଶ୍ରେଣୀ କକ୍ଷରେ ବସିବାର କେଇ ମିନିଟ ପରେ ଜଣଙ୍କ ପରେ ଜଣେ ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦେହହାତ ଥରିବା ସହ ହାତଗୋଡ ମୋଡି ହୋଇ ଯାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରାଥମିକ ଚିକିତ୍ସା କରିଥିଲେ ହେଁ ସୁଫଳ ମିଳି ନ ଥିଲା। ପରେ ଅସୁସ୍ଥ ଛାତ୍ରୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ଅଣାଯାଇଥିଲା। ଖାଦ୍ୟ ଜନିତ ସମସ୍ୟା ଯୋଗୁ ଏଭଳି ଘଟିଥିବା ଅନୁମାନ କରାଯାଉ ଥିଲା। ଅସୁସ୍ଥ ଛାତ୍ରୀଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଛି। ଏଥିରେ ଖାଦ୍ୟ


ଆରଜିଏଚ୍‌ରେ ଚିକିତ୍ସାଧୀନ ଛାତ୍ରୀମାନେ।

## ଡାକ୍ତରଖାନାରେ ଭର୍ତ୍ତି

ଜନିତ ସମସ୍ୟା ନ ଥିବା ବିଭାଗୀୟ ଡାକ୍ତର ପ୍ରଶାନ୍ତ ପାତ୍ର କହିଛନ୍ତି। କେବଳ ଡର ଏହାର ଏକମାତ୍ର କାରଣ ହୋଇଥାଇପାରେ। ଗତ କିଛିଦିନ ହେବ ଏହି ଛାତ୍ରୀମାନେ ଭୂତପ୍ରେତ ଜନିତ ପ୍ରଭାବ ନେଇ ନିଜ ଭିତରେ ଆଲୋଚନା କରି ଆସୁଥିଲେ। ଯାହାର ଫଳ ସ୍ୱରୂପ ତାହା ଛାତ୍ରୀମାନଙ୍କୁ ମାନସିକ ଭାବେ ପ୍ରଭାବିତ କରିଛି ବୋଲି ଡାକ୍ତର ପାତ୍ର ଅନୁମାନ କରିଛନ୍ତି। ବିଦ୍ୟାଳୟ ଅଧକ୍ଷା ତାରାଲତା ନାୟକ କହିଛନ୍ତି ଖାଦ୍ୟ ଜନିତ କାରଣରୁ ଏପରି ଘଟଣା ଘଟିନାହିଁ। ଏହା ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଛି। ଏହାକୁ କେବଳ ମାନସିକ କାରଣ କୁହାଯାଇପାରେ। ଏବେ ୫ ଜଣ ଛାତ୍ରୀ ସୁସ୍ଥ ଅଛନ୍ତି ବୋଲି ଅଧକ୍ଷା ନାୟକ କହିଛନ୍ତି।

## ଦୁର୍ଘଟଣାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

ବୌଦ୍ଧ,୨୩।୧୦(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ବ୍ରାହ୍ମଣପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ସାହୁ(୪୯)ଙ୍କ ସଡକ ଦୁର୍ଘଟଣାରେ ବୁଧବାର ମୃତ୍ୟୁ ହୋଇଛି। ଗତ ମଙ୍ଗଳବାର ସେ କୌଣସି କାମରେ ଫୁଲବାଣୀ ଯାଉଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଲାଣ୍ଡିବନ୍ଧଠାରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଥିଲା। ସେଠାରୁ କଟକ ପଠାଯାଉଥିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ବୌଦ୍ଧ ମେଡିକାଲରେ ପୋଷ୍ଟମର୍ଟମ କରି ପରିବାର ବର୍ଗକୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଗାଁ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସେ ୨୦୧୨ରୁ ୨୦୧୭ ମସିହା ପର୍ଯ୍ୟନ୍ତ ସରପଞ୍ଚ ଥିଲେ । ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଅସ୍ତ୍ରୋପଚାର ହେଲାନି, ଫେରିଗଲେ ମହିଳା

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବୁଧବାର ପରିବାର ନିୟୋଜନ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ରହିଥିଲା । ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ମହିଳାମାନେ ମଧ୍ୟ ଡାକ୍ତରଖାନାକୁ ଆସିଥିଲେ । ହେଲେ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ୨୭ଜଣ ମହିଳାଙ୍କ ଅସ୍ତ୍ରୋପଚାର ହୋଇ ନ ପାରିବାରୁ ସେମାନେ ଫେରିଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କେବଳ ସେତିକି ନୁହେଁ, ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ ପୂର୍ବରୁ ନିଶ୍ଚେତକ ଇଞ୍ଜେକ୍ସନ ମଧ୍ୟ ଦିଆସରିଥିଲା ବୋଲି ଅଭିଯୋଗ ହୋଇଛି । ଏ ନେଇ କିଛି ଲୋକ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଜଣାଇଥିବା ସୂଚନା ମିଳିଛି। ଆସନ୍ତା ୨୭ତାରିଖରେ ପୁଣିଥରେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଅସ୍ତ୍ରୋପଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଖବର ହସ୍ତଗତ ହୋଇଛି । ତେବେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

### ଦୁର୍ଘଟଣାରେ ଯୁବକ ମୃତ

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ ସହରର ବାନ୍ଧୁଟିକ୍ରା ଛକ-ଭଟଲି ଛକ ମଝିରେ ବୁଧବାର ଅପରାହ୍ନ ପ୍ରାୟ ଅଢ଼େଇଟାରେ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସ୍ଥାନୀୟ ଭିଏସଏସ ନଗର ନିବାସୀ ମାନସ ରଞ୍ଜନ ଦାଶ (୩୧)। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିବାବେଳେ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି । ସୂଚନା ଅନୁଯାୟୀ, ଯୁବକ ଜଣକ ପରିବାର ଲୋକଙ୍କ ସହିତ ବୁଧବାର ଅପରାହ୍ନରେ ତାଙ୍କ ବିବାହ ପ୍ରସ୍ତାବ ପାଇଁ ଅନ୍ୟ ଏକ ଗ୍ରାମକୁ ଯିବାର କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ସେ ଏକ ସ୍କୁଟି (ନଂ.ଓଡ଼ି୧୭ଏଚ/୨୯୧୪) ଯୋଗେ ସ୍ଥାନୀୟ କେଶବନଗରକୁ ଭଉଣୀଙ୍କୁ ଆଣିବା ପାଇଁ ଯାଉଥିଲେ। ମାତ୍ର ସେଠାକୁ ପହଞ୍ଚିବା ପୂର୍ବରୁ ରାସ୍ତାରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିଲେ ।

### ଜିଲାପାଳଙ୍କ ଅଚାନକ ଡାକ୍ତରଖାନା ପରିଦର୍ଶନ

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୁଧବାର ରାତ୍ରି ପ୍ରାୟ ସାଢ଼େ ୯ଟାରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଚାନକ ପରିଦର୍ଶନରେ ଆସିଥିଲେ। ଡାକ୍ତରଖାନାର ବିଭିନ୍ନ ୱାର୍ଡ଼ ବୁଲିବା ସହିତ ସେଠାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ସେହିପରି ଡାକ୍ତରଖାନା ପରିସରରେ ରହିଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କ ରେଜିଷ୍ଟର ତଦାରଖ କରିବା ସହିତ ଆମ୍ବୁଲାନ୍ସ ସେବା ଉପରେ ପଚାରି ବୁଝିଥିଲେ। ଡାକ୍ତରଖାନାରେ ଅବସ୍ଥାପିତ ଥିବା କର୍ମଚାରୀମାନେ ଯେଉଁଭଳି ଭାବେ ଉପସ୍ଥିତ ରହିବା କଥା, ତାର ଅଭାବ ପରିଲକ୍ଷିତ ହୋଇଥିବା ଅନୁଭବ କରି ଜିଲାପାଳ ଆଗାମୀ ଦିନରେ ଏଭଳି ଅଚାନକ ପରିଦର୍ଶନ କରିବେ ବୋଲି କହିଛନ୍ତି ।

# ସମସିଆ ଭିତରେ କୁଲୁଣ୍ଡା ହାଇସ୍କୁଲ ପଡ଼ାବାସୀ

**ଜାମଟିକ୍ରା, ୨୩।୧୦(ଡି.ଏନ୍.ଏ.)**

ଗରିବ୍ ଦୁଖି ଆଦିବାସୀକର ଲାଗି କେନ୍ଦ୍ର ଆର ରାଏଜ୍ ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଁକା ସାରୁଛନ୍। ହେଲେ ସରକାରୀ ଅଧିକାରୀ, କରମ୍‌ଚାରୀକର ଖାମଖିଆଲି ମନଭାବ ଲାଗି ଅନେକ ଜାଗାରେ ଇ ସବୁ ଯୋଜନାର ଲାଭ୍ ହକ୍‌ଦାର ହିତାଧିକାରୀ ନାଇଁ ପାଏବାର। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍ କୁଲୁଣ୍ଡା ହାଇସ୍କୁଲ ପଡ଼ାରେ। ସୂଚନା ଅନ୍‌ସାରେ ଅନେକ ବଛର ହେଲା ପଡ଼ାରେ ୧୨ ଆଦିବାସୀ ପରିବାର ରହିଆସୁଛନ୍। ସଭେ ନିହାତି ଗରିବ୍ ଆର ବିପିଏଲ୍ ଶ୍ରେଣୀର। ପରହର କାମବୁତା କରି ନିଜର ନିଜର କୁଟୁମ ପୁଷୁଛନ୍। ହେଲେ ଥାନୀଅ ପରଶାସନ ଇ ପରିବାରମାନକୁ ଅନ୍‌ଦେଖା କରବାର ଲାଗି ପଡ଼ାବାସୀ ଅନେକ ମଉଳିକ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ବରଷା ହେଲେ ଇ ପଡ଼ାର ରାସ୍‌ତାରେ ଯାଆସ କରବାର ବଁନ୍ଦ୍ ହେଇଯାଉଛେ। ଅଧିକା ବରଷା ହେଲେ ପାଏନ୍ ଘର ଭିତରକେ ଢୁକୁଛେ। ସବୁ ପରିବାର ଝାଟିମାଟିର ଘରଟେ ଲେଖେଁ କରି ଉପରେ ପଲିଥିନ୍ ଢାପି ରହୁଛନ୍। କେତେ ପରିବାରର ଘରଦୁଆ ବରଷା ପାଏନ୍‌ରେ ଭାଂଗି ଯାଇଛେ। ଯେନ୍‌ଥିରଲାଗି ଇ ପରିବାରମାନେ ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ସେନ୍‌ତା ସ୍ୱଚ୍ଛ ଭାରତ ଯୋଜନାରେ ପଡ଼ାରେ ପାଇଖାନା ତିଆର ନାଇଁ ହେଇ। ଯେନ୍‌ଥିରଲାଗି ପଡ଼ାବାସୀ ଆସର ପାସର ଖେତ୍‌ବାହଲ, ପଡ଼ିଆ, ରାସ୍‌ତା ତରେ ଝାଡ଼ାଝପଟ ଯାଉଛନ୍। ଇ ଗରିବ୍ ପରିବାରମାନକର ଲାଗି ସରକାରକଁର ଆବାସ ଯୋଜନା ଏଭେ ବି ସାତ୍‌ସପନ ହେଇ ରହିଛେ। ଥାନୀଅ ସରପଁଚ୍, ବ୍ଲକ ଅଧକ୍ଷକୁଁ ଅନେକ ଥର ଗୁହାରି କରି ପଡ଼ାବାସୀ ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଗଲା ବଛର ହେଇଥିବାର ବଡ଼ଭାରି ବରଷାରେ ପଡ଼ାର କେତେ ଲୁକ୍‌କର ଘର ଭାଂଗି ଯାଇଥିଲା। ହେଲେ ପରଶାସନ ଇ ଗରିବ୍ ପରିବାରମାନକୁ ପଲିଥିନ୍ ଖଁଡ଼େ ଲେଖେଁ ଦେଇ ନିଜର ଦାଇତିଅ ସାରି ଦେଇଥିବାର ପଡ଼ାବାସୀ କହିଛନ୍। ସେନ୍‌ତା ଥାନୀଅ ବିଧାୟିକା ପଡ଼ାବାସୀକର ଉପରେ ଦୁରୁଷ୍‌ଟି ଦେଇ ସମସିଆର ସମାଧାନ କରବାକେ ପଡ଼ାବାସୀ ଗଣମାଧମ ଜରିଆରେ ଗୁହାରି କରିଛନ୍। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦକୁଁ ପଚରାଲାରୁ ଇ ଦିଗେ ଦୁରୁଷ୍ଟି ଦିଆଯିବା ବଲି ସେ କହିଛନ୍।

# ୮୯ ବଛରିଆ ବୁରୁଧ୍ ଭତାରୁ ବଁଚିତ୍

**ମନମୁଣ୍ଡା, ୨୩।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବିଲାସପୁର ପଁଚେତ୍ ଅଧୀନ ନରସିଂହପୁର ଗାଁର ଗଣ୍ଡା ପଧାନ(୮୯)। ପରିବାର କହେଲେ ମାଏକିନା ଆର ଗୁଟେ ବଲି ଝିଁକେ ନେଇ ସଁସାର। ପରିବାରଟା ନିହାତି ଗରିବ। ଦୁଖ୍ ସୁଖ କରି ଗଣ୍ଡା ଝିଁକେ ବିହାଚୁରା କରିଛନ୍। ଏହେଦେ ଘରେ ବୁରୁଧ୍ ଦମ୍ପତି ଏକଲା ରହୁଛନ୍। ଡୁଂଗି ଦେଖିବାକେ କେହି ନାଇଁ। ଝିଁ ବି ବହୁତ ଦୂରେ ବିହା ହେଇଛନ୍। ସବୁବେଲେ ଯାଆସ କରି ନାଇଁପାରବାର। ଏନ୍‌ତାଥି ବୁରୁଧ୍



ବୁରୁଧ୍ ନିଜର ଆଧାର କାର୍ଡ ଆର ଭୋଟ ପରିଚଏ ପତର ଦେଖଉଛନ୍।

ଦମ୍ପତି ଭତା ଆଶ୍‌ରେ ୱାର୍ଡମେମ୍ବର, ସମିତିସଭ୍ୟ, ସରପଁଚ୍‌କୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ବଏସ୍ ଅଧିକା ଲାଗି ଗୋଡ଼ହାତ ବି ଠିକ୍ ସେ ନାଇଁ ଚଲବାର। ଏନ୍‌ତାଥି ଭତାର ଲାଗି କେନ୍‌କେ ନରଦିମୁ, କାହାକେ ଆର ଗୁହାରି କରମୁ। ଭତା ମିଲ୍‌ଲେ ଟିକେ ଭଲ ସେ ଚଲିପାରତୁଁ, ନାଇଁ ମିଲ୍‌ଲେ କାଣା କରମୁ ବଲି ବୁରୁଧ୍ ଦମ୍ପତି ମନ୍‌ଦୁଖ୍ କରି କହିଥିଲେ। ଜିଲାପାଳ ଇ ବୁରୁଧ୍ ଦମ୍ପତି ଉପରେ ଦୁରୁଷ୍‌ଟି ଦେଇ ଯେତେ ଜଲଦି ହେବା ଭତା ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଝାରବନ୍ଧ, ୨୩।୧୦ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ କୁଡାପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସାମନ୍ତଶେଖର ମୁନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ହୃଷିକେଶ ସିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଝାରବନ୍ଧ ସରପଞ୍ଚ ଧନମତୀ ପାଣ୍ଡେ, ସିଆରସିସି ଦିବ୍ୟକିଶୋର ପଣ୍ଡା ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦ଟି ସ୍କୁଲରୁ ୨୫୦ ଜଣ କୁନି ପ୍ରତିଭା ସାମିଲ ହୋଇଥିଲେ। ସେହିପରି ଭଣ୍ଡାରଯୋରୀ, ଗୌଡମାଳ, ଲେରଗାଁ, ବୈତାଲି, ଡଭା, ଚନ୍ଦ୍ରମଣୀପୁର, ନିଳଜିପତ୍ରା, ଜଗଦଲପୁର, ଜାମପାଲି କ୍ଲଷ୍ଟରରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।



ସୁରଭି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ।

# ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ପ୍ରସ୍ତୁତି

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ର ପ୍ରସିଦ୍ଧ ମାଁ ଶ୍ୟାମାକାଳୀ ଦେବୀଙ୍କ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତବର୍ଷ ବାର୍ଷିକ ପୂଜା ସମାରୋହରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୂଜା ସମିତିର ଉପସଭାପତି ଗୌରାଙ୍ଗ ନାଏକଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ଚାନ୍ଦା ତଥା କୌଣସି ଦୋକାନ, ବଜାର କିମ୍ବା ଜନସାଧାରଣଙ୍କଠାରୁ ଚାନ୍ଦା ଅସୁଲିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଭକ୍ତମାନଙ୍କ ଶ୍ରଦ୍ଧା ଓ ଭକ୍ତିକୁ ନେଇ ପୂଜା ମହୋତ୍ସବ ଅନୁଷ୍ଠିତ ହେବା ସହିତ ଶ୍ରଦ୍ଧାଳୁଙ୍କ ଦାନ, ଦକ୍ଷିଣା କେବଳ ମନ୍ଦିର ମଧ୍ୟରେ ରହିଥିବା ହୁଣ୍ଡିରେ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ପ୍ରତିବର୍ଷ ଭଳି ଏବର୍ଷ ଆସନ୍ତା ୨୭ ତାରିଖରେ ଶ୍ୟାମାକାଳୀ ମନ୍ଦିରରୁ କଳସ ଯାତ୍ରା ଆରମ୍ଭ ହେବ। ଜିରା ନଦୀ କୂଳରେ ମାଁଙ୍କୁ ଆରାଧନା କରାଯିବା ସହିତ ମଧ୍ୟରାତ୍ରିରେ ମହାସ୍ନାନ ପର୍ବ ଅନୁଷ୍ଠିତ ହେବ। ନଭେମ୍ବର ୨ତାରିଖରେ ବ୍ରତଧାରଣ ଉତ୍ସବ ସହିତ ଉପବାସ ରହି ମାଁଙ୍କଠାରେ ୫୬ପ୍ରକାର ମହତୀ ଭୋଗ ଅର୍ପଣ କରାଯିବ। ଶ୍ୟାମାକାଳୀ ପୂଜା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ସର୍ବେଶ୍ୱର ରଥଙ୍କ ବିୟୋଗ ପରେ ତାଙ୍କ ଆତ୍ମାର ଶାନ୍ତି ଓ ସମ୍ମାନ ପାଇଁ ସବୁଦିନ ସଭାପତି ପଦବୀ ଖାଲି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ, ତାଙ୍କ ଅବର୍ତ୍ତନରେ ନୂଆ ସଭାପତି ଚୟନ କରାଯିବ ନାହିଁ । ଉକ୍ତ ବୈଠକରେ ସମ୍ପାଦକ ରାଜେଶ ଶତପଥୀ, ସହ ସମ୍ପାଦକ ଲଲାଟେନ୍ଦୁ ବେହେରା, ପରେଶ ବିଶି ତଥା ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।



ମାଁ ଶ୍ୟାମାକାଳୀ ଦେବୀ

# ବାଣ ବ୍ୟବସାୟୀଙ୍କ ପାଇଁ ସତର୍କ ସୂଚନା ଜାରି କଲା ଜିଲା ପ୍ରଶାସନ

**ବୌଦ୍ଧ, ୨୩।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ବାଣ ବ୍ୟବସାୟୀଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତବର୍ଷ ଦୀପାବଳି ଅବସରରେ ସହରର କଚେରୀ ପଡିଆଠାରେ ଅସ୍ଥାୟୀ ବାଣ ଦୋକାନ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଛି । ଖଣିଜ ତୈଳ ଓ ବିସ୍ଫୋରକ ସଂସ୍ଥା ଭୁବନେଶ୍ୱର ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ମାନି ବାଣ ବ୍ୟବସାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନିଶମ, ପୋଲିସ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବରେ ବାଣ ଦୋକାନ ଗୁଡିକ ଯାଞ୍ଚ କରିବା ପାଇଁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଲଲାଟେନ୍ଦୁ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଦୋଷ ଦୁର୍ବଳତା ରହିଲେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ଜନସାଧାରଣଙ୍କୁ ଦୀପାବଳି ଉତ୍ସବ ଦାୟିତ୍ୱ ସମ୍ପନ୍ନ ଓ ନିୟମ ଅନୁସାରେ ପାଳନ କରିବା ପାଇଁ ମଧ୍ୟ ସୂଚନା ଦିଆଯାଇଛି। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଆତସବାଜିର ବ୍ୟବହାର ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ । ସରକାରଙ୍କ ଦ୍ୱାରା ଘୋଷିତ ନିରବ ଅଞ୍ଚଳ ଯଥା ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳ ଆଦିର ଶହେ ମିଟର ପରିସୀମା ମଧ୍ୟରେ ଆପତ୍ତିଜନକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନିଷିଦ୍ଧ କରାଯାଇଛି । ୧୨୫ ଡେସିବେଲ ସ୍ତରରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି ଓ ବିକ୍ରି କରିବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଦୀପାବଳି ଉତ୍ସବ ପ୍ରଦୂଷଣମୁକ୍ତ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଜିଲାପାଳ ମିଶ୍ର ଏକ ପ୍ରେସ ବିବୃତିରେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି ।

# ଫୁଟବଲ: ବହଲପାଲି, ଜାଙ୍ଗେଡ଼ ବିଜୟୀ

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବହଲପାଲି ଓ ଜାଙ୍ଗେଡ଼ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଜାଲପାଲିର ବାପୁଜୀ କ୍ଲବ ଏବଂ ବହଲପାଲିର ବିଜୟା କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ବହଲପାଲିର ସୁକାନ୍ତ ସେଠ ପ୍ରତିପକ୍ଷକୁ ଗୋଟିଏ ଗୋଲ ସ୍କୋର କରିଥିଲେ। ମାତ୍ର ଜାଲପାଲିର ଖେଳାଳିମାନେ ବାରମ୍ବାର ଚେଷ୍ଟା ସତ୍ତ୍ୱେ ମ୍ୟାଚ ଶେଷ ସୁଦ୍ଧା ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ବହଲପାଲି ୧−୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ସେହିପରି ଉଲବା ଓ ଜାଙ୍ଗେଡ଼ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଉଲବାର ବାବଲୁ ଭୋଇ ଏବଂ ଜାଙ୍ଗେଡ଼ର ପ୍ରଫୁଲ୍ଲ ସାହୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ନିର୍ଦ୍ଧାରିତ ସମୟ ସୁଦ୍ଧା ଏହି ମ୍ୟାଚଟି ବରାବର ସ୍ଥିତିରେ ରହିଥିଲା ଏବଂ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜାଙ୍ଗେଡ଼ ୫−୪ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚକୁ ନିରଞ୍ଜନ ମହାକୁର, ରଞ୍ଜୁ ଛତ୍ରିଆ, ସୁରେଶ ବେହେରା, ଗୁଣବନ୍ତ ସାହୁ ଏବଂ ଦ୍ୱିତୀୟ ମ୍ୟାଚକୁ ଶ୍ରୀନିବାସ ରାଓ, ଗୋପାଳ ନାୟକ, ସଞ୍ଜୟ ଦାଶ, ବିଶିକେଶନ ପ୍ରଧାନ ପରିଚାଳନା କରିଥିଲେ ।

# ଫାର୍ମାସିଷ୍ଟ ଭରସାରେ ଶଗଡ଼ା ଡାକ୍ତରଖାନା

**ମନମୁଣ୍ଡା, ୨୩।୧୦ (ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ପାହାଡ଼ ଜଂଗଲ ଘେରା ଆଦିବାସୀ ବହୁଲ ଶଗଡ଼ା ଅଂଚଲବାସୀକୁ ସୁଆସ୍‌ତିଅ ସେବା ଯୁଗେଇ ଦେବାର ଉଧେ ସରକାର ଗଲା ୨୦୧୬ ସାଲେ ଶଗଡ଼ାନେ ଗୁଟେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଥାପନା କରିଥିଲେ। ଇ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଶଗଡ଼ା, ଗୁନ୍ଦୁଲିଆ, ବରଗୋଛା, ଶୁଣ୍ଠିପଦର, ମନୁପାଲି ପଁଚେତ୍ ସମେତ ଆସର ପାସର ପାଖାପାଖି ୮୫ ହଜାର ଲୋକ୍ ନିରଭର କରୁଛନ୍। ହେଲେ ଆଏଜ୍‌କେ ପାଖାପାଖି ୧୦ ମାସ ହେଲା ଅଂଚଲବାସୀ ସୁଆସ୍‌ତିଅ ସେବାରୁ ବଁଚିତ୍ ହେଇ ରହିଛନ୍। ଇ ଡାକ୍‌ତରଖାନାରେ କାମ୍ କରୁଥିବାର ଡାକ୍‌ତର ପିଜି କରି ଗଲାଦିନୁ ଡାକ୍‌ତର ପଦବୀ ମେଲା ପଡ଼ିଛେ। ଏନ୍‌ତାଥି ଝନେ ଫାର୍ମାସିଷ୍ଟ, ୨ ଝନ୍ ତଲି କରମଚାରୀ ଡାକ୍‌ତରଖାନା ଚଲଉଛନ୍। ଫାର୍ମାସିଷ୍ଟ ଲୁକ୍‌କର ସମସିଆ ଦେଖି ଉଷୋକଷା ଦେଉଛନ୍ ସତ୍, ହେଲେ ଡାକ୍‌ତର ଲେଖେଁ ରୋଗ୍ ବାରବାରେ ସେ ଅକ୍ଷମ ଆନ୍। ସେଥିରଲାଗି ସେ ଅନେକ ରୁଗୀକୁ ଫିରେଇ ଦେଉଛନ୍। ଏନ୍‌ତାଥି ରୁଗୀମାନେ ସାଧା ଜରତପ ଲାଗି ବି ବାଉଁଶୁଣି, ମନମୁଣ୍ଡାକେ ଆସି ଅଧିକା ଖରଚ୍ କରବାର ସଂଗେ ହଇରାନ ହରକତ ହେଉଛନ୍। ଇ ସବୁର ଫାଏଦା ନେବାର ଲାଗି ଅଂଚଲରେ ଅନେକ ନକଲି ଡାକ୍‌ତର ଆର କ୍ୱାକ୍ ବୁଲୁଛନ୍। ନିରିହ ଆଦିବାସୀମାନକର ସରଲତାର ସୁଯୋଗ ନେଇ ସେମାନେ ଚିକିତ୍ସା ବାହାନାରେ ଲୁଟୁଥିବାର ଅଭିଯୋଗ ହେଉଛେ। ସମସିଆର ସମାଧାନ ଲାଗି ଶଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ଝନେ ଡାକ୍‌ତରକୁଁ ପଠାବାକେ ଅଂଚଲର ବୁଧିଜୀବୀ ରଘୁନାଥ ପଲିଆ, ବୀରମିତ୍ର ମହାକୁଡ, ହୃଦାନନ୍ଦ ମେହେର, କୁମର ମନହୀରା, ଏନ. ଅମାତ ପରମୁଖ ଦାବି କରିଛନ୍। ଇ ବାବ୍‌ଦେ ସିଡିଏମଓ ବୌଦ୍ଧକୁଁ ପଚରାଲାରୁ ଜିଲାରେ ୯୫ ଡାକ୍‌ତର ଦରକାର ଥିଲାବେଲେ ୪୫ ଝନ୍ ରହିଛନ୍। ନୂଆ ଡାକ୍‌ତର ଆଏବାର ଯୋଜନା ଚାଲିଛେ। ଡାକ୍‌ତର ଆଏଲେ ଶଗଡ଼ାକେ ଝନେ ଡାକ୍‌ତରକୁଁ ପଠାବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ବିଜ୍ଞପ୍ତି**
[ରୁଲ୍-୮(୧)] (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,** ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩ (୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗୀକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା / ଜାମିନଦାରମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସ ର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଜାମିନ୍‌ଦାରଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନ ଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଗାୟତ୍ରୀ ଷ୍ଟୋନ୍ କଟିଂ ଆଣ୍ଡ ପଲିସିଂ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ୱ ଟି. ବିଶ୍ୱନାଥମ୍, ଜାମିନଦାରମାନେ: (୧) ଶ୍ରୀମତୀ ଟି. ସୁନ୍ଦରମ୍ମା,** ସ୍ୱାମୀ: ୱ ଟି. ବିଶ୍ୱନାଥମ୍, **(୨) ଶ୍ରୀ ଟି. ବିଘେଶ୍ୱର ରାଓ,** ପିତା: ୱ ଟି ବିଶ୍ୱନାଥମ, ସମସ୍ତଙ୍କ ଠିକଣା ସା./ପୋ.: ତାଟିପାଟି, ଥାନା: ଗୁରାଣ୍ଡି, ଜିଲ୍ଲା: ଗଜପତି । | **୧) ଶ୍ରୀ ତାମଡ଼ା ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା.: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୪୩୮/୩୮୫, ପ୍ଲଟ୍ ନଂ.: ୫୨୫, ୫୨୬, ୫୨୨, ୫୨୦, ୫୨୭, ୫୨୧, ୫୨୪, ୫୧୯/୧୬୦୩, **ସମୁଦାୟ କ୍ଷେତ୍ର:ଏକର ୧.୨୪୯ଡ଼ିସିମିଲି,** କିସମ: ଘରବାରି ।**୨) ଶ୍ରୀ ତାମଡ଼ା ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜାମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୨୬୪, ପ୍ଲଟ୍ ନଂ.: ୧୮୭, କ୍ଷେତ୍ର:ଏକର ୦.୦୫୬୭ଡ଼ିସିମିଲି, କିସମ: ଘରବାରି । | ୨୭.୧୧.୨୦୧୮ / ୨୨.୧୦.୨୦୧୯ | ୨୬.୧୧.୨୦୧୮ ପର୍ଯ୍ୟନ୍ତ ଅର୍ଜିତ ସୁଧ ସହିତ ଟ.୧୫,୮୦,୧୪୯/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ବାସୁଦେବ ଷ୍ଟୋନସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ,** ସା:ଇଡ୍‌କୋ, ପ୍ଲଟ ନଂ. ୯୧/୧/ବି, ଆଇଆଇଡି ସେଣ୍ଟର, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, **ଜାମିନଦାର: ଶ୍ରୀ ବିଧୁ ଭୂଷଣ ପଟ୍ଟନାୟକ,**ସା: ପ୍ଲଟ୍ ନଂ.: ଇ/୩୧୨, ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟ, କଳିଙ୍ଗ ନଗର ଭୁବନେଶ୍ୱର-୭୫୧୦୦୩। | **ମେସର୍ସ ବାସୁଦେବ ଷ୍ଟୋନସ୍** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ମୁକୁନ୍ଦପ୍ରସାଦ, ତହସିଲ/ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ରେଭିନ୍ୟୁ ଖାତା ନଂ.: ୫୩୧/୧, ପ୍ଲଟ ନଂ.: ୨୩୦୩ (ଅଂଶ), ଅନୁରୂପ ଇଡ୍‌କୋ ପ୍ଲଟ ନଂ.:୯୦/୧/ବି,କ୍ଷେତ୍ର: ଏକର୦.୩୪୪ଡିସିମିଲି, ଚୌହଦି ଉତ୍ତର: ପ୍ଲଟ ନଂ.୯୦/୧, ଦକ୍ଷିଣ: ପ୍ଲଟ ନଂ.୯୦, ପୂର୍ବ: ରାସ୍ତା, ପଶ୍ଚିମ: ଇଡ୍‌କୋ ପ୍ଲଟ ନଂ.୨୩୦୩ (ଅଂଶ)। | ୦୭.୦୬.୨୦୧୯ / ୨୩.୧୦.୨୦୧୯ | ୦୬.୦୬.୨୦୧୯ସୁଦ୍ଧା ସୁଧ ସହିତ ଟ.୫୨,୦୯,୨୦୫.୦୪ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁଷଙ୍ଗିକ ଖର୍ଚ୍ଚ |

ତାରିଖ : ୨୩.୧୦.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଆନ୍ଧ୍ର ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ରାଉରକେଲା ପର୍ସନାଲ୍ ବ୍ୟାଙ୍କିଙ୍ଗ ଶାଖା
ନଂ. ୬, ଡେଲି ମାର୍କେଟ, କଚେରୀ ରୋଡ଼, ରାଉରକେଲା,
ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧, ଫୋନ୍: ୦୬୬୧-୨୫୨୨୩୨୨

**ଡ଼ିମାଣ୍ଡ ନୋଟିସ୍**

**(ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ୨୦୦୨ର ଅଧିନିୟମ ୫୪ର ଧାରା ୧୩(୨) ଅଧୀନରେ ନୋଟିସ୍)**

ଏହି ଡିମାଣ୍ଡ ନୋଟିସ୍ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ବିରୋଧରେ ବଦଳ ସେବା ଭାବେ ଛପାଯାଇଛି, ଯେହେତୁ ଡାକ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ସେମାନଙ୍କ ନିକଟକୁ ଏଡି ସହ ରେଜେଷ୍ଟ୍ରି ପୋଷ୍ଟ ଯୋଗେ ପଠାଯାଇଥିବା ନୋଟିସ୍ ଜାରି ନେହୋଇ ଫେରସ୍ତ ଆସିଲା ।

| କ୍ର. ନଂ. | ଋଣଗ୍ରହୀତା /କୋ-ଓବ୍ଲିଗାଣ୍ଟ / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / | ସୁବିଧା/ଋଣ/ସୀମା/ ଅବଧି / ଡିମାଣ୍ଡ ନୋଟିସ୍ | ଏନ୍‌ପିଏ ତାରିଖ / ବକେୟା ଋଣ | ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତା : ମେସର୍ସ ଜୟଶ୍ରୀ, ସ୍ୱତ୍ତ୍ୱାଧିକାରୀ: ପ୍ରଦୀପ୍ତ ମହାପାତ୍ର,** ସପ୍ ନଂ.: ୧୭୦, ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୧୯, ରାଉରକେଲା-୫, ସୁନ୍ଦରଗଡ଼ / **କୋ-ଓବ୍ଲିଗାଣ୍ଟ : ରୁନିଆ ମହାପାତ୍ର,** ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର, ଡି-୩୧, ସେକ୍ଟର-୪, ରାଉରକେଲା, ଓଡ଼ିଶା । | ଏସ୍‌ଓଡିଜିଏନ୍ ୦୪୯୨୩୧୧୦୦୦୦୦୨୫୬ / ଟ. ୧୦,୦୦,୦୦୦/- / ୨୦୧୫ - ୨୦୧୯ / ୨୪.୦୯.୨୦୧୯ | ୨୭.୦୮.୨୦୧୯ / ୨୪.୦୯.୨୦୧୯ ସୁଦ୍ଧା ଟ. ୧୦,୦୫,୧୬୮.୫୦ + ପରବର୍ତ୍ତୀ ସୁଧ | ଶ୍ରୀମତୀ ରୁନିଆ ମହାପାତ୍ରଙ୍କ ନାମରେ ସହରରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଷୁରା, ଥାନା: କୁଆଁରମୁଣ୍ଡା, ତହସିଲି: ପାନପୋଷ, ଖାତା ନଂ.: ୨୫୯/୧୨୯, ରେଭେନ୍ୟୁ ପ୍ଲଟ ନଂ.: ୨୦୬୨, କ୍ଷେତ୍ର : ଏକର ୧.୩୧୦ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ. ୨୫୮୮, ଉତ୍ତର: ପ୍ଲଟ ନଂ. ୨୦୬୧, ଦକ୍ଷିଣ: ପ୍ଲଟ ନଂ. ୨୦୬୨ । |
| ୨. | **ଋଣଗ୍ରହୀତା : ମେସର୍ସ ମାନସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୁନିଆ ମହାପାତ୍ର,** ସପ୍ ନଂ.: ଏ/୯, ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୧୯, ରାଉରକେଲା, ପିନ୍-୭୬୯୦୦୫, ସୁନ୍ଦରଗଡ଼, ଓଡ଼ିଶା, **ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୁନିଆ ମହାପାତ୍ର,** ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର / **କୋ-ଓବ୍ଲିଗାଣ୍ଟ : ପ୍ରଦୀପ୍ତ ମହାପାତ୍ର,** ଉଭୟଙ୍କ ଠିକଣା କ୍ୱାଟର ନଂ. ଡି-୩୧, ସେକ୍ଟର-୪, ରାଉରକେଲା, ପିନ୍-୭୬୯୦୦୨, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା । | ଓସିସିଜିଏନ୍ ୦୪୯୨୧୩୧୦୦୦୦୦୨୬୫ / ଟ. ୩୦,୦୦,୦୦୦/- / ୨୦୧୫ - ୨୦୧୯ / ୦୧.୦୬.୨୦୧୯ | ୨୯.୦୫.୨୦୧୯ / ୦୧.୦୬.୨୦୧୯ ସୁଦ୍ଧା ଟ. ୩୧,୪୨,୧୮୭.୦୦ + ପରବର୍ତ୍ତୀ ସୁଧ | ଶ୍ରୀ ପ୍ରଦୀପ୍ତ ମହାପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଷୁରା, ଥାନା: କୁଆଁରମୁଣ୍ଡା, ତହସିଲି: ପାନପୋଷ, ଜିଲ୍ଲା: ସୁନ୍ଦରଗଡ଼, ଓଡିଶା, ଖାତା ନଂ.: ୨୫୯/୧୨୮, ପ୍ଲଟ ନଂ.: ୨୦୬୨/ ୨୭୦୯, କ୍ଷେତ୍ର : ଏକର ୪.୦୦ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ. ୨୫୮୮, ଉତ୍ତର: ପ୍ଲଟ ନଂ. ୨୦୬୨/ଅଂଶ, ଦକ୍ଷିଣ: ପ୍ଲଟ ନଂ. ୨୦୬୨/ଅଂଶ । |

ଯେହେତୁ ଆପଣମାନେ ପ୍ରଦତ୍ତ ଋଣ/ସୁବିଧା ଏବଂ/ଅବା କିସ୍ତି/ସୁଧ କିମ୍ବା ଉଭୟ ପୁନଃପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ଅବା ଆରବିଆଇ ସମୟ ଅବଧି ମାନଦଣ୍ଡରୁ ଅଧିକ ସମୟ ପାଇଁ ଆପଣଙ୍କ ଖାତା ଅଚଳ ରହିଛି, ଆପଣଙ୍କ ଖାତାକୁ **ତା.୨୭.୦୮.୨୦୧୯ରିଖ** (କ୍ରମ ସଂଖ୍ୟା ୧ ପାଇଁ), **ତା.୨୯.୦୫.୨୦୧୯ରିଖ** (କ୍ରମ ସଂଖ୍ୟା ୨ ପାଇଁ) ଠାରୁ ଉପରୋକ୍ତ ଦର୍ଶିତ ସ୍ତମ୍ଭ ଅନୁଯାୟୀ ଏନ୍‌ପିଏ ଭାବେ ବର୍ଗୀକୃତ କରାଯାଇଛି ଓ ଆପଣ ସମସ୍ତେ ଯୁଗ୍ମ ଭାବେ ଏବଂ ପୃଥକଭାବେ ଉପରୋକ୍ତ ସ୍ତମ୍ଭ ଅନୁଯାୟୀ ଋଣରାଶି ପୈଠ କରିବାକୁ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଆପଣମାନଙ୍କୁ ସୂଚିତ କରାଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସୁଧ ସମେତ କଥିତ ବକେୟା ରାଶି ପୈଠ କରନ୍ତୁ । ଏଥିରେ ବିଫଳ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ର ୫୪) ଅଧୀନରେ ପ୍ରଦତ୍ତ କ୍ଷମତା ଦ୍ୱାରା ପ୍ରୟୋଗ କରି, କୋର୍ଟଙ୍କ ବିନା ହସ୍ତକ୍ଷେପରେ, ବ୍ୟାଙ୍କ ଧନରାଶିର ଅସୁଲି ନିମନ୍ତେ ଉପର ଦର୍ଶିତ ବନ୍ଧକ ସମ୍ପତ୍ତି ବିରୋଧରେ ନିମ୍ନଦର୍ଶିତ ଏକ କିମ୍ବା ତତୋଽଧିକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବ ।

**ଯଥା : ୧)** ଅସୁଲି ନିମନ୍ତେ ପ୍ରତିଭୂତି ସମ୍ପତ୍ତିର ଲିଜ୍, ସମର୍ପଣ କିମ୍ବା ବିକ୍ରୟ ତଥା ସ୍ଥାନାନ୍ତର ଅଧିକାର ଦ୍ୱାରା ଧାରକଙ୍କ ପ୍ରତିଭୂତି ସମ୍ପତ୍ତିକୁ ଦଖଲକୁ ନେବ । **୨)** ପ୍ରତିଭୂତି ସମ୍ପତ୍ତି ଲିଜ୍, ସମର୍ପଣ କିମ୍ବା ବିକ୍ରୟ ତଥା ସ୍ଥାନାନ୍ତର ଅଧିକାର ଦ୍ୱାରା ଧାରକଙ୍କ ପ୍ରତିଭୂତି ସମ୍ପତ୍ତିର ପରିଚାଳନାକୁ କବଜା କରିବ । **୩)** ପ୍ରତିଭୂତି ଋଣଦାତାଙ୍କ ଦ୍ୱାର ଦଖଲ ହୋଇଥିବା ପ୍ରତିଭୂତି ସମ୍ପତ୍ତିର ପରିଚାଳନା ନିମନ୍ତେ ଯେକୌଣସି ବ୍ୟକ୍ତିବିଶେଷ (ଏହା ପରଠାରୁ ପରିଚାଳକ ଭାବ ନିବେଚିତ ହେବେ)ଙ୍କୁ ନିଯୁକ୍ତି କରିବେ । **୪)** ଧାରକଙ୍କ ଠାରୁ ଯେକୌଣସି ବ୍ୟକ୍ତିବିଶେଷ ପ୍ରତିଭୂତି ସମ୍ପତ୍ତି ଅଧିଗ୍ରହଣ କରିଥିଲେ ଆବଶ୍ୟକସ୍ଥଳେ ଯେକୌଣସି ସମୟରେ ଲିଖିତ ଭାବେ ସୂଚିତ କରିବେ ଓ ଯେକୌଣସି ବ୍ୟକ୍ତିଙ୍କଠାରୁ ବକେୟା ରାଶି କିମ୍ବା ଧାରକଙ୍କ ବକେୟା ରାଶି ପ୍ରତିଭୂତି ପଇଠ କରିବାକୁ କହିବେ, ଯାହା ପ୍ରତିଭୂତି ଋଣ ପରିଶୋଧ କରିବାକୁ ଯଥେଷ୍ଟ ହେବ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଏହି ନୋଟିସ୍ ପକାଶନ ପରେ ଆପଣମାନେ ବ୍ୟାଙ୍କର ବିନାନୁମତିରେ ନୋଟିସ୍‌ରେ ଦର୍ଶିତ ପ୍ରତିଭୂତି ସମ୍ପତ୍ତିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସ୍ଥାନାନ୍ତର କରିପାରିବେ ନାହିଁ । ପୂର୍ବୋକ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ଖର୍ଚ୍ଚ, ଦେୟ ବିକ୍ରୟ ମୂଲ୍ୟରୁ ଆଦାୟ କରାଯିବ ଏବଂ ଯଦି ବିକ୍ରୟ ମୂଲ୍ୟ ପ୍ରଦାନ କରିବାକୁ ଥିବା ସମ୍ପୂର୍ଣ୍ଣ ରାଶିରୁ କମ୍ ହୁଏ, ତେବେ ବକେୟା ରାଶି ଆଦାୟ ନିମନ୍ତେ ଆବଶ୍ୟକତା ଅନୁଯାୟୀ ୨୦୦୨ର ସରଫେସିସ୍ ଅଧିନିୟକ ୫୪ କିମ୍ବା ଅନ୍ୟ କୌଣସି ଅଧିନିୟମ ଅନୁଯାୟୀ ଆପଣମାନଙ୍କୁ ଯୁଗ୍ମ ଭାବେ କିମ୍ବା ପୃଥକଭାବେ ସମସ୍ତ ଦେୟ ଏବଂ ପରିଣାମ ଲାଗି ଉତ୍ତରଦାୟୀ ଘୋଷଣା କରାଯାଇ ଆପଣମାନଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ । ଆହୁରି ମଧ ଧ୍ୟାନ ଦିଅନ୍ତୁ ଯେ ପ୍ରତିଭୂତି ସମ୍ପତ୍ତିର ଲିଜ୍, ସମର୍ପଣ ଏବଂ ବିକ୍ରୟ ଦ୍ୱାରା ସ୍ଥାନାନ୍ତର ପାଇଁ ସର୍ବସାଧାରଣ ଏବଂ ବେସରକାରୀ ସତ୍ୱଙ୍କଠାରୁ ସର୍ବସାଧାରଣ ନିଲାମ ଅବା କୋଟେଶନ୍ ଆହ୍ୱାନ୍ କରି ଏହି ନୋଟିସ୍ ପ୍ରକାଶନ ପୂର୍ବରୁ ଯେକୌଣସି ସମୟରେ ବ୍ୟାଙ୍କର ବକେୟା ଋଣ, ଖର୍ଚ୍ଚ, ମୂଲ୍ୟ ପରିଶୋଧ କରି ଅଧିନିୟମର ଧାରା ୧୩(୮)ରେ ବ୍ୟବସ୍ଥାପନ ଅଧୀନରେ ଆପଣଙ୍କ ନିକଟରେ ଋଣମୁକ୍ତି ଅଧିକାର ଉପଲବ୍ଧ ରହିବ ।

**ଏହି ନୋଟିସ୍ ବିନା କୌଣସି ପକ୍ଷପାତରେ ଅନ୍ୟ ସମସ୍ତ ଆଇନ ଅଧୀନରେ ଉପଲବ୍ଧ ବ୍ୟାଙ୍କ ଅଧିକାରରେ ଜାରି କରାଯାଇଛି ।**

ତାରିଖ : ୨୩.୧୦.୨୦୧୯
ସ୍ଥାନ: ରାଉରକେଲା

ସ୍ୱା/-ମୁଖ୍ୟ ପ୍ରବନ୍ଧକ ଓ କ୍ଷମତାପ୍ରାପ୍ତ ଅଧିକାରୀ,
ଆନ୍ଧ୍ର ବ୍ୟାଙ୍କ



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ

**ପାଇକମାଲ,୨୩।୧୦(ଡି.ଏନ.ଏ)** ପାଇକମାଲ ବ୍ଲକ ନୃସିଂହନାଥରେ ଥିବା ବ୍ରାହ୍ମଣ ସମାଜର ଗାୟତ୍ରୀ ପୀଠରେ ବୁଧବାର ୧୯ ତମ ବାର୍ଷିକ ଉତ୍ସବ ତଥା ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟପୁରରୁ ବିଦ୍ୟାଧର ସତପଥୀ ଓ ପୁରନ୍ଦର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ମୃତ୍ୟୁଞ୍ଜୟ ପଣ୍ଡା, ଗୋକୁଳାନନ୍ଦ ମହାପାତ୍ର, ନିମାଇଁ ନନ୍ଦ ହୋତା, ରୋହିତ ମିଶ୍ର, ସୁବଳ ପଣ୍ଡା, ବଳଦେବ ପୁରୋହିତ ପ୍ରମୁଖ ଯୋଗ ଦେଇ ଆଦର୍ଶ ମାନବ ସମାଜ ଗଠନ ଉପରେ ମତବ୍ୟକ୍ତ କରିଥିଲେ। ଗିରିଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ନାରାୟଣ ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାତୃ ପ୍ରସାଦ ରଥ ସଭା ପରିଚାଳନା କରିଥିଲେ। ଜ୍ୟୋତିଷ ବିଶାରଦ ଆଶୁତୋଷ ପାଣିଗ୍ରାହୀଙ୍କ ଗଣନାରେ ପ୍ରସ୍ତୁତ ୨୦୨୦ ମସିହାର ଶ୍ରୀ ନୃସିଂହ ପଞ୍ଜିକା ଓ କ୍ୟାଲେଣ୍ଡର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶେଷରେ ଶଙ୍କର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶ୍ରୀଜଗନ୍ନାଥ, ଶ୍ରୀରାମ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ବୈଠକ

**ଜହ୍ନାପଙ୍କ, ୨୩।୧୦ (ଡି.ଏନ.ଏ)** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ନାରାୟଣ ନଗରରେ ଯୁଗ୍ମ ଭାବେ ନିର୍ମାଣ ଚାଲିଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମ ମନ୍ଦିର କିପରି ପୂର୍ଣ୍ଣାଙ୍ଗ ହେବ ସେଥିପାଇଁ ଏକ ବୈଠକ ମନ୍ଦିର ପ୍ରାଙ୍ଗଣରେ ସରପଞ୍ଚ ରାଜେନ୍ଦ୍ର ମେହେରଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ହିମାଂଶୁ ଶେଖର ସାହୁ ମନ୍ଦିର ପାଇଁ ବର୍ତ୍ତମାନ ସୁଦ୍ଧା ୬୮ ଲକ୍ଷ ଟଙ୍କା ଆଦାୟ ଏବଂ ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ । ଆଲୋଚନାରେ ଗ୍ରାମ ସଭାପତି କିଶୋର ଚନ୍ଦ୍ର ମେହେର, ସମ୍ପାଦକ ଗୋପାଳ ମେହେର, ଶଙ୍କର କର୍ଣ୍ଣ, ଭୋଳାଗିରି ସାହୁ, ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ ଏବଂ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଧାନଚାଷରେ ରୋଗପୋକ, ଚିନ୍ତାରେ ଚାଷୀ

**ସୋହେଲା,୨୩।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ଟୁଙ୍ଗିବନ୍ଧଲୀ ଅଞ୍ଚଳରେ ଏବେ ଧାନଚାଷରେ ରୋଗପୋକ ଯୋଗୁ ପ୍ରାୟ ୫୦ରୁ ୬୦ ଏକର ଧାନ ନଷ୍ଟ ହୋଇଗଲାଣି। କିଛି ଦିନ ହେଲା ଏହି ଗ୍ରାମର କେତେକ ଚାଷୀଙ୍କ କ୍ଷେତରେ ଏହି ରୋଗପୋକ ଲାଗିଛନ୍ତି। ଯେତେ ଔଷଧ ସଞ୍ଚନ କଲେ ମଧ୍ୟ କାମ କରୁନି। ଧାନ ସବୁ ଅଗାଡି ହୋଇ ଗଲାଣି। ଗତ କିଛିବର୍ଷ ହେଲା ଏହି ଅଞ୍ଚଳରେ ଲଗାତର ମରୁଡି ପଡିଥିଲା। ଚଳିତ ବର୍ଷ ଭଲ ବର୍ଷା ହେବାରୁ ଚାଷୀ ଭଲ ଅମଳ ଆଶା ରଖିଥିଲେ। କିନ୍ତୁ ରୋଗପୋକ ଯୋଗୁ ଚାଷୀଙ୍କ ଆଶା ନିରାଶାରେ ପରିଣତ ହୋଇଛି। ଏହି ରୋଗପୋକ ଲାଗିଥିବା କ୍ଷେତରେ ଆଉ ଫସଲ ଅମଳ ହେବନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଧାନଗଛ ସବୁ ଲାଲ ହୋଇ ସଢ଼ି ଯାଉଛି। ଧାନର ଥୋଡ ବାହାରି ପାରୁନାହିଁ। ଧାନଗଛ ଦବି ଯାଉଛି ବୋଲି ଚାଷୀମାନେ କହିଛନ୍ତି । ବୁଧବାର ସୋମନାଥ ଚୌହାନ, ଦିଲୀପ ନାୟକ, ବୃନ୍ଦା ମେହେର, ଅନ୍ତର୍ଯାମୀ ଚୌହାନ, ବିବେକା ଚୌହାନ, ପ୍ରଶାନ୍ତ ନାୟକ ପ୍ରମୁଖ ଚାଷୀ ସୋହେଲା ତହସିଲଦାର ଓ ବରଗଡ଼ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇ କ୍ଷତିପୂରଣ ଦାବି କରିଛନ୍ତି। ଗାଁର ଅନ୍ୟ ଚାଷୀମାନେ ସେମାନଙ୍କ ଧାନ ଫସଲରେ ଏହି ରୋଗପୋକ ବ୍ୟାପିବା ଆଶଙ୍କା କରି ଚିନ୍ତାରେ ଅଛନ୍ତି । ଖବର ପାଇ କୃଷି ବିଭାଗର କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି ଫେରିଥିବା ଜଣାପଡିଛି ।



ରୋଗପୋକ ଯୋଗୁ ଧାନ ଚାଷ ନଷ୍ଟ ହୋଇଛି ।

# ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ଉପରେ କର୍ମଶାଳା

**ବୌଦ୍ଧ/ବଘିଆପଡା, ୨୩।୧୦(ସ୍ୱ.ପ୍ର/ଡି.ଏନ.ଏ)**

ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ପ୍ରତିଷ୍ଠାନ ପାଲଝାରଠାରେ ସହକାରୀ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ଉପରେ ଦୁଇ ଦିନିଆ କୃଷକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଛି। ବୌଦ୍ଧ ସହକାରୀ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମହୀଧର ରଣା ମୁଖ୍ୟଅତିଥି, ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସାଇଣ୍ଟିଷ୍ଟ ଶତନୁ ଶତପଥି, ରାଷ୍ଟ୍ରୀୟ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ରଜନୀଶ ମିଶ୍ର, ଜିଲା କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକ, ଓୟୁଓଟିର ବିଶେଷଜ୍ଞ ପ୍ରଭାତ ପ୍ରଧାନ, ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଚାଷୀମାନେ କମ୍ ପାଣିରେ କିପରି ଚାଷ କରି ଲାଭବାନ ହୋଇପାରିବେ ସେ ନେଇ ଅତିଥିମାନେ ବୁଝାଇଥିଲେ। ଏହି କର୍ମଶାଳାରେ ବହୁ ଚାଷୀ, ଛାତ୍ରୀଛାତ୍ର ଓ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ ।

# ଫଟୋଗ୍ରାଫି ପ୍ରଶିକ୍ଷଣ ଶିବିର

**ପାଇକମାଲ/ ପଦ୍ମପୁର, ୨୩।୧୦ (ଡି.ଏନ.ଏ):** ପଦ୍ମପୁରର ଏକ ହୋଟେଲରେ ବୁଧବାର ପଦ୍ମପୁର ରାଜବୋଡାସମ୍ବର ଫଟୋଗ୍ରାଫି ସଂଘର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏକ ପ୍ରତିଷ୍ଠିତ କମ୍ପାନୀର ଡି. କେ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଫଟୋଗ୍ରାଫର ମାନଙ୍କୁ ଫଟୋଗ୍ରାଫି ଉପରେ ପ୍ରଶିକ୍ଷଣ ଦେଇଥିଲେ। ସଂଘ ସଭାପତି ସୁବାସ ଚନ୍ଦ୍ର ଚୋପଦାର, ତ୍ରିବିକ୍ରମ ପ୍ରଧାନ, ରାଜେଶ ସାହୁ, ସୁଧାଂଶୁ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଖରିଫ ଋତୁ ଧାନ ଅମଳ ଆରମ୍ଭ



ଚାଷୀ ଧାନ ଅମଳ କରି ଖଳାକୁ ଆଣୁଛନ୍ତି ।

**ଅତାବିରା, ୨୩।୧୦ (ଡି.ଏନ.ଏ)**

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ଓ ଭେଡେନ ବ୍ଲକର କେତେକ ସ୍ଥାନରେ ଖରିଫ ଧାନ ଅମଳ ଆରମ୍ଭ ହୋଇଗଲାଣି। ଗୁରୁବାର ଦେଶଭଟିଲି ଗ୍ରାମରେ ଧାନ ଅମଳ ଆରମ୍ଭ ହୋଇଛି। ଗ୍ରାମର ସନ୍ତୋଷ ଭୁଏଙ୍କ ୨ ଏକର ହୀରା ଧାନ ଫସଲରେ ରୋଗପୋକ ଲାଗି କ୍ଷୟକ୍ଷତି ହୋଇଥିଲା। ସେ ଶ୍ରମିକ ଲଗାଇ ପାଚିଲା ଧାନକୁ ଅମଳ କରି ଖଳାକୁ ଆଣିଛନ୍ତି। ଏପର୍ଯ୍ୟନ୍ତ ମଣ୍ଡି ଖୋଲି ନ ଥିବାରୁ ବାଧ ହୋଇ ଅଣ୍ଡରରେଟରେ ଧାନ ବିକ୍ରି କରିବେ ବୋଲି ସନ୍ତୋଷ କହିଥିଲେ। ପାଚିଲା ଧାନରେ ରୋଗପୋକ ଲାଗୁଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି ।

## ବଢ଼ିଗାଁ ଅଞ୍ଚଳରେ ଗୋରୁଙ୍କୁ ଚଟୁଆଫୁଲା ରୋଗ

**ଜହ୍ନାପଙ୍କ, ୨୩।୧୦ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବଢ଼ିଗାଁ ପ୍ରାଣୀ ଚିକିତ୍ସାକେନ୍ଦ୍ର ଅଧୀନ ଇଚ୍ଛାପୁର, ଲମ୍ବକାନୀ, ପୁଢ଼ିଆକୁଡ଼ା, ଡାଙ୍ଗପଡା, ଗିରାସିଙ୍ଗା, ଓଲଣ୍ଡା, ନକୁଆନାଳୀ ଅଞ୍ଚଳରେ ଗାଈଗୋରୁଙ୍କୁ ଚଟୁଆଫୁଲା ରୋଗ ହେଉଛି । ଫଳରେ କେତେକ ବାଛୁରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ କେତେକ ଆକ୍ରାନ୍ତ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଢ଼ିଗାଁ ପ୍ରାଣୀ ନିରୀକ୍ଷକ ତ୍ରିଲୋଚନ ରଥଙ୍କୁ ଯୋଗାଯୋଗ କରିବାରୁ ତିନି ମାସରୁ ଊର୍ଦ୍ଧ୍ୱ ବାଛୁରୀଙ୍କୁ ଭେକସିନ ଦିଆଯାଇଥିଲା। ଯେଉଁମାନଙ୍କୁ ତିନି ମାସ ପୂରି ନ ଥିଲା ସେମାନେ ଏବେ ବଡ ହେଲାପରେ ଏହି ରୋଗ ଦେଖାଦେଇଛି। ମୁଁ ମର୍ଜାକୁଦ ଓ ବଢ଼ିଗାଁ ଦାୟୀତ୍ୱରେ ଥିବାରୁ ମୋତେ ଅଧିକ କାର୍ଯ୍ୟଭାର ହେତୁ ମୁଁ ସବୁ ସମୟରେ ଉପସ୍ଥିତ ହେବା ସମ୍ଭବ ହେଉନାହିଁ ବୋଲି କହିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଗଣ୍ଡତୁରୁମ, ୨୩।୧୦ (ଡି.ଏନ.ଏ)**

ଭେଡେନ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗଣ୍ଡତୁରୁମ ନୋଡାଲ ହାଇସ୍କୁଲ ଖେଳ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଇଓ ମଚ୍ଛିନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଭେଡେନ ଜନତା ହାଇସ୍କୁଲର ପ୍ରଧାନଶିକ୍ଷକ ରମଣୀରଞ୍ଜନ ରାଉତ, ଅବସରପ୍ରାପ୍ତ ଖେଳ ଶିକ୍ଷକ ରାଧେଶ୍ୟାମ ପଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜାଣ୍ଡୋଲ ହାଇସ୍କୁଲର ଖେଳ ଶିକ୍ଷକ ରାଜକୁମାର ନାଏକ ଅତିଥି ପରିଚୟ ଏବଂ ତେନ୍ତୁଲିଟିକ୍ରା ହାଇସ୍କୁଲର ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ୨୪ଟି ହାଇସ୍କୁଲର ଜୁନିୟର ଓ ସିନିୟର ବିଭାଗରେ ୧୦୮ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ତେବେ ପ୍ରତିଯୋଗିତାରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଥିଲା। ଫଳରେ ଅନେକ ପ୍ରତିଯୋଗୀ ଅଂଶଗ୍ରହଣ ନ କରି ନିରାଶରେ ଫେରିଯାଇଥିଲେ। ଏ ସମ୍ପର୍କରେ ବିଇଓ ମଲ୍ଲିକଙ୍କୁ ପଚାରିବାରୁ ଏଥରକ ଏହି ପ୍ରତିଯୋଗିତା ଏଠାରେ ନୂଆ କରି ଆରମ୍ଭ ହୋଇଛି । ତେଣୁ ଏହି ଅସୁବିଧା ଦେଖାଦେଇଛି । ମୁଁ ଅନ୍ୟ କାମରେ ବ୍ୟସ୍ତ ରହିବାରୁ ଉଚିତ ସମୟରେ ପହଞ୍ଚି ପାରିଲି ନାହିଁ । ସେଥିପାଇଁ ମୁଁ ଦୁଃଖିତ ବୋଲି ବିଇଓ ମଲ୍ଲିକ କହିଥିଲେ ।



ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ।

# ପର୍ବତାରୋହୀ ଲିପିକାଙ୍କୁ ସମ୍ବର୍ଦ୍ଧନା

**ଅତାବିରା, ୨୩।୧୦ (ଡି.ଏନ.ଏ)**

ଋଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ ସଫଳତାର ସହ ଆରୋହଣ କରି ଘରକୁ ଫେରିବା ପରେ ବିଭିନ୍ନ ଅନୁଷ୍ଠାନ, ପ୍ରଶାସନ ତରଫରୁ ପର୍ବତାରୋହୀ ଲିପିକା ସେଟଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ବଲାଙ୍ଗୀର ଆଦିତ୍ୟ ବିର୍ଲା ସନଲାଇଫ୍ ଇନସ୍ୟୁରାନ୍ସ ତରଫରୁ ଲିପିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବରଗଡ ଜିଲା ଭେଡେନ ବ୍ଲକ ଡାଲବ ହାଟପଦା ସ୍ଥିତ ଗଜଲକ୍ଷ୍ମୀ ମଣ୍ଡପ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପର୍ବତାରୋହୀ ଲିପିକା ସେଟ, ଆଦିତ୍ୟ ବିର୍ଲାର ମେଘନାଥ ପ୍ରଧାନ, ଉପଦେଷ୍ଟା ସନ୍ତୋଷିନୀ ସାହୁ, ଭୀମସେନ ମହାପାତ୍ର, କାଦୋବାହାଲ ଚମ୍ପେଶ୍ୱରୀ ସ୍ପୋର୍ଟିଂ ଆସୋସିଏଶନର ସୁନୀଲ ସିଂ, ଦେବେନ୍ଦ୍ର ମହାପାତ୍ର, ବିଦ୍ୟାଧର ସାହୁ, ଉଜ୍ଜଳ ସେଟ, ଗୌରୀ ସେଟଙ୍କ ସମେତ ଲିପିକାଙ୍କ ପିତା ଲକ୍ଷ୍ମଣ ସେଟ, ମା' ଅନସୂୟା ସେଟ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବରରେ କମ୍ପାନୀ ତରଫରୁ ଲିପିକାଙ୍କ ନାମରେ ବୀମା କରିବା ପାଇଁ ଘୋଷଣା କରାଯାଇଥିଲା ।





ପର୍ବତାରୋହୀ ଲିପିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ସମଲେଶ୍ୱରୀ ହାଇସ୍କୁଲ: ଆଲୋଚନା ବିଫଳ, ଆନ୍ଦୋଳନ ଜାରି

**ଘଣ୍ଟାପଡା,୨୩।୧୦(ଡି.ଏନ.ଏ.)**

ଶିକ୍ଷକ ପଦବୀ ପୂରଣ ଦାବିରେ କଣ୍ଟାମାଳ ବ୍ଲକ ଘଣ୍ଟାପଡା ହାଇସ୍କୁଲରେ ତାଲାବନ୍ଦ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଛାତ୍ରୀଛାତ୍ର ଏବଂ ଅବିଭାବକ ଗେଟରେ ତାଲା ପକାଇ ବସି ରହିଛନ୍ତି। ସମସ୍ୟାର ସମାଧାନ ନ ହେବା ଯାଏ ତାଲଶ ଖୋଲାଯିବ ନାହିଁ ବୋଲି ସେମାନେ ଅଡିବସିଛନ୍ତି। ବୁଧବାର ପୂର୍ବାହ୍ନରେ କଣ୍ଟାମାଳ ଆଇଆଇସି ଶୁଶାନ୍ତ କୁମାର ସେଠୀ ଘଟଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ଅପରାହ୍ନରେ ବୌଦ୍ଧ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ, କଣ୍ଟାମାଳ ବିଇଓ ଦଶରଥ ମେହେର ଏବଂ ଲିପିକ ଶଙ୍କର ମହାନନ୍ଦ ପ୍ରମୁଖ ପହଞ୍ଚି ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ତାଲା ଖୋଲିବାକୁ ଅଧିକାରୀମାନେ କହିଥିଲେ। କିନ୍ତୁ ବିଜ୍ଞାନ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକମାନେ କହିଥିଲେ। ତେବେ ଗୁରୁବାର ସୁଦ୍ଧା ବିଜ୍ଞାନ ଶିକ୍ଷକ ଦେବା ପାଇଁ ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।



ଜିଲା ଶିକ୍ଷାଧିକାରୀ ଅଭିଭାବକଙ୍କ ସହିତ ଆଲୋଚନା କରୁଛନ୍ତି ।

# ବିଦ୍ୟାଳୟ ହିଁ ଶିକ୍ଷାର ମୂଳ ଆଧାର

**ଅମ୍ବାଭୋନା, ୨୩।୧୦ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକର ସୀମାନ୍ତ ବଡଧରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ ସୁରଭି- ୨୦୧୯ ଗ୍ରାମର ଯୁବ ଗୌନ୍ତିଆ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦଘାଟିତ ହୋଇଛି। ରୁଚିଦା ସାଧନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ରାଜକୁମାର ବଘେଲ ଅଧକ୍ଷତା କରିଥିଲେ। ଅମ୍ବାଭୋନା ବିଇଓ ଟେମଲାଲ ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ସରପଞ୍ଚ ଅନନ୍ତରାମ ସାହୁ, ଗୌନ୍ତିଆ ସୁବାଷ ଚନ୍ଦ୍ର ପଧାନ, ସହକାରୀ ଶିକ୍ଷକ ଜଳନ୍ଧର ପଧାନ, ଯୋଗେଶ ଚନ୍ଦ୍ର ପଧାନ, ଦୁର୍ଯ୍ୟୋଧନ କାଲୋ, ଗଗନବିହାରୀ ପ୍ରଧାନ, ପ୍ରେମଜିତ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଉତ୍ତମ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଦଣ୍ଡମୁକ୍ତ ବିଦ୍ୟାଳୟ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ପୁରନ୍ଦର ଦାଶ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଗୀତର ଆସର ଜମିଥିଲା।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ବୌଦ୍ଧ ରୋଟାରୀ କ୍ଲବ ଅଧିଷ୍ଠାନ ଦିବସ

**ବୌଦ୍ଧ,୨୩।୧୦(ସ୍ୱ.ପ୍ର)**

ବୌଦ୍ଧ ରୋଟିରି କ୍ଲବର ଅଧିଷ୍ଠାନ ଦିବସ ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରୋଟାରିଆନ ସଞ୍ଜୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲା ଗଭର୍ନର ଦେବାଶିଷ ତ୍ରିପାଠୀ ମୁଖ୍ୟଅତିଥି, ଲଲାଟେନ୍ଦୁ ଦାଶ, ପ୍ରଭୁ ସୁବୁଦ୍ଧି, ବିଜୟ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଜିଲାର ବିକାଶ ପାଇଁ ରୋଟାରୀ କ୍ଲବ ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରକାଶ କରିଥିଲେ । ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଉପ ଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ ଯୋଗଦେଇ ରୋଟାରୀ କ୍ଲବ ବୌଦ୍ଧର ସମାଜସେବା ମାଧ୍ୟମରେ ଜିଲାର ଲୋକମାନେ ଉପକୃତ ହେଉଥିବା କହିଥିଲେ । କ୍ଲବର ନୂତନ ସଭାପତି ଭାବେ ବିପ୍ରଚରଣ ମହାନ୍ତି ଓ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା ମନୋନିତ ହୋଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀ ନାରାୟଣ ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ସମାଜସେବୀ ଭାବେ ବୌଦ୍ଧର ଦେବାଶିଷ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ କୁମାର ସାହୁ, ସୁଜ୍ଞାନ ପାତ୍ର ସହଯୋଗ କରିଥିଲେ।

### ୩୫ ବର୍ଷରେ କୁଚିପାଲି କାଳୀପୂଜା

# ୨୧ଖଣ୍ଡି ଧାନରେ ପ୍ରସ୍ତୁତ ଯୁଗାର ମୁଖ୍ୟ ଆକର୍ଷଣ



କୁଚିପାଲି କାଳୀପୂଜା ପାଇଁ ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର ।

**ଘେଁସ,୨୩।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ଅନ୍ତର୍ଗତ କୁଚିପାଲି କାଳୀପୂଜା ଯୁଗାର ଯାତ୍ରା ପାଇଁ କୁଚିପାଲି ସମେତ ଆଖପାଖ ଗାଁ ଗୁଡିକ ଚଳଚଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ଯୁଗାର ଯାତ୍ରା ମହୋତ୍ସବ ୩୫ ବର୍ଷରେ ପଦାର୍ପଣ କରିଛି। ଆସନ୍ତା ୨୭ ତାରିଖରୁ ତିନି ଦିନ ବ୍ୟାପୀ ଏହା ଅନୁଷ୍ଠିତ ହେବ। ମୂର୍ତ୍ତି ସହିତ ୫୦ ଫୁଟ ଉଚ୍ଚ ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଧୁନିକ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ କୁଚିପାଲି ଝଲସି ଉଠିବ। ଆସନ୍ତା ରବିବାର ଶକ୍ତିପୀଠ ବାଟତେର୍ମାରୁ କଳସ ଶୋଭାଯାତ୍ରା, ସୋମବାର ମହାଦୀପ ପ୍ରଜ୍ୱଳନ, ଦେବୀଙ୍କ ମହାସ୍ନାନ, ମଙ୍ଗଳବାର ଜୁଗାର ଯାତ୍ରା, ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨୧ ତାମ୍ବି ଧାନର ଖଇରେ ପ୍ରସ୍ତୁତ ଜୁଗାର ମୁଖ୍ୟ ଆକର୍ଷଣ ହେବ। ପଣ୍ଡିତ ଗୌରୀଶଙ୍କର ଦେବତାଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ହେବ। ପବିତ୍ର ବେହେରା ଓ ତାଙ୍କ ସ୍ତ୍ରୀ ସୀମା ବେହେରା କର୍ତ୍ତା ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ଲୋକସଭ୍ୟତା ଓ ସଂସ୍କୃତିକୁ ଏହି କାଳୀପୂଜା ଯୁଗାର ଯାତ୍ରା ମାଧ୍ୟମରେ ବଜାୟ ରଖିଛନ୍ତି କୁଚିପାଲି ବାସିନ୍ଦା। ଗାଁର ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ, ଧନୀ ଓ ଗରିବ ସମସ୍ତ ବ୍ୟକ୍ତି ବିଶେଷ କାଳୀପୂଜାରେ ସକ୍ରିୟ ଭୂମିକା ନିର୍ବାହ କରିବା ଅନେକତା ଭିତରେ ଏକତାର ପରିଚୟ ସୃଷ୍ଟି କରିପାରିଛି।

**ଏମାନେ ଯାହା କୁହନ୍ତି...**



କୁଚିପାଲି ଅଞ୍ଚଳବାସୀଙ୍କ ଆନ୍ତରିକ ସହଯୋଗ ପାଇ ଚଳିତ ବର୍ଷ ମଧ୍ୟ ମାଁ କାଳୀଙ୍କ ପୂଜା ପ୍ରସ୍ତୁତି ଆରମ୍ଭ କରିଛୁ। ଶକ୍ତିସ୍ୱରୁପୀଣୀ ମା କାଳୀଙ୍କ କରୁଣାରୁ ପୂଜ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ବୋଲି ଆଶା ରଖିଛି।

**-କୃଷ୍ଣଚନ୍ଦ୍ର ପଣ୍ଡା, ସଭାପତି, ପୂଜା କମିଟି**



ଚଳିତବର୍ଷ ମା' କାଳୀଙ୍କ ପୂଜାର୍ଚ୍ଚନା ବିଧିପୂର୍ବକ କରାଯିବ ବୋଲି ଯୋଜନା ରହିଛି । ଏଥିପାଇଁ ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପୂଜାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ମାଁଙ୍କ କରୁଣା ଲାଭ କରିବେ ।

**-ଅଶ୍ୱିନୀ କୁମାର ପ୍ରଧାନ, କୋଷାଧକ୍ଷ, ପୂଜା କମିଟି**



ମୁଁ ମୁସଲିମ ସମ୍ପ୍ରଦାୟର । ହେଲେ ମଧ୍ୟ ହିନ୍ଦୁ ଭାଇଙ୍କ ସହିତ ମିଶି ମା କାଳୀଙ୍କ ପୂଜାକାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରି ଆସୁଛି । ମା' କାଳୀଙ୍କ ଅପାର କରୁଣାରୁ ଘେଁସ ଅଞ୍ଚଳରେ ଆମ ଭିତରେ ଭାଇଚାରା ଓ ଏକତା ଆଜି ବି ବଞ୍ଚି ରହିଛି ।

**-ରସିଦ ଖାଁ, କାର୍ଯ୍ୟକାରୀ କମିଟି ସଦସ୍ୟ**



ମା' କାଳୀଙ୍କ କରୁଣାରୁ ୩୫ ବର୍ଷ ହେଲା ମୋତେ ପୂଜାର୍ଚ୍ଚନାର ସୁଯୋଗ ମିଳିଛି । ମୁ ଏଥର ମଧ ଏହି ସୁଯୋଗ ପାଇଛି । ନିଷ୍ଠାର ସହିତ ମା'ଙ୍କ ପୂଜାର୍ଚ୍ଚନା କରାଯିବ।

**-ଲୋକେଶ୍ୱର ସିଂ ବରିହା, ଗାଁ କମିଟି ସଭାପତି**

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୨୪ ଅକ୍ଟୋବର, ୨୦୧୯



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

**ଅମରପାଲି, ୨୩।୧୦ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଜନଶୁଣାଣି ଶିବିର ସ୍ଥାନୀୟ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୁବର୍ଣ୍ଣପୁର ଉପଜିଲାପାଳ ତଥା ନୋଡାଲ ଅଫିସର ବଳରାମ ମଲ୍ଲିକ ଅଧକ୍ଷତା କରିଥିଲେ। ଜିଲାପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଦେ ଗାୟତ୍ରୀ ପାଣିଗ୍ରାହୀ ଉପସ୍ଥିତ ରହି ଏମ୍‌ଜିଏନଆରଇଜିଏସର କାର୍ଯ୍ୟକାରିତା ଉପରେ ମତପୋଷଣ କରିଥିଲେ। ଆଗାମୀ ଦିନରେ କିପରି ସମସ୍ତ ଜବକାର୍ଡଧାରୀ ୧୦୦ ଦିନର କାର୍ଯ୍ୟ ପାଇବେ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକର ୧୭ଟି ପରିବାରକୁ ୧୦୦ ଦିନର କାମ ମିଳିଛି ବୋଲି ସୂଚନା ଦିଆଯାଇଥିଲା। ବିଡିଓ ନିରଞ୍ଜନ ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଭାରେ ବ୍ଲକସ୍ତରୀୟ ଅଧିକାରୀ, ଭିଆରପି, ଜନଶୁଣାଣୀ କମିଟିର ସଦସ୍ୟ, ବୁଦ୍ଧିଜୀବୀ, ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସମିତ ମହାକୁର ତଥ୍ୟ ମାଧମରେ ଏବଂ ନୂତନ ପ୍ରକଳ୍ପ ବାବଦରେ ସମ୍ୟକ ଧାରଣା ଦେଇଥିଲେ।

### ମରାମତି ହେଲାନି ଅଙ୍ଗନଦୀ ସେତୁ ରାସ୍ତା

**ବିନିକା, ୨୩।୧୦(ଡି.ଏନ୍.ଏ.):** ସୋନପୁରରୁ ବିନିକାକୁ ଯୋଡୁଥିବା ସଂସାମୁରା ନିକଟବର୍ତ୍ତୀ ଦେଢକିମି ଅଙ୍ଗନଦୀ ସେତୁ ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହାର ଦୀର୍ଘଦିନ ଧରି ମରାମତି ନ ହେବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗତ ଅଗଷ୍ଟ ୩ ତାରିଖରେ ଗଣମାଧମ ପ୍ରତିନିଧି ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ମୋନୀଷା ବାନାର୍ଜୀ ସେତୁର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ପ୍ରତିଶୃତି ଦେଇଥିଲେ। ଇତିମଧରେ ଦୁଇମାସ ବିତିଗଲାଣି। ହେଲେ ସେତୁ ରାସ୍ତାର ମରାମତି କାମ ଏଯାଏଁ ହୋଇନାହିଁ। ଫଳରେ ସୋନପୁର-ବିନିକା ମଧରେ ଯାତ୍ରୀମାନେ ଖାଲଖମା ରାସ୍ତାରେ ଯାତାୟାତ କରୁଛନ୍ତି। ବ୍ରିଜ୍ ନିକଟସ୍ଥ ଧଉଁରାଖମନ ଟୋଲ୍ ଗେଟ୍‌ରୁ ବିପୁଳ ରାଜସ୍ୱ ଆଦାୟ ହେଉଛି। ହେଲେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଏହି ରାସ୍ତାର ନିର୍ମାଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ୨୦୦୯ ବ୍ୟାଚ ଯୁକ୍ତଦୁଇ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଅମରପାଲି, ୨୩।୧୦ (ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଛୁଣୀ ପଞ୍ଚାୟତର ଭୁଡିଆପାଲି ପରମେଶ୍ୱରୀ କଲେଜର ୨୦୦୯ ବ୍ୟାଚ ଯୁକ୍ତଦୁଇ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ତାଙ୍କ ପରିବାର ସହିତ ଯୋଗଦେଇଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୁରାତନ ଛାତ୍ରୀଛାତ୍ର ପୁରୁଣା ଦିନର ସ୍ମୃତି ମନେପକାଇଥିବା ସହିତ ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ସୁନୀଲ କୁମାର ପଧାନ, ଅରୁନ୍ଧତୀ ସାହୁ, ଆକାଶ କୁମାର ସାହୁ, ବାଳଗୋପାଳ ହୋତା, ରଶ୍ମିତା ସାହୁ, ରୁପମ ବିଶ୍ୱାଳ, କିଶୋର ପଧାନ, ଅଜିତ ଖଣ୍ଡଗିରି ପ୍ରମୁଖ ମତପ୍ରକାଶ କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ସୋନପୁର ରାଜପ୍ରାସାଦ

**ସୋନପୁର, ୨୩।୧୦(ନି.ପ୍ର.)**

ମହାନଦୀ କୂଳରେ ଥିବା ସୋନପୁର ରାଜପ୍ରାସାଦ ରକ୍ଷଣାବେକ୍ଷଣ ଅଭାବରୁ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛି। ପ୍ରତିଦିନ ଏହି ଅଟ୍ଟାଳିକାରୁ ଇଟା ଓ କଂକ୍ରିଟ୍ ଖଣ୍ଡ ଖସୁଛି। ସରକାର ଏହି ଐତିହାସିକ କୀର୍ତ୍ତିରାଜିକୁ ଧ୍ୱଂସ ମୁହଁରୁ ରକ୍ଷା କରିବା ପାଇଁ କୌଣସି ଉଦ୍ୟମ କଲେନି। କେତେବେଳେ ଯେ ଏହା ଭୁଶୁଡି ପଡିବ ଓ ମୂଲ୍ୟବାନ ଜୀବନହାନୀ ଘଟିବ କହିହେବ ନାହିଁ। ସହରର ଗଡଭିତରବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମଙ୍ଗଳବାର ରାଜପ୍ରାସାଦର ମୁଖଶାଳାରୁ ଏକ ବିରାଟ ଅଂଶ ଭାଙ୍ଗି ତଳେ ପଡିଥିଲା। ସୌଭାଗ୍ୟକ୍ରମେ ସେତେବେଳେ ତଳେ କେହି ନଥିଲେ। ଭଗ୍ନ ପ୍ରାସାଦ ପାର୍ଶ୍ୱରେ ଏକ ଦୁର୍ଗା ମନ୍ଦିର ଅଛି। ସମ୍ମୁଖରେ ଗୋପାଳଜୀ ମନ୍ଦିର ରହିଛି। ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଦେବୀ ଦୁର୍ଗା ଓ ଗୋପାଳଜୀ ଠାକୁରଙ୍କୁ ଦର୍ଶନ କରିବାକୁ ଆସୁଛନ୍ତି। ସେହିପରି ନଭେମ୍ବର ୧୨ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗୋପାଳଜୀ ମନ୍ଦିର ପରିସରରେ ୫୧୧୫ତମ ନିମ୍ବାର୍କ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରାୟ ୩୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେବେ। ତେଣୁ କୌଣସି ଅଘଟଣ ପୂର୍ବରୁ ଅସୁରକ୍ଷିତ ଅବସ୍ଥାରେ ଥିବା ରାଜପ୍ରାସାଦର କୋଠାକୁ ପ୍ରଶାସନ ଭାଙ୍ଗିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଦୁର୍ଗା ମନ୍ଦିର ପରିଚାଳନା କମିଟି ଓ ବଡ ଗୋପାଳଜୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିଳିତ ଭାବେ ଏକ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ଜିଲା ପ୍ରଶାସନ ସର୍ଭେ କରି ରାଜପ୍ରାସାଦକୁ ଅସୁରକ୍ଷିତ ଘୋଷଣା କରିବା ସହିତ ଭାଙ୍ଗିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।



ଅସୁରକ୍ଷିତ ଅବସ୍ଥାରେ ଥିବା ରାଜପ୍ରାସାଦର ମୁଖଶାଳା।

### ଭାଙ୍ଗିବାକୁ ଦାବି କଲେ ଗଡଭିତର ବାସୀ

ଗୁରୁବାର ମନ୍ଦିର କମିଟି ଜିଲାପାଳ ତଥା ମ୍ୟୁନିସିପାଲିଟିର ପ୍ରଶାସନିକ ଅଧିକାରୀ ମୋନିଷା ବାନାର୍ଜୀଙ୍କୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସୂଚନା ପ୍ରଦାନ କରିଥିଲେ। ଦୁର୍ଗାମନ୍ଦିର ପରିଚାଳନା କମିଟିର ସଭାପତି ବିଦ୍ୟୁଭୂଷଣ ପାଣିଗ୍ରାହୀ, ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବଂଶୀଧର ମହାପାତ୍ର, ରାମନାରାୟଣ ମହାପାତ୍ର, ସୀତାରାମ ପ୍ରସାଦ ମିଶ୍ର, ପ୍ରଦୀପ କୁମାର ହୋତା, କୃପାସିନ୍ଧୁ ପାଣିଗ୍ରାହୀ, ଭିକାରୀ ଚରଣ ପୂଜାରୀ, ଜୟନାରାୟଣ ପୂଜାରୀ, ମଧୁମଙ୍ଗଳ ସାହୁ, ହିମାଂଶୁ ବଡପଣ୍ଡା, ଶୁଭ୍ରାଂଶୁ ଶେଖର ମିଶ୍ର ଓ ପ୍ରବୀଣ ପଟ୍ଟନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଯୁବ ବିଜେଡିର ସାଂଗଠନିକ ସଭାରେ ଯୋଗ ଦେଇଥିବା କର୍ମକର୍ତ୍ତା।

## ବ୍ଲକ ଯୁବ ବିଜେଡିର ସାଙ୍ଗଠନିକ ବୈଠକ

**ଅମରପାଲି, ୨୩।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ଇରିଗେସନ ବଙ୍ଗଳାଠାରେ ବ୍ଲକ ବିଜୁ ଯୁବ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବ ଜନତା ଦଳ ଉପସଭାପତି ରାମେଶ୍ୱର ମହାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଯୁବ ବିଜେଡି ଉପସଭାପତି ମାନଭଞ୍ଜନ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଅଞ୍ଚଳରେ ଦଳୀୟ ସଂଗଠନକୁ ସଦୃଢ଼ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଯୁବ ବିଜେଡି ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ କର୍ମ, ମିଡିଆସେଲ ଆଲୋକ ଦେହୁରୀ, ବ୍ଲକ ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ଚିତ୍ତରଞ୍ଜନ ଦାଶ, ବଜରଙ୍ଗ କ୍ଲବ ସଭାପତି ବିବେକା ପଣ୍ଡାଙ୍କ ସମେତ ଯୁବ ବିଜେଡି କର୍ମୀ ଯୋଗଦେଇଥିଲେ।



ବାଙ୍କିଘିର୍ଡି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପୁରସ୍କୃତ ବିଦ୍ୟାର୍ଥୀ।

## ବାଙ୍କିଘିର୍ଡି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବିନିକା, ୨୩।୧୦(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଙ୍କିଘିର୍ଡି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆର୍‌ସିସି ଆର୍ତ୍ତତ୍ରାଣ ପଶାୟତଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ଧନ୍ୱନ୍ତରୀ ବିଶିଙ୍କ ତତ୍ତ୍ୱାବଧାନ ଓ ବାଙ୍କିଘିର୍ଡି କ୍ଲଷ୍ଟରର ପୂର୍ବତନ ସିଆରସିସି ବାସୁଦେବ ପାଣିଗ୍ରାହୀଙ୍କ ପରିଚାଳନାରେ ସୁରଭି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମାନସ କୁମାର ବେହେରା ଯୋଗଦାନ କରିଥିଲେ। କ୍ଲଷ୍ଟର ଅନ୍ତର୍ଗତ ୧୧ଟି ସ୍କୁଲର ୧୫୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ପାଇଁ ଚିତ୍ରାଙ୍କନ, ଶୃତ ଲିଖନ, ସୁନ୍ଦର ହସ୍ତାକ୍ଷର, ବକ୍ତୃତା, ପ୍ରବନ୍ଧ ରଚନା, ଚିତ୍ରକଳା, କ୍ୱିଜ୍ ଓ ନୃତ୍ୟ ଗୀତ ଆଦି ବିଭାଗକୁ ନେଇ ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନରେ ହିମାଂଶୁ ଶେଖର ଧରୁଆ ଓ ପ୍ରଦୀପ୍ତ କର୍ମୀ, ଶ୍ରୁତି ଲିଖନରେ ସୁମୀ କୁଦେଇ ଓ ପ୍ରତିଭା କର୍ଣ୍ଣ, ସୁନ୍ଦର ହସ୍ତାକ୍ଷରରେ ଅଙ୍କିତା ଭରାସାଗର, ବକ୍ତୃତାରେ ସୋନିଆ ଭୂଏ, ରଚନାରେ ସନ୍ତୋଷ ଚାଉଁର, ଚିତ୍ରକଳାରେ ଉମାଶଙ୍କର ମହାକୁର ଓ ଅଭିଜିତ୍ ଭରାସାଗର, କ୍ୱିଜ୍‌ରେ ଜ୍ୟୋତି ନାଏକ ଓ ଅମିଷା ପୁଟେଲ, ନୃତ୍ୟଗୀତରେ ସ୍ମୃତିମୟୀ ସେଠ୍ ଓ ଭକ୍ତି ଦନ୍ତା କୃତିତ୍ୱ ହାସଲ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ଅରୁଣ ଭୂଏ, ନିରନ ଭୂଏ, ଚନ୍ଦ୍ରଚୂଡ ମହାନନ୍ଦ, ସ୍ୱେଚ୍ଛାସେବୀ ଶିକ୍ଷକ ଗୋପୀନାଥ ମହାକୁର ଓ ଅରିଗାଁ ସ୍କୁଲ କମିଟି ସଭାପତି ବିକାଶ କର୍ମୀ ଓ ମନବୋଧ ପଧାନ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ କ୍ଲଷ୍ଟର ସିଆର୍‌ସିସି ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରଡିହ ପଟ୍ଟା ପାଇଁ ଭୂମିହୀନ ଜିଲାପାଳଙ୍କ ଦ୍ୱାରସ୍ଥ

**ସୋନପୁର, ୨୩।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖରଝୁରା ଗ୍ରାମର ନୂଆବସ୍ତି ଓ ବାଘପାଲିର ସରକାରୀ ଜମିରେ ଦୀର୍ଘ ବର୍ଷ ଧରି ରହି ଆସୁଥିବା ଭୂମିହୀନ ପରିବାରଗୁଡିକୁ ଘରଡିହ ପଟ୍ଟା ମିଳୁନି। ଫଳରେ ସେମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରାୟ ୧୪୦ ପରିବାର ସରକାରୀ ଜମିରେ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ ସମୟ ହେବ ବସବାସ କରୁଛନ୍ତି। ଗତ ଫେବୃୟାରୀ ୪ତାରିଖରେ ଘରର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। ତତ୍କାଳୀନ ଜିଲାପାଳ ୭ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେବେ ଦୀର୍ଘ ୮ ମାସ ବିତି ଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ବୁଧବାର ଖରଝୁରା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଶଙ୍କର ଦାଶଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଘରଡିହ ପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସର୍ଭେ କରି ଶିଘ୍ର ଏ ବାବଦରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ବାନାର୍ଜୀ ପ୍ରତିଶୃତି ଦେଇଥିଲେ। ବରୁଣ ସୁନା, ଲଳିତା ମେହେର, ସୁଚିତ୍ରା ଗୁରୁ, ସବିତା ସାହୁ, ଲକ୍ଷ୍ମୀ ମେହର, ବାସନ୍ତୀ ମେହେର, ରାଜେନ୍ଦ୍ର ମେହେର, ଗାୟତ୍ରୀ ଦାଶ, ସୁକାନ୍ତୀ ମେହେର ଓ ତ୍ରିପୁରା ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



ନୂଆବସ୍ତି ଓ ବାଘପାଲିର ମହିଳାମାନେ ବୁଧବାର ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ବୈଠକ

**ଉଲୁଣ୍ଡା, ୨୩।୧୦(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ବ୍ଲକସ୍ତରୀୟ ଏମଜିଏନଆରଇଜିଏସ ଓ ଜାତୀୟ ସାମାଜିକ ସହାୟତା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏପିଓ ପ୍ରଦ୍ୟୁମ୍ନ ସାହୁଙ୍କ ସଂଯୋଜନା ଓ ବିଡିଓ ନୀଳାମ୍ବର ମହାନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ଜବକାର୍ଡଧାରୀ ତଥା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା, ଡେପୁଟି କଲେକ୍ଟର ସୂର୍ଯ୍ୟାଂଶୁ ରୁତ, ଏବିଡିଓ ପଞ୍ଚାନନ ମେହେର ପ୍ରମୁଖ ଯୋଗଦେଇ ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ତେବେ ବ୍ଲକରେ ୨୨୪୬୯ ଜଣ ଜବକାର୍ଡ ହିତାଧିକାରୀ ଥିବାବେଳେ ୮୧୧୭ ଜଣ କାମ ପାଇଁ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୭୩୦୧ ପରିବାରଙ୍କୁ ପ୍ରଶାସନ ତରଫରୁ କାମ ଯୋଗାଇ ଦିଆଯାଇଥିଲା। ବିଶେଷକରି ଉଦ୍ୟାନ କୃଷି ବିଭାଗ, ବନବିଭାଗ, ପଞ୍ଚାୟତିରାଜ ବିଭାଗ ଓ ସାମାଜିକ ସୁରକ୍ଷା କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଣ୍ଠିରୁ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।




ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷାରେ ମଞ୍ଚାସୀନ ଅଧିକାରୀ।

### ଓଡ଼ିଶା ଭୂତଳ ଜଳ (ନିୟନ୍ତ୍ରଣ, ବିକାଶ ଓ ପରିଚାଳନା) ବିଲ୍-୨୦୧୧କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଓଡ଼ିଶା ଭୂତଳ ଜଳ(ନିୟନ୍ତ୍ରଣ, ବିକାଶ ଓ ପରିଚାଳନା)ବିଲ୍ -୨୦୧୧କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ମିଳିଛି। ଚଳିତ ମାସ ୫ତାରିଖରେ ଏହାକୁ ଅନୁମୋଦନ କରାଯାଇଥିଲା। ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ବୁଧବାର ଗଣମାଧମକୁ ଏ ନେଇ ଅବଗତ କରାଯାଇଛି। ୨୦୧୨ ଡିସେମ୍ବର ୫ରେ ଏହି ବିଲ୍‌ଟି ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିଲା। ଏଥିସହିତ ପରବର୍ତ୍ତୀ ସମୟରେ ପୁନର୍ବିଚାର କରାଯିବା ସହ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୦୧ରେ ଚଳିତ ବର୍ଷ ସେପ୍ଟେମ୍ବର ୧୮ରେ ଆବ୍ୟଶକ ସଂଶୋଧନ କରାଯାଇଥିଲା।

ବୀରମହାରାଜପୁର ବ୍ଲକସ୍ତରୀୟ ଆଥଲେଟିକ ମିଟ୍

## ୩୮ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

**ଅମରପାଲି, ୨୩।୧୦ (ଡି.ଏନ.ଏ.)**

ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଆଥେଲେଟିକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ଗୋଷ୍ଠୀ କ୍ରୀଡା ସମ୍ପାଦକ ବାଳଗୋପାଳ ମହାପାତ୍ର, ଜଟେସିଂହା ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିପୁରାରୀ ରଥ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉକ୍ତ ଆଥେଲେଟିକ ମିଟକୁ ଉଦ୍‌ଘାଟନ କରିଥିଲେ। ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗ ଏବଂ ବାଳିକା ଓ ବାଳକ ବର୍ଗରେ ୧୦୦, ୨୦୦, ୪୦୦ ରିଲେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ୧୭ ବର୍ଷରୁ କମ୍ ବାଳିକା ବିଭାଗ ୧୦୦ ମିଟର ଦୌଡରେ ସୁଷମା ମେହେର, ୧୪ ବର୍ଷରୁ କମ୍ ବାଳିକା ବର୍ଗ ୧୦୦ ମିଟର ଦୌଡରେ ପ୍ରକୃତି ପ୍ରତିଲଗ୍ନା ହୋତା, ୧୭ବର୍ଷରୁ କମ ବାଳକ ୧୦୦ ମିଟର ଦୌଡରେ ସଜିତ ମୁଣ୍ଡା, ୨୦୦ ମିଟର ଦୌଡରେ ମିଲୁ ସାହୁ, ୪୦୦ ମିଟର ଦୌଡରେ ଶ୍ରୀରାମ ସେଠୀ, ୧୫୦୦ ମିଟର ଦୌଡରେ କ୍ଷୀରସିନ୍ଧୁ ସାହୁ, ୨ହଜାର ମିଟର ଦୌଡରେ ସଜିତ ମୁଣ୍ଡା, ୧୪ବର୍ଷରୁ କମ ବାଳକ ବର୍ଗର ୧୦୦ ମିଟର ଦୌଡରେ ଅନ୍ୱେଷ ହୋତା, ୨୦୦ ମିଟର ଦୌଡରେ ପ୍ରଭାତ ସାହୁ, ୬୦୦ ମିଟର ଦୌଡରେ ଡିଲେଶ୍ୱର ମହାକୁର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ ଆଥେଲେଟିକ ମିଟରେ ବ୍ଲକର ୧୬ଟି କ୍ଲଷ୍ଟରରୁ ପ୍ରାୟ ୩୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୮ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ଆଥେଲେଟିକ ମିଟ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୫ ଓ ୨୬ ତାରିଖ ବୀରମହାରାଜପୁର ବାଳକ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ସେମାନେ ଅଂଶଗ୍ରହଣ କରିବେ। ଉଦଯାପନୀ ଉତ୍ସବରେ ବୈଦ୍ୟନାଥ କର୍ଣ୍ଣ ଅଧକ୍ଷତା କରିଥିଲେ। ବିଇଓ ଶାନନ୍ତ କୁମ୍ଭକାର ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାଗୁଡିକୁ ବ୍ଲକର ସମସ୍ତ ହାଇସ୍କୁଲର କ୍ରୀଡା ଶିକ୍ଷକ ଓ ସିଆରସିସିମାନେ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିମାନେ ଶିକ୍ଷା ସହିତ କ୍ରୀଡାର ମଧ ଆବଶ୍ୟକତା ରହିଛି ବୋଲି କହିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ଓ ଶାରୀରିକ ସ୍ଫୁର୍ତ୍ତି ପାଇଁ କ୍ରୀଡା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।




ଆଥେଲେଟିକ ମିଟର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସାରର ଉପଯୁକ୍ତ ବ୍ୟବହାର ସମ୍ପର୍କିତ କର୍ମଶାଳା

## ଜୈବିକ ଖତ ବ୍ୟବହାର ଉପରେ ଗୁରୁତ୍ୱ

**ସୋନପୁର, ୨୩।୧୦(ନି.ପ୍ର.)**

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସାରର ଉପଯୁକ୍ତ ବ୍ୟାବାହରକୁ ନେଇ ନୂଆଦିଲ୍ଲୀଠାରେ ପ୍ରଥମ କରି ଆରମ୍ଭ ହୋଇଥିବା ଜନସଚେତନତା କାର୍ଯ୍ୟକ୍ରମର ସିଧା ପ୍ରସାରଣ ସକାଶେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ମୁଖ୍ୟ ଅତିଥିଭାବେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସାରର ଉପଯୁକ୍ତ ବ୍ୟବହାର ନିମନ୍ତେ ଏହି କାର୍ଯ୍ୟକ୍ରମ କୃଷି ଅର୍ଥନୀତିକୁ ଅଧିକ ସୁଦୃଢ କରିପାରିବ ବୋଲି କହିଥିଲେ। ବିଶେଷ କରି କୃଷି କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ମାଟି ପରୀକ୍ଷଣ, ଆବଶ୍ୟକତା ଅନୁଯାୟୀ ସାର ପ୍ରୟୋଗ, ପ୍ରାକୃତିକ ଏବଂ ଜୈବିକ ଖତର ପ୍ରୟୋଗ ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ଓ ଜିଲା କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣପୁର ଭଳି କୃଷି ପ୍ରଧାନ ଜିଲାରେ ଗ୍ରାମୀଣ ଅର୍ଥନୀତିର ବିକାଶ ଓ କୃଷକଙ୍କ ଉନ୍ନତି ପାଇଁ କୃଷି କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ଏକ ବଡ ଆହ୍ୱାନ ବୋଲି ମତପ୍ରକାଶ କରିଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ, ଡୁଙ୍ଗୁରିପାଲି ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ତାରାକାନ୍ତ ପାତ୍ର ଓ ମୃତ୍ତିକା ରସାୟନବିତ୍ ଅନୀଲ ପ୍ରହରାଜ ପ୍ରମୁଖ ଯୋଗଦେଇ ରାସାୟନିକ ସାରର ବ୍ୟବହାର କମାଇ ଜୈବିକ ସାର ବହୁଳ ବ୍ୟବହାର କରିବାକୁ ଉପସ୍ଥିତ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲାର ୪୦୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ପରିସରରେ ଆୟୋଜିତ କୃଷିଭିତ୍ତିକ ଯନ୍ତ୍ରପାତି ପ୍ରଦର୍ଶନୀକୁ ଅତିରିକ୍ତ ଜିଲାପାଳ ପଣ୍ଡା ଉଦ୍‌ଘାଟନ କରିଥିଲେ। କେଭିକେର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁପ୍ରିୟା ସେଠୀ, ଲୋପାମୁଦ୍ରା ରାୟ ଓ ନିହାରକାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଅଂଶଗ୍ରହଣ କଲେ ୩୦୦ ଛାତ୍ରୀଛାତ୍ର



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ୩ ଲକ୍ଷ ଝାମ୍ପି ନେଲେ ଦୁର୍ବୃତ୍ତ

**କଣ୍ଟାବାଞ୍ଜି,୨୩।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାପ୍ତାହିକ ବଜାରସ୍ଥିତ ଏକ ସିମେଣ୍ଟ ଦୋକାନକୁ ବକେୟା ଟଙ୍କା ଦେବାକୁ ଆସିବା ବେଳେ ଦୁଇଜଣ ଦୁର୍ବୃତ୍ତ ବୁଧବାର ଜଣେ ବ୍ୟକ୍ତିଙ୍କଠାରୁ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ସଇଁତଲା ଥାନା ସାନଝରବାହାଲି ଗାଁର ଭୁବନ ଜାଲ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପାଇ ପୋଲିସ ସହରର ସମସ୍ତ ରାସ୍ତାକୁ ସିଲ୍ କରି ତନାଘନା ଚଳାଇଛି। ପୋଲିସ ନିକଟରେ କରାଯାଇଥିବା ଅଭିଯୋଗ ଅନୁସାରେ ସଇଁତଲା ଥାନା ସାନଝରବାହାଲି ଗାଁର ଭୁବନ ଜାଲ ଓ ତେଜୁରାମ ଜାଲ କଣ୍ଟାବାଞ୍ଜି ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଦିନ ୧ଟାରେ ୩ଲକ୍ଷ ଟଙ୍କା ଉଠାଇଥିଲେ। ସେଠାରୁ ଏକ କାର ଯୋଗେ ସାପ୍ତାହିକ ବଜାରକୁ ଯାଇଥିଲେ। ଗାଡିରୁ ଓହ୍ଲାଇ ସେମାନେ ଚାଲିକି ସେଠାରେ ଥିବା ଏକ ସିମେଣ୍ଟ ଦୋକାନ ପାଖକୁ ଯାଇଥିଲେ। ଉକ୍ତ ଦୋକାନରେ ଭୁବନ କିଛି ଟଙ୍କା ପରିଶୋଧ କରିବାର ଥିଲା। ସେତିକିବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଭୁବନ ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇଥିଲେ। ପରେ ସେମାନେ ଦ୍ରୁତଗତିରେ ଗୁଡିଘାଟ ରାସ୍ତାରେ ପଳାଇଥିଲେ।

### ଗୁଡଭେଲା ବ୍ଲକଗୋଷ୍ଠୀ ସ୍ୱାସ୍ଥ୍ୟ: ୧୫୦ କର୍ମଚାରୀ ପାଇନାହାନ୍ତି ୩ ମାସ ଦରମା

**ଗୁଡଭେଲା,୨୩।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ୧୫୦ଜଣ କର୍ମଚାରୀ ୩ ମାସ ହେଲା ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଧରୁଆ ସ୍ୱାସ୍ଥ୍ୟ ଗତ ସମସ୍ୟା ଯୋଗୁ ଛୁଟିରେ ରହିଛନ୍ତି। ତାଙ୍କ ସ୍ଥାନରେ ଡା. ସୂର୍ଯ୍ୟକାନ୍ତ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ତାଙ୍କୁ ଫାଇନସିଆଲ ପାୱାର ଦିଆଯାଇ ନ ଥିବାରୁ ସେ କୌଣସି ଦରମା କିମ୍ବା ଅର୍ଥ କାରବାର କରିପାରୁ ନ ଥିବା କହିଛନ୍ତି। ଅନ୍ୟପକ୍ଷେ କର୍ମଚାରୀମାନେ ୩ ମାସ ହେଲା ଦରମା ପାଇ ନ ଥିବାରୁ ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ଆଗକୁ ଦୀପାବଳି ଥିବା ବେଳେ ବିନା ଦରମାରେ କିପରି ପରିବାର ଲୋକଙ୍କୁ ଖୁସି କରିହେବ ବୋଲି କେତେଜଣ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦୈତାରୀ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କୃଷୀ ବୀମା ପ୍ରଦାନରେ ଅବହେଳା

# ଜୟ କୋଶଲ କୃଷକ ସଙ୍ଗଠନର ଜିଲାପାଳଙ୍କ ଅଫିସ ଘେରାଉ

**ବଲାଙ୍ଗୀର ଅଫିସ,୨୩।୧୦**

ଚାଷୀଙ୍କୁ କୃଷି ବୀମା ପ୍ରଦାନ ସହ ୭ ଦଫା ଦାବିରେ ଜୟ କୋସଲ କୃଷକ ସଂଗଠନ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଗଠନର ଆହ୍ୱାନ କ୍ରମେ ସଂଗଠନର ସମସ୍ତ କର୍ମକର୍ତ୍ତା ଏବଂ ଚାଷୀ ସ୍ଥାନୀୟ କୋସଲ କଳାମଣ୍ଡଳ ନିକଟରେ ଏକାଠି ହୋଇଥିଲେ। ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ସଂଗଠନର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଏହି ଅବସରରେ କୋସଲ ରାଜ୍ୟ ସମନ୍ୱୟ ସମିତି ଅଧ୍ୟକ୍ଷ ପ୍ରମୋଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ କେନ୍ଦ୍ରୀୟ ଅଧ୍ୟକ୍ଷ ମନୋରଞ୍ଜନ ସାହୁ, ଆଦିବାସୀ ନେତା ନିରଞ୍ଜନ ବିଶି, ସଂଯୋଜକ ସରତ ହୋତା, ସାଧାରଣ ସମ୍ପାଦକ ବିଭୁଦତ୍ତ ମିଶ୍ର, ଶିକ୍ଷାବିତ୍ ପ୍ରମୋଦ ବାଗ, ସମିତିର ଜିଲା ସଭାପତି ବିକ୍ରମ ବହିଦାର, ଚିନ୍ତାମଣି ପଟ୍ଟନାୟକ, ରବି ମିଶ୍ର, ବରଗଡର ରମେଶ ମହାପାତ୍ର, ଯୁବନେତା ବନମାଳି ନାଏକ ପ୍ରମୁଖ ଚାଷୀଙ୍କୁ ତୁରନ୍ତ କୃଷି ବୀମା ରାଶି ପ୍ରଦାନ ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷେ ଦାବିପତ୍ର ନେବାରେ ବିଳମ୍ବ ଯୋଗୁ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଅତିରିକ୍ତ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରି ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।





ଜୟ କୋସଲ ସଙ୍ଗଠନ ପକ୍ଷରୁ କୃଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶରେ କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ର ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି (ବାମ)। ସଙ୍ଗଠନର ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

### ଦେଶୀ ମଦ ଜବତ, ୨ ଗିରଫ

**ଗୁଡଭେଲା,୨୩।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ତୁଷୁରା ଅବକାରୀ ବିଭାଗ ବୁଧବାର ବିଭିନ୍ନ ଗ୍ରାମରେ ଚଢାଉ କରିଥିଲା। ଅଧିକାରୀମାନେ ଗୁଡଭେଲା ଗ୍ରାମରେ ଚଢାଉ କରି ବିଧିରାମ ଭୋଇ(୪୦)ଙ୍କ ନିକଟରୁ ୮ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମର ଉପେନ୍ଦ୍ର ପୁଟା(୪୫)ଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏନେଇ ତୁଷୁରା ଅବକାରୀ ବିଭାଗ ୨ଟି ମାମଲା(ନଂ.୫୦/୧୯ ଓ ୫୧/୧୯)ରୁଜୁକରି ଗିରଫ ୨ଜଣଙ୍କୁ ବଲାଙ୍ଗୀର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି। ଚଢାଉରେ ଏଏସ୍‌ଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଶ ଭୋଇ ପ୍ରମୁଖ ସାମିଲ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କମିଟି ସଦସ୍ୟଙ୍କ କ୍ଷେତ୍ର ପରିଦର୍ଶନ

**ଟିଟିଲାଗଡ଼,୨୩।୧୦(ଡି.ଏନ.ଏ.)**

ଟିଟିଲାଗଡ଼ ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କମିଟି ସଦସ୍ୟ ବୁଧବାର ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଯାଞ୍ଚ କରିଥିଲେ। କମିଟି ସଦସ୍ୟ ଶରତ ମିଶ୍ର, ସଞ୍ଜୀବ ପଟ୍ଟନାୟକ, ବ୍ଲକ ଏପିଓ ଲକ୍ଷ୍ମଣ ବୁଡେକ, ଯନ୍ତ୍ରୀ ଅନନ୍ତ ପ୍ରସାଦ ବିଡିକା, ସୋସିଆଲ ଅଡିଟର କୁଶ ସାହୁ ପ୍ରମୁଖ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଭାଲେଗାଁ ଏବଂ ସିଲୁଆଁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଫାଇଲ ଯାଞ୍ଚ କରିଥିଲେ। କମିଟି ସଦସ୍ୟଙ୍କ ଗସ୍ତ ସମୟରେ ଭାଲେଗାଁ ସରପଞ୍ଚ କ୍ରିଷ୍ଣା ବାଗ, ଇଓ ଦୀପ୍ତିରଞ୍ଜନ ପୁଟେଲ, ସିଲୁଆଁ ସରପଞ୍ଚ ଅନିତା କଟା, ଇଓ କ୍ଷୀରୋଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କମିଟି ସଦସ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖୁଛନ୍ତି।

## ଛତୁଆର ମାନ ଯାଞ୍ଚ କଲେ ସିଡିପିଓ

**ଲାଠୋର,୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମର ମା'ଗଜବାହିନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବୁଧବାର ଛତୁଆ ତିଆରି କାର୍ଯ୍ୟକ୍ରମ ହୋଇଥିଲା। ସିଡିପିଓ ପ୍ରମିଳା ମହାନ୍ତି, ସୁପରଭାଇଜର ଅଞ୍ଜଳି ମିଶ୍ର ଓ ସାନ୍ତୁଲା କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଛତୁଆର ମାନ ଯାଞ୍ଚ କରିଥିଲେ। ସରକାରୀ ନିୟମ ଅନୁଯାୟୀ ପ୍ରତିମାସରେ ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଯୋଗାଣ ହେଉଥିବା ଛତୁଆର ମିଶ୍ରଣ କାର୍ଯ୍ୟ ହେଉଛି। ଏହି କ୍ରମରେ ବୁଧବାର ସିଡିପିଓ ଏବଂ ସୁପରଭାଇଜର ଉପସ୍ଥିତ ରହି ଛତୁଆ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀର ମାନ ଯାଞ୍ଚ କରି ୧୦ କୁଇଣ୍ଟାଲ ଛତୁଆ ନିର୍ମାଣ ସାମଗ୍ରୀର ମିଶ୍ରଣ କରାଯାଇଥିଲା। ୩୦ ତାରିଖ ମଧ୍ୟରେ ଛତୁଆ ପ୍ରସ୍ତୁତି କାମ ଶେଷ କରି ନଭେମ୍ବର ୧ ତାରିଖରୁ କେନ୍ଦ୍ରଗୁଡିକୁ ଛୁଆତ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ଗ୍ରୁପର ସଭାନେତ୍ରୀ ଲୁମ୍ବୁବତୀ ବେହେରା, ସମ୍ପାଦିକା ମଞ୍ଜୁ ସିଂଘଲଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

ଭତାରୁ ବଂଚିତ୍ ତୁଳସୀ

## ଦାଉ ସାଧୁଛେ କିଡ୍‌ନୀ ରୋଗ୍

**ଲୋଇସିଂହା,୨୩।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲପାଟ ଗାଁର ବିଧବା ତୁଳସୀ ନାଗ(୫୦)। ଆପନେ ଚାଲିଯିବାର ଆଏଜ୍‌କେ ବଛରେ ବିତିଯାଇଥିଲେ ବି ସେ ବିଧବା ଭତାରୁ ବଂଚିତ୍ ହେଇ ରହିଥିବାର ଅଭିଯୋଗ କରିଛନ୍।ସୂଚନା ଅନ୍‌ସାରେ କର୍ଲପାଟ ଗାଁର ବିଧବା ତୁଳସୀ ନାଗକଁର ପରିବାର କହେଲେ ଦୁଇ ପୁଓକୁ ନେଇ ସଁସାର। ଆପ୍‌ନେ ଗଜରାଜ ଲୋଇସିଂହା କଲେଜରେ ପିଅନ ହିସାବେ କାମ୍ କରୁଥିଲେ। ଗଲା ବଛର ସେ କିଡ୍‌ନୀ ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଛନ୍। ହେଲେ ପରିବାର ଲୋକ୍ ଯାହା ସଁଚିଥିଲେ ସବୁ ତାକର ଚିକିଛାରେ ସାରି ସରବ୍‌ସୁଆଁତ ହେଇଯାଇଛନ୍। ଇଆଡ଼େ ବିଧବା ତୁଳସୀ ବି କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ହେଇ ମାସିକ୍ ହଜାରେ ଟଁକା ଉଷୋ ଖାଉଛନ୍। ସେନ୍‌ତା ତୁଳସୀ କଲେଜରୁ ଆପ୍‌ନେର ଇପିଏଫ୍ ଟଁକାରୁ ମାସିକ ୬ ଟଁକା ଭତା ଆର ପଁଚେତ୍‌ରୁ ୧୫କେ.ଜି. ଚାଉଲ ପାଉଛନ୍। ହେଲେ ଇ ସବୁ ୩ ପରାନୀ କୁଟୁମ ଆର ତୁଳସୀକଁର ଉଷୋକଷାକେ ନିଅଁଟ ହେଉଛେ। ତୁଳସୀ ଭିଧବା ଭତା ଆଶ୍‌ରେ ଥାନୀଅ ସରପଁଚ୍‌ଆର ବିଏସ୍‌ଏସ୍‌ଓକୁଁ କାଗଜପତର ଦେଇ ଗୁହାରି କରିଛନ୍। ହେଲେ ଆଏଜ୍‌ତକ ସେ ଭତା ନାଇଁ ପାଇଥିବାର କହିଛନ୍। ଇ ଦିଗେ ଜିଲାପାଳ ଦୁରୁଷ୍‌ଟି ଦେଇ ତୁଳସୀକୁଁ ଭତା, ୩୫ କେ.ଜି. ଚାଉଲ ଆର ସରକାରୀ ଯୋଜନାରେ ମାହାଲିଆ ଉଷୋକଷା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ତୁଳସୀ ନାଗ।


**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ବିଜ୍ଞପ୍ତି**
[ରୁଲ୍-୮(୧)] (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୍ ୨୦୦୨ର ରୁଲ୍ ୩ ସହିତ ଧାରା ୧୩ (୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗୀକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନଦାରମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସ ର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା / ଜାମିନ୍‌ଦାରଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନ ଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଗାୟତ୍ରୀ ଷ୍ଟୋନ୍ କଟିଂ ଆଣ୍ଡ୍ ପଲିସିଂ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ୰ ଟି. ବିଶ୍ୱନାଥମ୍, ଜାମିନଦାରମାନେ: (୧) ଶ୍ରୀମତୀ ଟି. ସୁନ୍ଦରମ୍ମା,** ସ୍ୱାମୀ: ୰ ଟି. ବିଶ୍ୱନାଥମ୍, **(୨) ଶ୍ରୀ ଟି. ବିଘେଶ୍ୱର ରାଓ,** ପିତା: ୰ ଟି ବିଶ୍ୱନାଥମ, ସମସ୍ତଙ୍କ ଠିକଣା ସା./ପୋ.: ତାଟିପାଟି, ଥାନା: ଗୁରାଣ୍ଡି, ଜିଲ୍ଲା: ଗଜପତି। | **୧) ଶ୍ରୀ ତାମଡ଼ା ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା.: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୪୩୮/୩୮୫, ପ୍ଲଟ୍ ନଂ.: ୫୨୫, ୫୨୬, ୫୨୨, ୫୨୦, ୫୨୭, ୫୨୧, ୫୨୪, ୫୧୯/୧୬୦୩, **ସମୁଦାୟ କ୍ଷେତ୍ର:ଏକର ୧.୨୪୯ଡ଼ିସିମିଲି**, କିସମ: ଘରବାରି। **୨) ଶ୍ରୀ ତାମଡ଼ା ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜାମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୨୬୪, ପ୍ଲଟ୍ ନଂ.: ୧୮୭, କ୍ଷେତ୍ର:ଏକର ୦.୦୫୬୭ଡ଼ିସିମିଲି, କିସମ: ଘରବାରି। | ୧୬.୧୧.୨୦୧୮ / ୨୨.୧୦.୨୦୧୯ | ୧୬.୧୧.୨୦୧୮ ପର୍ଯ୍ୟନ୍ତ ଅର୍ଜିତ ସୁଧ ସହିତ ଟ.୧୫,୮୦,୧୪୯/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ବାସୁଦେବ ଷ୍ଟୋନସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ,** ସା:ଇଡ଼କୋ, ପ୍ଲଟ ନଂ. ୯୧/୧/ବି, ଆଇଆଇଡି ସେଣ୍ଟର୍, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, **ଜାମିନଦାର: ଶ୍ରୀ ବିଧୁ ଭୂଷଣ ପଟ୍ଟନାୟକ,**ସା: ଫ୍ଲାଟ୍ ନଂ.: ଇ/୩୧୨, ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟ, କଳିଙ୍ଗ ନଗର ଭୁବନେଶ୍ୱର-୭୫୧୦୦୩। | **ମେସର୍ସ ବାସୁଦେବ ଷ୍ଟୋନସ୍** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ମୁକୁନ୍ଦପ୍ରସାଦ, ତହସିଲ/ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ରେଭିନ୍ୟୁ ଖାତା ନଂ.: ୫୩୧/୧, ପ୍ଲଟ ନଂ.: ୨୩୦୩ (ଅଂଶ), ଅନୁରୂପ ଇଡ଼କୋ ପ୍ଲଟ ନଂ.:୯୦/୧/ବି,କ୍ଷେତ୍ର: ଏକର୦.୩୪୪ଡିସିମିଲି, ଚୌହଦି ଉତ୍ତର: ପ୍ଲଟ ନଂ.୯୦/୧, ଦକ୍ଷିଣ: ପ୍ଲଟ ନଂ.୯୦, ପୂର୍ବ: ରାସ୍ତା, ପଶ୍ଚିମ: ଇଡ଼କୋ ପ୍ଲଟ ନଂ.୨୩୦୩ (ଅଂଶ)। | ୦୭.୦୬.୨୦୧୯ / ୨୩.୧୦.୨୦୧୯ | ୦୬.୦୬.୨୦୧୯ସୁଦ୍ଧା ସୁଧ ସହିତ ଟ.୫୨,୦୯,୨୦୫.୦୪ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁଷଙ୍ଗିକ ଖର୍ଚ୍ଚ |

ତାରିଖ : ୨୩.୧୦.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


ମୁରିବାହାଲ ବ୍ଲକସ୍ତରୀୟ ଜନଶୁଣାଣି ମଞ୍ଚ

# ୧୩୯ ପରିବାରକୁ ମିଳିଛି ଶହେ ଦିନର କାମ

**ମୁରିବାହାଲ, ୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଏକଦିବସୀୟ ଜନଶୁଣାଣୀ ମଞ୍ଚ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ, ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଡିଓ ତଥା ପ୍ରୋଗାମ ଅଧିକାରୀ ଶିପକ କୁମାର ପାତ୍ର, ଏବିଡିଓ ନରେଶ ଚନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସା, ଯୋଜନା ଅଡିଟର ସୁଶୀଲ ପୋଢ଼ ଓ ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଳସାଏ ପ୍ରମୁଖ ଉପସ୍ଥିତ ଥିଲେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଦ୍ୱାରା ଜବକାର୍ଡଧାରୀଙ୍କ ବିକାଶ ଦ୍ୱାରା କିପରି ଦାଦନ ରୋକାଯାଇ ପାରିବ ତାହା ଉପରେ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ୧୨୬ ଗୋଟି ପ୍ରକାର ଯୋଜନା ଗ୍ରାମାଞ୍ଚଳରେ କାର୍ଯ୍ୟକ୍ଷମ ହେବା ଆବଶ୍ୟକ ଥିବା ବେଳେ ତାହା ଠିକ୍‌ଭାବେ ଜବକାର୍ଡଧାରୀମାନଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାରୁ ଉପଜିଲାପାଳ ନାୟକ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ଚଣାବାହାଲ, ଲେବଡା, ବିଟାବନ୍ଧ ଓ ପତ୍ରାପାଲି (କ) ଗ୍ରାମ ପଞ୍ଚାୟତମାନଙ୍କର ପ୍ରକଳ୍ପମାନ ମଞ୍ଜୁର ହୋଇଥିଲେ ହିଁ ବର୍ଷ ବର୍ଷ ଧରି କାର୍ଯ୍ୟ ହୋଇ ପାରୁ ନ ଥିବା ନିର୍ବାଚିତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏଥିସହ ଗୁଡିଘାଟ ଗ୍ରାମ ପଞ୍ଚାୟତରେ ଆଧାର କାର୍ଡ ଓ ଭୋଟ ପରିଚୟ ପତ୍ର ମେଳ ରହୁ ନ ଥିବାରୁ କେତେଜଣ ବୃଦ୍ଧା ଭତ୍ତା ପାଇ ନ ଥିବା ସଭାରେ ଅଭିଯୋଗ ହୋଇଥିଲା। ଏପିଓ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ କହିଥିଲେ ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ୫୫୯୦ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୭୦୪ ପ୍ରକଳ୍ପ ଶେଷ ହୋଇଛି। ୯୪୫୭ ପରିବାରକୁ କାମ ଯୋଗାଇ ଦିଆଯାଇଥିବା ବେଳେ କେବଳ ୧୩୯ ପରିବାର ଶହେ ଦିନର କାମ ପୂରଣ କରିଛନ୍ତି। ୩ଲକ୍ଷ ୧୫ ହଜାର ୮୨୫ ଶ୍ରମ ଦିବସ ସୃଷ୍ଟି ହୋଇଛି। ଏଥିରେ ୯୮୧୮୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୨୮୯୧ ଜଣ ଜବକାର୍ଡଧାରୀ ପଞ୍ଜିକୃତ କରିଛନ୍ତି। ଏହାପରେ ଏମ୍‌ଜିଏନଆର୍‌ଇଜିଏସ୍ ଜନଶୁଣାଣି କମିଟି ଦ୍ୱାରା ଚଣାବାହାଲ ପଞ୍ଚାୟତର ଶୁକୁନୀପଦର, କୁମ୍ଭାରୀ, ଡଙ୍ଗରପଡା ଗ୍ରାମ ପଞ୍ଚାୟତର ବାହାଡୁକି ଓ ବାନ୍ଧୁପଲା ଗ୍ରାମ ପଞ୍ଚାୟତର ନୂଆମୁଣ୍ଡା ଗ୍ରାମରେ କାର୍ଯ୍ୟକ୍ଷମ ହୋଇଥିବା ଏମଜିଏନଆରଇଜିଏସର ପ୍ରକଳ୍ପଗୁଡିକକୁ ଜନମୁକ୍ତି ଅନୁଷ୍ଠାନର ଜୟସିଂ ବନଛୋର ଓ ଡୋଳେଶ୍ୱର କିଶାନ ପରିଦର୍ଶନ କରି ରିପୋର୍ଟ ଦାଖଲ କରିଥିଲେ। ବାନ୍ଧୁପଲା ସରପଞ୍ଚ ଅଗସ୍ତି ବାଗ, ଚଣାବାହାଲ ଜିଆରଏସ ଏନ. ମହାପାତ୍ର, ନିର୍ବାହୀ ଅଧିକାରୀ ଲିଲୁ ବେହେରା, ସୀତାକାନ୍ତ ବେହେରା, ହରେକୃଷ୍ଣ ଦାସ, ରଶ୍ମିରଞ୍ଜନ ନାଗ, ସାମାଜିକ କର୍ମୀ ଯୁଧିଷ୍ଠିର ଭରସାଗରିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଜନଶୁଣାଣି ମଞ୍ଚରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

**ସୃଷ୍ଟି ହୋଇଛି ୩,୧୫,୮୨୫ ଶ୍ରମ ଦିବସ**


**ଆନ୍ଧ୍ର ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ରାଉରକେଲା ପର୍ସନାଲ୍ ବ୍ୟାଙ୍କିଙ୍ଗ ଶାଖା
ନଂ. ୬, ଡେଲି ମାର୍କେଟ, କଚେରୀ ରୋଡ଼, ରାଉରକେଲା,
ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧, ଫୋନ୍: ୦୬୬୧-୨୫୨୨୩୨୨

**ଡିମାଣ୍ଡ ନୋଟିସ୍**

**(ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ୨୦୦୨ର ଅଧିନିୟମ ୫୪ର ଧାରା ୧୩(୨) ଅଧୀନରେ ନୋଟିସ୍)**

ଏହି ଡିମାଣ୍ଡ ନୋଟିସ୍ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ବିରୋଧରେ ବଦଳ ସେବା ଭାବେ ଛପାଯାଇଛି, ଯେହେତୁ ଡାକ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ସେମାନଙ୍କ ନିକଟକୁ ଏଡି ସହ ରେଜେଷ୍ଟ୍ରି ପୋଷ୍ଟ ଯୋଗେ ପଠାଯାଇଥିବା ନୋଟିସ୍ ଜାରି ନେହୋଇ ଫେରସ୍ତ ଆସିଲା।

| କ୍ର. ନଂ. | ଋଣଗ୍ରହୀତା /କୋ-ଓବ୍ଲିଗାଣ୍ଟ / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / | ସୁବିଧା/ଋଣ/ସୀମା/ ଅବଧି / ଡିମାଣ୍ଡ ନୋଟିସ୍ | ଏନ୍‌ପିଏ ତାରିଖ / ବକେୟା ଋଣ | ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତା : ମେସର୍ସ ଜୟଶ୍ରୀ, ସ୍ୱତ୍ତ୍ୱାଧିକାରୀ: ପ୍ରଦୀପ୍ତ ମହାପାତ୍ର,** ସପ୍ ନଂ.: ୧୭୦, ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୧୯, ରାଉରକେଲା-୫, ସୁନ୍ଦରଗଡ଼ / **କୋ-ଓବ୍ଲିଗାଣ୍ଟ : ରୁନିଆ ମହାପାତ୍ର,** ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର, ଡି-୩୧, ସେକ୍ଟର-୪, ରାଉରକେଲା, ଓଡ଼ିଶା। | ଏସ୍‌ଓଡିଜିଏନ୍ ୦୪୯୨୩୧୧୦୦୦୦୦୨୫୬ / ଟ. ୧୦,୦୦,୦୦୦/- / ୨୦୧୫ - ୨୦୧୯ / ୨୪.୦୯.୨୦୧୯ | ୨୭.୦୮.୨୦୧୯ / ୨୪.୦୯.୨୦୧୯ ସୁଦ୍ଧା ଟ. ୧୦,୦୫,୧୬୮.୫୦ + ପରବର୍ତ୍ତୀ ସୁଧ | **ଶ୍ରୀମତୀ ରୁନିଆ ମହାପାତ୍ରଙ୍କ** ନାମରେ ସହରରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଷୁରା, ଥାନା: କୁଆଁରମୁଣ୍ଡା, ତହସିଲି: ପାନପୋଷ, ଖାତା ନଂ.: ୨୫୯/୧୨୯, ରେଭେନ୍ୟୁ ପ୍ଲଟ ନଂ.: ୨୦୬୨, କ୍ଷେତ୍ର : ଏକର ୧.୩୧୦ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ. ୨୫୮୮, ଉତ୍ତର: ପ୍ଲଟ ନଂ. ୨୦୬୧, ଦକ୍ଷିଣ: ପ୍ଲଟ ନଂ. ୨୦୬୨। |
| ୨. | **ଋଣଗ୍ରହୀତା : ମେସର୍ସ ମାନସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୁନିଆ ମହାପାତ୍ର,** ସପ୍ ନଂ.: ଏ/୯, ଇସ୍ପାତ ସେଣ୍ଟ୍ରାଲ ମାର୍କେଟ, ସେକ୍ଟର-୧୯, ରାଉରକେଲା, ପିନ୍-୭୬୯୦୦୫, ସୁନ୍ଦରଗଡ଼, ଓଡ଼ିଶା, **ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୁନିଆ ମହାପାତ୍ର,** ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର / **କୋ-ଓବ୍ଲିଗାଣ୍ଟ : ପ୍ରଦୀପ୍ତ ମହାପାତ୍ର,** ଉଭୟଙ୍କ ଠିକଣା କ୍ୱାଟର ନଂ. ଡି-୩୧, ସେକ୍ଟର-୪, ରାଉରକେଲା, ପିନ୍-୭୬୯୦୦୨, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା। | ଓସିସିଜିଏନ୍ ୦୪୯୨୧୩୧୦୦୦୦୦୨୬୫ / ଟ. ୩୦,୦୦,୦୦୦/- / ୨୦୧୫ - ୨୦୧୯ / ୦୧.୦୬.୨୦୧୯ | ୨୯.୦୫.୨୦୧୯ / ୦୧.୦୬.୨୦୧୯ ସୁଦ୍ଧା ଟ. ୩୧,୪୨,୧୮୭.୦୦ + ପରବର୍ତ୍ତୀ ସୁଧ | **ଶ୍ରୀ ପ୍ରଦୀପ୍ତ ମହାପାତ୍ରଙ୍କ** ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଷୁରା, ଥାନା: କୁଆଁରମୁଣ୍ଡା, ତହସିଲି: ପାନପୋଷ, ଜିଲ୍ଲା: ସୁନ୍ଦରଗଡ଼, ଓଡିଶା, ଖାତା ନଂ.: ୨୫୯/୧୨୮, ପ୍ଲଟ ନଂ.: ୨୦୬୨/ ୨୭୦୯, କ୍ଷେତ୍ର : ଏକର ୪.୦୦ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ ନଂ. ୨୫୮୮, ଉତ୍ତର: ପ୍ଲଟ ନଂ. ୨୦୬୨/ଅଂଶ, ଦକ୍ଷିଣ: ପ୍ଲଟ ନଂ. ୨୦୬୨/ଅଂଶ। |

ଯେହେତୁ ଆପଣମାନେ ପ୍ରଦତ୍ତ ଋଣ/ସୁବିଧା ଏବଂ/ଅବା କିସ୍ତି/ସୁଧ କିମ୍ବା ଉଭୟ ପୁନଃପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ଅବା ଆରବିଆଇ ସମୟ ଅବଧି ମାନଦଣ୍ଡରୁ ଅଧିକ ସମୟ ପାଇଁ ଆପଣଙ୍କ ଖାତା ଅଚଳ ରହିଛି, ଆପଣଙ୍କ ଖାତାକୁ **ତା.୨୭.୦୮.୨୦୧୯ରିଖ** (କ୍ରମ ସଂଖ୍ୟା ୧ ପାଇଁ), **ତା.୨୯.୦୫.୨୦୧୯ରିଖ** (କ୍ରମ ସଂଖ୍ୟା ୨ ପାଇଁ) ଠାରୁ ଉପରୋକ୍ତ ଦର୍ଶିତ ସ୍ତମ୍ଭ ଅନୁଯାୟୀ ଏନ୍‌ପିଏ ଭାବେ ବର୍ଗୀକୃତ କରାଯାଇଛି ଓ ଆପଣ ସମସ୍ତେ ଯୁଗ୍ମ ଭାବେ ଏବଂ ପୃଥକଭାବେ ଉପରୋକ୍ତ ସ୍ତମ୍ଭ ଅନୁଯାୟୀ ଋଣରାଶି ପୈଠ କରିବାକୁ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଆପଣମାନଙ୍କୁ ସୂଚିତ କରାଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସୁଧ ସମେତ କଥିତ ବକେୟା ରାଶି ପୈଠ କରନ୍ତୁ। ଏଥିରେ ବିଫଳ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ର ୫୪) ଅଧୀନରେ ପ୍ରଦତ୍ତ କ୍ଷମତା ଦ୍ୱାରା ପ୍ରୟୋଗ କରି, କୋର୍ଟଙ୍କ ବିନା ହସ୍ତକ୍ଷେପରେ, ବ୍ୟାଙ୍କ ଧନରାଶିର ଅସୁଲି ନିମନ୍ତେ ଉପର ଦର୍ଶିତ ବନ୍ଧକ ସମ୍ପତ୍ତି ବିରୋଧରେ ନିମ୍ନଦର୍ଶିତ ଏକ କିମ୍ବା ତତୋଽଧିକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବ।

**ଯଥା : ୧)** ଅସୁଲି ନିମନ୍ତେ ପ୍ରତିଭୂତି ସମ୍ପତ୍ତିର ଲିଜ୍, ସମର୍ପଣ କିମ୍ବା ବିକ୍ରୟ ତଥା ସ୍ଥାନାନ୍ତର ଅଧିକାର ଦ୍ୱାରା ଧାରକଙ୍କ ପ୍ରତିଭୂତି ସମ୍ପତ୍ତିକୁ ଦଖଲକୁ ନେବ। **୨)** ପ୍ରତିଭୂତି ସମ୍ପତ୍ତି ଲିଜ୍, ସମର୍ପଣ କିମ୍ବା ବିକ୍ରୟ ତଥା ସ୍ଥାନାନ୍ତର ଅଧିକାର ଦ୍ୱାରା ଧାରକଙ୍କ ପ୍ରତିଭୂତି ସମ୍ପତ୍ତିର ପରିଚାଳନାକୁ କବଜା କରିବ। **୩)** ପ୍ରତିଭୂତି ଋଣଦାତାଙ୍କ ଦ୍ୱାର ଦଖଲ ହୋଇଥିବା ପ୍ରତିଭୂତି ସମ୍ପତ୍ତିର ପରିଚାଳନା ନିମନ୍ତେ ଯେକୌଣସି ବ୍ୟକ୍ତିବିଶେଷ (ଏହା ପରଠାରୁ ପରିଚାଳକ ଭାବ ନିବେଚିତ ହେବେ)ଙ୍କୁ ନିଯୁକ୍ତି କରିବେ। **୪)** ଧାରକଙ୍କ ଠାରୁ ଯେକୌଣସି ବ୍ୟକ୍ତିବିଶେଷ ପ୍ରତିଭୂତି ସମ୍ପତ୍ତି ଅଧିଗ୍ରହଣ କରିଥିଲେ ଆବଶ୍ୟକସ୍ଥଳେ ଯେକୌଣସି ସମୟରେ ଲିଖିତ ଭାବେ ସୂଚିତ କରିବେ ଓ ଯେକୌଣସି ବ୍ୟକ୍ତିଙ୍କଠାରୁ ବକେୟା ରାଶି କିମ୍ବା ଧାରକଙ୍କ ବକେୟା ରାଶି ପ୍ରତିଭୂତି ପଇଠ କରିବାକୁ କହିବେ, ଯାହା ପ୍ରତିଭୂତି ଋଣ ପରିଶୋଧ କରିବାକୁ ଯଥେଷ୍ଟ ହେବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଏହି ନୋଟିସ୍ ପକାଶନ ପରେ ଆପଣମାନେ ବ୍ୟାଙ୍କର ବିନାନୁମତିରେ ନୋଟିସ୍‌ରେ ଦର୍ଶିତ ପ୍ରତିଭୂତି ସମ୍ପତ୍ତିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସ୍ଥାନାନ୍ତର କରିପାରିବେ ନାହିଁ। ପୂର୍ବୋକ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ଖର୍ଚ୍ଚ, ଦେୟ ବିକ୍ରୟ ମୂଲ୍ୟରୁ ଆଦାୟ କରାଯିବ ଏବଂ ଯଦି ବିକ୍ରୟ ମୂଲ୍ୟ ପ୍ରଦାନ କରିବାକୁ ଥିବା ସମ୍ପୂର୍ଣ୍ଣ ରାଶିରୁ କମ୍ ହୁଏ, ତେବେ ବକେୟା ରାଶି ଆଦାୟ ନିମନ୍ତେ ଆବଶ୍ୟକତା ଅନୁଯାୟୀ ୨୦୦୨ର ସରଫେସି ଅଧିନିୟକ ୫୪ କିମ୍ବା ଅନ୍ୟ କୌଣସି ଅଧିନିୟମ ଅନୁଯାୟୀ ଆପଣମାନଙ୍କୁ ଯୁଗ୍ମ ଭାବେ କିମ୍ବା ପୃଥକଭାବେ ସମସ୍ତ ଦେୟ ଏବଂ ପରିଣାମ ଲାଗି ଉତ୍ତରଦାୟୀ ଘୋଷଣା କରାଯାଇ ଆପଣମାନଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ଆହୁରି ମଧ୍ୟ ଧ୍ୟାନ ଦିଅନ୍ତୁ ଯେ ପ୍ରତିଭୂତି ସମ୍ପତ୍ତିର ଲିଜ୍, ସମର୍ପଣ ଏବଂ ବିକ୍ରୟ ଦ୍ୱାରା ସ୍ଥାନାନ୍ତର ପାଇଁ ସର୍ବସାଧାରଣ ଏବଂ ବେସରକାରୀ ସତ୍‌ଙ୍କଠାରୁ ସର୍ବସାଧାରଣ ନିଲାମ ଅବା କୋଟେଶନ୍ ଆହ୍ୱାନ୍ କରି ଏହି ନୋଟିସ୍ ପ୍ରକାଶନ ପୂର୍ବରୁ ଯେକୌଣସି ସମୟରେ ବ୍ୟାଙ୍କର ବକେୟା ଋଣ, ଖର୍ଚ୍ଚ, ମୂଲ୍ୟ ପରିଶୋଧ କରି ଅଧିନିୟମର ଧାରା ୧୩(୮)ରେ ବ୍ୟବସ୍ଥାପନ ଅଧୀନରେ ଆପଣଙ୍କ ନିକଟରେ ଋଣମୁକ୍ତି ଅଧିକାର ଉପଲବ୍ଧ ରହିବ।
**ଏହି ନୋଟିସ୍ ବିନା କୌଣସି ପକ୍ଷପାତରେ ଅନ୍ୟ ସମସ୍ତ ଆଇନ ଅଧୀନରେ ଉପଲବ୍ଧ ବ୍ୟାଙ୍କ ଅଧିକାରରେ ଜାରି କରାଯାଇଛି।**

ତାରିଖ : ୨୩.୧୦.୨୦୧୯
ସ୍ଥାନ: ରାଉରକେଲା

ସ୍ୱା/-ମୁଖ୍ୟ ପ୍ରବନ୍ଧକ ଓ କ୍ଷମତାପ୍ରାପ୍ତ ଅଧିକାରୀ,
ଆନ୍ଧ୍ର ବ୍ୟାଙ୍କ



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



**ସଂକ୍ଷେପରେ**



## ପୋଲିସ ପାଟ୍ରୋଲିଂ ବେଳେ କାଠ ଜବତ

**ଡ୍ରାଇଭର ସହ ଅନ୍ୟ ଜଣେ ଫେରାର**

**ବୋଡେନ,୨୩।୧୦ (ଡି.ଏନ.ଏ.)**- ମଙ୍ଗଳବାର ବିଳମ୍ବିତ ରାତିରେ ବୋଡେନ ଥାନା ପୋଲିସ କେରାପଦର ଛକରେ ପାଟ୍ରୋଲିଂ କରିବା ବେଳେ ଏକ କାଠ ବୋଝେଇ କମାଣ୍ଡର ଗାଡିକୁ ଜବତ କରିଛି। ଏଥିରେ ୧୩ ଖଣ୍ଡ ଚୌକାଠ ଏବଂ ୬ ଖଣ୍ଡ ପଟା ଉଦ୍ଧାର କରାଯାଇଛି। ଏ ନେଇ ଏକ ମାମଲା (ନଂ. ୨୪/୧୯) ରୁଜୁ କରିବା ସହ ବୁଧବାର ସନ୍ଧ୍ୟାରେ ଫରେଷ୍ଟ ବିଭାଗକୁ ହସ୍ତାନ୍ତର କରାଯାଇଛି। ପଲସାମାଲରୁ ଖଡିଆଳ ଅଭିମୁଖେ ଯାଉଥିବା ଗାଡିକୁ ପୋଲିସ ଅଟକାଇଥିଲା। ଗାଡିରୁ ଓହ୍ଲାଇବା ପରେ ଡ୍ରାଇଭର ଏବଂ ତାଙ୍କ ସହଯୋଗୀ ଚମ୍ପଟ ମାରିଥିଲେ ବୋଲି ଥାନାଧିକାରୀ ସରୋଜ କୁମାର ମଲ୍ଲିକ କହିଛନ୍ତି ।

### ବିନା କାଗଜାତରେ ଜମିବିକ୍ରି ମାମଲା

# ପ୍ରଶାସନର ପ୍ରତିଶ୍ରୁତି ପରେ ଅନଶନ ଓହରିଲା

**ନୂଆପଡ଼ା ଅଫିସ/ଖଡ଼ିଆଳ, ୨୩।୧୦ (ଡି.ଏନ.ଏ.)**

ବିନା ଆବଶ୍ୟକ କାଗଜାତରେ ଜମି କିଣାବିକା କରି ହଡପ କରିବା ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଆମ ଆଦମୀ ପାର୍ଟି ପକ୍ଷରୁ ଖଡିଆଳ ତହସିଲଠାରେ ଧାରଣା ଏବଂ ଅନଶନ କରିବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ବୁଧବାର କର୍ମକର୍ତ୍ତାମାନେ ଅନଶନରୁ ଓହରିଯାଇଛନ୍ତି। ଅପରାହ୍ନ ୪ଟାରେ ଅନଶନସ୍ଥଳକୁ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ପହଞ୍ଚି ଅନଶନରତ ଲୋକଙ୍କ ସହ ଆଲୋଚନା କରି ଉଠାଇଛନ୍ତି ।

ସୂଚନାଯୋଗ୍ୟ ଯେ, ଖଡିଆଳ ବ୍ଲକରେ ବିଭିନ୍ନ ସମୟରେ ବିନା କାଗଜାତ ଦାଖଲ କରି ଦଲାଲମାନେ ଜମି କିଣାବିକା କରି ଆସୁଛନ୍ତି। ଏଥିରେ ବହୁ ଆଦିବାସୀ, ନିରୀହ ଚାଷୀମାନେ ସର୍ବହରା ହେଉଛନ୍ତି। ଏହି ବ୍ଲକ ରୋହେନପଦର ଗାଁର ଦୈତାରୀ ମାଝି ନାମକ ଜଣେ ଚାଷୀ ଦୀର୍ଘ ବର୍ଷ ଧରି ଶର୍ଯ୍ୟାଶାୟୀ ଥିଲେ । ଏହାର ସୁଯୋଗ ନେଇ ତାଙ୍କ ନାମରେ ମିଥ୍ୟା କାଗଜାତ ଦର୍ଶାଇ ଅନ୍ୟ ଏକ ମିଥ୍ୟା ନାମରେ ଜମି ରେଜିଷ୍ଟ୍ରି ହୋଇଥିଲା । ଯେତେବେଳେ ତାଙ୍କ ନାମରେ ମ୍ୟୁଟେଶନ ପାଇଁ ନୋଟିସ ଆସିଲା, ସେତେବେଳେ ସେ ଜମି ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ବିଷୟରେ ଜିଲା ଆମ ଆଦମୀ ପାର୍ଟିର ଦୃଷ୍ଟିଗୋଚର ହେବାରୁ ଦଳ ଜିଲା ପ୍ରଶାସନକୁ ଜଣାଇଥିଲା । କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ୧୪ ତାରିଖଠାରୁ ଜିଲା ସଭାପତି ରଙ୍ଗାଧର ମାଝି, ପ୍ରେମାନନ୍ଦ ମାଝି, ଜିଲା ଯୁବମୋର୍ଚ୍ଚା ସଭାପତି ହିତେଶ ପାଣ୍ଡେ ପ୍ରମୁଖ ଧାରଣାରେ ବସିଥିଲେ। ତଥାପି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ୧୮ ତାରିଖଠାରୁ ଜିଲା ସଭାପତି ରଙ୍ଗାଧର ମାଝି ଏବଂ ପ୍ରେମାନନ୍ଦ ମାଝି ଅନଶନରେ ବସିଥିଲେ। ଏହାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ବୁଧବାର ଅପରାହ୍ନ ୪ଟାରେ ଅତିରିକ୍ତ ଜିଲାପାଳ ପଟେଲ, ଥାନାଧିକାରୀ କୈଳାଶ ଚନ୍ଦ୍ର ସେଠୀ ଅନଶନସ୍ଥଳକୁ ଆସି ଏକ ଉଚ୍ଚସ୍ତରୀୟ ଟିମ ଗଠନ କରି ପରବର୍ତ୍ତି ତଦନ୍ତ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନଶନସ୍ଥଳରେ ରାଜ୍ୟ ସମ୍ପାଦକ ଅଂଶୁମାନ ସତପଥୀ ଉପସ୍ଥିତ ରହି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ପୁଣି ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି କହିଥିଲେ । ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ଆପର ନେତୃବୃନ୍ଦ ସନ୍ଧ୍ୟାରେ ରୋହେନପଦର ଗାଁକୁ ଯାଇଥିବାବେଳେ ଗ୍ରାମବାସୀ ବାଜା ରୋଶଣୀରେ ସ୍ୱାଗତ କରିଥିଲେ । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।



ଅନଶନସ୍ଥଳରେ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

### ଆପ ନେତାଙ୍କୁ ସ୍ୱାଗତ କଲେ ଗ୍ରାମବାସୀ



ଅମାନାରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଜିଲାପାଳ ପାଠ ପଢାଉଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ଜିଲାପାଳ

**ନୂଆପଡା ଅଫିସ,୨୩।୧୦**

ଜିଲାପାଳ ମଧୁସ୍ମିତା ସାହୁ ବୁଧବାର ଅଚାନକ ଭାବେ ସଦର ବ୍ଲକ ବିଭିନ୍ନ ବିଦ୍ୟାଳୟ ବୁଲି ଦେଖିଥିଲେ। ସ୍ଥାନୀୟ ଅମାନାରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଗୁଣାତ୍ମକ ଶିକ୍ଷାର ମାନ କିପରି ରହିଛି ପଚାରି ବୁଝିବା ସହ ପିଲାଙ୍କୁ ପାଠ ପଢାଇଥିଲେ। ଏହି ଖବର ଶିକ୍ଷା ବିଭାଗରେ ଚହଳ ପକାଇଛି। ପୂର୍ବାହ୍ନ ୧୧ଟାରେ ପ୍ରଥମେ ଅମାନାରା ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପହଞ୍ଚି ସମସ୍ତ ଶ୍ରେଣୀକୁ ବୁଲିଥିଲେ। ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କୁ ପାଠ ପଢା ବିଷୟରେ ପଚାରି ବୁଝିଥିଲେ। ଏକ ଶ୍ରେଣୀ କୋଠରୀକୁ ଯାଇ ପାଠ ପଢାଇଥିଲେ । ଆଗ୍ରହରେ ପିଲାମାନେ ଜିଲାପାଳଙ୍କ ସହ ବାର୍ତ୍ତାଲାପ କରିଥିଲେ । ଏହା ପରେ କୁକୁଡାଟାଲ ଯାଇ ସେଠାରେ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ପରେ ଧରମବନ୍ଧା ସେବାଶ୍ରମ ହାଇସ୍କୁଲରେ ପହଞ୍ଚି ବିଭିନ୍ନ ବ୍ୟବସ୍ଥା କଥା ବୁଝିଥିଲେ। ଏହି ଗସ୍ତ ପରେ ବିଭିନ୍ନ ବିଭାଗରେ ଚହଳ ପଡିଛି ।



ସୁରଭି କାର୍ଯ୍ୟକ୍ରମରେ ଶିଶୁମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ

**ସିନାପାଲି,୨୩।୧୦ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିନାପାଲି ବ୍ଲକ ଅଧୀନ ୧୬ଟି କ୍ଲଷ୍ଟର ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୃତ୍ୟ, ଗିତ, ତର୍କ, ବକ୍ତୃତ, ପ୍ରବନ୍ଧ, ଶୃତଲିଖନ, ଚିତ୍ରାଙ୍କନ ଓ ସୃଜନଶିଳତା ଉପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବୁଧବାର ସୁରଭି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଅଧକ୍ଷା ତପସ୍ୱନୀ ମାଝି, ସମ୍ମାନିତ ଅତିଥି ସିନାପାଲି ଥାନା ଅଧିକାରୀ ଜ୍ୟୋତିର ଗୌଡ଼, ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ସିନାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେର, ଅନ୍ୟତମ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ଭାବଗ୍ରାହୀ ପଣ୍ଡା, ଲୁଦ୍ରେଶ୍ୱର ମେହେର ପ୍ରମୁଖ ସୁରଭି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶିଶୁ ପ୍ରତିଭାର ପରିଚୟ ସୃଷ୍ଟି କରିବା ଏକ ବଳିଷ୍ଠ ମାଧ୍ୟମ । ଶିଶୁମାନେ ଏହିଠାରୁ ହିଁ ତାଙ୍କର ପାରଦର୍ଶିତା ତିଆରି କରିବାରେ ସୁରଭି ଏକ ନିଆରା କାର୍ଯ୍ୟକ୍ରମ ବୋଲି କହିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ସିଆରସିସି ସଂଘ ସଭାପତି ପ୍ରଶନ୍ନ କୁମାର ମାଝିଙ୍କ ସଭାପତିତ୍ୱରେ ବିଇଓ ଜଗଦିଶ ପ୍ରସାଦ ଖମାରୀ ମୁଖ୍ୟଅତିଥି, ସତ୍ୟବ୍ରତ ଗହୀର, ମହେଶ୍ୱର ଗୁଆଲ, ରାକେଶ ମିଶ୍ର, ଅତୁଲ ସୂପକାର, ଦିବ୍ୟ ପାଢୀ, ମଧୁର ଠାକୁର, ଖଗେଶ୍ୱର ନାଗ, ସୁଦର୍ଶନ ଭୋଇଙ୍କ ସମେତ ସମସ୍ତ ସିଆରସିସି ମଞ୍ଚାସୀନ ଥିଲେ। ଶେଷରେ ପ୍ରତ୍ୟେକ କ୍ଲଷ୍ଟରରୁ ସାଂସ୍କୃତିକ ଦଳ ବିଭିନ୍ନ ନୃତ୍ୟଗୀତ ପରିବେଷଣ କରିଥିଲେ। ନିକୁଞ୍ଜ ବିହାରୀ ସା, ସତ୍ୟବ୍ରତ ଗହୀର, କ୍ଷୀରସିନ୍ଧୁ ମେହେର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଲଳିତ ସୁନାରି ଓ ପରେଶନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଭାଗ ବିତର୍କରେ ଅର୍ପିତାରଣୀ ମେହେର, ପ୍ରବନ୍ଧ ଲିଖନରେ ସ୍ମୃତୀ ସୁନାନୀ, ଚିତ୍ରାଙ୍କନରେ ସିତାଂଶୁ ଶେଖର ନାଏକ, କୁଇଜ୍‌ରେ ନରୋତ୍ତମ ସା, ସୃଜନଶିଳତା ଲିଖନରେ ସିଧାର୍ଥ ନାରାୟଣ ହେର୍ଣ୍ଣା, ବକ୍ତୃତାରେ ସୋନାଲୀ ବାରିକ, ସଙ୍ଗୀତରେ ରାଜେଶ ସୁନାନୀ। କନିଷ୍ଠ ବିଭାଗରେ ଚତ୍ରାଙ୍କନରେ ବେଦବ୍ୟାଷ ରଣା, କୁଇଜ୍‌ରେ ତ୍ରିବିକ୍ରମ ରଣା, ସୃଜନ ଶଳତାରେ ପୁନମ ନାଏକ, ବକ୍ତୃତାରେ ନବିନ ନାଏକ, ସଙ୍ଗୀତରେ ଭୁମିସୁତା ମାଝି, ଶୃତଲିଖନ ଓ ହସ୍ତଲିଖନରେ କୁଳଶ୍ରୀ ପାଣ୍ଡେ ପୁରସ୍କୃତ ହୋଇଥିଲେ ।




ସ୍ୱାଗତ ସମ୍ବର୍ଦ୍ଧନାସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

### ସିନାପାଲି ମହାବିଦ୍ୟାଳୟରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ମହାବିଦ୍ୟାଳୟ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

**ସିନାପାଲି,୨୩।୧୦ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ମହାବିଦ୍ୟାଳୟରେ ବୁଧବାର ଖଡିଆଳ ବିଧାୟକ ଅଧିରାଜ ମୋହନ ପାନିଗ୍ରାହୀଙ୍କୁ ସ୍ୱାଗତ ସମର୍ଦ୍ଧନା ଦିଆଯାଇଛି । ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ମୋହନ ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ପ୍ରଫୁଲ କୁମାର ପଣ୍ଡା, ଲକ୍ଷ୍ମିକାନ୍ତ ଚୌଧୁରୀ, ଏ.ବି. ଡୁଙ୍ଗଡୁଙ୍ଗ, ପଲ୍ଲବି ହେମ୍‌ରମ୍, ଚଞ୍ଚଳା ମେହେର, କ୍ଷେତ୍ରମୋହନ ଦୁରିଆ, ଯଜ୍ଞ କୁମାର ସିଂ ପ୍ରମୁଖ ସିନାପାଲି ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସିନାପାଲି ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସିନାପାଲି ମହାବିଦ୍ୟାଳୟର ନିଜ ନାମରେ ଜମି ନ ଥିବା ବେଳେ ମହାବିଦ୍ୟାଳୟ ନାମରେ ରୋକଡ ଭୁକ୍ତ କରିବା । ପାଚେରି ନିର୍ମାଣ, ଖେଳ ପଡ଼ିଆ ନିର୍ମାଣ, ପ୍ରେକ୍ଷାଳୟ ନିର୍ମାଣ, ବିଶ୍ରାମ ଗୃହ, ସାଇକେଷ୍ଟାଣ୍ଡ ନିର୍ମାଣ, ବୋଟେନିକାଲ ଗାର୍ଡେନ, ଷ୍ଟାପ କମନରୁମ ନିର୍ମାଣ, ସମେତ ଅନେକ ସମସ୍ୟା ଉପରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ବିଧାୟକ ଦାବିପତ୍ର ଗ୍ରହଣ କରି ସମସ୍ୟା ଦିଗରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ଅଧ୍ୟାପକ ବିରେନ୍ଦ୍ର ବେହେରା, ଉଦୟନାଥ ନାୟକ, ଟଙ୍କଧର ସାହୁ, ହେମନାଥ ଭୋଇ, ପ୍ରଭଞ୍ଜନ ମିଶ୍ରଙ୍କ ସମେତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଏନ୍‌ସିସି ନାଭାଲ ୟୁନିଟ୍ ପକ୍ଷରୁ ସଚେତନତା ରାଲି

**ଭବାନୀପାଟଣା,୨୩।୧୦(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ୪ ଓଡିଶା ନାଭାଲ ୟୁନିଟ୍ ଏନ୍.ସି.ସି ପକ୍ଷରୁ ଏକ ସଚେତନତା ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରାଫିକ୍ ସଚେତନତା ସହ ଜଳ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱରୋପ କରାଯାଇଥିଲା। ଏଥିରେ ଭବାନୀପାଟଣା ସହରର ବିଭିନ୍ନ କଲେଜ ଓ ସ୍କୁଲର ଉଭୟ ବାଳକ ଓ ବାଳିକା ବିଭାଗର ଦୁଇ ଶହରୁ ଅଧିକ ନାଭାଲ ଏନ୍.ସି.ସି କ୍ୟାଡେଟ୍ ସାଇକେଲ ରାଲିରେ ଯୋଗଦେଇଥିଲେ । ଭବାନୀପାଟଣା ସରକାରୀ ସଂୟଶାସିତ କଲେଜ, ଜେ.ପି.ଏସ୍ ଡିଗ୍ରୀ କଲେଜ ସମେତ ବ୍ରଜ ମୋହନ ହାଇସ୍କୁଲ, ମ୍ୟୁନିସିପାଲ ହାଇସ୍କୁଲ, ମାଣିକେଶ୍ୱରୀ ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ ମେଦିନିପୁର ଓ ବିମଳା କନଭେଣ୍ଟ ସ୍କୁଲ ଛାତ୍ରଛାତ୍ରୀମାନେ ଅଶଂଗ୍ରହଣ କରିଥିଲେ। ଏହି ମେଗା ସଚେତନତା ରାଲି ପୂର୍ବରୁ ୪ ଓଡିଶା ନାଭାଲ ୟୁନିଟ୍ ଏନ୍.ସି.ସି କାର୍ଯ୍ୟାଳୟ ପରିସରରେ ଟ୍ରାଫିକ୍ ସଚେତନତା ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ଜେ.ପି.ଏସ୍ ଡିଗ୍ରୀ କଲେଜ ଅଧ୍ୟକ୍ଷ ଛବି ଲାଲ ସାହୁ ଯୋଗଦେଇ ନାଭାଲ ଏନ୍.ସି.ସି କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେହିପରି ନାଭାଲ ଏନ୍.ସି.ସି ଏ.ଏନ୍.ଓ. ସବ୍ ଲେଷ୍ଟନାଣ୍ଟ ସୁଶାନ୍ତ ଦାଶ, ଥାର୍ଡ ଅଫିସର ପ୍ରଭାତ ତ୍ରିପାଠୀ, ଥାର୍ଡ ଅଫିସର ଜିତେନ୍ଦ୍ର କୁମାର ରଥ ଏବଂ ସିଟିଓ ଅମ୍ରେଶ ନେଗି, ସିଟିଓ ସଞ୍ଜୟ ଖିଲୋ, ସିଟିଓ କୁରୁକ୍ଷେତ୍ର ନାୟକ ପ୍ରମୁଖ ଏନ୍.ସି.ସି କ୍ୟାଡେଟ୍‌ମାନଙ୍କୁ ଟ୍ରାଫିକ୍ ନିୟମ ପାଳନ ଉପରେ ସଚେତନତା କରିଥିଲେ। ସଚେତନତା ସଭା ପରେ ଏନ୍.ସି.ସି କ୍ୟାଡେଟ୍‌ମାନେ ୪ ଓଡିଶା ନାଭାଲ ୟୁନିଟ୍ କାର୍ଯ୍ୟାଳୟରୁ ବାହାରି ସହର ପ୍ରରିକ୍ରମା କରି ବିଭିନ୍ନ ସ୍ଲୋଗାନ୍ ଦେଇ ସହରବାସୀଙ୍କୁ ସଚେତନ କରିଥିଲେ । ଏହା ସହ ଅନ୍ୟ ଏକ ରାଲିରେ ଜଳ ଓ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା।




ଏନ୍‌ସିସି ନାଭାଲ ୟୁନିଟ୍ ପକ୍ଷରୁ ଆୟୋଜିତ ସଚେତନତା ରାଲି ।



ବିଧାୟକ ଭୂପିନ୍ଦର ସିଂ ଜନସମ୍ପର୍କ ପଦଯାତ୍ରାରେ ମହିଳାମାନଙ୍କ ସମସ୍ୟା ବୁଝୁଛନ୍ତି ।

# ବିଧାୟକଙ୍କ ଜନସମ୍ପର୍କ ପଦଯାତ୍ରା

**ମୋହନଗିରି,୨୩।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳିର ବିଧାୟକ ଭୁପିନ୍ଦର ସିଂ ବୁଧବାର ମ.ରାମପୁର ବ୍ଲକ ମୋହନଗିରି ମାଣିକେରା ଅଞ୍ଚଳରେ ଜନସମ୍ପର୍କ ପଦଯାତ୍ରା କରି ଲୋକଙ୍କ ସମସ୍ୟା ବୁଝିଥିଲେ। ସିଂ ପ୍ରଥମେ ମୋହନଗିରି ଆସି ଧବଳେଶ୍ୱର ପୀଠରୁ ପଦଯାତ୍ରା କରିଥିଲେ। ସେ ଦେଉଳିପଡା, ମୋହନଗିରି ଜଗନ୍ନାଥମନ୍ଦିର, ସିଂହପୁର, ତଳନୁଆଗାଁ ଓ ମାଣିକେରା ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ପଦ ଯାତ୍ରା କରି ଜନସାଧାରଣଙ୍କ ସହ ସାମିଲ ହୋଇ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ଆଶୁ ପ୍ରତିକାର ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପଦଯାତ୍ରାରେ ବିଧାୟକଙ୍କ ସହ ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ମୋହନଗିରି ସରପଞ୍ଚ ବଳଭଦ୍ର ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ପୂଝାରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ କିର୍ତ୍ତନ ସାହୁ, ନବୀନ ପଧାନ, ଶୁକଦେବ ସାହୁ, ଉମେଶ ବିଶ୍ୱାଳ, ଜୟ ପ୍ରକାଶ ପଧାନ ପ୍ରମୁଖଙ୍କ ସହ ୫୦୦ରୁ ଉର୍ଦ୍ଧ୍ୱ ଦଳିୟ କର୍ମୀ ଓ ଜନସାଧରଣ ଯୋଗଦେଇଥିଲେ ।

## ପ୍ରେମ ପ୍ରତାରଣା ପରେ ଫାଣ୍ଡିରେ ବିବାହ କଲେ ପ୍ରେମିକ

**ଭବାନୀପାଟଣା, ୨୩।୧୦ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ବୋର୍ଡା ଫାଣ୍ଡି ଅନ୍ତର୍ଗତ ଗୁରୁଜୁଙ୍ଗ ଗାଁରେ ଜଣେ ବିଧବାଙ୍କୁ ବିବାହର ପ୍ରତିଶ୍ରୁତି ସହ ସେହି ଗାଁର ଭୂପେନ୍ଦ୍ର ହରପାଲ ଦୁଇ ବର୍ଷ ହେଲା ପ୍ରେମ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ଗର୍ଭବତୀ ହେବାରୁ ସେ ଫେରାର ହୋଇଯାଇଥିଲେ। ନିରାଶ ହୋଇ ଶେଷରେ ସମ୍ପୃକ୍ତା ମହିଳା ବୋର୍ଡା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ବୋର୍ଡା ଫାଣ୍ଡିରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଫାଣ୍ଡି ଅଧିକାରୀ ରାଜେଶ କୁମାର ଅଗସ୍ତି ତଦନ୍ତ ଜାରି ରଖିଥିଲେ। ସମ୍ପୃକ୍ତ ଯୁବକଙ୍କ ପରିବାରକୁ ଫାଣ୍ଡିରେ ଅଟକ ରଖିବା ପରେ ପରିବାର ଲୋକେ ରାୟପୁରରୁ ଭୂପେନ୍ଦ୍ରଙ୍କୁ ଫାଣ୍ଡିରେ ଆଣି ହାଜର କରିଥିଲେ। ଭୂପେନ୍ଦ୍ର ନିଜ ଦୋଷ ସ୍ୱୀକାର କରିବା ପରେ ମଙ୍ଗଳବାର ଫାଣ୍ଡିରେ ଉଭୟଙ୍କ ବିବାହ କରାଯାଇଥିଲା।

# ଶିଶୁଙ୍କ ମଧ୍ୟରେ ନିଖୁଣତା ବାହାର କରେ ସୁରଭି

**ନୂଆପଡା ଅଫିସ/କୋମନା, ୨୩।୧୦(ଡି.ଏନ.ଏ.)**

ଶିଶୁଙ୍କ ମଧ୍ୟରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଥାଏ । ଉପଯୁକ୍ତ ସ୍ଥାନ ସମୟ ଆସିଲେ ତାହା ପରିସ୍ଫୁଟ ହୋଇଥାଏ । ଶିକ୍ଷା ବିଭାଗ ପକ୍ଷରୁ ଚାଲିଥିବା ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ମଧ୍ୟରେ ନିଖୁଣତାକୁ ବାହାର କରିବାରେ ସଫଳ ହୋଇଥାଏ ବୋଲି ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ଆୟୋଜିତ ବ୍ଲକସ୍ତରୀୟ ସୁରଭି ଶିଶୁ ମହୋତ୍ସବରେ ଯୋଗଦେଇ ଅତିଥିମାନେ କହିଛନ୍ତି। ବୁଧବାର ପୂର୍ବାହ୍ନରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିବାବେଳେ ଏଥିରେ ବିଭିନ୍ନ କ୍ଲଷ୍ଟରରୁ କୃତୀତ୍ୱ ଅର୍ଜନ କରିଥିବା ଶିଶୁମାନେ ନିଜର ପ୍ରତିଭା ଦେଖାଇଥିଲେ। ୧୭ଟି କ୍ଲଷ୍ଟରରୁ ୩୦୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ବିଡିଓ ଶୁବେଦାର ପ୍ରଧାନ ମୁଖ୍ୟବକ୍ତା, ବିଆରସିସି ରାଧେଶ୍ୟାମ ମେହେର, ଏବିଇଓ ଚୈତରାମ ନାଏକ, ପ୍ରଧାନଶିକ୍ଷକ ସୁକାନ୍ତ ସତପଥୀ, ବେଣୁଧର ସାହୁ, ମିଳିତ ଶିକ୍ଷକ ସଂଘ ସଭାପତି ନିରୋଜ ପାଢୀ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରମୋଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବ୍ଲକ ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ସିଆରିସିସି, ପ୍ରଧାନଶିକ୍ଷକମାନେ ପରିଚାଳନାରେ ସହାୟତା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୋମନାସ୍ଥିତ ଜିତାମିତ୍ର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଓ ପ୍ରଫୁଲ୍ଲ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଝଗ୍ରାହୀ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ, ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଅଶୋକ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କପିଳେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭା ପରିପ୍ରକାଶରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି କହିଥିଲେ। କୋମନା ବ୍ଲକର ୧୭ଟି କ୍ଲଷ୍ଟରରୁ ଆସିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତ୍ୟେକ କ୍ଲଷ୍ଟର ସିଆରସିସିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା ସୁବଳଶ୍ୟାମ ପଣ୍ଡା ଓ ମାନସ ପଣ୍ଡା କରିଥିବା ବେଳେ ବିଶ୍ୱଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୫ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



କୋମନାରେ ଜଣେ କୃତୀ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**କୋକସରା,୨୩।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ପୀତବାସପୁର ଗ୍ରାମର ପବନ ରାଉତ (୨୨)ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୀତବାସପୁର ଗ୍ରାମ ନିକଟସ୍ଥ ଉଛୁଲା ଡଙ୍ଗରରୁ ଖାଦ୍ୟ ଅନ୍ୱେଷଣରେ ରାତି ଏକ ଭାଲୁ ଗାଁ ମୁହାଁ ହୋଇଥିଲେ। ରାତି ପ୍ରାୟ ୧ଟାରେ ଯୁବକ ଘରୁ ପରିଶ୍ରା ପାଇଁ ବାହାରକୁ ଆସିଥିବା ବେଳେ ହଠାତ ଘର ଆଗରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ଘର ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ । ଖବର ପାଇଁ ଆମପାଣି ବନ ବିଭାଗ କର୍ମଚାରୀ ଆସି ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ ଧର୍ମଗଡ ପଠାଇଥିବା ଆମପାଣି ଫରେଷ୍ଟର ନରେନ୍ଦ୍ର ବିଶି କହିଛନ୍ତି । ବାରମ୍ବାର ଏହି ଅଞ୍ଚଳରେ ଭାଲୁ ଆକ୍ରମଣ ବୃଦ୍ଧି ପାଉଥିବା ବେଳେ ଜଙ୍ଗଲ ବିଭାଗ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

### ଦମ୍ପତିଙ୍କଠାରୁ ସୁନା, ଟଙ୍କା ଲୁଟିଲେ ଦୁର୍ବୃତ୍ତ

**କୋକସରା,୨୩।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଡହଗାଁ ତରାପୁର ରାସ୍ତା ମଝିରେ ବୁଧବାର ଦ୍ୱିପହରରେ ଆମପାଣି କଲୋନୀପଡା ଗ୍ରାମର ଏକ ଦମ୍ପତିଙ୍କଠାରୁ ଦୁର୍ବୃତ୍ତମାନେ ସୁନା, ଟଙ୍କା ଲୁଟି ନେଇଛନ୍ତି। ଲୁଟ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଅମେରେନ୍ଦ୍ର ଖମାରୀ ତାଙ୍କ ସ୍ତ୍ରୀ ଟବା ଓ ଡେଢ ବର୍ଷର ଶିଶୁପୁତ୍ର ଏକ ବାଇକ୍‌ରେ ଧର୍ମଗଡ ଯାଉଥିଲେ। ଡହଗାଁ ତରାପୁର ରାସ୍ତା ଏକ ବୁଲାଣି ନିକଟରେ ହଠାତ ପଛପଟରୁ ୩ ଜଣ ଦୁର୍ବୃତ୍ତ ଏକ ଧଳା ରଙ୍ଗର ଟିଭିଏସ ସ୍ପୋର୍ଟସ ଗାଡିରେ ଆସି ମାରଣାସ୍ତ୍ର ଦେଖାଇ ଭୟଭିତ କରି ମହିଳା ପିନ୍ଧିଥିବା ଦେଢତୋଳା ସୁନାର ମଙ୍ଗଳସୂତ୍ର ସହ ନଗଦ ୪୫୦୦ ଟଙ୍କା ଓ ଏକ ଅପୋ ମୋବାଇଲ ଝାମ୍ପିନେଇ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତମାନେ ମୁହଁରେ କପଡା ଘୋଡାଇ ହୋଇଥିବା ଯୋଗୁ ସେମାନଙ୍କୁ ଚିହ୍ନି ପାରି ନ ଥିବା ଲୁଟର ଶିକାର ହୋଇଥିବା ଅମରେନ୍ଦ୍ର ପ୍ରକାଶ କରିଛନ୍ତି। ଦିନ ଦ୍ୱିପ୍ରହରରେ ଲୁଟ ଘଟଣା ଅଞ୍ଚଳ ପାଇଁ ପ୍ରଥମ ହୋଇଥିବା ବେଳେ ଲୋକଙ୍କ ମନରେ ଭୟ ଦେଖାଦେଇଛି । ଏହି ଦିଗରେ ପୋଲିସ ପ୍ରଶାସନ ସଜାଗ ହୋଇ ଲୁଟ କରୁଥିବା ଯୁବକମାନଙ୍କୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ୧୭୮ ମଣ୍ଡିରେ ଧାନ କ୍ରୟ

**ଭବାନୀପାଟଣା,୨୩।୧୦ (ଡି.ଏନ.ଏ.)**

ଚଳିତ ଖରିଫ ଋତୁରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ନଭେମ୍ବର ପହିଲାରୁ ମଣ୍ଡି ଖୋଲିବ। ମଙ୍ଗଳବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହା ସ୍ଥିର କରାଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଧାନ ସଂଗ୍ରହ କମିଟି ବୈଠକରେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ଜିଲାପାଳ ଡଃ. ଗାଭାଲି ପରାଗ ହର୍ଷଦ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଭଞ୍ଜଦେଓ, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ ସିଂ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ସହକାରୀ ଯୋଗାଣ ଅଧିକାରୀ ହାଡିବନ୍ଧୁ ସାହା, କୃଷି ଅଧିକାରୀ, ମିଲର୍ସ ପ୍ରତିନିଧି ଓ କୃଷକ ପ୍ରତିନିଧିମାନେ ଯୋଗଦେଇଥିଲେ। ଚଳିତ ଖରିଫରେ ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ୧୭ଟି ମହିଳା ଏସ୍‌ଏଚ୍‌ଜି ଦ୍ୱାରା ୧୭୮ଟି ମଣ୍ଡି ଖୋଲି ଧାନ କ୍ରୟ



ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମନ୍ତ୍ରୀ, ଏମ୍‌ପି, ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀବୃନ୍ଦ ।

**ଚଳିତ ଖରିଫ ଋତୁ**

- ନଭେମ୍ବର ପହିଲାରୁ ଖୋଲିବ ମଣ୍ଡି

କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଖରିଫ ଋତୁ ପାଇଁ ସେପ୍ଟେମ୍ବର ୨୨ ତାରିଖ ଚାଷୀ ପଞ୍ଜୀକରଣ ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଥିଲା। ଧାର୍ଯ୍ୟ ତାରିଖ ସୁଦ୍ଧା ଜିଲାରେ ସମୁଦାୟ ୭୨ ହଜାର ୮ ଶହ ୪୩ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଗତ ରବି ଋତୁରେ ମଣ୍ଡିରୁ ଧାନ ଉଠାଇ ଶତ ପ୍ରତିଶତ ଚାଉଳ ଯେଉଁ ମିଲର୍ସମାନେ ଏଫ୍‌ସିଆଇ ଓ ଆର୍‌ଆର୍‌ସିରେ ଅକ୍ଟୋବର ୨୬ ତାରିଖ ସୁଦ୍ଧା ଦାଖଲ କରିବେ। ସେହି ମିଲର୍ସମାନେ ହିଁ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଅଣଜଳସେଚିତ ଅଞ୍ଚଳରେ ଚାଷୀ ଏକର ପିଛା ୧୨ କୁଇଣ୍ଟାଲ ଓ ଜଳସେଚିତ ଅଞ୍ଚଳରେ ଏକର ପିଛା ୧୯ କୁଇଣ୍ଟାଲ ଧାନ ବିକ୍ରି କରି ପାରିବେ। ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ପ୍ରକାର ଅବହେଳା କଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି। ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଚଳିତ ଖରିଫରେ ଜିଲାରେ ୮୧ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବ ବୋଲି ଅକଳନ କରାଯାଇଛି। ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ଓ ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି।



କଲ୍ୟାଣ ମଣ୍ଡପ ପାଇଁ ଭୂମି ପୂଜନ କରାଯାଉଛି ।

## କଲ୍ୟାଣ ମଣ୍ଡପ ପାଇଁ ଭୂମି ପୂଜନ

**ଜୁନାଗଡ,୨୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ବୁଧବାର କଲ୍ୟାଣ ମଣ୍ଡପ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ପ୍ରଥମ ପଞ୍ଚାୟତ ଭାବେ ଚିଚୈଗୁଡା ପଞ୍ଚାୟତରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟ ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଏମଜିଏନ୍‌ଆରଇଜିଏସ୍ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ଭୂମି ପୂଜନ କାର୍ଯ୍ୟକ୍ରମରେ ଚିଚୈଗୁଡା ସରପଞ୍ଚ ସୁଧିରା ମେହେର, ନାଏବ ସରପଞ୍ଚ ନବୀନ କୁମାର ମେହେର, ବିପିନ ମେହେର, ନରେନ୍ଦ୍ର ମେହେର, ପରମେଶ୍ୱର ମେହେର, ଉଦୟନାଥ ପଣ୍ଡା ସମେତ ୱାର୍ଡ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ନାବାଳିକାଙ୍କ ଆତ୍ମହତ୍ୟା

**କେସିଙ୍ଗା,୨୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ପଥର୍ଲା ଗ୍ରାମପଞ୍ଚାୟତ ବାହାଦୂରପଦର ଗ୍ରାମର ଜଣେ ନାବାଳିକା ବିଷପାନ କରି ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ଘରୋଇ ବିଷୟକୁ ନେଇ ଯୁକ୍ତିତର୍କ ହେବାରୁ ସେ ବିଷପାନ କରିଥିଲେ। ପରିବାରବର୍ଗ ଜାଣିବା ପରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅପରାହ୍ନ ୫ଟାରେ ମୃତ୍ୟୁ ଘଟିଥିଲା। ଏ ନେଇ ଉତକେଲା ଫାଣ୍ଡି କିମ୍ବା କେସିଙ୍ଗା ଥାନାରେ ଅଭିଯୋଗ ହୋଇ ନ ଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି ।

## ଆଞ୍ଚଳିକ ସାଧନ କେନ୍ଦ୍ରରେ ସୁରଭି

**ଭବାନୀପାଟଣା,୨୩।୧୦ (ଡି.ଏନ.ଏ.)**

ଗଣନାଥପୁର ଆଞ୍ଚଳିକ ସାଧନକେନ୍ଦ୍ରର ୧୮ ବିଦ୍ୟାଳୟକୁ ନେଇ ସୁରଭି କାର୍ଯ୍ୟକ୍ରମ ଇଚ୍ଛାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାର ଅନୁଷ୍ଠିତ ହୋଇଥିଲା। ଗଣନାଥପୁର ସାଧନକେନ୍ଦ୍ର ସଂଯୋଜକ ଜଗନ୍ନାଥ ପ୍ରସାଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଇଚ୍ଛାପୁର ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି, ଗୁଡିଆଲିପଦର ସମିତି ସଭ୍ୟା ବିମଳା ନାଏକ, ପୂର୍ବତନ ସି.ଆର୍.ସି.ସି. ରାଧେଶ୍ୟାମ ଦାସ, ଦେପୁର ସି.ଆର୍.ସି.ସି. ଜୟନ୍ତ କୁମାର ପତି, ମେଦିନୀପୁର ସି.ଆର୍.ସି.ସି. ତୁଳସୀରାମ ସାହୁ, ଅଟାଙ୍ଗଗୁଡା ସି.ଆର୍.ସି.ସି. ମିନତୀ ପ୍ରଧାନ, ସାମାଜିକ କର୍ମୀ ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିଲେ। ଉଦେପୁର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁରଭି କାର୍ଯ୍ୟକ୍ରମ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଇଚ୍ଛାପୁର ବିଦ୍ୟାଳୟ ଏସ୍.ଏମ୍.ସି. ସଭାପତି ଶୂନ୍ୟ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟକୁ ଶିକ୍ଷଣ ଦକ୍ଷତା, ଶୌଚାଳୟ ବ୍ୟବହାର, ଶ୍ରେଷ୍ଠ ସଭାପତି, ଶିକ୍ଷଣ ସାମଗ୍ରୀ ତଥା ଉତ୍ତମ ଶିକ୍ଷକ ଏବଂ ଛାତ୍ରୀଛାତ୍ର ବିଭାଗରେ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଇଚ୍ଛାପୁର ଉ.ପ୍ରା. ବିଦ୍ୟାଳୟ ଛାତ୍ରୀମାନେ ଦଳଗତ ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଇଚ୍ଛାପୁର ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ତଥା ଅନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



ଅନୁଷ୍ଠିତ ସୁରଭି-୨୦୧୯ କାର୍ଯ୍ୟକ୍ରମ ।

## କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କୋକସରା,୨୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ମୋଟେର ଫାଣ୍ଡି ଅନ୍ତର୍ଗତ ଇନ୍ଦ୍ରାବତୀ କେନାଲର କର୍ଲାକୋଟ ନିକଟରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ମୋଟେର ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ମୋଟେର ପୋଲିସ ସହ କୋକସରା ଅଗ୍ନିଶମ ବିଭାଗ ମାଷ୍ଟର କୈଳାସଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଉମେଶ ବାଗ, ଛବିଲ ମୁଣ୍ଡା, ରାଜ କିଶୋର, ଯଦୁମଣି କର୍ମଚାରୀମାନେ ପହଞ୍ଚି ଯୁବକଙ୍କ ଭାସୁଥିବା ମୃତଦେହ ଉଦ୍ଧାର କରିଥିଲେ। କୋକସରା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଡହଗାଁ ପଞ୍ଚାୟତ କର୍ଲାକୋଟ ଗ୍ରାମର କୃଷ୍ଣଚନ୍ଦ୍ର ସିଂ (୪୨) ମଙ୍ଗଳବାରଠାରୁ ନିଖୋଜ ଥିବା ବେଳେ ବୁଧବାର ସକାଳେ ତାଙ୍କ ମୃତଦେହ ଇନ୍ଦ୍ରବାତୀ କେନାଲରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। କେଉଁ ଅବସ୍ଥାରେ ଯୁବକ କେନାଲରେ ପଡିଲେ ତାହା ଅସ୍ପଷ୍ଟ ରହିଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୯) ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ପୋଲିସ ଅଧିକାରୀ ଶେଖର ଜେନା ସୂଚନା ଦେଇଛନ୍ତି।

## ବିରୋଧୀ ଦଳ ନେତା, ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋକସରା,୨୩।୧୦ (ଡି.ଏନ.ଏ.)**

**କୋକସରା ବ୍ଲକ ଆଞ୍ଚଳିକ ଡମ୍ବ ସମାଜ**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଞ୍ଚଳିକ ଡମ୍ବ ସମାଜ ପକ୍ଷରୁ ବୁଧବାର ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, ଧର୍ମଗଡ ବିଧାୟକ ମୌଷଧି ବାଗ ଓ କଳାହାଣ୍ଡି ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । କୋକସରା ବସଷ୍ଟାଣ୍ଡରୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପ୍ରାଣଙ୍ଗକୁ ନେଇଥିଲେ । କୋକସରା ବ୍ଲକ ଡମ୍ବ ସମାଜ ସଭାପତି ଭଜ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଡମ୍ବ ସମାଜରେ ଜନ୍ମ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ଏହି ଅବସରରେ ମୁଖ୍ୟଅତିଥି ପ୍ରଦିପ୍ତ ନାଏକ କହିଥିଲେ। ଆମେ ସଙ୍ଗଠିତ ହୋଇ ରହିଲେ ଆଗକୁ ସମାଜ ଶୃଙ୍ଖଳିତ ହେବା ସହ ନୂତନ ଏକ ଦିଗନ୍ତ ସୃଷ୍ଟି କରିପାରିବ। ଆଜି ଆମ ସମାଜ ଉଚ୍ଚ ଶିକ୍ଷିତ ପ୍ରତିଟି କ୍ଷେତ୍ରରେ ଆମେ ଆଗୁଆ ବୋଲି ସେ ମତ ରଖିଥିଲେ । ଅନୁସୁଚିତ ଜାତି ସମାଜ ସରକାରୀ ଚାକରିଆମାନଙ୍କୁ ପଦୋନ୍ନତି ଶୀଘ୍ର ମିଳୁ ନ ଥିବା ବେଳେ ଆଗକୁ ଏହି ଦିଗରେ ଅଗ୍ରାଧିକାର ଦେବା ପାଇଁ ବିରୋଧି ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, କଳାହାଣ୍ଡି ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, କୋକସରା ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ, ଧର୍ମଗଡ ଡମ୍ବ ସମାଜ ସଭାପତି ତଥା ଆଇନଜୀବୀ ବିଶ୍ୱନାଥ କର, ଗୋଲାମୁଣ୍ଡା ଡମ୍ବ ସମାଜ ସଭାପତି ରାମଚନ୍ଦ୍ର ସେନାପତି, ନୂଆପଡା ଜିଲା ଡମ୍ବ ସମାଜ ସଭାପତି ଫକିର ମୋହନ ଜଗତ, କୋକସରା ଡମ୍ବ ସମାଜ ସମ୍ପାଦକ ଲିଙ୍ଗରାଜ ଧଙ୍ଗଡାମାଝି, କୋକସର ଡମ୍ବ ସମାଜ ଉପସଭାପତି ବନମାଳି ବାଗ, ଅବସରପ୍ରାପ୍ତ ଡ. କେଶବଲାଲ ବାଗ, ଦେବାନନ୍ଦ ନାଏକ, ମାର୍କଣ୍ଡ ବେମାଲ ପ୍ରମୁଖ ଅତିଥି ରୁପେ ଯୋଗଦାନ କରି ଡମ୍ବ ସମାଜ ସଂସ୍କୃତି ଓ ପରମ୍ପରା ଉପରେ ମତ ରଖିଥିଲେ। ଉପଖଣ୍ଡସ୍ତରୀୟ ଅନୁସୂଚିତ ଜାତି ସଭାପତି ଗୋବର୍ଦ୍ଧନ ବାଗ, ବ୍ଲକ ଡମ୍ବ ସମାଜ କୋଷାଧ୍ୟକ୍ଷ ଧବଳେଶ୍ୱର ନାଗ, ସତ୍ୟାବାନ ପାଣିଗ୍ରାହୀ, ରାମଚନ୍ଦ୍ର ପାଣିଗ୍ରାହୀ, ବଳରାମ ବାଗ, ଦଶରଥ ବାଗ, କେଶବ ଚନ୍ଦ୍ର ନାଏକ, ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରୀ, ପଞ୍ଚାନନ ବେଶ୍ରା, ଦୁର୍ଯ୍ୟୋଧନ ଠାକୁର ପ୍ରମୁଖ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲେ । ମଞ୍ଚ ପରିଚାଳନା ଲଡୁଗାଁ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା କରିଥିଲେ।



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ହସ୍ପିଟାଲ ଅଛି, ଡାକ୍ତର ନାହାନ୍ତି

# ରୋଗୀ ତୁଳନାରେ ଔଷଧ ମିଳୁନି

**ଲାଞ୍ଜିଗଡ଼,୨୩।୧୦ (ଡିଏନ୍‌ଏ)**

ସରକାର ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଇ ଆସୁଥିବାବେଳେ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟ ବ୍ୟାପି ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଆଦିବାସୀ ବହୁଳ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ନ ଦେଖିଲେ ବିଶ୍ୱାସ କରିହେବନି । କାୟାକଳ୍ପ ପୁରସ୍କାର ଦୌଡରେ ସାମିଲ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞ ଅଭାବ ମୁଖ୍ୟ ସମସ୍ୟା । ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ମେଡିକାଲ ଅଫିସର ଡା. ଇନ୍ଦ୍ର କୁମାର ନେବା ପରଠାରୁ ଅନେକ କିଛି ପଦକ୍ଷେପ ନେଇଥିଲେ ସୁଦ୍ଧା ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁ ଲୋକଙ୍କୁ ଚିକିତ୍ସା ସେବାରେ ବାଧା ଉପୁଜୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଲାଞ୍ଜିଗଡରୋଡ, ମଧୁପୁର, ବେନଗାଁ ଆଦି ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଓ ରୋଗୀଙ୍କ ତୁଳନାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ଯୋଗାଣ ହେଉ ନ ଥିବାରୁ ଅଞ୍ଚଳରେ ଲୋକଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହେଉଛି । ସେହିପରି ବିଶ୍ୱନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲାଞ୍ଜିଗଡ ବ୍ଲକ ହଜାର ହଜାର ଲୋକେ ନିର୍ଭର କରୁଥିବା ବେଳେ ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ ପଦବୀ ଖାଲି ପଡିଛି ।

ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ଦାବି କଲେ ସୁଦ୍ଧା କୌଣସି ଫଳ ମିଳୁନାହିଁ । ସେହିପରି ବିଶେଷଜ୍ଞ ଡାକ୍ତର ଅଭାବ ଓ ରୋଗୀଙ୍କ ଆବଶ୍ୟକତା ଅନୁସାରେ ଔଷଧ ମିଳୁ ନ ଥିବାରୁ ଏଠାକୁ ରୋଗୀ ଆସିଲେ ଅନ୍ୟ ଉପାୟ ନ ପାଇ ଭବାନୀପାଟଣା କିମ୍ବା ଅନ୍ୟ ହସ୍ପିଟାଲକୁ ରେଫର କରି ଦିଆଯାଏ। ଫଳରେ ସରକାରଙ୍କ ଦ୍ୱାରା କାୟାକଳ୍ପ ପୁରସ୍କାର ପାଇବାକୁ ସମସ୍ତ ଯୋଗ୍ୟତା ପରିପୂରଣ କରୁଥିବା ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଏକ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି । ସରକାର ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥା ସଜାଡିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।




## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ

### ଉପଯୁକ୍ତ ତଦନ୍ତ, ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି

**ଜୁନାଗଡ଼,୨୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଲଙ୍କେଶ୍ୱରୀ ଇଣ୍ଡେନ ଗ୍ୟାସ ଅଫିସ ପଛପଟରେ ମଙ୍ଗଳବାର ଅପରାହ୍ନରେ ଭୁବନେ ବୋଡକିଆ (୨୩)ଙ୍କ ମୃତଦେହକୁ ଜୁନାଗଡ ପୋଲିସ ଉଦ୍ଧାର କରିଥିଲା। ଭୁବନେଙ୍କୁ ସୁପରିପଳ୍ପିତ ଭାବେ ହତ୍ୟା କରାଯାଇ ଆତ୍ମହତ୍ୟା ରୁପ ଦିଆଯାଇଥିବା ନେଇ ପରିବାରବର୍ଗ ଅଭିଯୋଗ କରିଥିଲେ। ଉପଯୁକ୍ତ ତଦନ୍ତ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ପୂର୍ବାହ୍ନ ୧୦.୪୫ରେ ମୃତକଙ୍କ ସମ୍ପର୍କୀୟମାନେ ଜୁନାଗଡ ସହର ହାତୀନଦୀ ବ୍ରିଜ ନିକଟରେ ମୃତଦେହ ରଖି ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇଁ ଘଟଣାସ୍ଥଳରେ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହନ୍ତ, ଧର୍ମଗଡ ଏସଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ଭବାନୀପାଟଣା ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ ଓ ଧର୍ମଗଡ ଅତିରିକ୍ତ ଶ୍ରମ ଅଧିକାରୀ ଜୟନ୍ତ କୁମାର ପଣ୍ଡା ପ୍ରମୁଖ ପହଞ୍ଚିଥିଲେ। ଆନ୍ଦୋଳନରତ ଲୋକଙ୍କ ସହ ଆଲୋଚନା କରି ଉପରୋକ୍ତ ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨.୪୫ରେ ରାସ୍ତାରୋକୋ ହଟିଥିଲା। ଶ୍ରମ ଅଧିକାରୀ ପଣ୍ଡା ମୃତ ଶ୍ରମିକଙ୍କ ପରିବାରକୁ ସରକାରୀସ୍ତରରେ ଯାହାକି ଛି ସୁବିଧା ଅଛି ତାହା ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ପୋଲିସର ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ୨ ଘଣ୍ଟା ରାସ୍ତାରୋକୋ ଯୋଗୁ ଶତାଧିକ ଯାନବାହନ ଯାତାୟାତ କରି ନ ପାରି ରାସ୍ତାରେ ଅଟକି ରହିଥିଲା। ଉଲ୍ଲେଖନୀୟ ଯେ, ଭୁବନେ ସହରର ବାବୁପଡାରେ ଭଉଣୀ ବିମଳା ପୂଝାରୀଙ୍କ ଘରେ ରହି ଦୀର୍ଘ ଦିନ ହେଲା ଜୁନାଗଡ ଲଙ୍କେଶ୍ୱରୀ ଇଣ୍ଡେନ ଗ୍ୟାସରେ ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ଗ୍ୟାସ ଅଫିସ ପଛପଟ ଏକ ଗଛରେ ଭୁବନେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଜଣେ କର୍ମଚାରୀ ମୃତକାଙ୍କ ଭଉଣୀଙ୍କୁ ଖବର ଦେଇଥିଲେ। ବିମଳା ଘଟଣାସ୍ଥଳରେ ପହଞ୍ଚିବାବେଳେ ଭୁବନେ ଗଛ ପାଖରୁ କିଛି ଦୂରରେ ମରିପଡିଥିବା ଦେଖିବାକୁ ପାଇଥିଲେ। ଉକ୍ତ ଦିନ ମୃତକାଙ୍କ ଭଉଣୀ ବିମଳା ହତ୍ୟା ସନ୍ଦେହ ଅଭିଯୋଗରେ ସ୍ଥାନୀୟ ଗ୍ୟାସ କର୍ମଚାରୀଙ୍କ ବିରୋଧରେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକେ କରିଛନ୍ତି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଏନ୍‌ଏସ୍‌ପିସିଏଲ୍‌ର ଘରୋଇକରଣକୁ ସିଆଇଟିୟୁର ବିରୋଧ

ରାଉରକେଲା ଅଫିସ, ୨୩।୧୦

ମଙ୍ଗଳବାର ଏନ୍‌ଏସ୍‌ପିସିଏଲ୍‌ର ସ୍ୱୀକୃତୀପ୍ରାପ୍ତ ୟୁନିୟନ (ଏନଡବ୍ଲ୍ୟୁ) ୱାର୍କର୍ସ ୟୁନିୟନର ଏକ ଜରୁରୀ ବୈଠକ ସଭାପତି ତଥା ରାଷ୍ଟ୍ରିୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏନ୍‌ଏସ୍‌ପିସିଏଲର ଘରୋଇକରଣକୁ ବିରୋଧ କରାଯିବା ସହ ଆନ୍ଦୋଳନ କରୁଥିବା ଶ୍ରମିକ ମାନଙ୍କୁ ସିଆଇଟିୟୁ ପକ୍ଷରୁ ସମର୍ଥନ କରାଯାଇଛି। ବ୍ରିଟେନର କମ୍ପାନୀ ୱିଲିସ ଟାୱାର ୱାଟସନର ଏକ ପ୍ରତିନିଧି ମଣ୍ଡଳୀ ଦୁର୍ଗାପୁର ସ୍ଥିତ ଏନ୍‌ଏସ୍‌ପିସିଏଲକୁ ଗସ୍ତ କରିଥିଲେ। ଯାହାର ଉଦ୍ଦେଶ୍ୟ ଏନ୍‌ଏସ୍‌ପିସିଏଲକୁ ଘରୋଇକରଣ କରିବା ପାଇଁ ପଲିସି ନିର୍ମାଣ କରିବା। ଏହି ଖବର ଜଣାପଡ଼ିବା ପରେ କାରଖାନାର ସ୍ଥାୟୀ ଓ ଠିକା ଶ୍ରମିକମାନେ ଗୋ ବେକ ସ୍ଲୋଗାନ ଦେଇ ବିରୋଧ ପ୍ରଦର୍ଶନ କରିବା ସହ ୱାଟସନ କମ୍ପାନୀର ପ୍ରତିନିଧିଙ୍କୁ କାରଖାନାରୁ ବାହାର କରିଦେଇଥିଲେ। ଏନ୍‌ଏସ୍‌ପିସିଏଲ ଏକ ଲାଭଜନକ ରାଷ୍ଟ୍ରାୟତ୍ତ ସଂସ୍ଥା। ଏହାର ସମ୍ପ୍ରସାରଣ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାସହ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ ବୋଲି ସିଟୁ ପକ୍ଷରୁ କୁହାଯାଇଛି। ଏଣୁ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣରୁ ରକ୍ଷା କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକ ହେବା ପାଇଁ ସଭାପତି ବିଷ୍ଣୁ ମହାନ୍ତି ଆହ୍ୱାନ ଦେଇଛନ୍ତି। ଏହାସହ ବଳପୂର୍ବକ ଘରୋଇକରଣ ପାଇଁ ପ୍ରଚେଷ୍ଟା କରାଯାଏ, ତାହା ହେଲେ ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସିଆଇଟିୟୁର ସାଧାରଣ ସମ୍ପାଦକ ରମଣୀରଞ୍ଜନ ପଣ୍ଡା ଏକ ପ୍ରେସ ବିବୃତି ଜରିଆରେ ଜଣାଇଛନ୍ତି।

# ସ୍ୱେରେଜ ନିର୍ମାଣ କାର୍ଯ୍ୟ ମନ୍ଥର

ରାଉରକେଲା ଅଫିସ, ୨୩।୧୦



ସହରର ମହତାବ ରୋଡରେ ଠିକା ସଂସ୍ଥା ପକ୍ଷରୁ ସ୍ୱେରେଜ କାର୍ଯ୍ୟ ପାଇଁ ରାସ୍ତା ଖୋଳାଯାଇଛି।

**ରାଉରକେଲା ମହାନଗର ନିଗମ**
- **ବ୍ୟସ୍ତତମ ଅଞ୍ଚଳରେ ରାସ୍ତା ଖୋଳା ଯାଉଛି**
- **ଏହା ସାଜୁଛି ଦୁର୍ଘଟଣାର କାରଣ**

ରାଉରକେଲା ସହରକୁ ସ୍ମାର୍ଟସିଟି ଘୋଷଣା ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିମଧ୍ୟରୁ ସ୍ୱେରେଜ ନିର୍ମାଣ କାର୍ଯ୍ୟ ଅନ୍ୟତମ। ତେବେ ସ୍ୱେରେଜ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଅତ୍ୟନ୍ତ ମନ୍ଥର ଗତିରେ ଏହି କାର୍ଯ୍ୟକୁ ଚାଲୁ ରଖିଛି। ଏଥିସହ ରାସ୍ତା ଉପରେ ଗାତ ଖୋଳିବା ଯୋଗୁ ସହରାଞ୍ଚଳରେ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁସାରେ ରାଉରକେଲା ସହରରେ ଡ୍ରେନେଜ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ୨୦୧୭ରେ ଆରମ୍ଭ କରାଯାଇଥିଲା ସ୍ୱେରେଜ ପ୍ରକଳ୍ପ। ଓଡ଼ିଶା ୱାଟର ସପ୍ଲାଏ ଆଣ୍ଡ ସ୍ୱେରେଜ ବୋର୍ଡ (ଓଡବ୍ଲ୍ୟୁଏସ୍‌ଏସବି) ଏହାର ନୋଡାଲ ଏଜେନ୍ସି ହୋଇଥିବା ବେଳେ ଠିକା ସଂସ୍ଥା ଏଲ୍‌ଆଣ୍ଡଟି ଏହି କାର୍ଯ୍ୟକୁ ସମ୍ପାଦନ କରୁଛି। ସ୍ୱେରେଜ ପ୍ରକଳ୍ପର ବ୍ୟୟ ଅଟକଳ ୨୯୯ କୋଟି ଟଙ୍କା ଥିବା ବେଳେ ରକ୍ଷଣାବେକ୍ଷଣ ଓ ଆନୁଷଙ୍ଗିକ ବ୍ୟୟ ଅଟକଳକୁ ମିଶାଇ ଏହାର ପରିମାଣ ୩୪୦ କୋଟି ଟଙ୍କା ରହିଛି। ଘର ଭିତର ମଇଳା ପାଣିକୁ ସ୍ୱେରେଜ ପାଇପ ଲାଇନ ମାଧ୍ୟମରେ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ନେଇ ବିଶୋଧନ କରିବାର ବ୍ୟବସ୍ଥା କରାଯାଇଛି। ସହରର ବିଭିନ୍ନ ଅଞ୍ଚଳରେ ପାଇପ ଲାଇନ କାର୍ଯ୍ୟ ମଧ୍ୟ ଚାଲିଛି। ତେବେ ଏହି ପାଇପ ବିଛା କାର୍ଯ୍ୟ ସହରରେ ଦୁର୍ଘଟଣାର ହାରକୁ ବୃଦ୍ଧି କରୁଛି ବୋଲି ଜନସାଧାରଣରେ ମତପ୍ରକାଶ ପାଇଛି। ବର୍ତ୍ତମାନ ସହରର ଛେଣ୍ଡ ଅନ୍ତର୍ଗତ କଳିଙ୍ଗ ବିହାର, ମହତାବ ରୋଡ ସହ ବିଭିନ୍ନ ବାସପଯୋଗୀ ଅଞ୍ଚଳ ଏବଂ ମୁଖ୍ୟ ରାସ୍ତାରେ ସ୍ୱେରେଜ ପାଇପ ବିଛା ଯିବା ପାଇଁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି ପକ୍ଷରୁ ଗାତ ଖୋଳା ଆରମ୍ଭ କରାଯାଇଛି। ତେବେ ଗୋଟିଏ ଅଞ୍ଚଳର ସ୍ୱେରେଜ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଠିକା ସଂସ୍ଥା ପାଖରେ ଥିବା ଅନ୍ୟ ରାସ୍ତାକୁ ଖୋଳି ଦେଉଛନ୍ତି। ଠିକା ସଂସ୍ଥା ଏଲଆଣ୍ଡଟି ପକ୍ଷରୁ ଯୋଜନା ବିହୀନ ଭାବେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ସହରର ବ୍ୟସ୍ତତମ ଅଞ୍ଚଳରେ ରାସ୍ତା ଖୋଳା ଯାଉଥିବାରୁ ପ୍ରାୟ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ଏପରିକି ପାଇପ ବିଛା କାର୍ଯ୍ୟ ସରିବା ପରେ ଠିକା ସଂସ୍ଥା ପକ୍ଷରୁ ଠିକ ଭାବରେ ଉପରୋକ୍ତ ରାସ୍ତାକୁ ମରାମତି କରାଯାଉ ନ ଥିବାରୁ ରାଉରକେଲାବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏ ଦିଗରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ସହ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ଅନୁଯାୟୀ ସ୍ୱେରେଜ କାର୍ଯ୍ୟ କରିବାକୁ ଦାବି ହେଉଛି। ଏ ନେଇ ଆର୍‌ଏମ୍‌ସି (ରାଉରକେଲା ମହାନଗର ନିଗମ) ଡେପୁଟି କମିଶନର ସୀତାଦେବୀ ମାଝିଙ୍କୁ ପଚାରିବାରୁ ଏ ନେଇ ଠିକା ସଂସ୍ଥାକୁ ତାଗିଦ କରାଯାଇଥିବା କହିଥିଲେ। ଏପରିକି ଏ ବାବଦରେ ଆର୍‌ଏମ୍‌ସି ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ୟେଦୁଲା ବିଜୟ ଏବଂ ସୁନ୍ଦରଗଡ଼ ଜିଲାପାଳ ମଧ୍ୟ ଏକ ବୈଠକରେ ଆଲୋଚନା କରିବା ସହ ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ କରିଥିବା ନେଇ ସୂଚନା ଦେଇଛନ୍ତି।

# ସ୍ୱସ୍ତି ସାହିତ୍ୟ ସଂସଦର ଶାରଦୀୟ ସନ୍ଧ୍ୟା

ରାଉରକେଲା ଅଫିସ, ୨୩।୧୦

ସହରର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସ୍ୱସ୍ତି ସାହିତ୍ୟ ସଂସଦର ଶାରଦୀୟ ସାହିତ୍ୟ ସନ୍ଧ୍ୟା ହୃଷିକେଶ ରାୟ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ମହେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜୀବ ପାଣି ଆଲୋଚକ ଭାବେ ଯୋଗଦେଇ ଆରାଧ୍ୟଯତେ ଇତି ରାଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପାଣି କହିଥିଲେ ଯେ ରାଧା ହେଉଛନ୍ତି ନିଧି, ସିଦ୍ଧି ଓ ମୁକ୍ତି। ଭାବମୟୀ ଶ୍ରୀରାଧାଙ୍କ ନମନୀୟତା କୃଷ୍ଣ ପ୍ରାପ୍ତିରେ ସହାୟକ ହୋଇଥାଏ। ରାଧା ଏବଂ କୃଷ୍ଣ ଏକ ଓ ଅଭିନ୍ନ। ଶାସ୍ତ୍ରର ତିନି ଭାଷା ସମାଧି, ଲୌକିକ ଓ ପରକୀୟା ଭାଷାର ବିଭିନ୍ନ ବୈଦିକ ଉଦାହରଣ ମାଧ୍ୟମରେ ସେ ରାଧାତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗାଳ୍ପିକ କାଶୀନାଥ ନନ୍ଦି 'ଆଉ କିଛି ଆଉ ଥରେ' ଗଳ୍ପ ପାଠ କରିଥିବା ବେଳେ ଏହାକୁ ସମୀକ୍ଷା କରିଥିଲେ ପ୍ରାଧ୍ୟାପକ ଭବେଶ ସାହୁ। ସାହିତ୍ୟ ସମ୍ପାଦିକ ଅଙ୍ଗୁରବାଳା ପରିଡାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଡା. କୃପାସିନ୍ଧୁ ନାୟକ, ସ୍ୱରୁପ ମହାପାତ୍ର, ତାରିଣୀ ଚରଣ ସାହୁ, ଡ. ହେମନ୍ତ ମିଶ୍ର, ନିଳିମା ନାୟକ, ଶ୍ରେୟସୀ ସାହୁ, ଲଲାଟେନ୍ଦୁ ଆଚାର୍ଯ୍ୟ ପ୍ରମୁଖ କବିତାପାଠ କରିଥିବା ବେଳେ କବି ବ୍ରଜ ଦାସ କବିତା ଗୁଡ଼ିକ ସମୀକ୍ଷା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜକୁମାର ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ ପାରେଶ୍ୱର ବିଶ୍ୱାଳ, ବିଚିତ୍ରାନନ୍ଦ ସାହୁ, କିଶୋରୀ ମୋହନ କର, ହରିହର ଶତପଥି, ପ୍ରତିମା ଶତପଥି, ସୁକାନ୍ତ ମହାପାତ୍ର, ସୁଶାନ୍ତ ପାଣି, ସୁବାଷ ମହାପାତ୍ର, ବିଭୂତି ଭୂଷଣ ଦାସ, ଅବନିନ୍ଦ୍ର ଓଝା, ଅଜୟ ପାଣି, ପ୍ରତାପ ରାୟ ପ୍ରମୁଖ ଉପସ୍ଥିତ ଥିଲେ।




ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ରୋଲସପ ବିଭାଗ କର୍ମଚାରୀଙ୍କ ପ୍ରୟାସ ଦ୍ୱାରା ଆର୍‌ଏସ୍‌ପିର ବିପୁଳ ସଞ୍ଚୟ

**ରାଉରକେଲା ଅଫିସ, ୨୩।୧୦:** ସେଲ ରାଉରକେଲା ଇସ୍ପାତ କାରଖାନାର 'ଡାଇନୋମସ' ଗୁଣବତ୍ତା ମଣ୍ଡଳୀର ଅଭିନବ ପ୍ରୟାସ ଦ୍ୱାରା କାରଖାନାର ବିପୁଳ ସଞ୍ଚୟ ହୋଇଛି। ଏହି ଉଦ୍ୟୋଗୀ ଦଳ 'ଡବ୍ଲ୍ୟୁଜି-୮ କନଭେନ୍ସନାଲ ରୋଲ ଗ୍ରାଇଣ୍ଡିଙ୍ଗ ମେଶିନର ସଠିକତାରେ ଉନ୍ନତି' ଶୀର୍ଷକ ଏକ ପ୍ରକଳ୍ପ କାର୍ଯ୍ୟାନ୍ୱିତ କରିଥିଲେ। ତ୍ରୁଟିପୂର୍ଣ୍ଣ ରୋଲ ପ୍ରୋଫାଇଲ ଓ ସର୍ଫେସ ଯୋଗୁ ଟାଣ୍ଡେମ ମିଲ ୱାର୍କରୋଲରେ ରିଗ୍ରାଇଣ୍ଡିଙ୍ଗର ପରିମାଣରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହା ମୁଖ୍ୟତଃ ୧୯୭୦ ମସିହାରେ ସିଆରଏମ କମ୍ପ୍ଲେକ୍ସରେ ସ୍ଥାପିତ ହୋଇଥିବା ଡବ୍ଲ୍ୟୁଜି-୮ ରୋଲ ଗ୍ରାଇଣ୍ଡିଙ୍ଗ ମେଶିନର ଅନିୟମିତ କାର୍ଯ୍ୟ ସମ୍ପାଦନ ଯୋଗୁ ୟୁନିଟରେ ବହୁ ସମସ୍ୟା ଦେଖାଦେଇଥିଲା। ଏଥିରେ ମେଶିନ ଦୀର୍ଘ ସମୟ କାର୍ଯ୍ୟରେ ନିୟୋଜିତ ରହିବା, ମୂଲ୍ୟବାନ କଞ୍ଚାମାଲର ଅପଚୟ, ମିଲକୁ ଯଥା ସମୟରେ ରୋଲ ଆସେମ୍ବ୍ଲି ଯୋଗାଇବାରେ ଅସମର୍ଥ ତଥା ଅଧିକ ରୋଲ ଗ୍ରାଇଣ୍ଡିଙ୍ଗ ଯୋଗୁଁ ଅଧିକ ମ୍ୟାନ ପାୱାର ନଷ୍ଟ ହେବା ସହିତ ଗ୍ରାଇଣ୍ଡିଙ୍ଗ ହ୍ୱିଲର ବହୁଳ ଅପଚୟ ପରିଲକ୍ଷିତ ହେଉଥିଲା। ଉକ୍ତ ପ୍ରତିନିଧି ଦଳ ଏହି ସମସ୍ୟାର ସମାଧାନକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲେ। ମେଶିନ ବେଡର ଆଲାଇନମେଣ୍ଟ ପଲିସ ସମ୍ପନ୍ନ କରାଯିବା ସହ ବାଏକ୍ସ ସ୍କ୍ରାପର ମେଶିନ ଦ୍ୱାରା ଅଏଲ ପକେଟ ସୃଷ୍ଟି କରାଯାଇଥିଲା। ଧଳା ମେଟାଲ ଲାଇନର ବଦଳରେ ଟେଫ୍ଲନ ଲାଇନର ଉପଯୋଗ କରାଯାଇଥିଲା। ଏଥି ସମେତ ଗ୍ରାଭିଟେସନାଲ ଲୁବ୍ରିକେସନ ସିଷ୍ଟମ ପରିବର୍ତ୍ତେ ଫୋର୍ସଡ ଲୁବ୍ରିକେସନ ସିଷ୍ଟମ ପ୍ରବର୍ତ୍ତନ କରାଯାଇଥିଲା। ଫଳରେ ଏହି ସମସ୍ୟାର ସମାଧାନ ହୋଇପାରିଥିଲା। ଉକ୍ତ ପ୍ରକଳ୍ପକୁ ମାତ୍ର ୪୩୨୦ ଟଙ୍କ ବ୍ୟୟ ଅଟକଳରେ କାର୍ଯ୍ୟକାରୀ କରାଗଲା। ଏହି ପ୍ରକଳ୍ପ ଦ୍ୱାରା କାରଖାନାର ବାର୍ଷିକ ୮୨ ଲକ୍ଷ ଟଙ୍କାର ସଞ୍ଚୟ ସମ୍ଭବପର ହୋଇପାରିଛି। ଉକ୍ତ ଗୁଣବତ୍ତା ମଣ୍ଡଳୀ ଏହି ପ୍ରକଳ୍ପକୁ ନିକଟରେ ଅନୁଷ୍ଠିତ ସିସିକ୍ୟୁସିରେ ଉପସ୍ଥାପିତ କରି ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି।

# ଆର୍‌ଏସ୍‌ପିରେ ବେଆଇନ ଚଳାଚଳ ଗାଡ଼ି ଉପରେ ବିଭାଗୀୟ ନଜର

ରାଉରକେଲା ଅଫିସ,୨୩। ୧୦

ପରିବହନ ନିୟମ ଫାଙ୍କି ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଭିତରେ ବେପରୁଆ ଚଳାଚଳ କରୁଥିବା ଭାରିଯାନଗୁଡିକୁ ଏଣିକି କଡାକଡି ଯାଞ୍ଚ କରାଯିବ। ଏଭଳି ନିଷ୍ପତି ନେଇଛି ଜିଲା ପରିବହନ ବିଭାଗ (ଆରଟିଓ)। ଏହି ମର୍ମରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଚିଠି କରିଛନ୍ତି ଭାରପ୍ରାପ୍ତ ପରିବହନ ଅଧିକାରୀ(ଆରଟିଓ) ତଥା ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର। ଏ ନେଇ ସେ ତାଙ୍କ ଚିଠି ନଂ. ୫୦୧୫। ୧୯।୧୦।୨୦୧୯ରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ଷ୍ଟିଲ ସିଟିର ସଂଖ୍ୟା ବହୁଳ ଭାରିଯାନ ଆର୍‌ଏସ୍‌ପି ପରିସରରେ ରହିଥିବା ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ କାମରେ ନିୟୋଜିତ ରହିଛି। ଏହା ଭିତରୁ ଅନେକ ଗାଡି ବିଭାଗୀୟ ନୀତିନିୟମ ଫାଙ୍କି କାରଖାନା ପରିସରରେ ଦୀର୍ଘ ବର୍ଷ ହେବ ଚଳାଚଳ କରୁଛି। ଏଭଳି ସନ୍ଦେହ କରିଛି ବିଭାଗ। ଉପଯୁକ୍ତ ପଞ୍ଜିକରଣ ସାର୍ଟିଫିକେଟ, ଫିଟନେଶ, ଟ୍ୟାକ୍ସ ଓ ପଲ୍ୟୁସନ ପ୍ରମାଣପତ୍ର ଅଭାବରୁ ଗାଡି ମାଲିକ ଏହାକୁ ପଦାକୁ ବାହାର କରୁନାହାଁନ୍ତି। କାମ ଶେଷ ପରେ ବି କାରଖାନା ଭିତରେ ରଖୁଛନ୍ତି। ଏମିତି ଅବସ୍ଥାରେ ଉପରୋକ୍ତ ଗାଡିଗୁଡିକର ଉପଯୁକ୍ତ ଯାଞ୍ଚ କରିବା ସମ୍ଭବ ହୋଇପାରୁନି। ଫଳରେ ରାଜ୍ୟ ସରକାର ବହୁ ପରିମାଣର ରାଜସ୍ୱ ହରାଉଛନ୍ତି। ଏଣିକି ପରିବହନ ବିଭାଗ ନିର୍ଦ୍ଦେଶ ଅନୁସାରେ ୪ ଜଣ କର୍ମଚାରୀ ଆର୍‌ଏସ୍‌ପି ପରିସରକୁ ଆସି ଏହି ଗାଡିଗୁଡିକୁ ଯାଞ୍ଚ କରିବେ। ଏଥିରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସହଯୋଗ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଘଟଣା ପଦାକୁ ଆସିବା ପରେ କାରଖାନା ପରିସରରେ ଲୁଚି ଛପି କାମ କରୁଥିବା ଗାଡିମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ରାଉରକେଲା ପାର୍ଶ୍ୱବର୍ତ୍ତୀ ଶିଳ୍ପାଞ୍ଚଳର ବିଭିନ୍ନ କଳ କାରଖାନାରେ ଚଳାଚଳ କରୁଥିବା ଗାଡିଗୁଡ଼ିକ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। କାରଣ କାଲୁଙ୍ଗା ଶିଳ୍ପାଞ୍ଚଳ ଭଳି ଅନେକ ଅଞ୍ଚଳରେ ଏମିତି ଶତାଧିକ ଗାଡି ବିନା କାଗଜପତ୍ରରେ ଦୀର୍ଘ ବର୍ଷ ହେବ ଚଳାଚଳ କରୁଥିବା ସନ୍ଦେହ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ଅନ୍ୟ କେତେକ ବିଭାଗରେ ମଧ୍ୟ ଏମିତି ଗାଡି ଚଳାଚଳ କରୁଥିବା ସନ୍ଦେହ ସୃଷ୍ଟି ହୋଇଛି। ଏହା ଉପରେ ଜିଲା ପରିବହନ ବିଭାଗ ଖୁବ ଶିଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ବୋଲି ସୂଚନା ମିଳିଛି।



ଆରଟିଓ ଅଫିସ।

## ମଧୁବୈଶ୍ୟ ସମାଜର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି

**ରାଉରକେଲା ଅଫିସ, ୨୩। ୧୦:** ମଧୁବୈଶ୍ୟ ସମାଜ(ଗୁଡ଼ିଆ)ର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୨୦ରେ ଆୟୋଜିତ ବୈଠକରେ ସଭାପତି ପଦ୍ମଲୋଚନ ସାହୁ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୮ରେ ସମାଜର ବାର୍ଷିକୋତ୍ସବ ପାଳନ ଲାଗି ସବିଶେଷ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ଧରଣୀଧର ସାହୁ ଏନେଇ ଖସଡା ପ୍ରସ୍ତୁତ କରିଥିଲେ। ଉତ୍ସବ ପରିଚାଳନା କମିଟି ଅଧ୍ୟକ୍ଷ ଭାବେ ଅଜୟ ସାହୁ ଓ ସଂଯୋଜକ ଦିଲୀପ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ ସମାଜର ମୁଖପତ୍ର ସମ୍ପର୍କରେ ଆଞ୍ଚଳିକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। କୈଳାସ ସାହୁ, କାଙ୍ଗାଳୀ ସାହୁ, ଅର୍ଜୁନ ସାହୁ, ସାରଦାପ୍ରସନ୍ନ ସାହୁ, ନୀଳମାଧବ ସାହୁ, ରଞ୍ଜନ ସାହୁ, ଈଶ୍ୱରଚନ୍ଦ୍ର ସାହୁ, ଅଶୋକ ସାହୁ ଓ ରଙ୍କନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୌମି ଏକତା କନ୍‌ଫରେନ୍ସ

ରାଉରକେଲା ଅଫିସ, ୨୩।୧୦

ଅଲ ଇଣ୍ଡିଆ ଉଲେମା ବୋର୍ଡ ଦ୍ୱାରା ରାଉରକେଲା ସେକ୍ଟର-୧୫ ଠାରେ ଏକ ବିଶାଳ କୌମି ଏକତା କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏ.ଆଇ.ୟୁ.ବିର ଅଧ୍ୟକ୍ଷ ଏମଡି.ଅରସଦ ନକଭି ଯୋଗଦେଇଥିଲେ। ଏହାସହ ମୁଖ୍ୟଅତିଥି ଭାବେ ଜାତୀୟ ସଭାପତି ସାହି ଇମାମ ନିୟାଜ ଅହମଦ କାସମି, ଜାତୀୟ ସମ୍ପାଦକ ଅଲମା ବୁନାଇ ହସନ, ଜାତୀୟ ସଙ୍ଗଠକ ସମ୍ପାଦକ ୱାରିସ ଅଲୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ରାଜ୍ୟ ଯୁବସଭାପତି ଏମଡି. ଜାଭେଦ, ରାଜ୍ୟ ଯୁବ ସମ୍ପାଦକ ଦାନିସ ଖତର, ଜିଲା ଯୁବସଭାପତି ଓେଖ ଦିସିଉଲ ହକ, ରାଉରକେଲା ଯୁବ ସଭାପତି ଇସ୍ତେହାର ମହମ୍ମଦ, ରାଉରକେଲା ସଭାପତି ନସିମ ଅଖତର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଜର୍ଜ ତିର୍କୀ, ବିରେନ ସେନାପତି ଓ ପ୍ରଶାନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ନକଭି ସମସ୍ତ ଦେଶବାସୀ ଏକ ହେବାକୁ ପରାମର୍ଶ ଦେବା ସହ କୌଣସି ଧର୍ମ ପ୍ରତି କଠୋର ମନୋଭାବ ପୋଷଣ ନ କରି ସଦଭାବନା ଓ ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଆମେ ସମସ୍ତେ ଭାରତୀୟ ହିସାବରେ ସମ୍ବିଧାନକୁ ରକ୍ଷା କରିବା ଉଚିତ ବୋଲି ମୁଖ୍ୟଅତିଥି ସାହି ଇମାମ କାସମି ମତବ୍ୟକ୍ତ କରିଥିଲେ। ଏହାସହ ଧର୍ମ ନାମରେ ଅତ୍ୟାଚାରକୁ ଦୃଢ଼ ନିନ୍ଦା କରିଥିଲେ। ଅଲଇଣ୍ଡିଆ ଉଲେମା ବୋର୍ଡ ବିଗତ ୩ ଦଶନ୍ଧି ହେଲା ଦେଶର କୋଣ ଅନୁକୋଣରେ ଗରିବ ଶ୍ରେଣୀର ଲୋକ ମାନଙ୍କୁ ସେବା ଦେଇ ଆସୁଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୋର୍ଡ ପକ୍ଷରୁ ବହୁ ଗରିବ ମହିଳାଙ୍କୁ ସିଲେଇ ମେଶିନ ମାଗଣାରେ ବଣ୍ଟନ କରାଯାଇଥିଲା। ଏହା ଦ୍ୱାରା ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣରେ ସହାୟକ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ନାଲାରୋଡ, କୋଏଲ ବ୍ୟାଙ୍କ ଏବଂ ସେକ୍ଟର-୧୫ ଅଞ୍ଚଳରୁ ଯୁବ କର୍ମକର୍ତ୍ତା ଚୟନ କରାଯାଇ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଦିସିଉଲ ଜାଭେଦ, ଇସ୍ତେହାର ଦାନିସ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଲୋକ ଯୋଗଦାନ କରିଥିଲେ।




କୌମି ଏକତା କନଫରେନ୍ସରେ ମୁଖ୍ୟବକ୍ତା ଅଭିଭାଷଣ ପ୍ରଦାନ କରୁଛନ୍ତି।

- ଦାବିପତ୍ର, ଆନ୍ଦୋଳନ ପରେ ନିରାଶ କଂଗ୍ରେସ ନେତା

# ଦୁର୍ନୀତି ବିରୋଧରେ ଭିଜିଲାନ୍ସକୁ ଦେଲେ ଏତଲା

ରାଉରକେଲା ଅଫିସ,୨୩।୧୦

ଛେଣ୍ଡ କଲୋନୀ ଠାରେ ଥିବା ସେଣ୍ଟ୍ରାଲ ପାର୍କ ଓ ଅନ୍ୟ ଦୁର୍ନୀତି ବିରୋଧରେ କଂଗ୍ରେସ ନେତା ଭିଜିଲାନ୍ସ ଶରଣାପନ୍ନ ହୋଇଛନ୍ତି। ଏ ନେଇ ମଙ୍ଗଳବାର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭିଜିଲାନ୍ସ ବିଭାଗରେ ଏତଲା ଦାଖଲ କରିଛନ୍ତି। ଏଥିରେ ବିଜୁ ଯୁବ ବାହିନୀ ପକ୍ଷରୁ ନିଆଯାଇଥିବା କାର୍ଯ୍ୟକ୍ରମ ଓ ବ୍ରାହ୍ମଣୀ ଉତ୍ସବ ଦୁର୍ନୀତି ନେଇ ହୋଇଥିବା ବ୍ୟାପକ ଲୁଟ୍ ତଥା ଅପବ୍ୟୟ ନେଇ କଂଗ୍ରେସ ପକ୍ଷରୁ ତଦନ୍ତ ଦାବି କରାଯାଇଛି। ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏତଲା ଦାୟର କରିବା ପରେ ତୁରନ୍ତ ଏହାର ତଦନ୍ତ ଦାବି କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଛେଣ୍ଡ କଲୋନୀ ସେଣ୍ଟ୍ରାଲ ପାର୍କ ଦୁର୍ନୀତି ନେଇ ଗତ କିଛି ଦିନ ହେବ କଂଗ୍ରେସ ନେତୃମଣ୍ଡଳୀ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଏଥିରେ ୧.୮୧ କୋଟି ବ୍ୟୟ ସତ୍ତ୍ୱେ ଏହା କିପରି ବଣବୁଦା ପରିପୂର୍ଣ୍ଣ ହୋଇ ପଡିରହିଛି ତାର ତଦନ୍ତ ଦାବି କରି ଆସୁଛନ୍ତି। ଏହାର ସୌନ୍ଦର୍ଯ୍ୟକରଣ ସହ ବିଭିନ୍ନ କ୍ରୀଡା ସାମଗ୍ରୀ ଖଞ୍ଜିବା ଓ ନୌକା ବିହାର ନେଇ ଯୋଜନା କରାଯାଇ ଥିବା ବେଳେ ଏହାର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି। ସେହିଭଳି ବିଜୁ ଯୁବ ବାହିନୀ ଆଳରେ ମହାନଗର ଅଞ୍ଚଳର ୩୩ ୱାର୍ଡରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟ କରାଯାଇଛି। କେବଳ ନାଚଗୀତ, ବୃକ୍ଷ ରୋପଣ ଓ ରକ୍ତଦାନ ଆଦି ଶିବିର ଆୟୋଜନରେ ଏହି ଅର୍ଥ ଆତ୍ମସାତ କରାଯାଇଛି। ଏତଲାରେ ଏହାର ତଦନ୍ତ ଦାବି କରାଯାଇଛି। ଏହା ବ୍ୟତୀତ ଆର୍‌ଏମ୍‌ସିରେ ୩୩ ୱାର୍ଡ ରହିଥିବା ବେଳେ ଅଧିକ ୭ଟି ୱାର୍ଡ ଯୋଡାଯାଇଛି। ସମୁଦାୟ ୪୦ ୱାର୍ଡ ଦର୍ଶାଯିବା ସହ ଏହି ସବୁ ସ୍ଥାନରେ ଅର୍ଥ ବ୍ୟୟ କରାଯାଇଥିବା କୁହାଯାଇଛି। ଏଥିରେ କେତେ ସତ୍ୟତା ରହିଛି, ସେନେଇ ତଦନ୍ତ ଉପରେ ଗୁରୁତ୍ୱାରୋପ କରିଛି କଂଗ୍ରେସ। ଗତ ୨୦୧୮ରେ ବ୍ରାହ୍ମଣୀ ଉତ୍ସବ ନାଁରେ ନାଚଗୀତ କରି ୯୪ ଲକ୍ଷ ଖର୍ଚ୍ଚ କରାଯାଇ ଥିବା କୁହାଯିବା ଘଟଣାକୁ ଦଳ ସହଜରେ ହଜମ କରିପାରିନି। ସମୁଦାୟ ଘଟଣାର ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବ ବୋଲି ପୂର୍ବ ବିଧାୟକ ଜର୍ଜ ତିର୍କୀ ପ୍ରକାଶ କରିଛନ୍ତି। ସ୍ମାର୍ଟ ସିଟିରେ ରାଉରକେଲା ସହର ଅନ୍ତର୍ଭୁକ୍ତ ହେବା ପରେ ୩୭୭କୋଟି ଅନୁଦାନ ଆସିଥିଲା। ଏହାର ବ୍ୟୟ କରି ପାରି ନ ଥିବା କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ପ୍ରକଳ୍ପ ଆରମ୍ଭ କରିବାକୁ ସକ୍ଷମ ହୋଇ ନାହାଁନ୍ତି ବୋଲି ଅଭିଯୋଗ କରାଯାଇଛି। ଏଥିମଧ୍ୟରୁ ୨୨କୋଟି କେବଳ ମୁଷ୍ଟିମେୟ କର୍ମଚାରୀଙ୍କ ଦରମା ବାବଦରେ ଖର୍ଚ୍ଚ କରାଯାଇଛି। ସେଣ୍ଟ୍ରାଲ ପାର୍କ ନିର୍ମାଣ ବେଳେ ଆର୍‌ଡିଏ (ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ)ରୁ ଅର୍ଥ ବ୍ୟୟ କରାଯାଇଥିଲା। ସେତେବେଳେ ଏହାର ଅଧ୍ୟକ୍ଷ ଥିଲେ ସାରଦା ନାୟକ। ଏଣୁ ଅଭିଯୋଗ ଉପରେ ଭିଜିଲାନ୍ସ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏ ନେଇ ଦାବିପତ୍ର, ବିକ୍ଷୋଭ ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିରବତା ସନ୍ଦେହ ସୃଷ୍ଟି କରିଛି। ଏମିତି ଅବସ୍ଥାରେ ଭିଜିଲାନ୍ସ ତଦନ୍ତକୁ ଦଳ ଗୁରୁତ୍ୱ ଦେଇଛି। ଭିଜିଲାନ୍ସ ଅଧିକାରୀଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି, ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ଚିତ୍ତରଞ୍ଜନ ମହାନ୍ତି, ଆର.ପି ସିଂ, ପ୍ରଭାତୀ ମିଶ୍ର, ନିରୁପମା ବଳିଆରସିଂ, କୈଳାସ ସାହୁ, ବିଜୟ ପୁରୋହିତ, କୀର୍ତ୍ତନ ଦାସ, ଯୁବ ସଭାପତି ପ୍ରବୋଧ ଦାସ, ଛାତ୍ର ସଭାପତି ଓ ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ସେଣ୍ଟ୍ରାଲ ପାର୍କ ଓ ଅନ୍ୟ ଦୁର୍ନୀତି ବିରୋଧରେ କଂଗ୍ରେସ ନେତାମାନେ ଭିଜିଲାନ୍ସ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ବ୍ଲକସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମ

**ବାଲିଶଙ୍କରା, ୨୩।୧୦ (ଡି.ଏନ.ଏ)**- ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ କିଜିକି ଗ୍ରାମରେ ଶିଶୁ ଅନନ୍ତ ଭାଗବତ ନଦିଆ ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଏକ ଦିବସୀୟ ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବ୍ଲକର 'କ' ଜୋନର ମଣ୍ଡଳ ଭାଜପା ସଭାପତି ପର୍ଶୁରାମ ପଟେଲ ଆନୁଷ୍ଠାନିକ ଭାବେ ଦୀପ ପ୍ରଜ୍ବଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଶିଶୁ ଅନନ୍ତ ଭାଗବତ ନଦିଆ ସଂକୀର୍ତ୍ତନ ମଣ୍ଡଳୀର ସଭାପତି ମନୋଜ କୁମାର ଦାଶ, ବେଲାଲସେନ ଦାଶ ଓ ଉପଦେଷ୍ଟା ନନ୍ଦକିଶୋର ବଞ୍ଜୁରଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ୨୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଆଜିକାଲି ବିଜ୍ଞାନ ଯୁଗରେ କଳା ସଂସ୍କୃତି ଓ ଭଜନ ସମାରୋହ, ସଂକୀର୍ତ୍ତନକୁ ଗୁରୁତ୍ୱଦେବା ପାଇଁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ପଙ୍କଜ ପଟେଲ, ନୀଳମଣୀ ଦାଶ, ଡିଲେଶ୍ୱର ଦାଶ, ସ୍ଥାନୀୟ ସରପଞ୍ଚ ତରଣୀସେନ ଦଣ୍ଡସେନା, ଉପଦେଷ୍ଟା ରାଧେଶ୍ୟାମ ଭିତ୍ରିଆ, ଗଣେଷ ଗହିର ପ୍ରମୁଖ ଯୋଗଦେଇଥିଲେ ।

ଛଟେଇ ପ୍ରତିବାଦରେ ଡାଲମିଆ ସିମେଣ୍ଟରେ ଶ୍ରମିକ ଅଶାନ୍ତି

# ମୁଖ୍ୟ ଫାଟକ ଆଗରେ ଧାରଣା

**ସୁନ୍ଦରଗଡ଼, ୨୩।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରସ୍ଥିତ ଡାଲମିଆଁ ସିମେଣ୍ଟ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ମନଇଚ୍ଛା ଛଟେଇ କରିବା ପ୍ରତିବାଦରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ବୁଧବାର ଭୋରରୁ କର୍ମଚାରୀ ସଂଘ ପକ୍ଷରୁ ଛଟେଇ କର୍ମଚାରୀଙ୍କ ପୁନଃ ନିଯୁକ୍ତି ଓ ୩୬ ଦଫା ବିଭିନ୍ନ ଦାବିନେଇ କାରଖାନାର ମୁଖ୍ୟ ଫାଟକରେ ଧାରଣା ଦିଆଯାଇଥିଲା । କାରଖାନାରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ରବୀନ୍ଦ୍ର ସିଂଙ୍କ ଚାକିରୀ ଆଉ ମାତ୍ର ୬ବର୍ଷ ଥିବା ବେଳେ ତାଙ୍କୁ ଚଳିତ ମାସ ୧ ତାରିଖରୁ ବାଧ୍ୟତାମୂଳକ ଅବସର ନେବା ପାଇଁ ଚାପ ପକେଇ ଚାକିରୀରୁ ଛଟେଇ କରାଯାଇଥିଲା । ଏପରିକି ତାଙ୍କୁ ନିଜେ ଇସ୍ତଫା ଦେବାକୁ ମଧ୍ୟ ବାଧ୍ୟ କରାଯାଇଥିଲା ।

ସେହିପରି ଅନ୍ୟ ୩୪ ଜଣ କର୍ମଚାରୀଙ୍କୁ ମଧ୍ୟ ଛଟେଇ ଧମକ ଦିଆଯାଇ ସେମାନଙ୍କ ବିରୋଧରେ କାରଖାନାରେ ବିଶୃଙ୍ଖଳା ଓ କମ୍ପାନୀ ନିୟମ ଅବମାନନା, ସେମାନଙ୍କୁ ପୋଲିସ ଭୟ ଦେଖାଇ ନୋଟିସ ଜାରି କରିବା ଓ ଦୀର୍ଘବର୍ଷ ଧରି ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ପୁନଃ ନିଯୁକ୍ତି ପରୀକ୍ଷା ପରେ ନିଯୁକ୍ତି ଦିଆଯିବାର ଧମକ ନେଇ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ଦେଖାଯାଇଥିଲା । ଓସିଏଲ କର୍ମଚାରୀ ୟୁନିୟନର ସଭାପତି ତଥା ପୂର୍ବତନ ବିଧାୟକ ମଙ୍ଗଳା କିଷାନ୍, କାର୍ଯ୍ୟକାରୀ ସଭାପତି ଏସ.କେ ପରଓ୍ବେଜ, ସମ୍ପାଦକ କୁନ୍ଦନ କୁମାର ସିଂ, ସୁଶ୍ରୀତା ପାଇକରାୟ, ଅମରେଶ ପଣ୍ଡା, ରାଜେଶ ପାଣ୍ଡେ, ଚିତ୍ତରଞ୍ଜନ ମହାରଣା, ଆନନ୍ଦ ମହାନ୍ତି, ଶୁଭ୍ରାଂଶୁ ଶେଖର ଦାସ ପ୍ରମୁଖଙ୍କ ନେତୃତ୍ୱରେ କର୍ମଚାରୀମାନେ ଧାରଣା ଦେଇଥିଲେ। ପରେ ସନ୍ଧ୍ୟାରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ ଗୁପ୍ତାଙ୍କ ସହ ଆଲୋଚନା ପରେ ଛଟେଇ କର୍ମଚାରୀଙ୍କୁ ନଭେମ୍ବର ୧୦ ସୁଦ୍ଧା ପୁନଃ ନିଯୁକ୍ତି ଓ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସହ ଅନ୍ୟାନ୍ୟ ଦାବିଗୁଡିକ ପର୍ଯ୍ୟାୟ କ୍ରମେ ପୂରଣ ସକାଶେ ପ୍ରତିଶ୍ରୁତି ମିଳିବା ପରେ ରାତି ୮ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।



ରାଜଗାଙ୍ଗପୁରସ୍ଥିତ ଡାଲମିଆଁ ସିମେଣ୍ଟ କାରଖାନା ମୁଖ୍ୟ ଫାଟକ ଆଗରେ ବିଭିନ୍ନ ଦାବି ନେଇ କର୍ମଚାରୀ ସଂଘର ଧାରଣା ।




ଜବତ କାଠ ବୋଝେଇ ଗାଡ଼ି ସହ ବନବିଭାଗ କର୍ମଚାରୀ।

# ଲକ୍ଷାଧିକ ଟଙ୍କାର ପିଆଶାଳ କାଠ ଜବତ: ଦୁଇ ଅଟକ

**ଟେନ୍‌ସା, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ବନ ବିଭାଗ ଲକ୍ଷାଧିକ ଟଙ୍କାର ପିଆଶାଳ କାଠ ଜବତ କରିଛି । ବିଶେଷ ସୂତ୍ରରୁ ଖବରପାଇ ଦୁଇଟି କ୍ୟାମ୍ପର ଗାଡିକୁ ମଧ୍ୟ ରାତ୍ରିରେ ସନ୍ଦେହ କରି ପିଛା କରିଥିଲେ। ଜାତୀୟ ରାଜପଥ କୁସୁମୁଣ୍ଡି ନିକଟବର୍ତ୍ତି ଅଞ୍ଚଳରେ ଅଟକାଇବା ସହିତ ଗାଡିକୁ ଯାଞ୍ଚ କରିଥିଲେ । ଗାଡିରୁ ଲକ୍ଷାଧିକ ଟଙ୍କାର ପିଆଶାଳ କାଠ ଜବତ କରାଯାଇଛି । ଗାଡିର ଦୁଇ ଡ୍ରାଇଭରଙ୍କୁ ଅଟକ କରିଛି । କୋଇଡା ବନ ବିଭାଗ ଅଧିକାରୀ ବୈଷ୍ଣବ ଚରଣ ପାତ୍ର ଏବଂ ତାଙ୍କର ପୁରା ଟିମ ଝାଡଖଣ୍ଡ ଅଞ୍ଚଳରୁ କାଠ କୋଇଡା ରାସ୍ତା ଦେଇ ରାଇରଙ୍ଗପୁର ଯାଉଥିବା ଖବର ପାଇ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲେ । ଗାଡ଼ି ନଂ. ଓଡି ୧୧ ଏ- ୮୦୨୧ ଏବଂ ଓଡି ୧୧ ଜେ- ୯୪୦୬ ଜବତ କରିବା ସହ ଗାଡିର ଦୁଇ ଡ୍ରାଇଭର ଧର୍ମେନ୍ଦ୍ର ବେହେରା (୩୨) ଓ ଶିବ ବେହେରା (୨୭)ଙ୍କୁ ଅଟକ ରଖି ଅଧିକ ତଥ୍ୟ ପାଇଁ ପଚରାଉଚରା ଜାରି ରହିଥିବା ବେଳେ ଏମାନେ ଘର ରାଇରଙ୍ଗପୁର ଅଞ୍ଚଳର ବୋଲି ଜଣାପଡିଛି ।

# ସେଣ୍ଟମେରୀ ଗାର୍ଲସ ହାଇସ୍କୁଲ, ସୁନ୍ଦରଗଡ ମହିଳା ଏକାଦଶ ବିଜୟୀ

**ଜିଲା ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ**

**ସୁନ୍ଦରଗଡ଼, ୨୩।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଜିଲା ମହିଳା ଫୁଟବଲ ଚାମ୍ପିୟନଶିପର ଚତୁର୍ଥ ଦିବସରେ ଚତୁର୍ଥ ମ୍ୟାଚ୍ ସେଣ୍ଟମେରୀ ଗାର୍ଲସ ହାଇସ୍କୁଲ ଦଳ ୧-୦ ଗୋଲରେ ବାଲିଶଙ୍କରା ଜୁନିୟର କଲେଜ ଦଳକୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍ ସୁନ୍ଦରଗଡ ମହିଳା ଏକାଦଶ ଏବଂ ବାଲିଶଙ୍କରା ପିଏସ ଏଚଏସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁନ୍ଦରଗଡ ମହିଳା ଏକାଦଶ ୬-୦ ଗୋଲରେ ବାଲିଶଙ୍କରା ପିଏସଏଚ୍‌ଏସ ଦଳକୁ ପରାସ୍ତ କରିଥିଲା । ମହିଳା ସମାଜସେବୀ ତଥା ଆଡଭୋକେଟ ପଟେଲ ମୁଖ୍ୟ ଅତିଥି ଓ ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସେଣ୍ଟମେରୀ ଗାର୍ଲସ ହାଇସ୍କୁଲ ଦଳର ଆରତି ତିର୍କୀ ଓ ସୁନ୍ଦରଗଡ ମହିଳା ଏକାଦଶର ସସ୍ମିତା ତନ୍ତୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ କରାଯାଇଥିଲା ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

ପୂର୍ତ୍ତ ବିଭାଗ ରାସ୍ତାରେ ଧୂଳିଉଡିବା ରୋକିବାକୁ ଦାବି

# ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଲହୁଣୀପଡ଼ା ଅଞ୍ଚଳବାସୀ

**ଲହୁଣୀପଡ଼ା, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡା ମୁଖ୍ୟବଜାର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇ ପଡିଛି। ରାସ୍ତାରେ ବଡବଡ ଖାଲ ସୃଷ୍ଟି ହୋଇଛି। ରାସ୍ତାରେ ପ୍ରତିଦିନ ଶହଶହ ସଂଖ୍ୟାର ଲୁହାପଥର ବୋଝେଇ ଭାରିଯାନ ଯାତାୟତ କରୁଛି । ରାସ୍ତାଟି ଏବେ ଶୋଚନୀୟ ହୋଇପଡିଥିବା ବେଳେ ପ୍ରବଳ ମାତ୍ରାରେ ଧୂଳି ଉଡୁଛି । ଯାହାକି ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି । ଏହି ରାସ୍ତାର ପାର୍ଶ୍ୱରେ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଶିଶୁ ବିଦ୍ୟାମନ୍ଦିର ରହିବା ସହିତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ହୋଟେଲ ପ୍ରଭୃତି ରହିଛି। ପ୍ରବଳ ଧୂଳି ଉଡିବା ଯୋଗୁ ସ୍ଥାନୀୟ ଜନସାଧାରଣ ଶ୍ୱାସ ଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ଏହାର ପ୍ରତିକାର ପାଇଁ ପ୍ରଶାସନକୁ ବାରମ୍ବର ଲିଖିତ ଅଭିଯୋଗ କରି ଆସୁଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ଏହାର ସ୍ଥାୟୀ ପ୍ରତିକାର ନ ହେବା ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଏହି ରାସ୍ତାରେ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ ନ ହେଲେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମନୋଜ ପଣ୍ଡା, ବାପି ଖଟୁଆ, ବିନୋଦ ମାହାନ୍ତ, ଜଗଦିଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦିଆଯାଉଛି।

# ସୁପ୍ତ ସୌରଭର ପରିପ୍ରକାଶ ସୁରଭିର ଲକ୍ଷ୍ୟ

**ହେମଗିର, ୨୩।୧୦ (ଡି.ଏନ.ଏ.)**

ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସାନଘୁମୁଟା ନାରାୟଣ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଏ ଯୋଗଦେଇଥିଲେ। ସରପଞ୍ଚ ରେବତୀ ମାଝି ସଭାପତିତ୍ୱ କରିଥିଲେ। ଏହି ମହୋତ୍ସବ ଡୁରୁବଗା କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ସୁରଥ କୁମାର ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ଶିକ୍ଷକ ସଂଘର ସଭାପତି ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭିତରେ ଗୁଣାବଳୀ ରୂପକ ସୁପ୍ତ ସୌରଭର ପରିପ୍ରକାଶ ଏହି ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଏବିଇଓ କିଶୋର କୁମାର ଅର୍କ, ଯୋଗେଶ୍ୱର ମାହାନ୍ତ, ଏନ୍‌ଟିପିସିର ସିନିୟର ମ୍ୟାନେଜର ଅମରେଶ ରାଉଳ, ସୁବୋଧ କୁମାର, ଏସ.ସି ବିଶ୍ୱାଳ,ଏସ.ଯୋଶେଫ ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ, ନୃତ୍ୟ ନାଟିକା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ପଟେଲଙ୍କ ରଚିତ ଓ ନିର୍ଦ୍ଦେଶିତ ନୃତ୍ୟ ନାଟିକା ବାଲ୍ୟ ବିବାହ ବେଶ ମନମୁଗ୍ଧ କର ଓ ଶିକ୍ଷଣୀୟ ହୋଇଥିଲା। ଶେଷରେ ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଏନ୍‌ଟିପିସି ସୌଜନ୍ୟରୁ ଦିଆଯାଇଥିବା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବାବେଳେ ସାନଘୁମୁଟା ହାଇସ୍କୁଲ ଏହାର ଆୟୋଜନ କରିଥିଲା। କାର୍ଯ୍ୟକ୍ରମ ଶେଷରେ ସିଆରସିସି ଶାଳେକରାମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚୂଳଧର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ହାଇସ୍କୁଲର ଶିକ୍ଷକ ବିଦେଶୀ ଖରସାଏଲ, ଗଜପତି ପ୍ରଧାନ, ଶ୍ରୀକାନ୍ତ ଚୌଧୁରୀ, ବିନୟ ପଟେଲ, ସୁଦାମ ପଟେଲ, ଜଗଦିଶ ଚନ୍ଦ୍ର ଓରାମ, ନଳିନୀ ବାଗ, ସୁନିମା ଟିଡା, ପଙ୍କଜ ଭୈଷାଳ ପ୍ରମୁଖ ସହଯୋଗ କରିଥିଲେ।

### ଛେଳି ଚୋରି ଅଭିଯୋଗରେ ଦୁଇ ଅଭିଯୁକ୍ତ ଗିରଫ

**ବେଦବ୍ୟାସ, ୨୩।୧୦ (ଡି.ଏନ.ଏ)**– ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡିର ବିରକେରାର ପଙ୍କଜ ସାହୁଙ୍କ ଛେଳି ଚୋରି ଅଭିଯୋଗରେ ଦୁଇଜଣଙ୍କୁ ପୋଲିସ ଗିରଫ କରିବା ସହ ଗୋଟିଏ ଛେଳି ବୁଧବାର ଉଦ୍ଧାର କରିଛି। ଅଭିଯୁକ୍ତମାନେ ହେଲେ ଖାରରୋଙ୍ଗ ନିବାସୀ ସୁମିତ ମସାନ୍ତ ଓ ଶିବ ନିଖଣ୍ଡିଆ। ପୋଲିସ ସୂଚନା ଅନୁଯାୟୀ ଅପରାହ୍ନରେ ଛେଳି ମାଲିକ ପଙ୍କଜ ସାହୁ, ଚିରକେରା ନିକଟରେ ଛେଳି ଚରାଉଥିବାବେଳେ ଅଭିଯୁକ୍ତମାନେ ଏକ ଆକ୍ଟିଭା ସ୍କୁଟି (ନଂ.ଓଡି୧୪ବି୦୪୧୪)ରେ ନେଇ ପଳାଉଥିବା ଅଭିଯୋଗ ହୋଇଛି।

୧୧.୩୫ ଲକ୍ଷରୁ ଉର୍ଦ୍ଧ୍ୱ ଭଡା ଟଙ୍କା ଲୁଟ୍ ଘଟଣା

# ମାଷ୍ଟର ମାଇଣ୍ଡଙ୍କ ସମେତ ୨ କୋର୍ଟ ଚାଲାଣ

**କୁଆଁରମୁଣ୍ଡା, ୨୩।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଚଳିତମାସ ୧୫ ତାରିଖ ସକାଳ ପ୍ରାୟ ୭ଟା ୨୦ମିନିଟ୍‌ରେ ଆଇସିଆଇସିଆଇ ବ୍ୟାଙ୍କର କ୍ୟାଶ୍‌ଭ୍ୟାନ୍‌ରୁ ୧୧ଲକ୍ଷ ୩୫ ହଜାର ୬ଶହ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାଶ ହୋଇଛି। ମାଷ୍ଟର ମାଇଣ୍ଡ ସମେତ ମୋଟ ୨ ଜଣଙ୍କୁ ପୋଲିସ ମଙ୍ଗଳବାର ରାତିରେ କୋର୍ଟ ଚାଲାଣ କରିଛି। ଏ ନେଇ ଦଫା ୩୯୫ ଓ ୨୫,୨୯ ଆର୍ମ ଆକ୍ଟରେ ଏକ ମାମଲା(ନଂ.୧୨୪/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। କୋର୍ଟ ଚାଲାଣ ହୋଇଥିବା ଉକ୍ତ ଘଟଣାର ମାଷ୍ଟର ମାଇଣ୍ଡ କୁଆଁରମୁଣ୍ଡା ବସ୍ତିର ଅନିଲ କୁମାର ମିସ୍ତ୍ରୀ(୩୧) ଓ ଅନ୍ୟ ଜଣେ ହେଉଛନ୍ତି କୁଆଁରମୁଣ୍ଡା ପଞ୍ଚାୟତର ଜିଆରଏସ୍ ଅମିତ୍ କୁମାର ପାତ୍ର(୩୩)। ଜିଆରଏସ ଅମିତ ମଧ୍ୟ କୁଆଁରମୁଣ୍ଡା ସରବେରଣୀ ଅଞ୍ଚଳର ବାସିନ୍ଦା ବୋଲି ପୋଲିସ କହିଛି। ତେବେ ଅଦ୍ୟାବଧି ଲୁଟ୍ ହୋଇଥିବା ଭଡା ଟଙ୍କାକୁ ପୋଲିସ ଜବତ କରିପାରି ନାହିଁ। ଟଙ୍କା ନେଇ ଫେରାର ଥିବା ଅନ୍ୟ ୩ଜଣ ଲୁଟେରାଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିବା ବୀରମିତ୍ରପୁର ଆଇଆଇସି ଆନନ୍ଦ ମାଝି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ,କୋର୍ଟ ଚାଲାଣ ହୋଇଥିବା ଅନିଲ କୁମାର ମିସ୍ତ୍ରୀ କୁଆଁରମୁଣ୍ଡା ଫାଣ୍ଡିରେ ପୂର୍ବରୁ ହୋମଗାର୍ଡ ଥିଲେ। ହେଲେ ରାଉରକେଲା ଅଞ୍ଚଳରେ ଚୋରା ସୁନାଇଟା କାରବାର ର୍‍ୟାକେଟ୍‌ରେ ଜଡ଼ିତ ଥିବା ଅଭିଯୋଗରେ ଗତ ପ୍ରାୟ ୨ ବର୍ଷ ତଳେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବାରମ୍ବାର ଉଦ୍ୟମ ସଫଳତା ଆଣିଥାଏ

## ୧ଶହ, ୧୫ଶହ, ୩ହଜାର ମିଟର ଦୌଡରେ ସଙ୍ଗୀତା କିଷାନ ପ୍ରଥମ

**ବଡ଼ଗାଁ, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାର ଅନେକ ଖେଳାଳି ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଖେଳି ଜିଲାର ଗୌରବ ବୃଦ୍ଧି କରି ଆସୁଛନ୍ତି। ଅଞ୍ଚଳ ଓ ଦେଶର ନାଁ କିପରି ଉଡିବ ପିଲାମାନେ ସେଥିପ୍ରତି ଯତ୍ନବାନ ହେବାକୁ ପଡିବ ବୋଲି ବୁଧବାର ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକସ୍ତରୀୟ ଆଥଲେଟିକ ମିଟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ମତବ୍ୟକ୍ତ କରିଛନ୍ତି। ବାରମ୍ବାର ଉଦ୍ୟମ ଓ ଅଭ୍ୟାସ ସଫଳତା ଆଣିଥାଏ। ଦୈନନ୍ଦିନ ଖେଳିବା ଆବଶ୍ୟକ ବୋଲି କହି ଶରୀରକୁ ମେଶିନ ସହିତ ତୁଳନା କରି ପିଲାଙ୍କୁ ସେ ବୁଝାଇଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ଶିକ୍ଷକ କବି ଅଶୋକ ପଣ୍ଡା ଅର୍ଥନୈତିକ ସହ କ୍ରୀଡା କ୍ଷେତ୍ରରେ ଜିଲା ଭାରତରେ ସମୃଦ୍ଧ । ଏ ମାଟି ଖେଳାଳି ଅଲମ୍ପିଆଡ୍ ସ୍ୱର୍ଗତ ହେମନ୍ତ ପଟେଲ, ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଜ୍ୟୋତିସୁନିତା କୁଲୁ, ଦିଲୀପ ତିର୍କୀଙ୍କ ଭଳି ଆହୁରି ଅନେକ ଖେଳାଳି ଦେଶ ତଥା ଅଞ୍ଚଳର ଗୌରବବୃଦ୍ଧି କରିଛନ୍ତି। ପାଠ ଓ ଖେଳ ଏ ମାଟିରେ ପାଣିପବନରେ ଭରପୁର। ତମେ ପଢ଼ିବ ଭଲ ମଣିଷ ହେବ, ଖେଳିବ ତେବେବି ଭଲ ମଣିଷଟିଏ ହେବ। ତମେମାନେ ନିଶ୍ଚୟ କରି ପାରିବ ବୋଲି ପିଲାଙ୍କୁ ଉତ୍ସାହିତ କରି କହିଥିଲେ। ବଡ଼ଗାଁ ବ୍ଲକସ୍ତରୀୟ ଆଥଲେଟିକ ମିଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଇଓ ବରିହା ମୁଖ୍ୟଅତିଥି ଓ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ବରିହା, ପୂର୍ବତନ ପ୍ରଧାନଶିକ୍ଷକ ଛବିଳ ସେଠ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲାଲମୋହନ ନାଏକ, ଅଶୋକ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ବିଇଓ କ୍ରୀଡା ପତାକା ଉତ୍ତୋଳନ କଲା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଅପରାହ୍ନରେ ପ୍ରତିଯୋଗିତା ଉଦ୍‌ଯାପନୀ ହୋଇଥିଲା। ପ୍ରତିଯୋଗିତାରେ ବାଳକ ବର୍ଗ ଶହେ ମିଟର ଦୌଡରେ ଦେଓକରଣପୁର ହାଇସ୍କୁଲର ଲକ୍ଷ୍ମଣ ଗଡସରା, ୧୫ ଶହ ମିଟରରେ ଇତମା ଏଲସିବି ହାଇସ୍କୁଲର ରାଜେଶ ଗୁହିଆ, ୩ ହଜାର ମିଟରରେ ଏକମା ହାଇସ୍କୁଲର ରାଜେଶ ଗୁରିଆ, ପୁଟିଙ୍ଗ ଦ ସର୍ଟରେ ଦାଣ୍ଡଜମରା ହାଇସ୍କୁଲର ପ୍ରେମଜିତ ଲାକ୍ରା, ବାଳିକା ବର୍ଗର ଶହେ, ୧୫ଶହ ଓ ୩ହଜାର ମିଟର ଦୌଡରେ ବଡଗାଁ ହାଇସ୍କୁଲର ସଙ୍ଗିତା କିଷାନ, ୪ଶହ ମିଟରରେ ତୁଡାଲଗା ହାଇସ୍କୁଲର ଗୀତାଞ୍ଜଳି ଖଡିଆ, ଡିସକସ୍ ଥ୍ରୋରେ ବଡଗାଁ ହାଇସ୍କୁଲର ମଞ୍ଜୁଲତା ଲାକ୍ରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀତାକୁ ପିଇଟି ଗଣେଷ ବାରିକ, ପ୍ରଭାତ କୁମାର ଦ୍ୱାରୀ, ରେଣୁକା ମହାରଣା, ଉଗ୍ରସେନ ବେହେରା, ମୂରଲୀଧର ବେହେରା, କାଦମ୍ବିନୀ ପଟେଲ, ବିଜୟ କୁମାର ପଟେଲ, କୁନୁ ବିଶ୍ୱାଳ, ଜ୍ୟୋତ୍ସ୍ନା ଚୌଧୁରୀ, ସୁଲୋଚନା ନାଏକ ପରିଚାଳନ କରିଥିଲେ।




ବିଇଓ ସାରଙ୍ଗଧର ବରିହା କ୍ରୀଡା ପତାକା ଉତ୍ତୋଳନ କରୁଛନ୍ତି।

# ଈଶ୍ୱରଙ୍କ ସତ୍ତାକୁ ଛାଡି ଦୁନିଆର ସବୁକିଛି ମିଛ

## ଶରଧାପୁରରେ ସତସଙ୍ଗ କାର୍ଯ୍ୟକ୍ରମ

**ଲହୁଣୀପଡା, ୨୩।୧୦ (ଡି.ଏନ.ଏ)**

ମଣିଷ ଜୀବନ ହେଉଛି କ୍ଷଣଭଙ୍ଗୁର । ପାଣି ଫୋଟକା ପରି ନିମିଷକ ମଧରେ କେତେବେଳେ ମିଳେଇଯିବ ତାହା କହି ହେବନାହିଁ । ହେଲେ ଏଇ ଅଢ଼େଇ ଦିନିଆଁ ଜୀବନରେ ଆମେ ମୋହଗ୍ରସ୍ତ ହୋଇ ସବୁବେଳେ ମରିଚିକା ପଛରେ ଧାଇଁ ସମୟ ଅତିକ୍ରାନ୍ତ କରି ଦେଉଛୁ । ମୋହଗ୍ରସ୍ତ ହୋଇ କ୍ଷଣୀକ ପାଇଁ ଆସିଥିବା ଦୁନିଆକୁ ଅକ୍ତିଆର କରିବାକୁ ଚାହୁଁଛୁ । ହେଲେ ଅଜ୍ଞାନ ରୂପକ ଅନ୍ଧକାର ଭିତରେ ଜର୍ଜରିତ ହୋଇ ଯେଉଁ ଧନ ସମ୍ପତ୍ତି, ଗାଡିଘୋଡା, କୋଠାବାଡି ପଛରେ ପାଗଳ ହେଉଛୁ ସେ କୌଣସି ବସ୍ତୁ ମୃତ୍ୟୁ ପରେ କିନ୍ତୁ ଆମ ସାଙ୍ଗରେ ଯିବନାହିଁ । ତାଛଡା ନିଜର ବୋଲି ଅଧିକାର ସାବ୍ୟସ୍ତ କରୁଥିବା ପରିବାର, ସମ୍ପର୍କୀୟ, ଆତ୍ମୀୟସଜ୍ଜନ ମଧ ମଶାଣୀ ପାଖରେ ପର ହୋଇଯିବେ । ତେଣୁ ଏଇ କ୍ଷଣଭଙ୍ଗୁର ଜୀବନରେ ମରିଚିକା ପଛରେ ନ ଧାଇଁ ଆମେ ସମସ୍ତେ ସତ୍ୟର ଅନୁସନ୍ଧାନ କରିବା ଉଚିତ, ଈଶ୍ୱରଙ୍କ ଶରଣାଗତ ହେବା ଉଚିତ। କାରଣ ଈଶ୍ୱରଙ୍କ ସତ୍ତାକୁ ଛାଡି ଦୁନିଆର ସବୁକିଛି ମିଛ। ବୁଧବାର ସନ୍ଧ୍ୟାରେ ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ଭାଗବତ ଟୁଙ୍ଗିରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି ମତ ରଖିଛନ୍ତି ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ।

ଏହି ଅବସରରେ କୁସୁମ ଆହୁରି କହିଛନ୍ତି ଯେ, ଧର୍ମରକ୍ଷା ଓ ରାଷ୍ଟ୍ରରକ୍ଷା ହିଁ ଈଶ୍ୱରପ୍ରାପ୍ତିର ଶ୍ରେଷ୍ଠ ମାର୍ଗ । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ହିନ୍ଦୁ ସମାଜ ଓ ସଂସ୍କୃତି ପ୍ରତି ମାଡି ଆସୁଥିବା ବିପଦ ସମ୍ବନ୍ଧରେ ଆମେ ଚିନ୍ତାଶୀଳ ହେବାର ଆବଶ୍ୟକତା ରହିଛି । ସମାଜ, ସଂସ୍କୃତି ଓ ମାତୃଭୂମିର ସୁରକ୍ଷା ନିମିତ୍ତ ଆମକୁ ପ୍ରତିବଧତା ପ୍ରକଟ କରିବାର ଆବଶ୍ୟକତା ରହିଛି । ତେଣୁ ସମସ୍ତେ ହିନ୍ଦୁ ସମାଜ ଓ ସଂସ୍କୃତିର ସୁରକ୍ଷା ପାଇଁ ତନ, ମନ, ଧନ ଅର୍ପଣ କରି ଈଶ୍ୱରପ୍ରାପ୍ତିର ପଥିକ ହେବାକୁ କୁସୁମ ଆହ୍ୱାନ କରିଥିଲେ । ସର୍ବପ୍ରଥମେ ଭାରତ ମାତାଙ୍କ ଫଟୋଚିତ୍ରରେ ଧୂପ, ଦୀପ, ପୁଷ୍ପ ଅର୍ପଣ ପରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଅନୁଷ୍ଠିତ ଧର୍ମ ଚର୍ଚ୍ଚାରେ କୁସୁମଙ୍କ ସହିତ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଚୂଡାମଣି ମହାନ୍ତ ଉପସ୍ଥିତ ଥିଲେ । ଦୁର୍ଗା ବାହିନୀର ଜିଲା ସଂଯୋଜିକା ମମତା ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସତସଙ୍ଗ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଡିଳେଶ୍ୱର ମହାନ୍ତ, ଘନଶ୍ୟାମ ମହାନ୍ତ, ଇନ୍ଦୁମତୀ ମହାନ୍ତ, କସ୍ତୁରୀ ମହାନ୍ତ, ଦେବକୀ ମହାନ୍ତ, ତାରା ମହାନ୍ତ, ଛୁଟୁ ସାହୁ, ହେମନ୍ତ ଓରାମ ସମେତ ଗ୍ରାମର ବହୁ ଭଗବତ ପ୍ରେମୀ ଉପସ୍ଥିତ ଥିଲେ ।

